ବର୍ଷ-୫୬ : ସଂଖ୍ୟା-୪ ଏପ୍ରିଲ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଦିବ୍ୟ କର୍ମ | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଦ୍ୱାବିଂଶ ପରିଚ୍ଛେଦ) ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ - (୧) | ... | ଶେଖ ଅବଦୁଲ କାଶମ | ... | ୭ |
| ସଫଳତା ବିଫଳତାର ମାନଦଣ୍ଡ | ... | ମନୋଜ ଦାସ | ... | ୧୩ |
| ଦେହ (କବିତା) | ... | ଶ୍ରୀଅରବିନ୍ଦ | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୧) | ... | ... | ... | ୧୬ |
| ହେ ଦିବ୍ୟ ଜନନି ! (କବିତା) | ... | ସୁନାମଣି ରାଉତ | ... | ୨୦ |
| ସଙ୍ଗହିଁ ବ୍ୟକ୍ତିର ଉନ୍ନତି ବା ଅବନତିର କାରଣ | ... | ରାମକୃଷ୍ଣ ଦାସ | ... | ୨୧ |
| ଭଗବତ୍ ରାଜ୍ୟ ସ୍ଥାପନ | ... | ପ୍ରପତ୍ତି | ... | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୬) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୭ |
| କାରା-ଜୀବନୀ (୧) | ... | ଉଲ୍ଲାସକର ଦତ୍ତ | ... | ୩୧ |
| ନୂତନ ଶିକ୍ଷାର ଆହ୍ୱାନ (୧୯) | ... | ଗୟାଧର ଦାଶ | ... | ୩୪ |
| ଦଶକର୍ମଧାରା (୪) | ... | ପ୍ରସାଦ ତ୍ରିପାଠୀ | ... | ୩୭ |
| କିଣ୍ଡିରାର ସମାଧି ମନ୍ଦିର ଏବଂ ପ୍ରପତ୍ତି | ... | କୁମରମଣି ଚୌଧୁରୀ | ... | ୪୧ |
| ଆଲୋକ ଓ ଆଲୋକର ଛାଇ | ... | ମଧୁସୂଦନ ମହାପାତ୍ର | ... | ୪୩ |
| ସୁଖର ସନ୍ଧାନୀ | ... | ମନୋଜ ଦାସ | ... | ୪୫ |
| ଅଗ୍ନିପକ୍ଷୀ | ... | ବନମାଳୀ ଆଚାର୍ଯ୍ୟ | ... | ୪୭ |
| 'ଚେତନା' (Consciousness) କ'ଣ ନୂତନ ବିଜ୍ଞାନ ? | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୦ |
| ସ୍ଥିତି (କବିତା) | ... | ନିମାଇଁ ପଟ୍ଟନାୟକ | ... | ୫୧ |
| ନିଃସ୍ୱାର୍ଥ କର୍ମ | ... | ... | ... | ୫୨ |
| ଅତୁଲ୍ୟ ଭାରତ | ... | ଧର୍ମ କୁମାର ଶତପଥୀ | ... | ୫୩ |
| ଦିବ୍ୟ ପ୍ରେମ (କବିତା) | ... | ଦୀପ୍ତି ମିଶ୍ର | ... | ୫୪ |
| ''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର !'' | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ହେ ଭଗବାନ୍, ମୋ ଚିନ୍ତାରେ ଆସିଛି ଶାନ୍ତି, ହୃଦୟ ହୋଇଛି ଏକାଗ୍ର; ଗଭୀର ଭକ୍ତି ଓ ଅସୀମ ନିର୍ଭରତା ସହ ମୁଁ ତୁମ ଅଭିମୁଖୀ ହୋଇଛି : ମୁଁ ଜାଣେ ତୁମ ପ୍ରେମ ସର୍ବଶକ୍ତିମୟ ଓ ତୁମ ନ୍ୟାୟର ରାଜ୍ୟ ପୃଥିବୀ ଉପରେ ସ୍ଥାପିତ ହେବ; ମୁଁ ଜାଣେ ସେସମୟ ଅତି ନିକଟ ଯେତେବେଳେ ଶେଷ ଆବରଣଟି ଅପସାରିତ ହେବ, ସମସ୍ତ ଅନ୍ୟାୟ ଦୂର ହେବ, ତାହା ସ୍ଥାନରେ ଆସିବ ଶାନ୍ତି ଓ ସୁସଂଗତ ଚେଷ୍ଟାର ଯୁଗ ।

ହେ ପ୍ରଭୁ, ଚିନ୍ତା ମୋର ଅନ୍ତର୍ଲୀନ ହୋଇଛି, ହୃଦୟ ଶାନ୍ତି ପ୍ରାପ୍ତ କରିଛି, ମୁଁ ତୁମ ଆଡ଼କୁ ଚାଲିଛି ଏବଂ ମୋର ସମସ୍ତ ସତ୍ତା ତୁମର ଦିବ୍ୟ ସାନ୍ନିଧ୍ୟରେ ପରିପୂର୍ଣ୍ଣ ହୋଇଛି; ଏହାହିଁ କର ମୁଁ ଯେପରି ତୁମକୁ ସର୍ବ ବସ୍ତୁରେ ଦେଖିପାରେ ଏବଂ ସକଳ ବସ୍ତୁ ଯେପରି ତୁମ ଦିବ୍ୟ ଜ୍ୟୋତିଃରେ ପ୍ରଜ୍ୱଳ ହୋଇଉଠେ । ହେ ପ୍ରଭୁ, ସକଳ ଦ୍ୱେଷ ପ୍ରଶମିତ ହେଉ, ସକଳ ହିଂସା ଲୋପ ପାଉ, ସକଳ ଭୟ ଦୂର ହେଉ, ସମସ୍ତ ସଂଶୟ ଦୂର ହେଉ, ସକଳ ଅପଶକ୍ତି ପରାଜିତ ହେଉ, ଏବଂ ଏହି ସହରରେ, ଏହି ଦେଶରେ, ଏହି ପୃଥିବୀରେ ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରୁ ଯେ ତାହାର ହୃଦୟ ମଧ୍ୟରେ ଏହି ମହାପ୍ରେମ, ସକଳ ରୂପାନ୍ତରର ଏଇ ଉତ୍ସ ସ୍ପନ୍ଦିତ ହେଉଛି ।

ହେ ଭଗବାନ୍, ତୁମ ପ୍ରେମ ନିକଟରେ ମୋର ଏହି ସନିର୍ବନ୍ଧ ଭିକ୍ଷା । ଏହାହିଁ କର ଯେପରି ମୋର ଅଭୀପ୍ସା ଅତି ତୀବ୍ର ହୋଇଉଠେ ଯଦ୍ଦ୍ୱାରା ତାହା ଅନୁରୂପ ଅଭୀପ୍ସା ସର୍ବତ୍ର ଜାଗ୍ରତ୍ କରେ : ହେ ଭଗବାନ୍, ଦୟା, ନ୍ୟାୟ, ଶାନ୍ତି ଏକଛତ୍ରାଧିପତି ରୂପେ ରାଜତ୍ୱ କରୁ; ଅଜ୍ଞାନ ଅହଂକାର ଦୂର ହୋଇଯାଉ, ତୁମର ନିର୍ମଳ ଜ୍ୟୋତିଃରେ ଅନ୍ଧକାର ତତ୍କ୍ଷଣାତ୍ ଆଲୋକିତ ହେଉ; ଅନ୍ଧ ଦୃଷ୍ଟି ଲାଭ କରୁ, ବଧିର ଶ୍ରବଣଶକ୍ତି ଲାଭ କରୁ; କ୍ରମବର୍ଦ୍ଧମାନ ମିଳନରେ ଏବଂ ଅଧିକ ପରିପୂର୍ଣ୍ଣ ସଂଗତି ମଧ୍ୟରେ ତୁମର ଦିବ୍ୟବିଧାନ ସର୍ବତ୍ର ଘୋଷିତ ହେଉ । ଗୋଟିଏ ସତ୍ତା ତୁଲ୍ୟ ସମସ୍ତଙ୍କ ମିଳିତ ହସ୍ତ ତୁମ ଆଡ଼କୁ ପ୍ରସାରିତ ହେଉ ତୁମ ସଙ୍ଗେ ଏକୀଭୂତ ହେବା ନିମିତ୍ତ ଏବଂ ତୁମକୁ ପୃଥିବୀ ଉପରେ ପ୍ରକାଶ କରିବା ନିମିତ୍ତ ।

ହେ ଭଗବାନ୍, ଚିନ୍ତାକୁ ଅନ୍ତର୍ମୁଖୀ କରି, ହୃଦୟକୁ ସୂର୍ଯ୍ୟାଲୋକରେ ଭାସ୍ୱର କରି ତୁମ ପାଖରେ ନିଜକୁ ଅକୁଣ୍ଠ ଚିତ୍ତରେ ସମର୍ପଣ କରୁଛି, ଏବଂ ମୋର 'ବ୍ୟକ୍ତିସତ୍ତା' ତୁମ ମଧ୍ୟରେ ବିଲୁପ୍ତ ହୋଇଯାଉ ।

ଏପ୍ରିଲ ୮, ୧୯୧୪

— ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ବାଣୀ

The sadhana of inner concentration consists in :

1. Fixing the consciousness in the heart and concentrating there on the idea, image or name of the Divine Mother, whichever comes easiest to you.
2. A gradual and progressive quieting of the mind by this concentration in the heart.
3. An aspiration for the Mother's presence in the heart and the control by her of mind, life and action.

But to quiet the mind and get the spiritual experience it is necessary first to purify and prepare the nature.

(CWSA, Vol. 28 - 31, pp. 225 - 226) – Sri Aurobindo

ଆନ୍ତର ଏକାଗ୍ରତାର ସାଧନା ନିମ୍ନଲିଖିତ କଥାଗୁଡ଼ିକୁ ନେଇ ଗଠିତ :

୧. ଚେତନାକୁ ହୃଦୟରେ କେନ୍ଦ୍ରିତ କରିବା ଓ ସେଠାରେ ଦିବ୍ୟଜନନୀଙ୍କ ସମ୍ବନ୍ଧୀୟ ଧାରଣା, ତାଙ୍କ ସ୍ୱରୂପ କିଂବା ତାଙ୍କ ନାମ, ଯେଉଁ ଗୋଟିକ ତୁମ ପାଇଁ ସହଜତମ ବୋଧ ହୁଏ ତା' ଉପରେ ଏକାଗ୍ର ହେବା ।

୨. ହୃଦୟରେ ଏକାଗ୍ରତା ମାଧମରେ ମନକୁ କ୍ରମାଗତ ପ୍ରଗତିଶୀଳ ଭାବେ ନିଶ୍ଚଳ କରିବା ।

୩. ହୃଦୟ ମଧ୍ୟରେ ଦିବ୍ୟଜନନୀଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ମନ, ପ୍ରାଣ ତଥା କ୍ରିୟା ସକଳର ନିୟନ୍ତ୍ରଣ ନିମନ୍ତେ ଏକ ଅଭୀପ୍ସା ।

କିନ୍ତୁ ମନକୁ ନିଶ୍ଚଳ କରି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ପ୍ରକୃତିକୁ ଶୁଦ୍ଧ ଓ ପ୍ରସ୍ତୁତ କରିବା ଆବଶ୍ୟକ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୧୬)

## ଶ୍ରୀଅରବିନ୍ଦ

Unveiled, the abrupt invisible multitude
Of forces whirling from the hands of Chance
Seemed to obey some vast imperative:
Their tangled motives worked out unity.

ଅନାବୃତ ଭାବେ, ଆକସ୍ମିକତାର ହସ୍ତରୁ ଘୂର୍ଣ୍ଣାୟମାନ ହୋଇ ଛୁଟି ଆସୁଥିବା ଅତର୍କିତ ଅଦୃଶ୍ୟ ଶକ୍ତିସମୁଚ୍ଚୟର ବୈପୁଲ୍ୟ କୌଣସି ବିଶାଳ ଅଲଂଘନୀୟ ଅନୁଜ୍ଞାକୁ ପାଳନ କରୁଥିବା ଭଳି ମନେ ହେଉଥିଲା : ସେମାନଙ୍କର ଛନ୍ଦାଛନ୍ଦି ଉଦ୍ଦେଶ୍ୟରାଜି ଗଢ଼ି ତୋଳୁଥିଲା ଐକ୍ୟ ।

A wisdom read their mind to themselves unknown,
Their anarchy rammed into a formula
And from their giant randomness of Force,
Following the habit of their million paths,
Distinguishing each faintest line and stroke
Of a concealed unalterable design,
Out of the chaos of the Invisible's moods
Derived the calculus of Destiny.

ନିଜ ପାଖରେ ଅଜ୍ଞାତ ସେମାନଙ୍କର ମନକୁ ପଢ଼ିନେଉଥିଲା ଏକ ପ୍ରଜ୍ଞା, ସେସବୁର ନୈରାଜ୍ୟ ଖୁନ୍ଦିଖାନ୍ଦି ହୋଇ ଗୋଟିଏ ସୂତ୍ର ମଧ୍ୟରେ ନିବଦ୍ଧ ହୋଇ ରହିଥିଲା ଏବଂ ସେମାନଙ୍କ ଶକ୍ତିର ଦିଗ୍‌ବିହୀନ ପ୍ରଚଣ୍ଡ ଗତିବେଗ ଭିତରୁ, ସେମାନଙ୍କର ନିୟୁତ ପଥର ଅଭ୍ୟାସକୁ ଅନୁସରଣ କରି, ପ୍ରଚ୍ଛନ୍ନ ଅପରିବର୍ତ୍ତନୀୟ ନକ୍ସାର ପ୍ରତିଟି ଅସ୍ପଷ୍ଟତମ ରେଖା ଓ ଚିହ୍ନର ପାର୍ଥକ୍ୟ ଦର୍ଶାଇ, ଅଦୃଶ୍ୟଙ୍କ ମିଜାଜର ଅରାଜକତା ମଧ୍ୟରୁ ନିଷ୍ପନ୍ନ ହୋଇ ଆସୁଥିଲା ମହାନିୟତିର ଲିପି-ଗଣିତ ।

In its bright pride of universal lore
Mind's knowledge overtopped the Omniscient's power:
The Eternal's winging eagle puissances
Surprised in their untracked empyrean
Stooped from their gyres to obey the beck of Thought:
Each mysteried God forced to revealing form,
Assigned his settled moves in Nature's game,
Zigzagged at the gesture of a chess-player Will
Across the chequer-board of cosmic Fate.

ବିଶ୍ୱବିଦ୍ୟାର ଭାସ୍ୱର ଆତ୍ମାଭିମାନରେ ମନର ଜ୍ଞାନ ସର୍ବଜ୍ଞାତାଙ୍କର ଶକ୍ତିକୁ ଟପି ଯାଇଥିଲା : ଶାଶ୍ୱତଙ୍କର ଉଡ୍‌ଡ୍ଡୀୟମାନ ଶ୍ୟେନ ଶକ୍ତିସକଳ ସେମାନଙ୍କର ଅଗମିତ ସ୍ୱର୍ଗଲୋକରେ ବିସ୍ମୟାଭିଭୂତ ହୋଇ ଆପଣାର ଚକ୍ରାକାର ଗତିପଥରୁ ନଇଁ ଆସୁଥିଲେ ଚିନ୍ତାର ସଙ୍କେତକୁ ମାନିନେବା ପାଇଁ : ପ୍ରତିଟି ରହସ୍ୟାବୃତ ଦେବତା ନିଜର ରୂପ ପ୍ରକଟ କରିବାକୁ ବାଧ୍ୟ ହେଉଥିଲେ, ପ୍ରକୃତିର ଲୀଳାରେ ତାଙ୍କର ଧାର୍ଯ୍ୟ ଗତିରେଖାମାନ ସୁନିର୍ଦ୍ଦିଷ୍ଟ ହୋଇଥିଲା, ଏକ ସତରଞ୍ଜ ଖେଳାଳୀର ଇଚ୍ଛାନୁସାରେ ଅଙ୍କାବଙ୍କା ହୋଇ ବିଶ୍ୱନିୟତିର ବର୍ଗଚିତ୍ରାଙ୍କିତ କ୍ରୀଡ଼ାଫଳକ ଉପରେ ସେ ଗତି କରୁଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଦିବ୍ୟ କର୍ମ

## ଶ୍ରୀମା

### ଦିବ୍ୟ କର୍ମ ପାଇଁ ଆଗେଇ ଆସ

ଯଦି କେହି ମୋ ପାଖକୁ ଆସି କହେ ଯେ, ''ମୁଁ କାମ କରିବା ପାଇଁ ଆସିଛି, ନିଜକୁ ଉପଯୋଗୀ କରିବାକୁ ଆସିଛି'', ତାହାହେଲେ ଠିକ୍ ଅଛି । କିନ୍ତୁ ଯଦି କେହି ଆସି କହେ, ''ବାହାରେ ମୋର ବହୁତ ଅସୁବିଧା ରହିଛି, ସେସବୁ ବାଧାବିପତ୍ତିକୁ ମୁଁ ଅତିକ୍ରମ କରିପାରୁ ନାହିଁ, ତେଣୁ ମୁଁ ଏଠାକୁ ଆସିଛି, କାରଣ ଏଠି ମୁଁ କିଛି ସାହାଯ୍ୟ ପାଇବି'', ତାହାହେଲେ ତାକୁ ମୁଁ କହେ, ''ନା, ନା – ଏ ଜାଗା ତୁମକୁ ଆହୁରି **ଅଧିକ** କଷ୍ଟକର ହେବ, ବରଂ ତୁମ କଷ୍ଟ ଆହୁରି **ଅଧିକ ମାତ୍ରାରେ** ଏଠି ବଢ଼ିଯିବ ।'' ଏବଂ ଏହାର ଅର୍ଥ ଏହିପରି ଯେ, ସେହି ଦୁଃଖକଷ୍ଟ ଆପଦ ବିପଦଗୁଡ଼ିକ ଜଣକର ବ୍ୟକ୍ତିଗତ ବ୍ୟାପାର ନୁହେଁ; ସେଗୁଡ଼ିକ ସାମୂହିକ ଦୁଃଖକଷ୍ଟ ବା ଆପଦ ବିପଦ । ...

ତେଣୁ ଲୋକେ ଯେତେବେଳେ ଆସି ମୋତେ କହନ୍ତି, ''ମୁଁ ଏଠାକୁ ଶାନ୍ତି ପାଇଁ ଆସିଛି, ସ୍ଥିରତା ଲାଭ ପାଇଁ ଆସିଛି, ଅବସର ଯାପନ ପାଇଁ ଏବଂ ଯୋଗ କରିବା ପାଇଁ ଆସିଛି'', ସେତେବେଳେ ମୁଁ କହେ, ''ନା, ନା, ନା ! ଶୀଘ୍ର ଏଠାରୁ ଅନ୍ୟ କେଉଁଠାକୁ ଚାଲିଯାଅ, ଏହି ସ୍ଥାନ ଅପେକ୍ଷା ଅନ୍ୟ ଜାଗାରେ ବରଂ ଅଧିକ ଶାନ୍ତି ପାଇବ ।''

ଯଦି କେହି ଏଠାକୁ ଆସି କହେ, ''ମୁଁ ଏଠାକୁ ଆସିଛି, ମୁଁ ଅନୁଭବ କରୁଛି ଦିବ୍ୟ **କର୍ମ** ସକାଶେ ନିଜକୁ ଉତ୍ସର୍ଗ କରିବି, ମୋତେ ତୁମେ ଯେଉଁ କାମ ଦେବ, ତାହା କରିବାକୁ ପ୍ରସ୍ତୁତ ଅଛି ।'' ତାହାହେଲେ ମୁଁ କହିବି, ''ଭଲ, ଠିକ୍ ଅଛି । ତୁମର ଯଦି ଶୁଭେଚ୍ଛା ଅଛି, ସହନଶୀଳତା ଅଛି, ଏବଂ କିଛି ସାମର୍ଥ୍ୟ ଅଛି, ତାହାହେଲେ ଠିକ୍ ଅଛି । କିନ୍ତୁ ତୁମେ ଯଦି ତୁମର ଆନ୍ତର ବିକାଶ ପାଇଁ ବିଜନତା ଚାହୁଁଥାଅ, ତାହାହେଲେ ତୁମ ପକ୍ଷେ ଠିକ୍ ହେବ ଅନ୍ୟ କେଉଁଠିକୁ ଯିବା, **ଅନ୍ୟ କେଉଁଠିକି,** ଏଠି କିନ୍ତୁ ନୁହେଁ ।

### ଦିବ୍ୟକର୍ମର ଉପଲବ୍ଧି

କିଏ ଭାବୁଛି ଯେ ଏଠାରେ ଯେଉଁସବୁ **ଶକ୍ତି** ରହିଛି ତାହା ସମସ୍ତ ଅର୍ଥ-ଶକ୍ତିଠାରୁ ଅସୀମ ଭାବେ ମହାନ୍ ଓ ଅସୀମ ଭାବେ ମୂଲ୍ୟବାନ୍, ଯେଉଁ ଦିବ୍ୟଶକ୍ତି ଏଠାରେ ରହିଛି ଏବଂ ସଚେତନ ଭାବେ, ଅସୀମ ଧୈର୍ଯ୍ୟର ସହିତ ଓ ପ୍ରୟାସର ସହିତ ନିରବଚ୍ଛିନ୍ନ ଭାବେ ତୁମକୁ ଦିଆଯାଉଛି, **କେବଳ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ** ଯେ ଦିବ୍ୟକର୍ମକୁ ସାକାର, ବାସ୍ତବ ରୂପ ଦେବାକୁ ହେବ – ତୁମ ଭିତରୁ କିଏ ଭଲା ଏହାକୁ ନଷ୍ଟ ନ କରିବାକୁ ଚାହୁଁଛି ? କିଏ ଉପଲବ୍ଧି କରୁଛି ଯେ ଅଗ୍ରଗତି କରିବା ଓ ଅଧିକ ଭଲ ଭାବେ ବୁଝିବା ପାଇଁ ପ୍ରସ୍ତୁତ ହେବା ଏବଂ ଉନ୍ନତତର ଭାବେ ବଞ୍ଚିବା ତୁମର ଏକ ପବିତ୍ର କର୍ତ୍ତବ୍ୟ ବୋଲି ? କାରଣ ମୁଁ ଦେଖୁଛି ଯେ ଲୋକେ ଦିବ୍ୟଶକ୍ତି **ଦ୍ୱାରା** ବଞ୍ଚୁଛନ୍ତି, ଦିବ୍ୟ ଚେତନା **ଦ୍ୱାରା** ବଞ୍ଚୁଛନ୍ତି, କିନ୍ତୁ 'ତାକୁ' ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ବ୍ୟବହାର କରୁଛନ୍ତି ।

ଯଦି କେତେ ହଜାର ଟଙ୍କା ନଷ୍ଟ ହୋଇଗଲା, ତୁମେ ବିଚଳିତ ହୋଇପଡୁଛ, କିନ୍ତୁ ତୁମକୁ ତ କିଛି ଲାଗୁ ନାହିଁ ଯେତେବେଳେ ... ଅସଂଖ୍ୟ ପରିମାଣର ଚେତନା ଓ ଶକ୍ତି ତା' ନିଜ ଲକ୍ଷ୍ୟଠାରୁ ଦୂରେଇ ଯାଉଛି !

ଯଦି ଜଣେ ପୃଥିବୀରେ କିଛି ଦିବ୍ୟକର୍ମ କରିବାକୁ ଚାହେଁ, ତେବେ ତା'ର ଯଥେଷ୍ଟ ଧୈର୍ଯ୍ୟ ଓ ସହିଷ୍ଣୁତା ରହିବା ଆବଶ୍ୟକ । ଶାଶ୍ୱତ ଚେତନାରେ କିପରି ବଞ୍ଚିବାକୁ ହୁଏ ତୁମର ତାହା ଜାଣିବା ଉଚିତ ଏବଂ ସମସ୍ତଙ୍କ ଭିତରେ ଚେତନା ଜାଗ୍ରତ୍ ହେବା ପର୍ଯ୍ୟନ୍ତ ଖୁବ୍ ଧୀର ଭାବେ ଅପେକ୍ଷା କରିବା ଉଚିତ । ଏହି ଚେତନାଟି ହେଲା, ଯାହାକୁ କହନ୍ତି – **ଯଥାର୍ଥ** ପୂର୍ଣ୍ଣାଙ୍ଗତା ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଦ୍ୱାବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ - (୧)


## ଶେଖ ଅବଦୁଲ କାଶମ


ଆମର ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ଦୁଇଟି ସାମର୍ଥ୍ୟ ଆପଣାର ଭାରସାମ୍ୟ ଦ୍ୱାରା ଆମର ନିତ୍ୟ ନୈମିତ୍ତିକ ଜୀବନକୁ ପରିଚାଳିତ କରିଥା'ନ୍ତି । ତନ୍ମଧ୍ୟରୁ ପ୍ରଥମଟି ହେଉଛି ଏକ ଅନ୍ତର୍ନିହିତ ଇଚ୍ଛାଶକ୍ତି ଏବଂ ଦ୍ୱିତୀୟଟି ହେଉଛି ମନର ପରମ ଭାବନାରୁ ଉତ୍ସାରିତ ଇଚ୍ଛାଶକ୍ତି । ଦ୍ୱିତୀୟଟି ପ୍ରଥମଟିର ଆବଶ୍ୟକୀୟ ପରିବର୍ତ୍ତନ ଘଟାଇପାରେ ଏବଂ ପ୍ରାଣ ଶକ୍ତିକୁ ସଚେତନ ଦିଗ୍‌ଦର୍ଶନ ଓ ସଚେତନ ପଦ୍ଧତି ଯୋଗାଇ ଦେଇପାରେ । ପ୍ରାଣର ଇଚ୍ଛାଶକ୍ତି ଓ ମନର ଇଚ୍ଛାଶକ୍ତି ପରସ୍ପରର ଅନୁପୂରକ ଭାବରେ କାର୍ଯ୍ୟ କରିପାରନ୍ତି । ଆମର ନିତିଦିନିଆ ଜୀବନଟି ଆମର ପ୍ରାଣମୟ ଓ ଭୌତିକ ସତ୍ତାକୁ କେନ୍ଦ୍ର କରିହିଁ ଗଢ଼ି ଉଠିଥାଏ । ଆମର ଯାବତୀୟ ବାସନା ଓ ଆବଶ୍ୟକତା ପୂରଣ କରିବାରେ ସେଇ ସତ୍ତାଟି କାର୍ଯ୍ୟ କରୁଥାଏ । ତିଷ୍ଠି ରହିବା ଲାଗି, ବିକାଶ ପ୍ରାପ୍ତ ଓ ପ୍ରସାରିତ ହେବା ଲାଗି ତଥା ଯାବତୀୟ ଉପଭୋଗ କରିବା ଲାଗି ସେଇ ସତ୍ତାଟି ଯେଉଁ ଉଦ୍ୟମ କରୁଥାଏ, ତାହାହିଁ ଆମର ଅତି ସାଧାରଣ ପରିଚିତ ଜୀବନର ପ୍ରଧାନ ବସ୍ତୁ ହୋଇ ରହିଥାଏ । ନାନା ପ୍ରକାର ସାମର୍ଥ୍ୟ ଲାଭ ପାଇଁ, ଅଧିକାର କରିବା ପାଇଁ, ଗୌରବ ଓ ବିଶାଳତା ଲାଭ ପାଇଁ ଆମେ ଯେଉଁସବୁ ଉଦ୍ୟମ କରୁ, ତାହା ସେଇ ଭୌତିକ ଓ ପ୍ରାଣମୟ ସତ୍ତାଟି ଦ୍ୱାରାହିଁ ଅନୁପ୍ରେରିତ ଓ ପରିଚାଳିତ ହୋଇଥାଏ ।

ପ୍ରାଣଶକ୍ତି ଯେତେବେଳେ ପ୍ରଥମ କରି ନିଜକୁ ପରିଚାଳିତ କରେ ଏବଂ ତା'ର ପଦ୍ଧତିଗୁଡ଼ିକୁ ବ୍ୟବସ୍ଥିତ କରେ, ସେତେବେଳେ ତାହା ପ୍ରବୃତ୍ତିଗତ ଭାବରେ, ଅବଚେତନ ଭାବରେ ଓ ସ୍ୱୟଂଚାଳିତ ଭାବରେହିଁ ସଂଘଟିତ ହୋଇଥାଏ । ଇତର ପ୍ରାଣୀଙ୍କ ଜୀବନରେ ଯେଉଁ ସ୍ୱଚ୍ଛଳତା, ସ୍ୱତଃସ୍ଫୂର୍ତ୍ତତା, ସୌନ୍ଦର୍ଯ୍ୟ, ଆତ୍ମତୃପ୍ତି ଓ ପ୍ରାଣଶକ୍ତିର ପ୍ରାଚୁର୍ଯ୍ୟ ଦେଖିବାକୁ ମିଳେ ତାହା ସମ୍ଭବ ହୁଏ ଏଇ ପ୍ରବୃତ୍ତିଗତ ସ୍ୱୟଂକ୍ରିୟ ଆବେଗ ଯୋଗୁଁ । ଇତର ପ୍ରାଣୀ ପ୍ରବୃତ୍ତିର ନିର୍ଦ୍ଦେଶନାକୁ ସର୍ବଦା ମାନି ଚଳୁଥାଏ । ଏହାକୁ ଦେଖି ବିଚାରଶୀଳ ମନୁଷ୍ୟ ଭାବି ନିଏ ଯେ ସେଇ ପ୍ରବୃତ୍ତିଗତ ଆବେଗକୁ ମାନି ପାରୁ ନଥିବା ହେତୁ ମନୁଷ୍ୟର ବର୍ତ୍ତମାନ ପଦ୍ଧତି ଓ ସାମର୍ଥ୍ୟ ଏକ ନିମ୍ନତର ଅବସ୍ଥାକୁ ଖସି ଆସିଛି ଏବଂ ଯଦି ସିଏ ପ୍ରକୃତିର ଅନୁରୂପ ଜୀବନଟିଏ ଯାପନ କରେ ତାହା ହେଲେ ତାହାର ସକଳ ବ୍ୟାଧି ଓ ଅସମର୍ଥତା ଦୂରୀଭୂତ ହୋଇପାରିବ । ଏହି ଧାରଣାରୁ ବ୍ୟକ୍ତି ଓ ସମାଜର ବିକାଶ ସମ୍ବନ୍ଧରେ କେତେ କେତେ ବୈପ୍ଲବିକ କଳ୍ପନା ଓ ମତବାଦର ସୂତ୍ରପାତ ଘଟିଛି । ତନ୍ମଧ୍ୟରୁ ନିତ୍‌ସେଙ୍କ ବିଚିତ୍ର ପ୍ରାଣବାଦୀ ଦର୍ଶନଟି ଅନ୍ୟତମ । ଏହିସବୁ କଳ୍ପନାରେ ସାଧାରଣତଃ ଏହି ଦୋଷଟି ଦେଖିବାକୁ ମିଳେ ଯେ ତାହା ମନୁଷ୍ୟର ଯଥାର୍ଥ ପ୍ରକୃତି ଓ ତା'ର ଅସଲ ଧର୍ମ ସମ୍ବନ୍ଧରେ ଆଦୌ ଅବଗତ ନୁହେଁ ।

ନିତ୍‌ସେଙ୍କ କଳ୍ପନା ଅନୁସାରେ ବର୍ତ୍ତମାନର ଅସନ୍ତୋଷଜନକ ମନୁଷ୍ୟ-ସ୍ଥିତିରୁ ଅତିମାନବର ବିକାଶ ଘଟାଇବା ଆମର ସର୍ବପ୍ରଧାନ କର୍ତ୍ତବ୍ୟ । ଆମେ ଆମର ଯଥାର୍ଥ ସ୍ୱରୂପକୁ ଲାଭ କରିବା ବା ଆମର ବର୍ତ୍ତମାନର ସ୍ୱରୂପକୁ ଅତିକ୍ରମ କରିବା ଆବଶ୍ୟକ — ଏପରି ଏକ ଲକ୍ଷ୍ୟ ନିତ୍‌ସେଙ୍କ କଳ୍ପନାରେ ରହିଛି । ଏହା ନିଃସନ୍ଦେହରେ ଏକ ଯଥାର୍ଥ ଲକ୍ଷ୍ୟ । ମାତ୍ର ଅସଲ ପ୍ରଶ୍ନ ହେଉଛି ଆମର ପ୍ରକୃତ ସ୍ୱରୂପ କହିଲେ ଆମେ କ'ଣ ବୁଝିବା । ଆମ ଭିତରେ ଯେଉଁ ପଦାର୍ଥଟି ବିକାଶ ଲାଭ କରୁଛି ଏବଂ ଯାହା ଭିତରକୁ ଆମେ ଏ ଯାଏ ବିକଶିତ ହୋଇପାରି ନାହୁଁ ତାହା ହେଉଛି ଆମର ଯଥାର୍ଥ ସତ୍ତା । ଏହି ପଦାର୍ଥଟି ହେଉଛି ଏକ ଦିବ୍ୟ ପଦାର୍ଥ, ଏକ ମହାନ୍ ଦିବ୍ୟତା, ଏକ ସୌନ୍ଦର୍ଯ୍ୟମୟ ଓ ଶକ୍ତିମୟ ଦିବ୍ୟତା । ଏହି ଦିବ୍ୟତାରେ ପରିଣତ ହେବାର ଲକ୍ଷ୍ୟରେ ବୁଦ୍ଧିସମ୍ପନ୍ନ ଓ ସଚେତନ ଇଚ୍ଛାଯୁକ୍ତ ମନୁଷ୍ୟ ଅଳ୍ପ ବହୁତ ଅସ୍ପଷ୍ଟ ଭାବରେ ଚେଷ୍ଟା କରି ଚାଲିଛି । ମାତ୍ର ଦିବ୍ୟତାର ବୀଜ ହେବା ଲାଗି ଏକ ଉପଯୁକ୍ତ ଆଧାର ଆବଶ୍ୟକ । ମନୁଷ୍ୟ ଭିତରେ ରହିଥିବା ବୁଦ୍ଧି ଓ ଇଚ୍ଛା, ଯାହାକୁ ଭାରତୀୟ ମନସ୍ତାତ୍ତ୍ୱିକ ବିଦ୍ୟାରେ ଦ୍ୱି-ବିଭାବଯୁକ୍ତ ବୁଦ୍ଧି ବୋଲି କୁହାଯାଇଛି, ତାହା ଦିବ୍ୟତାର ବୀଜ ହୋଇପାରିବ ନାହିଁ ।

କାରଣ ଏହି ବୁଦ୍ଧି ଓ ଇଚ୍ଛା ମଧ୍ୟରେ ସଂଶୟାଚ୍ଛନ୍ନ, ଦ୍ୱନ୍ଦ୍ୱଯୁକ୍ତ ଓ ବିଭାଜନଧର୍ମୀ ଅନେକ ତତ୍ତ୍ୱ ରହିଛି । ତା'ର ଉପଲବ୍ଧିଗୁଡ଼ିକ ଅନିଶ୍ଚୟତାରେ ପରିପୂର୍ଣ୍ଣ । ତାହା ପୁଣି ନିମ୍ନ ପ୍ରକୃତି ସଙ୍ଗେ ସଂଘର୍ଷ କରୁଥାଏ ଏବଂ ନିମ୍ନ ପ୍ରକୃତିର ଅଧୀନତା ସ୍ୱୀକାର କରିଥାଏ । ଏଣୁ ତାହା ନିରାପଦ ଭାବରେ ଦିବ୍ୟତାକୁ ଧାରଣ କରିପାରିବ ନାହିଁ । ମାତ୍ର ସକଳ ବୁଦ୍ଧିଶକ୍ତିଠାରୁ ଉଚ୍ଚତର ଏକ ଚେତନା ରହିଛି ଯାହାକି ଏକ ସର୍ବୋତ୍ତମ ତତ୍ତ୍ୱ ରୂପେ ଆମର ନିମ୍ନତର ପ୍ରକୃତିର ସକଳ ବାହ୍ୟ ଆବରଣ ପଛରେ ପ୍ରଚ୍ଛନ୍ନ ହୋଇ ରହିଛି । ଏହା ହେଉଛି ଆମର ଆତ୍ମା, ଏହାହିଁ ଦିବ୍ୟତାର ବୀଜ । ମନର ଊର୍ଦ୍ଧ୍ୱରେ ଥିବା ଆତ୍ମାରୂପୀ ସେଇ ଅସଲ ତତ୍ତ୍ୱକୁ ଆବିଷ୍କାର କରିପାରିଲେ ତାହାହିଁ ଦିବ୍ୟଜୀବନ ପ୍ରତିଷ୍ଠାର ଏକ ନିରାପଦ ଭୂମି ହୋଇ ପାରିବ ।

ଗତାନୁଗତିକ ଜୀବନ ବଞ୍ଚୁଥିବା ସ୍ୱାଭାବିକ ମଣିଷଟିଏ ଅତିମାନବ ତତ୍ତ୍ୱଟିକୁ ସହଜରେ ଗ୍ରହଣ କରିପାରେ ନାହିଁ । ଅତିମାନବର କଳ୍ପନାକୁ ଏକ ଅସଙ୍ଗତିପୂର୍ଣ୍ଣ, ଅସ୍ୱାଭାବିକ ଓ ଅସମ୍ଭବ ବ୍ୟାପାର ବୋଲି ସେ ମନେ କରେ । ସ୍ୱାଭାବିକ ମନୁଷ୍ୟଟି ନିଜର ସ୍ୱଭାବ ଓ ସାମର୍ଥ୍ୟ ଭିତରେ ସୀମିତ ହୋଇ ରହିବାକୁ ଚାହେଁ । ସିଏ ନିଜର ସୀମାକୁ ଅତିକ୍ରମ କରିବାକୁ ବା ନିଜର ଅତୀତ ଏକ ଉଚ୍ଚତର ସମ୍ପଦ ଆଡ଼କୁ ଉନ୍ମୋଚିତ ହେବା ଲାଗି ଚାହେଁ ନାହିଁ । ସମଗ୍ର ପ୍ରକୃତି ଦୃଷ୍ଟିରୁ ବିଚାର କଲେ ସ୍ୱାଭାବିକ ମଣିଷଟିଏ ଏକ ଅସ୍ୱାଭାବିକ ସୃଷ୍ଟି ବୋଲି ମନେ ହେବ । ଯେଉଁ ପ୍ରକୃତି ଭିତରେ ଇତର ପ୍ରାଣୀସମାଜ ରହିଥିଲେ ସେଇଠି ହଠାତ୍ ମନୁଷ୍ୟରୂପୀ ଅସ୍ୱାଭାବିକ ଜୀବଟିଏ ଅଲୌକିକ ଭାବେ ସୃଷ୍ଟି ହୋଇ ଯାଇଛି । ଏହି ଅସ୍ୱାଭାବିକତା ଅପୂର୍ଣ୍ଣତାର ଏକ ସଙ୍କେତ ନୁହେଁ ବରଂ ଏକ ବୃହତ୍ତର ପରିପୂର୍ଣ୍ଣତା ଆଡ଼କୁ ଏକ ଉଦ୍ୟମ ଅଟେ । ମାତ୍ର ମନୁଷ୍ୟ ଯେପର୍ଯ୍ୟନ୍ତ ଆପଣାର ସ୍ଥାୟୀ ସ୍ୱାଭାବିକ ସ୍ଥିତିକୁ ପ୍ରାପ୍ତ ନହୋଇଛି, ଆପଣାର ଜୀବନଟିକୁ ଯଥାର୍ଥ ଭାବେ ସଙ୍ଗଠିତ କରି ନପାରିଛି ସେପର୍ଯ୍ୟନ୍ତ ତା' ଭିତରେ ବୃହତ୍ତର ପରିପୂର୍ଣ୍ଣତା ସମ୍ଭବ ହେବ ନାହିଁ ।

ମନୁଷ୍ୟ ହେଉଛି ଏକ ଅସ୍ୱାଭାବିକ ସ୍ଥିତିରେ ରହିଥିବା ଜୀବ ଯିଏକି ତା'ର ସ୍ୱକୀୟ ସ୍ୱାଭାବିକତାଟିକୁ ଲାଭ କରିପାରି ନାହିଁ । ଉଦ୍ଭିଦ ବା ଇତର ପ୍ରାଣୀମାନେ ଯେପରି ନିଜର ସ୍ୱଭାବଗତ କ୍ଷେତ୍ରରେ ପରିପୂର୍ଣ୍ଣ ହୋଇ ରହିଛନ୍ତି, ମନୁଷ୍ୟ ସେମାନଙ୍କଠାରୁ ବହୁ ଗୁଣରେ ବଡ଼ ହୋଇଥିଲେ ମଧ୍ୟ ନିଜର ସ୍ୱଭାବରେ ସେପରି ଦୃଢ଼ ପ୍ରତିଷ୍ଠିତ ଓ ପରିପୂର୍ଣ୍ଣ ହୋଇପାରି ନାହିଁ । ତଥାପି ମନୁଷ୍ୟର ଏହି ଅପରିପୂର୍ଣ୍ଣତାକୁ ନିନ୍ଦା ନକରି ତାକୁ ଏକ ପ୍ରତିଶ୍ରୁତି ରୂପେ ଗ୍ରହଣ କରିବାକୁ ହେବ ।

ମନୁଷ୍ୟ ଇତର ପ୍ରାଣୀଙ୍କ ସ୍ୱଭାବଠାରୁ ବହୁ ଊର୍ଦ୍ଧ୍ୱକୁ ଉଠି ସାରିଛି ଏବଂ ସେଇ ଦୃଷ୍ଟିରୁ ପ୍ରାୟ ଏକ ଅର୍ଦ୍ଧ-ଈଶ୍ୱର ଭଳି ମନେ ହେଉଛି । ସିଏ ପରିପୂର୍ଣ୍ଣ ଈଶ୍ୱରତ୍ୱକୁ ପ୍ରାପ୍ତ ହେବା ପାଇଁ ଯାତ୍ରା ମଧ୍ୟ ଆରମ୍ଭ କରି ସାରିଛି । ଯଦିଓ ସେଇ ପରବର୍ତ୍ତୀ ପରିପୂର୍ଣ୍ଣ ସିଦ୍ଧିଟି ବର୍ତ୍ତମାନ ତାକୁ ଅସମ୍ଭବ ଓ ଅସ୍ୱାଭାବିକ ବୋଲି ଲାଗୁଛି ତାହା ଦିନେ ନିଶ୍ଚୟ ସମ୍ଭବ ହେବ । କାରଣ ଇତର ପ୍ରାଣୀଙ୍କ ତୁଳନାରେ ମଣିଷ ଯେମିତି ଏକ ଅସମ୍ଭବ ଓ ଅସ୍ୱାଭାବିକ ସୃଷ୍ଟି ବୋଲି ମନେ ହେଉଛି, ମନୁଷ୍ୟର ସେଇ ପରବର୍ତ୍ତୀ ପରିପୂର୍ଣ୍ଣ ସିଦ୍ଧିଟି ବର୍ତ୍ତମାନ ତା' ପାଇଁ ଠିକ୍ ସେଇଭଳି ଅସମ୍ଭବ ଓ ଅସ୍ୱାଭାବିକ ବୋଲି ମନେ ହେଉଛି । ଏଥିରୁ ଆମେ ବୁଝିପାରିବା ଯେ ମନୁଷ୍ୟର ଏକ ମହାନ୍ ନିୟତି ରହିଛି ଏବଂ ଏକ ମହାନ୍ ବିଜୟ ତା' ପାଇଁ ଅପେକ୍ଷା କରି ରହିଛି । ବର୍ତ୍ତମାନ ମନୁଷ୍ୟ ସ୍ଥୂଳ ପ୍ରକୃତି ଉପରେ ଯେଉଁସବୁ ବିଜୟ ହାସଲ କରିବାରେ ଲାଗିଛି ସେଗୁଡ଼ିକ ସେହି ମହାନ୍ ବିଜୟର ସ୍ଥୂଳ ସୂଚନା ବା ସାମାନ୍ୟତମ ଆରମ୍ଭ ମାତ୍ର ।

ମନୁଷ୍ୟର ସମସ୍ତ ଅପୂର୍ଣ୍ଣତା ମୂଳରେ କେଉଁ ଦୋଷଟି ରହିଛି ତାହା ଖୋଜିବାକୁ ଗଲେ ଆମେ ପାଇବା ଯେ ମନୁଷ୍ୟ ଭିତରେ ଏକ ଦ୍ୱୈତ ପ୍ରକୃତି ରହିଛି । ପ୍ରଥମଟି ହେଲା ତା'ର ପ୍ରାଣିକ ଓ ଭୌତିକ ସତ୍ତାର ପ୍ରାଣପ୍ରକୃତି ଯାହାକି ତା'ର ସହଜାତ ନାନା ପ୍ରବୃତ୍ତି, ଆବେଗ, କାମନା, ଯାନ୍ତ୍ରିକ ଗତିବିଧି ଓ ପଦ୍ଧତିକୁ ନେଇ ରଚିତ । ଦ୍ୱିତୀୟଟି ହେଲା ତା'ର ବୌଦ୍ଧିକ ସତ୍ତାର ଅର୍ଦ୍ଧଦିବ୍ୟ ପ୍ରକୃତି ଯାହା ଭିତରେ ବୌଦ୍ଧିକତା, ନୈତିକତା, ସୌନ୍ଦର୍ଯ୍ୟବୋଧ ଏବଂ ବୁଦ୍ଧିଚାଳିତ ସଂବେଗଶୀଳତା ଓ ଗତିଶୀଳତା ରହିଥାଏ । ଏହି ଆତ୍ମସଚେତନ ବୌଦ୍ଧିକ ସତ୍ତାଟି ନିଜ କର୍ମର ବିଧାନଟିକୁ ବୁଝିପାରେ ଏବଂ ସଚେତନ ଭାବରେ ସେଇ ବିଧାନଟିକୁ ଉପଯୋଗ କରିପାରେ ତଥା ତାକୁ ଉନ୍ନତ କରିପାରେ । ଏହା ମନନଶୀଳ ମନ (reflecting mind) ରୂପେ ପ୍ରକୃତିକୁ ବୁଝିପାରେ ଏବଂ ଇଚ୍ଛା ରୂପେ ପ୍ରକୃତିକୁ କାର୍ଯ୍ୟରେ ଲଗାଇବା ସଙ୍ଗେ ସଙ୍ଗେ ସେଥିରେ ପରିପୂର୍ଣ୍ଣତା ବି ଆଣି ଦେଇପାରେ । ପୁନଶ୍ଚ ଏହା ବୋଧ (sense) ରୂପେ ପ୍ରକୃତିର ଉପଭୋଗ କରିପାରେ । ଆମ ସତ୍ତାର ପ୍ରାଣ ପ୍ରକୃତିର ଉଦ୍ଦେଶ୍ୟ ହେଲା ପ୍ରାଣଗତ ଅଧିକାର ଓ ପ୍ରାଣଗତ ଉପଭୋଗକୁ ବଢ଼ାଇ ଚାଲିବା । ଅନ୍ୟ ପକ୍ଷରେ ଆମର ଅର୍ଦ୍ଧ ଦିବ୍ୟ ଅଂଶ ବା

ବୌଦ୍ଧିକ ସତ୍ତାଟି ମଧ୍ୟ ବୃଦ୍ଧି, ଅଧିକାର ଓ ଉପଭୋଗକୁ ନିଜର ଉଦ୍ଦେଶ୍ୟ କରି ରଖିଥାଏ, ମାତ୍ର ତାହା ପ୍ରଥମେ ବସ୍ତୁଗୁଡ଼ିକୁ ନିଜର ଅଧିକାରକୁ ଆଣିବା ପରେହିଁ ସେଗୁଡ଼ିକୁ ଉପଭୋଗ କରିବାକୁ ଚାହେଁ । ଏହି ଉପଭୋଗ ସକାଶେ ତାହା ବୁଦ୍ଧି, ସୌନ୍ଦର୍ଯ୍ୟବୋଧ, ନୈତିକ ବିଚାର ଓ ମନୋଗତ ସାମର୍ଥ୍ୟର ଉପଯୋଗ କରେ । ମନୁଷ୍ୟର ଏହି ବୌଦ୍ଧିକ ପ୍ରକୃତି ଭୌତିକ ଓ ପ୍ରାଣଗତ ଅଂଶଗୁଡ଼ିକୁ କେବଳ ଏକ ପ୍ରାଥମିକ ଆବଶ୍ୟକତା ବା ଆଧାର ରୂପେହିଁ ଅଧିକାର କରେ ଓ ଉପଭୋଗ କରେ । ତାହା ଜୀବନର ବାହ୍ୟକ୍ଷେତ୍ରଗୁଡ଼ିକ ଅପେକ୍ଷା ସତ୍ୟ, ଶିବ ଓ ସୁନ୍ଦରର କ୍ଷେତ୍ରରେହିଁ ଅଧିକ ପରିମାଣରେ ବୃଦ୍ଧି ଲାଭ କରିବାକୁ ଇଚ୍ଛା କରେ । ଏହାକୁହିଁ ଆମେ ମନୁଷ୍ୟର ମନୁଷ୍ୟତା ବୋଲି କହିବା । ବୌଦ୍ଧିକ ପ୍ରକୃତି ଯୋଗୁଁ ମନୁଷ୍ୟ ଏକ ଅନନ୍ୟ ସତ୍ତା ରୂପେ ପରିଚିତ ହେଉଛି । ଚେତନାଶୂନ୍ୟ ଭୌତିକ ପ୍ରକୃତିର ସ୍ୱାଭାବିକତା ମଧ୍ୟରେ ମନୁଷ୍ୟର ଏହି ମନୋଗତ ବୌଦ୍ଧିକ ଦିଗଟି ଅସ୍ୱାଭାବିକତା ରୂପେ ଦୃଷ୍ଟିଗୋଚର ହେଉଛି ।

ମନୁଷ୍ୟ ନିଜ ଭିତରେ ଏହି ବୁଦ୍ଧିଗତ ଅଂଶଟିକୁ ଏକ ନୂତନ ସାମର୍ଥ୍ୟ ରୂପେ ବିକଶିତ କରିଛି । ଏହି ସାମର୍ଥ୍ୟକୁ ଆତ୍ମାର ସାମର୍ଥ୍ୟ (soul-power) ବୋଲି କୁହାଯାଇପାରିବ । ସେଇଭଳି ଶରୀର ଓ ପ୍ରାଣ ମଧ୍ୟ ଆତ୍ମାରହିଁ ଏକ ଏକ ସାମର୍ଥ୍ୟ । ବର୍ତ୍ତମାନ ମନୁଷ୍ୟ ଏହି ବୁଦ୍ଧିଗତ ସାମର୍ଥ୍ୟଟି ଦ୍ୱାରା ନିଜର ସମୁଦାୟ ପ୍ରକୃତିଟିକୁ ନିୟନ୍ତ୍ରିତ କରିବାକୁ ଚେଷ୍ଟା କରୁଛି । ବୁଦ୍ଧିର ଛାଞ୍ଚରେ ନିଜର ପରିବେଶକୁ ମଧ୍ୟ ନୂତନ ଭାବରେ ଗଢ଼ିବା ପାଇଁ ସେ ଆଗେଇ ଆସୁଛି । ଏହିପରି କରିବାରେହିଁ ତା'ର ସ୍ୱଧର୍ମ ନିହିତ ।

ମନୁଷ୍ୟ କେବଳ ଏକ ମନୁଷ୍ୟ ପ୍ରାଣୀ (human animal) ସ୍ତରରେହିଁ ସନ୍ତୁଷ୍ଟ ହୋଇ ରହି ପାରିବ ନାହିଁ । ସେ ତା'ର ବୁଦ୍ଧି, ନୈତିକତା ଓ ସୌନ୍ଦର୍ଯ୍ୟବୋଧ ଦ୍ୱାରା ଜୀବନର ଭୌତିକ ଓ ପ୍ରାଣଗତ ଅଂଶଗୁଡ଼ିକୁ ଅଧିକ ଶୁଦ୍ଧ ଓ ଉନ୍ନତ କରିବାରେ ସମର୍ଥ ହୋଇ ପାରୁଛି । ମାତ୍ର ଏଥିରୁ ଅଧିକ କିଛି ସାଫଲ୍ୟ ହାସଲ କରିବାକୁ ଏଯାଏ ସେ ସମର୍ଥ ହୋଇପାରି ନାହିଁ । ନିଜର ଜୀବନକୁ ସତ୍ୟ, ଶିବ ଓ ସୁନ୍ଦରର ଏକ ପ୍ରତିରୂପ ରୂପେ ରୂପାନ୍ତରିତ କରିଦେବା ମନୁଷ୍ୟ ପକ୍ଷରେ ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ । ଏହି ଲକ୍ଷ୍ୟ ଦିଗରେ ଗତି କରି ସେ କେତେବେଳେ ଝୁଣ୍ଟି ପଡୁଛି ତ ଆଉ କେତେବେଳେ ଏକ ଆଂଶିକ ସାଫଲ୍ୟ ପାଖରେ ଅଟକି ରହି ଯାଉଛି । ଯାହାକିଛି ଅପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହେଉଛି ତାହା କେବଳ ଅଳ୍ପ କେତେଜଣଙ୍କ ପାଖରେ ସୀମିତ ହୋଇ ରହୁଛି । ସାଧାରଣ ଜନତାଙ୍କ ବୃହତ୍ତର ଜୀବନ କ୍ଷେତ୍ରରେ ଏହାର କେବଳ ପରୋକ୍ଷ ପ୍ରଭାବହିଁ ପଡ଼ି ପାରୁଛି । ମନୁଷ୍ୟ ଏବେ ମଧ୍ୟ କୌଣସି ମହାନ୍ ଓ ଯୁଗାନ୍ତକାରୀ ପରିବର୍ତ୍ତନ ବା ରୂପାନ୍ତରର କୌଣସି ନିର୍ଣ୍ଣାୟକ ସନ୍ଧିକ୍ଷଣରେ ଆସି ପହଞ୍ଚି ପାରି ନାହିଁ ।

ପରିପୂର୍ଣ୍ଣ ସିଦ୍ଧି ଓ ରୂପାନ୍ତରର ଯାତ୍ରା ପଥରେ ମନୁଷ୍ୟ ଯେଉଁ ବିଫଳତାସବୁର ସମ୍ମୁଖୀନ ହେଉଛି ତା'ର ପ୍ରଧାନ କାରଣଟି ହେଲା ଜୀବନର କେନ୍ଦ୍ରୀୟ ଇଚ୍ଛାଟି ଭିତରେ ଆବଶ୍ୟକ ବିଶ୍ୱାସ ଓ ଊର୍ଦ୍ଧ୍ୱମୁଖୀ ଶକ୍ତିର ଅଭାବ । ମନୁଷ୍ୟ ଜୀବନର କେନ୍ଦ୍ରୀୟ ଇଚ୍ଛାଶକ୍ତିଟି ଏବେ ମଧ୍ୟ ତା'ର ପ୍ରାଣିକ ଓ ଭୌତିକ ସତ୍ତାଟି ମଧ୍ୟରେ ସୀମାବଦ୍ଧ ହୋଇ ରହିଛି । ମନୁଷ୍ୟର ସମଗ୍ର ଦୃଷ୍ଟି ଓ ଆଗ୍ରହ ମୁଖ୍ୟତଃ ତା'ର ପ୍ରାଣିକ ଓ ଭୌତିକ ସମ୍ଭୋଗ ଆଡ଼କୁ ଢଳି କରି ରହିଛି । ଯଦିବା କେତେବେଳେ ଉଚ୍ଚତର ଶକ୍ତିର ପ୍ରଭାବରେ ସେଇ ଇଚ୍ଛାଶକ୍ତିଟି ସାମାନ୍ୟ ଆଲୋକିତ ଓ ଶୁଦ୍ଧିକୃତ ହେଉଛି, ମାତ୍ର ସେଥିରେ କୌଣସି ମୌଳିକ ପରିବର୍ତ୍ତନ ବା ରୂପାନ୍ତର ଘଟୁ ନାହିଁ ।

ଆମର ସାଧାରଣ ନିମ୍ନତର ଜୀବନ ମଧ୍ୟକୁ ଉଚ୍ଚତର ଜୀବନଟି ସତେ ଯେପରି ଅନଧିକାରୀଭାବେ ବଳପୂର୍ବକ ପଶି ଆସିଛି । ଆମର ସ୍ୱାଭାବିକ ନିତ୍ୟ ନୈମିତ୍ତିକ ଜୀବନ ଉପରେ ଉଚ୍ଚତର ଜୀବନଟି ଅବିରତ ଭାବରେ ହସ୍ତକ୍ଷେପ କରୁଛି, ତାକୁ ଉତ୍ସାହିତ କରୁଛି, ଗାଳି ଦେଉଛି ଓ ହତୋତ୍ସାହିତ କରୁଛି, ନାନା ପ୍ରକାରେ ତାକୁ ବଦଳାଇବାକୁ ଇଚ୍ଛା କରୁଛି, ଖାପ ଖୁଆଇ ନେବା ଲାଗି ଚେଷ୍ଟା କରୁଛି, ମାତ୍ର ଆମୂଳ ପରିବର୍ତ୍ତନ ଓ ରୂପାନ୍ତର ଘଟାଇବାରେ ତାହା ସମର୍ଥ ହୋଇପାରୁ ନାହିଁ । ଉଚ୍ଚତର ଶକ୍ତିର ପ୍ରଭାବରେ ନିମ୍ନତର ଜୀବନଟି କିଛି ସମୟ ଲାଗି ଉପରକୁ ଉଠିଯାଉଛି ସିନା, ମାତ୍ର ପୁଣି ତଳେ ପଡ଼ି ଯିବାକୁ ସମୟ ଲାଗୁ ନାହିଁ । ସ୍ୱାଭାବିକ ଜୀବନରେ ସମ୍ପୂର୍ଣ୍ଣ ନୂତନ କିଛି ସୃଷ୍ଟି ହୋଇପାରୁ ନାହିଁ, ତା'ର ମୂଳ ଉପାଦାନରେ ଯଥାର୍ଥ ପରିବର୍ତ୍ତନ ଘଟୁ ନାହିଁ ।

ଉଚ୍ଚତର ଓ ନିମ୍ନତର ଏଇ ଉଭୟ ପ୍ରକାର ଜୀବନ ବହୁ ଶ୍ରମ, ପ୍ରୟାସ ଓ ଅସ୍ୱସ୍ତିକର ସଂଗ୍ରାମ ଭିତରେ ଗତି କରୁଛନ୍ତି । ପରସ୍ପର ମଧ୍ୟରେ ସହଯୋଗ ନଥିଲେ ମଧ୍ୟ ଉଭୟେ ଏକତ୍ର କାର୍ଯ୍ୟ କରିବାକୁ ବା ପରସ୍ପର ଉପରେ କ୍ରିୟା କରିବାକୁ ବାଧ୍ୟ ହେଉଛନ୍ତି । ଯେମିତି ସ୍ୱାମୀ ଓ ସ୍ତ୍ରୀ ପରସ୍ପର ମଧ୍ୟରେ

ସର୍ବଦା କଳହ କରୁଥିଲେ ମଧ୍ୟ ପରସ୍ପର ପ୍ରତି ଆସକ୍ତ ହୋଇ ରହିଥା'ନ୍ତି ଏବଂ ଏକତ୍ର ରହିବା ଲାଗି ବାଧ୍ୟ ହୋଇଥା'ନ୍ତି, ଠିକ୍ ସେଇଭଳି ଏହି ଉଭୟ ପ୍ରକାର ଜୀବନ ଆପଣା ଭିତରେ ସଙ୍ଗତି ନଥିଲେ ମଧ୍ୟ ପରସ୍ପର ସହିତ ସଂଲଗ୍ନ ଓ ସଂଶ୍ଳିଷ୍ଟ ହୋଇ ରହିଛନ୍ତି । ମନୁଷ୍ୟର ଏହି ଦ୍ୱୈତ ସ୍ୱଭାବ ହେଉଛି ଏକ ପ୍ରହେଳିକା ଓ ଜଟିଳ ସମସ୍ୟା ଯାହାକୁ ସମାଧାନ କରି ନପାରିବା ଯୋଗୁଁ ମନୁଷ୍ୟ ଯାବତୀୟ ଦୁଃଖ, ବିଷାଦ, ଅସନ୍ତୋଷ ଓ ନୈରାଶ୍ୟ ଭୋଗ କରୁଛି । ଶ୍ରୀଅରବିନ୍ଦଙ୍କ ଭାଷାରେ –

"All the uneasiness, dissatisfaction, disillusionment, weariness, melancholy, pessimism of the human mind comes from man's practical failure to solve the riddle and the difficulty of his double nature."

(The Human Cycle, p. 236)

ଉଚ୍ଚତର ଶକ୍ତି ମନୁଷ୍ୟ ଜୀବନରେ ଏ ଯାବତ୍ କେବଳ ଏକ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଛି । ତାହା ଆପଣା ଉପାଦାନରେ ପ୍ରାଣିକ ଓ ଭୌତିକ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିବାକୁ ସମର୍ଥ ହୋଇ ନାହିଁ । ଆମ ଭିତରେ କାର୍ଯ୍ୟ କରୁଥିବା ପ୍ରକୃତିର ସେଭଳି କୌଣସି ଅଭିପ୍ରାୟ ଅଛି ବୋଲି ମନେ ହୁଏ ନାହିଁ । କିନ୍ତୁ ଏକଥା ସତ ଯେ କେତେକ ବ୍ୟକ୍ତି ବିଶେଷ କିଛି ପରିମାଣରେ ଏହି ରୂପାନ୍ତରକୁ ସମ୍ଭବ କରି ପାରିଛନ୍ତି । ସେମାନେ ନୀତି, କଳାତ୍ମକତା ଓ ସୌନ୍ଦର୍ଯ୍ୟବୋଧ ଦ୍ୱାରା ନିଜ ଜୀବନକୁ ପରିଚାଳିତ କରିଛନ୍ତି ଏବଂ ସତ୍ୟ, ଶିବ ଓ ସୁନ୍ଦରର ଆଦର୍ଶକୁ ନିଜ ଜୀବନରେ ଢାଳି ପାରିଛନ୍ତି । ଜଣେ ବ୍ୟକ୍ତି ଦ୍ୱାରା ଯଦି ଏହା ସମ୍ଭବ ହୋଇ ପାରିଛି ତେବେ ସମାଜ ପାଇଁ ବି ଦିନେ ଏହା ନିଶ୍ଚୟ ସମ୍ଭବ ହୋଇପାରିବ । ଏ ପ୍ରକାର ବିଶେଷ ବ୍ୟକ୍ତିଙ୍କୁ ଆମେ ଏକ ବ୍ୟତିକ୍ରମ ବା ଏକ ପୁରୋଗାମୀ ରୂପେ ଚିହ୍ନିତ କରିପାରିବା । ସେମାନଙ୍କର ଜୀବନରୁ ଭବିଷ୍ୟତ୍ ସିଦ୍ଧିର ସମ୍ଭାବନା ସୂଚିତ ହୁଏ । ମାତ୍ର ଏହି ସଫଳତାକୁ ଏକ ବିରାଟ ସଫଳତା ବା ସମ୍ପୂର୍ଣ୍ଣ ସଫଳତା ବୋଲି କୁହାଯାଇ ପାରିବ ନାହିଁ । ଏପରି ବ୍ୟକ୍ତିମାନେ ନିଜ ନିଜ ସତ୍ତାର କୌଣସି ଗୋଟିଏ ଦିଗକୁ ବିକଶିତ କରି ଅନ୍ୟ ଦିଗଗୁଡ଼ିକୁ ଅବହେଳା କରିଥିଲେ । ସେମାନେ ଏକ ସୀମିତ ଓ ଏକ ପାଖିଆ ଜୀବନଯାପନ କରିଥିଲେ । ସେମାନେ ଏକ ଦିଗରେ ଉଚ୍ଚତର ଜୀବନକୁ ପ୍ରାଧାନ୍ୟ ଦେଉଥିଲେ ଏବଂ ଅନ୍ୟ ଦିଗରେ ନିମ୍ନତର ଜୀବନକୁ ଆପଣାର ଅମାର୍ଜିତ ପ୍ରବୃତ୍ତିଗତ ବାଟରେ ଯିବାକୁ ଛାଡ଼ି ଦେଉଥିଲେ । ନିମ୍ନତର ଜୀବନ ଉପରେ ସେମାନଙ୍କର ହୁଏତ ଅଳ୍ପ ବହୁତ ନିୟନ୍ତ୍ରଣ ଓ ଆଧିପତ୍ୟ ରହୁଥିଲା, ମାତ୍ର ସେଇ ଜୀବନଟିର କୌଣସି ରୂପାନ୍ତର ସାଧିତ ହେଉ ନଥିଲା ।

ମନୁଷ୍ୟର ଜୀବନ କଦାପି ତା'ର ବୁଦ୍ଧି ଦ୍ୱାରା ପରିଚାଳିତ ହୋଇପାରିବ ନାହିଁ । ମନ ଦ୍ୱାରା ସୃଷ୍ଟ ହୋଇଥିବା ନୈତିକତା, ସୌନ୍ଦର୍ଯ୍ୟବୋଧ, ବିଜ୍ଞାନ ଓ ଦର୍ଶନର ବାଡ଼ ଭିତରେ ଜୀବନକୁ ଆବଦ୍ଧ କରି ରଖି ହେବ ନାହିଁ । ଏହି ମନଟା ଆମ ରୂପାନ୍ତରର ସର୍ବୋଚ୍ଚ ସଂଦେଶବାହକ ହୋଇ ପାରିବ ନାହିଁ । ମନ ଦ୍ୱାରା ଜୀବନର ରୂପାନ୍ତର ସମ୍ଭବ ନୁହେଁ । ପ୍ରାଣକୁ କିଛି ସମୟ ପାଇଁ କବଳିତ କରି ବା ଦବାଇ କରି ରଖାଯାଇପାରେ, ମାତ୍ର ପରିଶେଷରେ ଏହା ବୁଦ୍ଧିଠାରୁ ଅଧିକ ଶକ୍ତିଶାଳୀ ବୋଲି ଜଣା ପଡ଼େ । କାରଣ ପ୍ରାଣ ଭିତରେ ପ୍ରବଞ୍ଚକ ଉପାଦାନସବୁ କାର୍ଯ୍ୟ କରୁଥା'ନ୍ତି ଯାହା ମୂଳ ପ୍ରବୃତ୍ତିଗୁଡ଼ିକୁ ପୁଣି ଥରେ ପ୍ରତିଷ୍ଠିତ କରି ଦିଅନ୍ତି । ପ୍ରାଣ ଯଦି ନିଜର ଅଧିକାର ସାବ୍ୟସ୍ତ କରି ନପାରେ ତେବେ ତାହା ଆପଣାର କ୍ଷତି ଘଟାଇ ସ୍ଥିତିର ପ୍ରତିଶୋଧ ନିଏ । ଫଳରେ ସମାଜ ମଧ୍ୟ କ୍ଷତିଗ୍ରସ୍ତ ହୁଏ । ମନୁଷ୍ୟ ସମାଜ ଯେତେବେଳେ ପ୍ରାଣ ପ୍ରବୃତ୍ତିକୁ ଦବାଇ ରଖିବାରେ ବିଫଳ ହୁଏ ବା ପ୍ରାଣକୁ ଏକ ଉଚ୍ଚତର ଆଦର୍ଶର ଅଧୀନ କରି ନପାରେ ସେତେବେଳେ ତାହା ବୁଦ୍ଧିକୁ କାର୍ଯ୍ୟରେ ଲଗାଏ ଏବଂ ବୁଦ୍ଧିର ଆଲୋକରେ ପ୍ରାଣକୁ କିଛିଟା ଆଲୋକିତ କରି ରଖିବାକୁ ଚେଷ୍ଟା କରେ ।

ସାମ୍ପ୍ରତିକ ଜଡ଼ବାଦୀ ଯୁଗରେ ଏହାହିଁ ଦେଖା ଯାଇଥିଲା । ମନୁଷ୍ୟ ତା'ର ବୁଦ୍ଧି ଦ୍ୱାରା ପ୍ରାଣ ଓ ଜଡ଼କୁ ତନ୍ନ ତନ୍ନ କରି ଅଧ୍ୟୟନ କରିବାକୁ ଚାହିଁଲା । ଜ୍ଞାନକୁ ଉପଯୋଗ କରି ପ୍ରାଣିକ ଓ ଭୌତିକ ଜୀବନକୁ ଅଧିକ ସୁଖମୟ କରି ଗଢ଼ିବା ପାଇଁ ଚେଷ୍ଟା କଲା । ଉତ୍ପାଦନ, ସମ୍ପତ୍ତି ଅର୍ଜନ ଓ ସମ୍ପତ୍ତି ଭୋଗର ଯେଉଁ ପ୍ରବୃତ୍ତି ତା'ଭିତରେ ରହିଛି ତାହାକୁ ସୁବ୍ୟବସ୍ଥିତ କରିବାରେ ତା'ର ବୌଦ୍ଧିକ ଜ୍ଞାନ ତାକୁ ସାହାଯ୍ୟ କଲା । ଏକ ଜଡ଼ବାଦୀ, ବାଣିଜ୍ୟ ପ୍ରଧାନ ଓ ଅର୍ଥନୀତି କୈନ୍ଦ୍ରିକ ଯୁଗର ଏହାହିଁ ଥିଲା ମୁଖ୍ୟ ଲକ୍ଷଣ । ସେହି ଯୁଗରେ ନୀତିବାଦୀ ମନଟି ପ୍ରାଣପ୍ରବୃତ୍ତି ପାଖରେ ହାର ମାନୁଥିଲା । ତା'ର ଆତ୍ମବିଶ୍ୱାସ କ୍ରମେ ହ୍ରାସ ପାଇ ଯାଉଥିଲା । ସୌନ୍ଦର୍ଯ୍ୟବୋଧ ଓ ବୁଦ୍ଧି ମନୁଷ୍ୟ ସତ୍ତା ପାଇଁ କେବଳ ଏକ ଶୋଭାବର୍ଦ୍ଧନକାରୀ ରୂପେ କାର୍ଯ୍ୟ

କରିବା ଛଡ଼ା ଅଧିକ କିଛି କରିପାରୁ ନଥିଲା । ମନୁଷ୍ୟର ସକଳ ବିଚାରଶକ୍ତି ବା ବୁଦ୍ଧିଗତ ଶକ୍ତି ପ୍ରାଣ ଓ ଜଡ଼ର ସେବାକାରୀ ଭାବେ ନିଯୁକ୍ତ ହୋଇଥିଲା । ମାତ୍ର ବିଶ୍ୱଯୁଦ୍ଧ ସଂଘଟିତ ହେବା ପରେ ପ୍ରାଣଗତ ଜୀବନର ବିପୁଳ ବିକାଶ ଏକ ଶକ୍ତ ଆଘାତର ସମ୍ମୁଖୀନ ହେଲା । ଅର୍ଥନୀତି, ବାଣିଜ୍ୟ ଓ ଶାସନ ଦୃଷ୍ଟିରୁ ପୃଥିବୀକୁ ଅଧିକରୁ ଅଧିକ ଭୋଗ କରିବା ସକାଶେ ସଭ୍ୟଦେଶଗୁଡ଼ିକ ପରସ୍ପର ମଧ୍ୟରେ ତୁମୁଳ ଯୁଦ୍ଧରେ ଲିପ୍ତ ହେଲେ । ସେମାନଙ୍କର ସକଳ ରାଜନୀତି ଓ କୂଟନୀତି ମୂଳରେ ସେଇ ପ୍ରାଣସର୍ବସ୍ୱ ଓ ଭୋଗସର୍ବସ୍ୱ ବିଚାରଧାରାହିଁ କାର୍ଯ୍ୟ କରୁଥିଲା । ଯଦିଓ କିଛି ସମୟ ପାଇଁ ଏକ ଉଦାର ଓ ହିତୈଷୀ ଭାବନାର ଜାଗରଣ ଘଟିଲା ଏବଂ ତା'ଫଳରେ ପୃଥିବୀର ଅବସ୍ଥାରେ ଉନ୍ନତି ହେବ ବୋଲି ଆଶାଟିଏ ସଞ୍ଚାର ହେଲା, ତଥାପି ତାହା ଆନ୍ତରିକତାର ଅଭାବ ଯୋଗୁଁ ତିଷ୍ଠି ରହି ପାରିଲା ନାହିଁ । ଏବେ ପୁଣି ସେଇ ପ୍ରାଣବାଦୀ ଓ ଭୋଗବାଦୀ ପ୍ରବୃତ୍ତି ନୂତନଭାବେ ଯୁଗଚେତନାକୁ ଆକ୍ରାନ୍ତ କରିଛି । ଭଲ ଅବସ୍ଥା ଆସିବାର ଆଶା କ୍ରମଶଃ କ୍ଷୀଣ ହୋଇ ଯାଉଛି । ଚତୁର୍ଦ୍ଦିଗରେ ଅନ୍ଧକାର ଓ ଅରାଜକତା ମାଡ଼ି ଆସିଛି । ଏହା ସତ୍ତ୍ୱେ ଯେ ଏକ ନୂତନ ବିଶ୍ୱ କ୍ରମଶଃ ପ୍ରସ୍ତୁତ ହୋଇ ଆସୁଛି ଏବଂ ଏକ ନୂତନ ଯୁଗର ଉଦୟ ହେବାକୁ ଯାଉଛି, ବିଶ୍ୱାସର ଆଖି ନହେଲେ ଏକଥା ଦେଖି ହେବ ନାହିଁ ।

ଏହି ଅପୂର୍ବ ଜାଗରଣଟିର ପ୍ରଥମ ପରିଣାମସ୍ୱରୂପ ଏକ ପୁରାତନ ଆଦର୍ଶ ପାଖକୁ ପ୍ରତ୍ୟାବର୍ତ୍ତନ ଘଟିଲା । ଅର୍ଥାତ୍, ବ୍ୟକ୍ତିଗତ, ଜାତୀୟ ଓ ଆନ୍ତର୍ଜାତିକ ଜୀବନକୁ ସୁବ୍ୟବସ୍ଥିତ କରିବା ପାଇଁ ବୁଦ୍ଧିଶକ୍ତି ଓ ନୀତିବାଦୀ ମନର ଉପଯୋଗ କରାଗଲା । ମାତ୍ର ଏହା ଏକ ଯଥାର୍ଥ ସମାଧାନ ନଥିଲା । ଯଥାର୍ଥ ସମାଧାନ ଆହୁରି ଗଭୀରରେ ରହିଛି । ତାହା ରହିଛି ଆତ୍ମାର କ୍ଷେତ୍ରରେ । ଆତ୍ମାହିଁ ଆମର ଯଥାର୍ଥ ସ୍ୱଭାବର କ୍ଷେତ୍ର । ତାହାହିଁ ଆମ ସତ୍ତାର ଉଚ୍ଚତମ ସ୍ୱରୂପ । କିନ୍ତୁ ସେଇଠି ଆମେ ଏ ଯାଏ ପହଞ୍ଚି ପାରିନାହୁଁ । ଆମକୁ ଦିନେ ଏଇ ଆତ୍ମାକୁ ଉପଲବ୍ଧି କରିବାକୁ ପଡ଼ିବ ଏବଂ ତା' ସହିତ ଏକୀଭୂତ ହେବାକୁ ପଡ଼ିବ । ଦାର୍ଶନିକ ନିତ୍ସେ ଯେଉଁ ଶକ୍ତିଶାଳୀ ଓ ଆଲୋକିତ ପ୍ରାଣିକ ଇଚ୍ଛାର କଥା କହିଛନ୍ତି ତା'ଠୁଁ ଏହି ଆତ୍ମା ଅଲଗା ଜିନିଷ । ଆମର ଆତ୍ମା ବା ଆଧ୍ୟାତ୍ମିକ ସତ୍ତା ଆମର ମାନସିକ ସତ୍ତାକୁ ଅଧ୍ୟାତ୍ମଭାବ ଦ୍ୱାରା ପରିବର୍ତ୍ତିତ କରି ଏକ ନିମିତ୍ତ ରୂପେ ବ୍ୟବହାର କରିବ । ଆତ୍ମାର ଆଦର୍ଶ ଓ ନିର୍ଦ୍ଦେଶ ଅନୁସାରେ ଜୀବନଟିଏ ବଞ୍ଚିଲେ ତଦ୍ୱାରା ଆମର ପ୍ରାଣଗତ ଓ ଭୌତିକ ପ୍ରକୃତିର ଲକ୍ଷ୍ୟ ଓ କ୍ରିୟାରେ ରୂପାନ୍ତର ଘଟି ପାରିବ ।

ଏହି ସୂତ୍ରକୁ ଅବଲମ୍ବନ କରି ଆମେ ଆମର ସର୍ବୋଚ୍ଚ ସମ୍ଭାବନାକୁ ଉପଲବ୍ଧି କରିପାରିବା । ନିମ୍ନତର ସମ୍ଭାବନା ଭିତରେ ସନ୍ତୁଷ୍ଟ ହୋଇ ବସି ଯିବାରେ କୌଣସି ନିରାପତ୍ତା ନାହିଁ । ଉଚ୍ଚତମ ସମ୍ଭାବନା ଆଡ଼କୁ ସର୍ବଦା ଉନ୍ମୁଖ ହୋଇ ରହିବାରେହିଁ ନିରାପତ୍ତା ରହିଛି । ଯଦିଓ ଉଚ୍ଚତମ ସମ୍ଭାବନାକୁ ଅନୁସରଣ କରିବାରେ ବିପଦ ଅଛି ବୋଲି ଆମକୁ ମନେ ହୋଇପାରେ କିନ୍ତୁ ତଥାପି ସେହି ବିପଦହିଁ ଆମକୁ ବିଜୟ ଓ ନିରାପତ୍ତା ଆଣିଦେବ । ନିମ୍ନତର ସମ୍ଭାବନାକୁ ଅନୁସରଣ କରିବା ହୁଏତ ନିରାପଦ, ସହଜ ଓ ଆରାମଦାୟକ ମନେ ହୋଇପାରେ, ମାତ୍ର ତାହା ପ୍ରକୃତରେ ନିଷ୍ଫଳତାରେହିଁ ଶେଷ ହୁଏ । ସେଇ ନିମ୍ନତର ଆଦର୍ଶଟି ଆମକୁ ଲକ୍ଷ୍ୟହୀନ ଭାବରେ ବୃତ୍ତାକାର ପଥରେ ଘୂରାଇ ନେଇ ଚାଲିଥାଏ କିଂବା ଅତଳ ଗର୍ଭରେ ନେଇ ପକାଇଥାଏ ଅଥବା ଆମେ ଚିର ଅଜ୍ଞାନର କାଦୁଅ ଭିତରେ ଲାଖି ଯିବାର ଦୁର୍ଦ୍ଦଶା ଭୋଗ କରିପାରୁ । ଅର୍ଥାତ୍, ଆମର ସକଳ ଅଗ୍ରଗତି ବନ୍ଦ ହୋଇ ଯାଇପାରେ ଏବଂ ଆମେ ନଷ୍ଟଭ୍ରଷ୍ଟ ହୋଇ ଯାଇପାରୁ । ମାତ୍ର ଆମର ଯଥାର୍ଥ ଓ ସ୍ୱାଭାବିକ ପଥଟି କେବଳ ଶିଖର ଆଡ଼କୁ ହିଁ ପଡ଼ିଥାଏ । ଉଚ୍ଚତମ ଆଧ୍ୟାତ୍ମିକ ସତ୍ୟ ଓ ଚେତନା ଆଡ଼କୁ ଆଗେଇ ଚାଲିବାରେହିଁ ଆମ ଜୀବନର ନିରାପତ୍ତା ଓ ସାର୍ଥକତା ନିହିତ ।

ସୁତରାଂ ଆମକୁ ସେଇ ପୁରାତନ ରହସ୍ୟ ଅନୁସନ୍ଧାନର ପଥକୁ ପୁଣି ଫେରି ଆସିବାକୁ ହେବ । ପାର୍ଥିବ ଜୀବନରେ ଭଗବତ୍ ସାମ୍ରାଜ୍ୟର ଆଦର୍ଶଟିକୁ ସମ୍ଭବ କରିବା ପାଇଁ ପ୍ରୟାସ କରିବାକୁ ହେବ । ମନ, ପ୍ରାଣ ଓ ଶରୀର ଉପରେ ଚିନ୍ମୟତାର ରାଜତ୍ୱକୁ ପ୍ରତିଷ୍ଠା କରିବାହିଁ ସେହି ଗୁପ୍ତ ରହସ୍ୟ ବା ଗୁପ୍ତ ସତ୍ୟ । ଏହି ଉଚ୍ଚତର ଲକ୍ଷ୍ୟଟିକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇ ନଥିବାରୁ ପ୍ରାଚୀନ ଏସୀୟ ଜାତିମାନେ ଏ ଯାଏ ବଞ୍ଚି ରହିଛନ୍ତି, ବିଲୁପ୍ତ ହୋଇ ନାହାନ୍ତି । ନାନା ବିପର୍ଯ୍ୟୟ ଓ ପଥଭ୍ରାନ୍ତି ସତ୍ତ୍ୱେ ସେଇ ଆଧ୍ୟାତ୍ମିକ ଲକ୍ଷ୍ୟଟିକୁ ହୃଦୟ ଭିତରେ ସାଇତି ରଖି ପାରିଥିବାରୁ ସେମାନେ ତିଷ୍ଠି ରହିଛନ୍ତି, ସତେ ଯେମିତି ଅମର ହୋଇ ରହିଛନ୍ତି । ସେମାନେହିଁ ଏକ ନୂତନ ଉଷା ଲାଗି ପ୍ରସ୍ତୁତ ହୋଇ ପାରିବେ । ଅନ୍ୟପକ୍ଷରେ ଇଉରୋପୀୟ ଜାତିମାନେ ବୁଦ୍ଧି ଦେହଗତତାକୁ ସର୍ବସ୍ୱ କରି ସାମୟିକ ସଫଳତା ହାସଲ କରିଥିଲେ ମଧ୍ୟ ପରିଶେଷରେ ଦୁର୍ଗତିରେହିଁ ଯାଇ ପଡ଼ିଛନ୍ତି ।

ଏସୀୟ ଜାତିମାନେ ଯଦି ଅଳ୍ପ ସମୟ ଲାଗି ବିଫଳତା ଭୋଗ କରିଛନ୍ତି ତାହାର କାରଣ ହେଲା ସେମାନେ ଆଧ୍ୟାତ୍ମିକତାକୁ ଯଥେଷ୍ଟ ପରିମାଣରେ ଆପଣେଇ ନାହାନ୍ତି । ଆଧ୍ୟାତ୍ମିକତା ଯେ ଜୀବନର ସର୍ବୋଚ୍ଚ ମୀମାଂସକ ଓ ନିୟାମକ ଏହା ସମ୍ପୂର୍ଣ୍ଣ ଭାବରେ ଶିକ୍ଷା କରିପାରି ନଥିବାରୁହିଁ ସେମାନଙ୍କୁ ବିଫଳତା ଭୋଗ କରିବାକୁ ହୋଇଛି ।

ଏସୀୟ ଜାତିମାନେ ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ବିଭାଜନ ଓ ବ୍ୟବଧାନ ସୃଷ୍ଟି କରିଛନ୍ତି ଅଥବା ସେ ଦୁଇଟି ମଧ୍ୟରେ ସାଲିସ କରିଛନ୍ତି । ଏହା ସେମାନଙ୍କ ବିଫଳତାର ଅନ୍ୟ ଏକ କାରଣ । ଏପରି ଏକ ସାଲିସ ଉପରେ ପ୍ରତିଷ୍ଠିତ ସାମାଜିକ ଓ ଧାର୍ମିକ ବ୍ୟବସ୍ଥା ମନୁଷ୍ୟକୁ କିଛି ସମୟ ଲାଗି ସନ୍ତୁଷ୍ଟ କରି ପକାଏ ସିନା, ମାତ୍ର ତା'ର ଅଗ୍ରଗତି ଲାଗି ଏହା ଆଦୌ ଅନୁକୂଳ ନୁହେଁ ।

ସୁତରାଂ ଜୀବନ ଓ ଆଧ୍ୟାତ୍ମିକତା ଏ ଦୁଇଟି ମଧ୍ୟରୁ କେବଳ ଗୋଟିକର ପାଖରେହିଁ ବାନ୍ଧି ହୋଇ ରହିଯିବା ବା ସେ ଦୁଇଟି ମଧ୍ୟରେ ସାଲିସ କରି ସନ୍ତୁଷ୍ଟ ହୋଇ ରହିଯିବା ଏକ ବିରାଟ ପ୍ରମାଦ ଛଡ଼ା ଆଉ କିଛି ନୁହେଁ । ଆଧ୍ୟାତ୍ମିକତାର ଆହ୍ୱାନ ଅନ୍ୟସବୁ ଆହ୍ୱାନଠାରୁ ଏଇଥି ପାଇଁ ଅଧିକ ବଳଶାଳୀ ଯେ ଏହା ବ୍ୟକ୍ତିକୁ ସର୍ବଦା ଶେଷ ପର୍ଯ୍ୟନ୍ତ ତାହାର ଅନୁସରଣ କରିବା ଲାଗି ପ୍ରେରିତ କରୁଥାଏ । ବିଭାଜନ, ବିଚ୍ୟୁତି ବା ସାଲିସ ଆମକୁ ଶେଷ ପର୍ଯ୍ୟନ୍ତ ଯିବା ପାଇଁ ଦିଏ ନାହିଁ । ଏହା ଆମକୁ ପରିପୂର୍ଣ୍ଣତା ଆଣି ଦେଇପାରେ ନାହିଁ । ଆମକୁ ପ୍ରକୃତରେ ଶେଷ ପର୍ଯ୍ୟନ୍ତ ଯିବାକୁ ହେବ । ଅର୍ଥାତ୍, ଆତ୍ମା ବା ଆଧ୍ୟାତ୍ମିକତା ଦ୍ୱାରା ସବୁକିଛି ଉପରେ ବିଜୟ ଲାଭ କରିବାକୁ ହେବ । ଭବିଷ୍ୟତ୍ ପୃଥିବୀର ପରିପୂର୍ଣ୍ଣତାକାମୀ ସାଧକମାନଙ୍କରହିଁ ରାଜତ୍ୱ ପ୍ରତିଷ୍ଠିତ ହେବ । ଶେଷ ଅବତାରଙ୍କ ଆବିର୍ଭାବ ଦ୍ୱାରା ଯେଉଁ ପରିପୂର୍ଣ୍ଣତା ସମ୍ଭବ ହେବ ବୋଲି ହିନ୍ଦୁ ଧର୍ମରେ ପ୍ରତୀକାତ୍ମକ ଭାବରେ କୁହାଯାଇଛି ସେଇ ପରିପୂର୍ଣ୍ଣତାକୁ ଆଧ୍ୟାତ୍ମିକତାହିଁ ସମ୍ଭବ କରିପାରିବ ।

(କ୍ରମଶଃ) ❑

## ଏକାଗ୍ରତା

*ପ୍ରଶ୍ନ : ଏକାଗ୍ରତା କ'ଣ ?*

ଶ୍ରୀମା : ଚେତନାର ବିକ୍ଷିପ୍ତ ଖିଅସବୁକୁ ଗୋଟେଇ ଆଣି କେବଳ ଗୋଟିଏ ବିନ୍ଦୁ, ଗୋଟିଏ ବିଚାର ଉପରେ କେନ୍ଦ୍ରିତ କରିବା । ଯେଉଁମାନେ ପରିପୂର୍ଣ୍ଣ ମନୋଯୋଗ ଲାଭ କରିପାରନ୍ତି ସେମାନେ ଯେଉଁ କାମ ହାତକୁ ନିଅନ୍ତି ପ୍ରତ୍ୟେକଟିରେ ସଫଳ ହୁଅନ୍ତି ଓ ସବୁବେଳେ ଦ୍ରୁତ ଅଗ୍ରଗତି ଲାଭ କରିବେ । ଏହି ପ୍ରକାର ଏକାଗ୍ରତାର ଅଭିବୃଦ୍ଧି ମାଂସପେଶୀର ଅଭିବୃଦ୍ଧି ଭଳି କରା ଯାଇପାରେ । ତୁମେ ତାଲିମର ଭିନ୍ନ ଭିନ୍ନ ପ୍ରଣାଳୀ ଭିନ୍ନ ଭିନ୍ନ ଧାରା ଅନୁସରଣ କରିପାର । ଉଦାହରଣ ସ୍ୱରୂପ ଆଜି ଆମେ ଜାଣୁ ଯେ ଅତି ଦୟନୀୟଭାବେ ଦୁର୍ବଳ ବ୍ୟକ୍ତି ଶୃଙ୍ଖଳା ଆଚରଣ ଫଳରେ ଯେ କୌଣସି ଶକ୍ତିଶାଳୀ ଲୋକର ସମକକ୍ଷ ହୋଇପାରେ । ତୁମର ସଂକଳ୍ପ ଅସ୍ଥିର ଭାବେ ଦପ୍ ଦପ୍ ହୋଇ ଜଳୁଥିବା ଏକ ବତିର ଆଲୁଅ ପରି ହେବା ଉଚିତ ନୁହେଁ ।

ଇଚ୍ଛାଶକ୍ତି ଓ ଏକାଗ୍ରତାର ନିୟମିତ ଚର୍ଚ୍ଚା ହେବା ଦରକାର । ଏହା ଏକ ପଦ୍ଧତି ଓ ନିୟମିତ ବ୍ୟାୟାମର କଥା । ତୁମେ ଯଦି ସଂକଳ୍ପ କର ତୁମେ ପାରିବ ।

କିନ୍ତୁ ''କ'ଣ ଲାଭ'' ଏ ଚିନ୍ତା ଯେପରି ଆସି ସଂକଳ୍ପକୁ ଦୁର୍ବଳ ନ କରେ । ଜଣେ ଏକ ନିର୍ଦ୍ଦିଷ୍ଟ ସ୍ୱଭାବ ନେଇ ଜନ୍ମ ହୋଇଥାଏ ଓ ସେ ଏବିଷୟରେ କିଛି କରିପାରିବ ନାହିଁ, ଏ ଧାରଣା ଏକ ନିର୍ବୋଧତା ।

(CWM, Vol. 4, p.5) — ଶ୍ରୀମା

# ସଫଳତା ବିଫଳତାର ମାନଦଣ୍ଡ

**ମନୋଜ ଦାସ**

### ଜ୍ଞାନ ପର୍ଯ୍ୟାୟ
### କାରିକା - ୩୧

"What I wished or thought to be the right thing does not come about; therefore it is clear that there is no All-Wise one who guides the world but only blind Chance or a brute Causality."

(Thoughts and Aphorisms)

''ଯାହା ଠିକ୍ ବୋଲି ମୁଁ ଇଚ୍ଛା କରୁଛି ବା ଭାବୁଛି, ତାହା କିନ୍ତୁ ହେଉ ନାହିଁ । ତେଣୁ ଏକଥା ସ୍ପଷ୍ଟ ଯେ ଏ ପୃଥିବୀକୁ ପରିଚାଳିତ କରୁଥିବା ପୂର୍ଣ୍ଣପ୍ରାଜ୍ଞ କେହି ନାହିଁ । କିନ୍ତୁ ଅଛି ଖାଲି ଅନ୍ଧ ଯୋଗାଯୋଗ ଅଥବା ନିର୍ମମ କାର୍ଯ୍ୟକାରଣ ଧାରା ।''

*

ଉପରୋକ୍ତ ଗୋଟିଏ ଯୋଡ଼ିଏ ବାକ୍ୟରେ ଯାହା ପ୍ରକଟିତ ତାହା ପ୍ରାୟ ସମସ୍ତଙ୍କର ଏକ ନିତ୍ୟନୈମିତ୍ତିକ ଅଭିଯୋଗ । କିଏ ହୁଏତ କଥାଟିକୁ ସିଧାସଳଖ କହେ, କିଏ ବା କହେ ତିର୍ଯ୍ୟକ୍ ରୀତିରେ । କିନ୍ତୁ ଘଟଣାପ୍ରବାହ ମୋ ଅଭିଳାଷ ଅନୁସାରେ ଗତି ନକଲେ, ମୁଁ ଅନ୍ତତଃ ଅସନ୍ତୁଷ୍ଟ ନିଶ୍ଚୟ ହେବି; କେବେ କେବେ ବିଧିର ବିଧାନ ବିରୋଧରେ ଅଭିଯୋଗମୂଳକ ମନ୍ତବ୍ୟ ଦେବି । ଏହା ଦୈନନ୍ଦିନ ବ୍ୟାପାର ।

ଏଭଳି ମାନସିକତାର ପଛଭୂମିରେ ରହିଛି ମଣିଷର ଗତାନୁଗତିକ ଅବଚେତନ ଧାରଣା ଯେ ସିଏ ସ୍ୱୟଂ ହେଲା ଜଗତର କେନ୍ଦ୍ରବିନ୍ଦୁ । ତାକୁ ଯେମିତି ସୁହାଇବ, ସେହିମତେ ଯାବତୀୟ ଘଟଣା ଘଟିବା ଲୋଡ଼ା । ଅର୍ଥାତ୍, ଜୀବନର ଲକ୍ଷ୍ୟ ହେଲା ନିଷ୍କଣ୍ଟକ ସୁଖ, ସ୍ୱାଚ୍ଛନ୍ଦ୍ୟ ଉପଭୋଗ । ଯଦି ବିଧାତା ବା ଭଗବାନ୍ ଥିବେ, ତାଙ୍କ କର୍ତ୍ତବ୍ୟ ହେଲା ମୋର ଏହି ଲକ୍ଷ୍ୟ-ପୂରଣ ଦିଗରେ ସେ ପଥ ପରିଷ୍କାର କରିଦେବେ । ନହେଲେ ବିଧାତା ବା ଭଗବାନଙ୍କର ଆବଶ୍ୟକତା କ'ଣ ?

ଅବଶ୍ୟ ଅପେକ୍ଷାକୃତ ବିକଶିତ ମାନସିକତାସମ୍ପନ୍ନ ଲୋକେ ଏଡ଼େ ସ୍ଥୂଳ ଭାବରେ ବିଚାର ନକରି ଭିନ୍ନ ଶୈଳୀରେ ନିଜ ଅଭିମାନ ପ୍ରକଟ କରନ୍ତି । ଅନେକ ସମୟରେ ମୁଁ ଗୋଟାଏ ମହତ୍ କାର୍ଯ୍ୟରେ ହାତ ଦେଇଥାଇପାରେଁ — ଏବଂ ସେ କାର୍ଯ୍ୟର ସଫଳତା ଦିଗରେ ବିଧାତା ସହାୟକ ହେବା ମୁଁ ଆଶା କରେଁ । କିନ୍ତୁ ତାହା ଯଦି ନହୁଏ, ଯଦି ସେଭଳି ଏକ ଜନହିତକର ବା ସାମାଜିକ ପର୍ଯ୍ୟାୟରେ ମଙ୍ଗଳକର କାର୍ଯ୍ୟରେ ମଧ୍ୟ ବାଧାବିଘ୍ନ ଉପୁଜେ କିଂବା କାର୍ଯ୍ୟଟି ବିଫଳ ହୁଏ, ତେବେ ମୋ ମନରେ ସନ୍ଦେହ ଉପୁଜି ଥାଏ, ବାସ୍ତବିକ କ'ଣ ଗୋଟାଏ ଶୁଭଙ୍କର ଶକ୍ତି ଏ ପୃଥିବୀକୁ ପରିଚାଳିତ କରୁଛି ? ଯଦି କରୁଥା'ନ୍ତା, ତେବେ ଭଲ କାମରେ ଏମିତି ବିଭ୍ରାଟ ଦେଖା ଦିଅନ୍ତା କାହିଁକି ? ବୋଧ ହୁଏ ସେମିତି କିଛି ସଚେତନ ଶକ୍ତିର ଅସ୍ତିତ୍ୱ କଳ୍ପନା ମାତ୍ର । ପୃଥିବୀ ଚାଲିଛି ନାନାଦି ଆକସ୍ମିକ ଯୋଗାଯୋଗ କ୍ରମେ; ସାଧାରଣ ବୁଦ୍ଧିଗତ କାର୍ଯ୍ୟକାରଣର ନିୟମ ଅନୁସାରେ; ଏପରି କୌଣସି ମହତ୍ ଶକ୍ତି ନାହିଁ, ଯାହା ଏହି ଯାନ୍ତ୍ରିକ ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିପାରେ; ଏପରି କୌଣସି କରୁଣାମୟ ଦିବ୍ୟ ପ୍ରଭାବ ନାହିଁ ଯାହା ଭଲ କାମ ଓ ମାମୁଲି କାମ ଭିତରେ ପାର୍ଥକ୍ୟ ବାରିପାରେ ଏବଂ ଭଲ କାମର ପ୍ରଗତିରେ ପୃଷ୍ଠପୋଷକତା କରିପାରେ ।

ଏହି ପର୍ଯ୍ୟାୟର ଧାରଣା, ଅଭିମାନ ଓ ସିଦ୍ଧାନ୍ତ ମହତ୍ତର ଆଧ୍ୟାତ୍ମିକ ଦୃଷ୍ଟିରୁ ପିଲାଳିଆ ଅଭ୍ୟାସ । ଆମେ ସୁଖ, ସନ୍ତୋଷ ଓ ସ୍ୱାଚ୍ଛନ୍ଦ୍ୟର ଅନ୍ୱେଷଣ କରିବାରେ କୌଣସି ଦୋଷ ନାହିଁ । କିନ୍ତୁ ଜୀବନର ଲକ୍ଷ୍ୟ ସେହି ଅନ୍ୱେଷଣରେ ସୀମିତ ନୁହେଁ । ଯେଉଁ ସତ୍, ଚିତ୍ ଓ ଆନନ୍ଦର ଉପଲବ୍ଧିରେ ଆମର ଲକ୍ଷ୍ୟ ପର୍ଯ୍ୟବସିତ, ଆମ ଅଜ୍ଞାନ ବା ଅର୍ଦ୍ଧ-ଜ୍ଞାନ ଇଚ୍ଛା ସେ ଦିଗରେ ଅନ୍ତରାୟ ହୋଇପାରେ । 'ବିଫଳତା' ବା 'ସଫଳତା' ସମ୍ପର୍କରେ ଆମର ଯେଉଁ ସାମାଜିକ ଧାରଣା, ତାହାର ଆଧ୍ୟାତ୍ମିକ ମୂଲ୍ୟ କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମନେ ପଡୁଛି ଜଣେ ବନ୍ଧୁଙ୍କ କଥା । ନାମ ରବର୍ଟ ଡେନ୍ । ସେ ଥିଲେ ଆମେରିକାର ଜଣେ ସଫଳ, ସୁଦକ୍ଷ ଚିତ୍ରାଭିନେତା । ପରେ ହେଲେ ପ୍ରଯୋଜକ । ବାଂଲାଦେଶ ମୁକ୍ତି ସଂଗ୍ରାମ ଉପରେ

ଚିତ୍ରଟିଏ କରିବା ମାନସରେ ସେ ଦଳବଳ ଧରି ଭାରତ ଓ ବାଂଲାଦେଶ ବୁଲି ଦେଖିଲେ । ଚିତ୍ରନାଟ୍ୟ ପ୍ରସ୍ତୁତ ହେଲା । ବିଭିନ୍ନ ତାତ୍ପର୍ଯ୍ୟପୂର୍ଣ୍ଣ ସ୍ଥାନ ପର୍ଯ୍ୟବେକ୍ଷଣ ଅବସରରେ ସେ ଯାଇ ଆସାମର ଡିଗ୍‌ବୟରେ ପହଞ୍ଚିଲେ । ଯେଉଁ ବଙ୍ଗଳାରେ ରହୁଥିଲେ, ତା'ର ଅଦୂରରେ ଛୋଟ ପାହାଡ଼ଟିଏ ଉପରେ ଏକ ସୁନ୍ଦର କୁନି ଘର । ବଙ୍ଗଳାର ଚୌକିଦାରକୁ ସେ ଘରର ପରିଚୟ ପଚାରନ୍ତେ, ସେ କହିଲା, ''ସାହେବ ଲୋକ୍‌କା ମନ୍ଦିର୍ !''

''ଗିର୍ଜା ? ସେ ଭଳି ତ ଦିଶୁ ନାହିଁ !'' ସ୍ୱଗତୋକ୍ତି ଭଳି ଏତକ କହି ସେ ଯାଇ ସେଠାରେ ପହଞ୍ଚିଲେ । ତାହା 'ମାତୃମନ୍ଦିର' : ଏକ ଶ୍ରୀଅରବିନ୍ଦ କେନ୍ଦ୍ର ।

ସେଠାକାର ବନ୍ଧୁମାନଙ୍କ ସହ ଆଳାପ ହେଲା । ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ସେ କିଛି ଜାଣି ଚମତ୍କୃତ ହେଲେ । କିନ୍ତୁ ସେ ଦିଗରେ ଧ୍ୟାନ ଦେବା ଭଳି ସମୟ ନାହିଁ । ଦିଲ୍ଲୀ ଯାଇ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା କରିବାକୁ ହେବ । ସୈନ୍ୟବାହିନୀ ସୌଜନ୍ୟରେ ନକଲ ଯୁଦ୍ଧର ଛବି ନ ଉଠାଇଲେ ଚିତ୍ର ବାସ୍ତବ ଧାରଣା ଦେଇ ପାରିବ ନାହିଁ । ତାଙ୍କର ବିଶ୍ୱାସ ହେଲା, କର୍ତ୍ତୃପକ୍ଷ ସେଥିରେ ସମ୍ମତି ଦେଲେ । ସେ ଆମେରିକା ଯାଇ ଆଉ ସମସ୍ତ ପ୍ରସ୍ତୁତି ଶେଷ କରି ଭାରତ ଆସିଲେ । ହାୟ ! ସରକାର କହିଲେ କି ଭାରତର ପ୍ରତିରକ୍ଷା ବାହିନୀ ସେ ଚିତ୍ରରେ ଅଂଶ ଗ୍ରହଣ କଲେ ଭୁଲ୍ ବୁଝାବୁଝି ହେବାର ସମ୍ଭାବନା ରହିଛି । ଅତଏବ ସମ୍ଭବ ନୁହେଁ ।

ରବର୍ଟ ଡେନ୍ ହତାଶ ହେଲେ, କିନ୍ତୁ ହାଲ ଛାଡ଼ିଲେ ନାହିଁ । ସେତେବେଳକୁ ସେ ବହୁ ଅର୍ଥ ବ୍ୟୟ କଲେଣି । ଏପରିକି ଯିଏ ସଙ୍ଗୀତ ନିର୍ଦ୍ଦେଶ ଦେବେ, ତାଙ୍କୁ ମଧ୍ୟ ଅଗ୍ରିମ ଦେଇ ସାରିଲେଣି । ଶେଷ ଚେଷ୍ଟା ପାଇଁ ସେ ଉଡ଼ିଗଲେ ଢାକା । ମୁଜିବୁର୍ ରହମନ୍‌ଙ୍କ ସହ ସହୃଦୟ ସାକ୍ଷାତ୍ ହେଲା – ଦୀର୍ଘ ସମୟ । ''ଚମତ୍କାର !'' କହିଲେ ବଙ୍ଗବନ୍ଧୁ ମୁଜିବୁର୍ । ''ଆମ ଐତିହାସିକ ସଂଗ୍ରାମ ଓ ସହସ୍ର ବଙ୍ଗବାସୀଙ୍କ ବଳିଦାନର ବଳିଷ୍ଠ ଆଲେଖ୍ୟ ହେବ ଏ ଚିତ୍ର ।''

ପରଦିନ ମୁଜିବୁର୍ ତାଙ୍କ ପ୍ରଧାନ ସେନାପତି ଏବଂ ତାଙ୍କ ସହକାରୀବର୍ଗଙ୍କ ସହ ପୁନର୍ବାର ବୈଠକରେ ବସିଲେ । ରବର୍ଟ ଡେନ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ସମସ୍ତ ସହାୟତା ସହଯୋଗ ଦେବାର ଆଦେଶ ସେ ଘୋଷଣା କରିଦେଲେ । ତାହା ଲିପିବଦ୍ଧ ହେଲା । ହୃଷ୍ଟଚିତ୍ତ ରବର୍ଟ ଲେଉଟି ଆସିଲେ କଲିକତା । ଗ୍ରାଣ୍ଡ୍ ହୋଟେଲରେ ବି ସେଯାଏ ଟି. ଭି. ନ ଥାଏ । ରେଡିଓ ଥାଏ । କିନ୍ତୁ ସେ ବଡ଼ କ୍ଲାନ୍ତ । ଶୋଇ ପଡ଼ିଲେ ।

ପ୍ରଭାତରେ ପାଇଲେ ସଂବାଦପତ୍ର । ପ୍ରଚଣ୍ଡ ଶିରୋନାମା : ସାମରିକ ଆତତାୟୀମାନଙ୍କ ଦ୍ୱାରା ମୁଜିବୁର୍ ରହମନ୍ ସପରିବାର ନିହତ !

ନିଃସ୍ପନ୍ଦ ବସି ରହିଲେ ରବର୍ଟ । କାହିଁକି କେଜାଣି, ଡିଗ୍‌ବୟର ସେ ନିର୍ଜନ ପାହାଡ଼ ଉପରିସ୍ଥ 'ମାତୃମନ୍ଦିର'ର ଛବି ବାରଂବାର ତାଙ୍କ ସ୍ମୃତିରେ ଭାସି ଉଠିଲା । ମନ ହେଲା, ସେଠିଯାଇ କିଛି ଦିନ ଚୁପ୍‌ଚାପ୍ ରହିବେ । ପରେ ପରେ ମନେ ହେଲା, ଯଦି ସେଠାକୁ ଯିବେ, ତେବେ ସେ ପ୍ରତିଷ୍ଠାନର ଯାହା ଉତ୍ସ, ସେହି ପଣ୍ଡିଚେରୀ ନଯିବେ କାହିଁକି ?

ସେ ଆସିଲେ । ତାଙ୍କର ପୁନର୍ଜନ୍ମ ହେଲା । ପରବର୍ତ୍ତୀ ସମୟରେ ସେ ଲସ୍ ଆଞ୍ଜେଲସ୍ଥିତ ଶ୍ରୀଅରବିନ୍ଦ କେନ୍ଦ୍ରର ସେକ୍ରେଟାରୀ ରୂପେ ଅନଳସ କାର୍ଯ୍ୟରତ ରହିଥିଲେ ଜୀବନର ଶେଷ ସପ୍ତାହ ପର୍ଯ୍ୟନ୍ତ । ଏ ଲେଖକକୁ ସେ କହୁଥା'ନ୍ତି, ''ସାମାନ୍ୟ କେତେ ଲକ୍ଷ (ଡଲାର) କ୍ଷତି ଦେଇ ଯେଉଁ ବିପୁଳ ଲାଭ ପାଇଲି, ତା'ର ମୂଲ୍ୟାୟନ କରିବା ଭଳି ଅଙ୍କ ଜ୍ଞାନ ମୋର ନାହିଁ ।'' କହିବା ବେଳେ ସଚ୍ଚା ସାଫଲ୍ୟଜନିତ ହର୍ଷରେ ଉଦ୍‌ଭାସିତ ହେଉଥାଏ ତାଙ୍କ ମୁଖମଣ୍ଡଳ ।

ସଫଳତା ବିଫଳତାର ସଂଜ୍ଞା ଆଧ୍ୟାତ୍ମିକ ଦୃଷ୍ଟିରୁ ଭିନ୍ନ ।

['ପ୍ରଜ୍ଞା-ପ୍ରଦୀପିକା'ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୭୧ - ୭୩]

❑❑❑

ବାଧାଟି ଉପରେ ବିଜୟ ଲାଗି ଏକ ଦୀର୍ଘଶ୍ୱାସ ଅପେକ୍ଷା ଏକ ସ୍ମିତହାସ୍ୟ ମଧ୍ୟରେ ବେଶୀ ଶକ୍ତି ନିହିତ ଥାଏ ।

(CWM, Vol. 14, p. 229) — ଶ୍ରୀମା

# ଦେହ

## ଶ୍ରୀଅରବିନ୍ଦ



ଦିନେ ଏ ଶରୀର ଥିଲା ଅଖିଳ ଭୁବନ ମୋର,
ନଗଣ୍ୟ ବେତନ ଭୋଗୀ ଆଜି ମୋହରି ଆତ୍ମାର, –
ତା’ ଦାନବ ଗତି ବହେ ଅତ୍ୟକ୍ଷ ଏ ଧନାଗାର,
ବିଶାଳୁଁ ବିଶାଳ ଲକ୍ଷ୍ୟେ ରଚେ ଅଭିସାର ତା’ର ।

ସାଧ୍ୟ ନାହିଁ ସେ ବିପୁଳ ପ୍ରୟୋଜନେ କରିବାକୁ ପୂର୍ଣ୍ଣ
ପୂର୍ଣ୍ଣ କରିପାରେ ତାକୁ କେବଳ ସେ ଅନନ୍ତ ଅସୀମ :
ତଥାପି ସାଇତି ରଖେ, ତାହାକୁ ସେ ଗୁପ୍ତ ଆବରଣେ
ଗୋପନେ ସେ ଛାଡ଼ପତ୍ର ଯିବା ପାଇଁ ଅନନ୍ତ ଅୟନେ ।

ସମ୍ମୁଖରେ ପ୍ରସାରିତ ସୀମାହୀନ ଦେଶ ଆଉ କାଳ
ପ୍ରାକୃତିକ ଦୃଶ୍ୟସବୁ ହିରଣ୍ମୟ ଘଟଣାବଳିର;
ହୃଦୟ ହୋଇଛି ମଧୁ ଏବଂ ସୁଗଭୀର ରଭସେ ରସାଳ,
ମନ ତା’ ନିରତ ଧାୟେ ବିରାଟ ସେ ବସ୍ତୁ ସୁଦୂରର ।

ନିଖିଳ ଭୁବନ ସହ ସମାର୍ଥକ ସମସୀମାବର୍ତ୍ତୀ
ସଂବୃଦ୍ଧ କିପରି କୁହ କ୍ଷୁଦ୍ର ଗୃହେ କ୍ଷୁଦ୍ର ଗୃହବାସୀ !

[ଶ୍ରୀଅରବିନ୍ଦଙ୍କ ରଚିତ **"The Body"** କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

ଏପରି କେହି ନାହିଁ ଯାହା ପକ୍ଷରେ ଭଗବାନଙ୍କୁ ଉପଲବ୍ଧି କରିବା ଅସମ୍ଭବ । କେବଳ କେତେକଙ୍କ କ୍ଷେତ୍ରରେ ଏହା ଅନେକ, ଅନେକ ଜନ୍ମ ନେଇପାରେ, ଅନ୍ୟମାନଙ୍କ କ୍ଷେତ୍ରରେ ଏହା ଏହି ଜୀବନକାଳ ମଧ୍ୟରେ ସାଧିତ ହୋଇପାରେ । ଏହା ଏକ ସଂକଳ୍ପର କଥା । ବାଛି ନେବାଟା ତୁମ ଉପରେ ନିର୍ଭର କରେ ।

କିନ୍ତୁ ମୁଁ କହିପାରେ ବର୍ତ୍ତମାନ ମୁହୂର୍ତ୍ତରେ ଅବସ୍ଥା ବିଶେଷଭାବେ ଅନୁକୂଳ ।

(CWM, Vol. 16, p. 409) — ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୧)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (କ) :

ମହାଭାରତର କୁରୁକ୍ଷେତ୍ର ଯୁଦ୍ଧରେ ଶ୍ରୀକୃଷ୍ଣ ସଶରୀରେ ଉପସ୍ଥିତ ରହି ତାଙ୍କ ଦିବ୍ୟ ଶକ୍ତିର ପରିଚାଳନା ପ୍ରତି ସଚେତନ ଓ ଗ୍ରହଣଶୀଳ (ମାଧ୍ୟମ) ପାଣ୍ଡବମାନଙ୍କୁ ନିମିତ୍ତ ମାତ୍ର କରି ଯେମିତି ଧରାପୃଷ୍ଠରେ ଧର୍ମ-ସଂସ୍ଥାପନ କରିଥିଲେ, ଠିକ୍ ସେମିତି ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ* ଶ୍ରୀମାଶ୍ରୀଅରବିନ୍ଦ ତାଙ୍କ ଦିବ୍ୟ ଶକ୍ତିର ପରିଚାଳନା ପ୍ରତି ସଚେତନ ଓ ଗ୍ରହଣଶୀଳ ଆଧାରଗଣଙ୍କୁ ନିମିତ୍ତ ମାତ୍ର କରି ଧରାପୃଷ୍ଠରେ ନବସୃଷ୍ଟିର, ଅର୍ଥାତ୍ ଅତିମାନସ ସୃଷ୍ଟିର ପ୍ରାରମ୍ଭିକ ପରିବେଶ ସୃଷ୍ଟି କରିଥିଲେ । ଏହି ଦୁଇଟିର କାଳ-ପର୍ଯ୍ୟାୟରେ ତଫାତ ଏତିକି ଯେ ଶ୍ରୀମାଶ୍ରୀଅରବିନ୍ଦ ତାଙ୍କର ପରିଚାଳନା କାର୍ଯ୍ୟ ଲୋକ-ଲୋଚନର ଅନ୍ତରାଳ (occult plane)ରୁହିଁ ସମ୍ପାଦନ କରୁଥିଲେ । ବିଶ୍ୱ-ବିଦ୍ୟାଳୟରୁ ସର୍ବୋଚ୍ଚ ମାନର ଉପାଧି ପ୍ରାପ୍ତ ଐତିହାସିକ ଗବେଷକଗଣଙ୍କ ପକ୍ଷରେ ତଥାକଥିତ ଇତିହାସରୁ ଏ ସମ୍ବନ୍ଧରେ ଜ୍ଞାନ-ସଞ୍ଚୟ କରିବା ଏକେବାରେ କଳ୍ପନାତୀତ । କାରଣ ଏହି କାର୍ଯ୍ୟ ସୂକ୍ଷ୍ମ-ସ୍ତରରେହିଁ ସଂଘଟିତ ହେଉଥିଲା ।

ଏହି ଅଧ୍ୟାୟରେ ଏବଂ ପରବର୍ତ୍ତୀ କେତୋଟି ଅଧ୍ୟାୟରେ ଆମେ ଆନ୍ତରିକ ଭାବରେ ଚେଷ୍ଟା କରିବୁ ଉପରୋକ୍ତ ଐତିହାସିକ ବିଶ୍ୱ-ଘଟଣାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ହସ୍ତକ୍ଷେପର କିଞ୍ଚିତ୍ ଆଭାସ ଦେବାକୁ; ମୁଖ୍ୟତଃ ଦୁହିଁଙ୍କ ବର୍ଣ୍ଣନାରୁ । ଏହି ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ନୀରଦବରଣ ତାଙ୍କର 'Twelve Years with Sri Aurobindo' ପୁସ୍ତକରେ 'ଆଧୁନିକ କୁରୁକ୍ଷେତ୍ର ' (Modern Kurukshetra) ବୋଲି ଉଲ୍ଲେଖ କରିଛନ୍ତି ।

ଶ୍ରୀମା ନିଜେ ଘୋଷଣା କରିଥିଲେ ଯେ ଏହି ଦ୍ୱିତୀୟ ବିଶ୍ୱ ଯୁଦ୍ଧଟି ହେଉଛି ତାଙ୍କର ଯୁଦ୍ଧ । ଜନୈକ ଶିଷ୍ୟ ଶ୍ରୀମା'ଙ୍କର ଏହି ମନ୍ତବ୍ୟ ଉପରେ ସନ୍ଦେହ ପ୍ରକାଶ କରି ଶ୍ରୀଅରବିନ୍ଦଙ୍କୁ ପତ୍ରଟିଏ ଲେଖିଥିଲେ । ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ :

''ମୁଁ ତୁମକୁ ପୁଣି ନିଶ୍ଚିତ ରୂପେ ଅତ୍ୟନ୍ତ ଦୃଢ଼ତାର ସହିତ କହୁଛି ଯେ ଏହି ଯୁଦ୍ଧଟି ହେଉଛି ଶ୍ରୀମା'ଙ୍କ ଯୁଦ୍ଧ । ତୁମର ଏପରି ଧାରଣା କରିବା ଏକାନ୍ତ ଅବାନ୍ତର ଯେ ଏହିଟି ହେଉଛି କେତୋଟି ନିର୍ଦ୍ଦିଷ୍ଟ ଦେଶ, ଏପରିକି ଭାରତବର୍ଷ ବିରୋଧରେ ଅନ୍ୟ କେତୋଟି ଦେଶର ସଂଘର୍ଷ । ଏହା ହେଉଛି ପୃଥିବୀପୃଷ୍ଠରେ ମାନବଜାତିର ଜୀବନଧାରାରେ ଏକ ଅଭିନବ ଆଦର୍ଶର ପ୍ରତିଷ୍ଠା ବିରୋଧରେ ସଂଘର୍ଷ । କାରଣ ପୃଥିବୀପୃଷ୍ଠରେ ଏକ ପରମସତ୍ୟ ନିଜକୁ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧ ହୋଇଉଠିବା ସକାଶେ ସକ୍ରିୟ ରହିଥିବା ବେଳେ ଏହା ବିରୋଧରେ ଅତ୍ୟନ୍ତ

---

* ୧୯୧୪-୧୯୧୮ ମସିହା ମଧ୍ୟରେ ଘଟିଥିବା 'ପ୍ରଥମ ବିଶ୍ୱଯୁଦ୍ଧ'କୁ 'ବିଷମ ଯୁଦ୍ଧ' ('ଗ୍ରେଟ୍ ୱାର୍') ବୋଲି କୁହାଯାଉଥିବା ବେଳେ ୧୯୩୯-୧୯୪୫ ମଧ୍ୟରେ ଘଟିଥିବା 'ଦ୍ୱିତୀୟ ବିଶ୍ୱଯୁଦ୍ଧ'କୁ ସାଧାରଣତଃ 'ବିଶ୍ୱବ୍ୟାପୀ ସଂଘର୍ଷ' ନାମରେ ସୂଚିତ କରାଯାଇଥାଏ । ଏହା ଥିଲା ପୃଥିବୀ ଇତିହାସରେ ଅତି ବିଷମ ଏବଂ ଅତ୍ୟନ୍ତ ମାରାତ୍ମକ ଯୁଦ୍ଧ । ପ୍ରଥମ ବିଶ୍ୱଯୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ମୁଖ୍ୟତଃ ୟୁରୋପୀୟ ମହାଦେଶରେ ପରିଚାଳିତ ହୋଇଥିବା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ କେବଳ ୟୁରୋପରେ ସନ୍ନିବେଶିତ ହୋଇ ରହି ନଥିଲା, କିନ୍ତୁ ଏହା ଏସିଆ, ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ବିକ୍ଷିପ୍ତ ଭାବରେ ଅବସ୍ଥିତ ଦୂରବର୍ତ୍ତୀ ଦ୍ୱୀପପୁଞ୍ଜଗୁଡ଼ିକୁ ମଧ୍ୟ ସଞ୍ଚାରିତ ହୋଇ ଯାଇଥିଲା । ସତର ନିୟୁତରୁ ଅଧିକ ବିଭିନ୍ନ ଧରଣର ଆକ୍ରମଣାତ୍ମକ ସାମରିକ ବାହିନୀ ଏହି ମର୍ମନ୍ତୁଦ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ । ଏହାର ଲୋମହର୍ଷଣକାରୀ ପରିଚାଳନା-ପଦ୍ଧତିରେ ବିଶାଳ ଦେଶସବୁର ଅର୍ଥଶକ୍ତିର ସାମର୍ଥ୍ୟ ଅତ୍ୟଧିକ ବିପନ୍ନ ଅବସ୍ଥାର ସମ୍ମୁଖୀନ ହୋଇଥିଲା ଏବଂ ଏକାଧିକ ଦେଶକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସମୁଖୀ କରି ଦେଇଥିଲା ।

('Encyclopedia Americana' : Vol. 29, p. 364)

ଶକ୍ତିଶାଳୀ ଏକ ଅନ୍ଧକାର ଓ ଅଦିବ୍ୟ ଶକ୍ତିର ସଂଘର୍ଷ, ଯାହାକି ନିକଟ ଭବିଷ୍ୟତରେ ସମଗ୍ର ପୃଥିବୀ ତଥା ମାନବଜାତିକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସ କରିବାକୁ ପ୍ରବଳ ଭାବରେ ସଚେଷ୍ଟ ରହିଛି । ତେଣୁ ଏହି ଯୁଦ୍ଧର ପଶ୍ଚାତରେ ସକ୍ରିୟ ଥିବା ଦୁଇଟି ଶକ୍ତି ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ରହିଥିବା ଆବଶ୍ୟକ; ଉପରଠାଉରିଆ କୌଣସି ଘଟଣା ସହିତ ଏହି ଘଟଣା ବା ଅନ୍ୟ ଏକ ଘଟଣା ସମ୍ପୃକ୍ତ ବିଷୟବସ୍ତୁ ଉପରେ ନୁହେଁ । ... ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଯଦି ଅଦିବ୍ୟ ଶକ୍ତିର ବିଜୟ ହୁଏ, ତେବେ ... ପୃଥିବୀପୃଷ୍ଠରେ ଅସତ୍ୟ ଓ ଅନ୍ଧକାର ଶକ୍ତିର ରାଜ୍ୟ ତଥା ଏକ ନିଷ୍ଠୁର ରାଜନୀତି ସ୍ଥାପିତ ହେବ ଏବଂ ସର୍ବାଧିକ ମାନବଜାତିର ଏପରି ଅଧଃପତନ ଘଟିବ ଯେ ଯାହାକୁ ଭାରତବାସୀ ସ୍ୱପ୍ନରେ ବି ଭାବି ନଥିବେ କି ଇତିପୂର୍ବରୁ କେବେ ବି ଅଙ୍ଗେ ଲିଭାଇ ନଥିବେ ।

''ଅପରପକ୍ଷରେ ଯଦି ଦିବ୍ୟ ଶକ୍ତିର ଯିଏକି ମାନବଜାତିର ମୁକ୍ତ ଭବିଷ୍ୟତ୍ ପ୍ରତିଷ୍ଠା କରାଇବା ନିମିତ୍ତ ନିଜକୁ ଘୋଷଣା କରିଛି, ଏହାର ବିଜୟଲାଭ ହୁଏ, ତେବେ ଏହା ଆସନ୍ନ ଭୟାବହ ବିପଦରୁ ନିଜକୁ ରକ୍ଷା କରିପାରିବ ଏବଂ ପରିଣାମସ୍ୱରୂପ ଏପରି ଅବସ୍ଥା ସକଳର ସୃଷ୍ଟି ହୋଇ ପାରିବ ଯେଉଁଥିରେ ପୃଥିବୀରେ ଏକ ମହାନ୍ ଆଦର୍ଶ ଗଢ଼ି ଉଠିବାର, ଏକ ଦିବ୍ୟ ମହାନ୍ କର୍ମ ସମ୍ପାଦିତ ହେବାର ଏବଂ ଏକ ଆଧ୍ୟାତ୍ମିକ ମହାନ୍ ସତ୍ୟର ଅଭିବୃଦ୍ଧି ସକାଶେ ଅନୁକୂଳ ସମ୍ଭାବନା ସୃଷ୍ଟି ହୋଇ ପାରିବ; ପୃଥିବୀପୃଷ୍ଠରେ ସ୍ୱାଭାବିକ ଭାବରେ ଏହିସବୁ ସମ୍ଭାବନାକୁ ପ୍ରତିଷ୍ଠିତ କରାଇବା ନିମିତ୍ତ ଆମେ (ମୁଁ ଏବଂ ଶ୍ରୀମା) ପ୍ରତିନିଧିତ୍ୱ କରୁଛୁ । ଯେଉଁ ଦେଶ ସକଳ ଏହି ମହାନ୍ ଉଦ୍ଦେଶ୍ୟ ସାଧନ ନିମିତ୍ତ ଯୁଦ୍ଧ କରୁଛନ୍ତି, ସେମାନେ ଭଗବାନଙ୍କ ରାଜତ୍ୱ ନିମିତ୍ତ ସଂଗ୍ରାମରତ ରହିଛନ୍ତି ଏବଂ ତୀବ୍ର ଭୟ ପ୍ରଦର୍ଶନକାରୀ ଅସୁର ଶକ୍ତିର ସାର୍ବଭୌମ ରାଜତ୍ୱର ବିରୋଧରେ ସଂଗ୍ରାମ କରୁଛନ୍ତି ।''

('On Himself', SABCL, Vol. 26, p. 394)

*

ଏବେ ନୀରଦବରଣଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''... ବର୍ତ୍ତମାନ ଆମେ ୧୯୩୮ ମସିହାର ସଂକଟମୟ ପରିସ୍ଥିତିକୁ ଫେରିଯାଉଛୁ, ଯେତେବେଳେ ସମଗ୍ର ୟୁରୋପର ଆକାଶରେ ଯୁଦ୍ଧର ଘନକୃଷ୍ଣ ମେଘମାଳା ଘୋଟି ଆସୁଥିଲା ଏବଂ ତୋପର ବଜ୍ରନିର୍ଘୋଷ ଧ୍ୱନିରେ ଗଗନ-ପବନ କମ୍ପି ଉଠୁଥିଲା, ସେତେବେଳେ ଏକ ପ୍ରବଳ ସମ୍ଭାବନା ଥିଲା ଯେ ଡିସେମ୍ବର ମାସରେହିଁ ଯୁଦ୍ଧ ଲାଗିଯିବ — ଯେଉଁଦିନ ଶ୍ରୀଅରବିନ୍ଦଙ୍କ ଦୁର୍ଘଟଣା ଘଟିଥିଲା, ସେହି ନଭେମ୍ବର ରାତ୍ରିର ଠିକ୍ ସପ୍ତାହକ କି ଦୁଇ ସପ୍ତାହ ପରେ । କିନ୍ତୁ ଆମମାନଙ୍କ ସହିତ କଥୋପକଥନରେ ଶ୍ରୀଅରବିନ୍ଦ ସ୍ପଷ୍ଟ ରୂପେ ସୂଚନା ଦେଇଥିଲେ ଯେ ତାଙ୍କର ଦିବ୍ୟ ଶକ୍ତି ଏହି ଆକ୍ରମଣକୁ ପରେ ଘଟାଇବା ସକାଶେ ଘୁଞ୍ଚାଇ ଦେଇଥିଲା । କାରଣ ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଯୁଦ୍ଧ ଘୋଷଣା କରାଯାଇଥିଲେ ତାଙ୍କର ଦିବ୍ୟ କର୍ମରେ ପ୍ରଭୂତ ମାତ୍ରାରେ ବାଧା ସୃଷ୍ଟି କରିଥା'ନ୍ତା । ଆମେ ନିଃସନ୍ଦେହରେ ଏହି ଘଟଣାରୁ ଅନୁମାନ କରିପାରୁ ଯେ ଯେଉଁ ଦୁର୍ଜୟ ଶକ୍ତିସମୂହ ଯାହାକୁ କୌଣସି ମାନବୀୟ ଶକ୍ତି ପ୍ରତିରୋଧ କରିବା ଅସମ୍ଭବ ଥିଲା, ସେହି ପ୍ରଚଣ୍ଡ ପ୍ରକୋପୀ ଶକ୍ତିରାଜି ପରିଶେଷରେ ତାଙ୍କରି ଉପରେହିଁ ଦାଉ ସାଧିଲା, ଯିଏ ସେସବୁକୁ ଆକସ୍ମିକ ଭାବରେ ରୋକି ଦେଇଥିଲେ । ଶ୍ରୀଅରବିନ୍ଦଙ୍କର ସେହି ନଭେମ୍ବରରେ ଘଟିଥିବା ଦୁର୍ଘଟଣାର ଏହାହିଁ ଅନ୍ତର୍ନିହିତ କାରଣ । ...''

('Twelve Years with Sri Aurobindo' : p. 117-18)

ଏ ସମ୍ବନ୍ଧରେ ନୀରଦବରଣଙ୍କର 'Talks with Sri Aurobindo' ପୁସ୍ତକରେ ଶ୍ରୀଅରବିନ୍ଦ ଏହି ମର୍ମରେ ବର୍ଣ୍ଣନା କରିଛନ୍ତି ଯେ ବିରୋଧୀ ଶକ୍ତିରାଜି ଅନେକ ସମୟରେ 'ଦର୍ଶନ' ଦିନମାନଙ୍କରେ ବିଭିନ୍ନ ବାଧା ସୃଷ୍ଟି କରିଥା'ନ୍ତି, କିନ୍ତୁ ପ୍ରତି ଥର ମୁଁ ସେମାନଙ୍କର ବାଧାସବୁକୁ ଏଡ଼ାଇ ଦେବାରେ ବେଶ୍ ସଫଳ ହୋଇଛି । ମୋ ଗୋଡ଼ରେ ଦୁର୍ଘଟଣାଟି ଘଟିବା ମୁହୂର୍ତ୍ତରେ ମୁଁ ଶ୍ରୀମା'ଙ୍କ ଶରୀରରେ କୌଣସି ଆକ୍ରମଣ ନ ଘଟିବା ସକାଶେ ତାଙ୍କ ଉପରେ ଅଧିକ ସତର୍କ ଦୃଷ୍ଟି ରଖିଥିଲି ଏବଂ ନିଜ ସମ୍ବନ୍ଧେ ଏକେବାରେ ବିସ୍ମୃତ ଥିଲି । ମୁଁ ଭାବି ନଥିଲି ଯେ ବିରୋଧୀ ଶକ୍ତିରାଜି ମୋ ଉପରେ ଆକ୍ରମଣ କରିବେ । ଏହିଟି ଥିଲା ମୋର ଭୁଲ୍ ଧାରଣା ।

('Talks with Sri Aurobindo', Vol. 1, p. 41)

ପୁନଶ୍ଚ ଏହି ଦିନର କଥୋପକଥନ ସମୟରେ ଉପସ୍ଥିତ ଜନୈକ ଶିଷ୍ୟ ଗୁରୁଦେବଙ୍କୁ ପ୍ରଶ୍ନ ପଚାରି ଥିଲେ : 'କିନ୍ତୁ ଦୁର୍ଘଟଣାଟି ଘଟିଲା କେମିତି ?' ଗୁରୁଦେବଙ୍କ ଉତ୍ତର : 'ଏହା ଘଟିଥିଲା କାରଣ ମୁଁ ସେଇ ମୁହୂର୍ତ୍ତରେ ସତର୍କ ନଥିଲି ଏବଂ କୌଣସି ଏକ ଶକ୍ତି ମୋତେ ଜୋର୍ କରି ଅବଚେତନ ସ୍ତରକୁ ତା'ର ଗତିପଥ ବଦଳାଇ ଦେଇଥିଲା । ଯୌଗିକ ଅଗ୍ରଗତିରେ

ଏପରି ଏକ ସ୍ଥିତି ରହିଛି ଯେଉଁ ସ୍ଥିତିରେ ସାମାନ୍ୟତମ ଅସାବଧାନତା ବା ଅମନୋଯୋଗିତା ରହିବା ଏକେବାରେ ନିଷିଦ୍ଧ।'

(Purani : 'Evening Talks with Sri Aurobindo' p. 209)

ଶ୍ରୀଅରବିନ୍ଦଙ୍କ ଉପରେ ଘଟିଥିବା ଦୁର୍ଘଟଣା ସମ୍ବନ୍ଧରେ ଶ୍ରୀମା ମନ୍ତବ୍ୟ ଦେଇଥିଲେ : ''ଏହା ଥିଲା ବିରୋଧୀ ଶକ୍ତିର ଏକ ସୁକଳ୍ପିତ ବ୍ୟବସ୍ଥା (formation) ଏବଂ ଶ୍ରୀଅରବିନ୍ଦ ଏଥିନିମିତ୍ତ ଯଥେଷ୍ଟ ସତର୍କତା ଅବଲମ୍ବନ କରି ନଥିଲେ, କାହିଁକି ନା ସେହି ଶକ୍ତିଟି ଆମ ଦୁଇଜଣଙ୍କ ବିରୋଧରେ ପ୍ରେରଣ କରାଯାଇଥିଲା, ବିଶେଷ ଭାବରେ କହିଲେ ମୋ ବିରୋଧରେ। କିନ୍ତୁ ଇତିପୂର୍ବରୁ ପ୍ରାୟ ଦୁଇଥର ଏହା ମୋତେ ବେଶ୍ ହଇରାଣ କରି ବିବ୍ରତ କରି ପକାଉ ଥିଲା। ତେଣୁ ଶ୍ରୀଅରବିନ୍ଦ ଅତ୍ୟନ୍ତ ମନୋଯୋଗପୂର୍ବକ ଏକାଗ୍ର ରହିଥିଲେ ଯଦ୍ଵାରା ଏହା ମୋ ଶରୀର ଉପରେ ଅତର୍କିତ ଭାବରେ ସାଂଘାତିକ ଆଘାତ ଘଟାଇ ନପାରେ। ଏବଂ ଏହି ସ୍ଥିତିର ସୁଯୋଗ ନେଇ ସେହି ଅଦିବ୍ୟ ଶକ୍ତି ଅତର୍କିତ ଭାବରେ କାଇଦା କରି ତାଙ୍କୁ ଭେଟିଥିଲା ଏବଂ ତାଙ୍କ ଗୋଡ଼କୁ ଭାଙ୍ଗି ଦେଇଥିଲା। ଏହା ଥିଲା ଏକ ଜଘନ୍ୟ ଘଟଣା।''

('The Mother's Agenda'; Vol. III, p. 26)

ବର୍ତ୍ତମାନ ଉପରୋକ୍ତ ସମୟ-କାଳରେ ଶ୍ରୀମା-ଶ୍ରୀଅରବିନ୍ଦ ଯେଉଁ ମହାନ୍ ଦିବ୍ୟ କର୍ମ ସମ୍ପାଦନରେ ଏକାଗ୍ର ଥିଲେ, ସେ ସମ୍ବନ୍ଧେ କିଞ୍ଚିତ୍ ଆଭାସ ଦେବୁ।

ଖୁବ୍ ସମ୍ଭବତଃ କେବଳ ଶ୍ରୀମାଶ୍ରୀଅରବିନ୍ଦଙ୍କରହିଁ କୌଣସି ଆସୁରିକ ଶକ୍ତିର କ୍ରିୟାକୁ ସମ୍ପୂର୍ଣ୍ଣ ବିନାଶ କରି ତାକୁ ତା'ର 'ଦିବ୍ୟ ମୂଳଉତ୍ସ'('Origin')ରେ ବିଲୀନ କରାଇ ଦେବାର ଶକ୍ତି ରହିଥିଲା। ୧୯୩୮ରେ ଶ୍ରୀଅରବିନ୍ଦ ତାଙ୍କର ଯୋଗ ସାଧନାର ସ୍ଥିତିରେ ପୃଥିବୀପୃଷ୍ଠରେ ଅତିମାନସ ଶକ୍ତିର ଅବତରଣ ଓ ଅଭିବ୍ୟକ୍ତି ଘଟାଇବାର ମୁହୂର୍ତ୍ତରେହିଁ ଉପନୀତ ହୋଇଥିଲେ – ଏହି ଅଭିବ୍ୟକ୍ତିର ଏକ ସୁସ୍ପଷ୍ଟ ସମ୍ଭାବନା ରହିଥିଲା। ତେଣୁ ଆସୁରିକ ଶକ୍ତି ଏ ସମ୍ବନ୍ଧରେ ଅବଗତ ହୋଇ ନିଜର ଆସନ୍ନ ବିପଦକୁ ପରବାୟ ନକରି ଶ୍ରୀଅରବିନ୍ଦଙ୍କ ଉପରେହିଁ ଉପରୋକ୍ତ ଦୁର୍ଘଟଣା ଘଟାଇବାକୁ ସିଦ୍ଧାନ୍ତ ନେଇଥିଲା। ...

ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସୁଥିବା କତିପୟ ନୈଷ୍ଠିକ ସାଧକଙ୍କ ମତରେ ୧୯୩୮ର ଯେକୌଣସି ମୁହୂର୍ତ୍ତରେ 'ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ଓ କ୍ରିୟା' ଘଟି ପାରିଥା'ନ୍ତା। ଶ୍ରୀଅରବିନ୍ଦ ମଧ୍ୟ ସେହି ସମୟରେ ତାଙ୍କର 'କଥୋପକଥନ' ('Talks with Sri Aurobindo')ରେ ଏହି ମର୍ମରେ ଉଲ୍ଲେଖ କରୁଥିଲେ ଯେ ପ୍ରଚଣ୍ଡ ପ୍ରତିରୋଧ ସତ୍ତ୍ୱେ ଅତିମାନସ ଅବତରଣ କରୁଛି। ସାଧକ କେ. ଡ଼ି. ସେଠନା ଦୃଢ଼ତାର ସହିତ ବ୍ୟକ୍ତ କରିଥିଲେ ଯେ ମୂଳତଃ ଶ୍ରୀମା'ଙ୍କର ପ୍ରତ୍ୟାଶା ଥିଲା ସମଗ୍ର ପୃଥିବୀପୃଷ୍ଠରେ ୧୯୩୮ରେହିଁ 'ସତ୍-ଚିତ୍' (Truth-Consciousness) ଶକ୍ତିର ଅବତରଣ ଓ କ୍ରିୟା ଘଟିବ। ନୀରଦବରଣ ଉଲ୍ଲେଖ କରିଥିଲେ ଯେ ୧୯୩୫ରେ ଶ୍ରୀମା ଜଣେ ସାଧକଙ୍କୁ ଏହି ମର୍ମରେ କହିଥିଲେ ଯେ ଦଶ ବର୍ଷ ମଧ୍ୟରେ ସେ ନିଜେ ଜଣେ ଷୋଡ଼ଶୀ ତରୁଣୀ ସଦୃଶ ପ୍ରତୀୟମାନ ହେବେ। ମୋତେ ମଧ୍ୟ ଶ୍ରୀମା ବିସ୍ତୃତ ଭାବରେ ତାଙ୍କର ଏକ ସୂକ୍ଷ୍ମଦର୍ଶନ ସମ୍ବନ୍ଧେ ବର୍ଣ୍ଣନା କରିଥିଲେ। ଯାହାର ସାରମର୍ମ ଏହିପରି ଥିଲା – ଶ୍ରୀମାଶ୍ରୀଅରବିନ୍ଦ ଦୁହେଁ ଅଳ୍ପ ବୟସ୍କ ଓ ଅତି ସୁନ୍ଦର ଦେଖାଯିବେ, ଦୁହେଁ ଏପରି ହୋଇ ଉଠିବେ ଯେ କୌଣସି ସାଧକ ସେ ଦୁହିଁଙ୍କୁ ହଠାତ୍ ଚିହ୍ନି ପାରିବେ ନାହିଁ। ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ପତ୍ରାବଳିରୁ ଆମମାନଙ୍କର ଏହି ପ୍ରତ୍ୟକ୍ଷବୋଧ ହୋଇଥିଲା ଯେ ନିକଟ ଭବିଷ୍ୟତରେ ଅତିମାନସ ଶକ୍ତିର ଭୌତିକ ସ୍ତରରେ ଅବତରଣ ଘଟିବ। ...

(Georges V. Vrekhem : 'Beyond Man', pp. 212 - 13 ଦ୍ରଷ୍ଟବ୍ୟ)

ଅନେକ ବର୍ଷ ପରେ (୫ ନଭେମ୍ବର, ୧୯୬୧ରେ) ଶ୍ରୀମା ଏହିପରି ବିବୃତ୍ତି ଦେଇଥିଲେ : ''ଦ୍ୱିତୀୟ ବିଶ୍ୱଯୁଦ୍ଧର ସମଗ୍ର କାଳ-ପରିସର ମଧ୍ୟରେ ଶ୍ରୀଅରବିନ୍ଦଙ୍କୁ ଏବଂ ମୋତେ ଅବିରତ ଭାରାକ୍ରାନ୍ତ ଓ ଉଦ୍‌ବେଗ (tension)ରେ କାଳାତିପାତ କରିବାକୁ ପଡୁଥିଲା। କାରଣ ଏହି ସମୟରେ ଆସୁରିକ ଶକ୍ତି ଆମ ଯୋଗର ଅଗ୍ରଗତି ସକଳକୁ ପ୍ରତି ମୁହୂର୍ତ୍ତରେ ତୀବ୍ର ଭାବରେ ବାଧାପ୍ରଦାନ କରିବାରେ ସତତ ଚେଷ୍ଟା ଚଳାଇଥିଲା ଏବଂ ତା'ର ଏହି ନିର୍ଦ୍ଦିଷ୍ଟ କର୍ମ ସମ୍ପାଦନ କରିବା ଉଦ୍ଦେଶ୍ୟରେହିଁ ଯୁଦ୍ଧର ଆଗମନ ଘଟିଥିଲା; ଅର୍ଥାତ୍, ପୃଥିବୀପୃଷ୍ଠରେ ଆମର ଦିବ୍ୟ କର୍ମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେବା। ଏବଂ ଏହି ସମୟ-କାଳରେ ଅତିମାନସର ଏକ ଅସାଧାରଣ ତଥା ବିସ୍ମୟକର ଅବତରଣ ଘଟୁଥିଲା। ଏହା ଥିଲା ଏହି ଧରଣର (ବୃହଦାୟତନ ଓ ଖୁବ୍ ଶକ୍ତିଶାଳୀ ଭାବରେ ଅବତରଣ ଘଟୁଥିବାର ଅଙ୍ଗଭଙ୍ଗୀ କରି) ଏକ ଅବତରଣ। ... ଏହା ଠିକ୍ ୧୯୩୯ର କଥା।

ତା'ପରେ ଯୁଦ୍ଧ ଆରମ୍ଭ ହେଲା ଏବଂ ସବୁକିଛିକୁ ସମ୍ପୂର୍ଣ୍ଣ ରୂପେ ଭଣ୍ଡୁର କରିଦେଲା । କାରଣ ସେତେବେଳେ ଯଦି ଆମେ ବ୍ୟକ୍ତିଗତ ଭାବରେ ଏହି ମହାନ୍ କର୍ମରେ ଏକାଗ୍ର ରହିଥା'ନ୍ତୁ, ତେବେ 'ଅନ୍ୟ ପକ୍ଷ' (ଅର୍ଥାତ୍ ଆସୁରିକ ଶକ୍ତି) ସମଗ୍ର ପୃଥିବୀକୁ ଧ୍ୱଂସମୁଖୀ, କଦର୍ଯ୍ୟ ଓ ବିଶୃଙ୍ଖଳ ପରିସ୍ଥିତିରେ ପକାଇ ଦେଇଥା'ନ୍ତା । ଏବଂ ଆମେ ସେହି ସମୟ-କାଳ ପୂର୍ବରୁ ଆମ କର୍ମର ଚୂଡ଼ାନ୍ତ ସମାପ୍ତି ଘଟାଇ ପାରିବା ସମ୍ବନ୍ଧେ ନିଃସନ୍ଦେହ ନଥିଲୁ । ଏବଂ ଯଦି ଏମିତି ଘଟିଥା'ନ୍ତା, ତେବେ ଶତାବ୍ଦୀ ଶତାବ୍ଦୀ ଧରି ଆମର ଦିବ୍ୟ କର୍ମଟି ସ୍ଥଗିତ ରହି ଯାଇଥା'ନ୍ତା । ତେଣୁ ସେହି ମୁହୂର୍ତ୍ତରେ ଆମ ପକ୍ଷରେ ସର୍ବାଗ୍ରେ କରଣୀୟ କର୍ମ ହୋଇ ଉଠିଥିଲା ଏହି ଆସୁରିକ ଶକ୍ତିର କ୍ରିୟାକୁ ସମୂଳେ ଧ୍ୱଂସ କରିବା – ଅର୍ଥାତ୍, ନିଜର ପରିଚୟ ଦେଉଥିବା 'ରାଷ୍ଟ୍ର ସକଳର ଈଶ୍ୱର' ('Lord of the Nations')ର କ୍ରିୟାକୁ ବନ୍ଦ କରିବା । ଯଥାର୍ଥରେ କହିଲେ, ସେ ପ୍ରକୃତରେ 'ରାଷ୍ଟ୍ରସକଳର ଈଶ୍ୱର' ନଥିଲା, ସେ ଥିଲା 'ବିଶ୍ୱବ୍ୟାପୀ ମିଥ୍ୟାଚାରର ଈଶ୍ୱର' ('Lord of Falsehood') ।''

('The Mother's Agenda' : Vol. 2, p. 374)

ପରମପ୍ରଭୁଙ୍କର ସଂକଳ୍ପ ମୁତାବକ ଶ୍ରୀମା ଚାରୋଟି 'ଅସୁରଙ୍କୁ' ଭେଟିଥିଲେ । ପ୍ରଥମଟିକୁ ଧର୍ମାବଲମ୍ବୀ ଭକ୍ତବୃନ୍ଦ 'ଶନି'(Saturn) ବୋଲି କହିଥା'ନ୍ତି । ସେ ଥିଲା 'ଚେତନାର ଅସୁର' ('Asura of Consciousness') । ସେ ଶ୍ରୀମା'ଙ୍କ ସଂସ୍ପର୍ଶରେ ଆସି ନିଜସ୍ୱ ମୂଳ ଉତ୍ସରେ ବଦଳି ଯାଇଥିଲା ଏବଂ ଏବେ ବି ସେ ପୃଥିବୀପୃଷ୍ଠରେ ରୂପାନ୍ତର କ୍ରିୟା ଘଟାଇବାରେ ଶ୍ରୀମା'ଙ୍କୁ ସାହାଯ୍ୟ କରି ଚାଲିଛି, କିନ୍ତୁ ସୂକ୍ଷ୍ମ ସ୍ତରରେ । ଦ୍ୱିତୀୟଟି ହେଉଛି 'ଦୁଃଖଯନ୍ତ୍ରଣାର ଅସୁର'('Asura of Suffering') । ସେ ଶ୍ରୀମା'ଙ୍କ ସଂସ୍ପର୍ଶରେ ଆସି ନିଜକୁ ପରମପ୍ରଭୁଙ୍କ ସହିତ ସମ୍ପୂର୍ଣ୍ଣ ରୂପେ ବିଲୀନ କରି ଦେଇଥିଲା । ତୃତୀୟଟି ହେଉଛି 'ମୃତ୍ୟୁର ଈଶ୍ୱର'('Lord of Death') । ଏହି ଅସୁରର ମାଧ୍ୟମ ଥିଲେ ଆଲ୍‌ଜେରିଆର ଗୂଢ଼ବିଦ୍ୟା ବିଶାରଦ ମାକ୍ସ ତେଓଁ । ତେଣୁ ତେଓଁ ତାଙ୍କ ବିଦ୍ୟାର ଏକ ବିଶେଷ ପ୍ରକ୍ରିୟାରେ ଶ୍ରୀମା'ଙ୍କୁ ସୂକ୍ଷ୍ମ ସ୍ତରରେ ଉପଯୁକ୍ତ ମାଧ୍ୟମ ରୂପେ ପ୍ରସ୍ତୁତ କରି 'ଗୂଢ଼-ଜୀବନୀ ଶକ୍ତିର ମନ୍ତ୍ର' ('Mantra of Life')କୁ ନିଜ କରାୟତ୍ତରେ ରଖିବାକୁ ଚାହିଁଥିଲା । ଏହି ମନ୍ତ୍ରଟି ସୂକ୍ଷ୍ମ ଜଗତର ଏକ ନିର୍ଦ୍ଦିଷ୍ଟ ସ୍ତରରେ ସଂସ୍କୃତରେ 'ମୀରା' ନାମ ଥାଇ ଜଉମୁଦର ମୋହର ସହିତ ନିଭୃତ ସ୍ଥାନରେ ନିରାପଦରେ ସାଇତି ରଖା ଯାଇଥିଲା । ... ତେଓଁଙ୍କର ତୀବ୍ର ଆକାଙ୍କ୍ଷା ଥିବା ସତ୍ତ୍ୱେ ଶ୍ରୀମା ତାଙ୍କ ଅନ୍ତରର ଦିବ୍ୟବାଣୀ ଶ୍ରବଣପୂର୍ବକ ସେଇଟିକୁ ତେଓଁଙ୍କୁ ହସ୍ତାନ୍ତର କରି ନଥିଲେ । ତେଓଁ ଏଥିରେ ଭୀଷଣ ଭାବରେ କ୍ରୋଧାନ୍ୱିତ ହୋଇ ଶ୍ରୀମା'ଙ୍କୁ ତାଙ୍କର ସେହି ନିଗୂଢ଼ ସ୍ତରରେ କ୍ରିୟା କରୁଥିବା ମୁହୂର୍ତ୍ତରେହିଁ ମାରି ଦେବାକୁ ସିଦ୍ଧାନ୍ତ ନେଲେ । ... ଶ୍ରୀମା କିନ୍ତୁ ତାଙ୍କର ଆଧ୍ୟାତ୍ମିକ ଶକ୍ତି ବଳରେ କଠୋର ପ୍ରୟାସପୂର୍ବକ ନିଜର ଭୌତିକ ଶରୀରରେ ପୁନଃ ପ୍ରବେଶ କରିବାରେ ସକ୍ଷମ ହୋଇଥିଲେ । ଏହା ଥିଲା ୧୯୦୭ର ଘଟଣା; ଆଲ୍‌ଜେରିଆର ତ୍ଲେମ୍‌ସେନ୍‌ରେ ଘଟିଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ।

ଶ୍ରୀମା ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସହିତ ରହିଥିବା ବେଳେ ପୁଣି ସେହି ସିଲ୍‌ମୋହର ଥିବା ବସ୍ତୁଟିକୁ ଉଦ୍ଧାର କରି ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରିଥିଲେ । ଶ୍ରୀମା ଏହି ଅସୁରକୁ ପରିବର୍ତ୍ତନ କରି ପାରି ନଥିଲେ । ତେଓଁ ୧୯୨୭ରେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେହି ଅସୁର ପୃଥିବୀପୃଷ୍ଠରେ କ୍ରିୟାଶୀଳ ଥିଲା । ...

ଚତୁର୍ଥଟି ଥିଲା 'ବିଶ୍ୱବ୍ୟାପୀ ମିଥ୍ୟାଚାରର ଅସୁର' ('Lord of Nations') । ଦ୍ୱିତୀୟ ବିଶ୍ୱଯୁଦ୍ଧ ଘଟାଇବାର ମୂଳରେ ଏହି ଅସୁରଟି ଥିଲା ପ୍ରବଳ ପ୍ରତାପୀ ଓ ପ୍ରକୋପୀ । ଏହି ଅସୁର ହିଟ୍‌ଲରକୁ ତା'ର ସର୍ବଶ୍ରେଷ୍ଠ ଓ ଅଗ୍ରଗଣ୍ୟ ମାଧ୍ୟମ (first-rate medium) ରୂପେ ପାଇଥିଲା ।

(Sujata Nahar : "The Mother's Chronicles",
Vol. 1 ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ହେ ଦିବ୍ୟ ଜନନି !

## ସୁନାମଣି ରାଉତ

"Mother, be with me, now and always. Envelope me with your presence. Raise and purify me with your touch. Inhabit me with your living image."

(A prayer given to a disciple) – Sri Aurobindo

''ମା, ରହିଥାଅ ମୋ ସାଥେ ସାଥେ, ବର୍ତ୍ତମାନ ଏବଂ ସର୍ବଦା । ମୋତେ ଆବରିତ କର ତୁମ ଉପସ୍ଥିତି ଯୋଗେ । ତୁମ ସ୍ପର୍ଶ ଯୋଗେ ମୋତେ କର ଉନ୍ନୀତ ଓ ଶୁଦ୍ଧାୟିତ । ମୋ' ଭିତରେ ଅଧିଷ୍ଠାନ କରୁ ତୁମର ଜୀବନ୍ତ ଭାବମୂର୍ତ୍ତି ।''

— ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ହେ ଦିବ୍ୟ ଜନନି !**' କବିତାଟିର ପରିକଳ୍ପନା ଓ ରୂପାୟନ ।]

---

ଅବିଦ୍ୟାରେ ଭରା ଏ ସାରା ସଂସାରେ
ମାଆର ପଣତକାନି,
ଅଭୟ ମୁଦ୍ରାରେ ଆବରିଛି ମୋତେ
ହରିବାକୁ ମୋର ଗ୍ଲାନି ॥୧॥

ଜୀବନରେ କେତେ ଦୁଃଖ ଶୋକ ଭୋକ
ଅଘଟଣ, ହୀନିମାନ,
ସବୁର ଊର୍ଦ୍ଧ୍ୱେ ଜୀବନ ଗଢୁଛ
ଅତୀତରୁ ବର୍ତ୍ତମାନ ॥୨॥

ହେ ଦିବ୍ୟ ଜନନି, ଆଲୋକ ନନ୍ଦିନୀ
ମୋର ସାଥେ ଥାଅ ରହି,
ପୂର୍ଣ୍ଣ କର ମୋ ଜୀବନ ପାତ୍ର
ତବ କୃପା ବାରି ଦେଇ ॥୩॥

ତୁମରି ଆଶିଷ ପରଶେ ମା'ଗୋ
ଅନ୍ଧକାର ଯିବ ଧୋଇ,
ଆତ୍ମା ମୋହର ମୁକୁଳିତ ହେବ
ଦିବ୍ୟ ପରଶ ପାଇ ॥୪॥

ତୁମ ସ୍ଥିତି, ତୁମ ଉପସ୍ଥିତି ଲଭି
ଦୁର୍ଗତିର ହିମାଳୟ,
ଭାଙ୍ଗି ଚୂରମାର ହୋଇ ଜୀବନକୁ
କରିଦେବ ମଧୁମୟ ॥୫॥

ଭୂମିରୁ ଭୂମାକୁ ପ୍ରସାରିତ ହେଉ
ମୋ ଆତ୍ମା-କୁସୁମ-ବାସ,
ଅଲୋଡ଼ା ଅନ୍ଧାର ଦୂର ହେଉ ମା'ଗୋ
ଲଭି ତବ ଦିବ୍ୟ ହସ ॥୬॥

ତବ ଭାବମୂର୍ତ୍ତି ଅଧିଷ୍ଠିତ ହେଉ
ମୋ ହୃଦୟ-ମନ୍ଦିରରେ,
ଭକ୍ତି ଅର୍ଘ୍ୟ ବାଢ଼ି ପୂଜିବି ତୁମକୁ
ସ୍ମରୁଥିବି ନିରନ୍ତରେ ॥୭॥

ପରମା ଜନନୀ, ଅଭୟ ଦାୟିନୀ
ରହିଥାଅ ମୋର ସାଥେ,
ମାନସରୁ ଅତିମାନସକୁ ଯାତ୍ରା
ଦିବ୍ୟ ଜୀବନ ପଥେ ॥୮॥ ❑



# ସଙ୍ଗହିଁ ବ୍ୟକ୍ତିର ଉନ୍ନତି ବା ଅବନତିର କାରଣ

## ରାମକୃଷ୍ଣ ଦାସ

ମନୁଷ୍ୟ ସଂସାରର ଗୋଟିଏ ଛୋଟ ଆକାରର ଅନ୍ୟ ରୂପ । ବିରାଟ ଭଗବାନଙ୍କ ମଧ୍ୟରେ ସମସ୍ତ ସଂସାର ବିଦ୍ୟମାନ ଥାଏ । ମନୁଷ୍ୟ ଭଗବାନଙ୍କ ଅଂଶ । ସଂସାରରେ ଭଲମନ୍ଦ ଯାହା ଥାଏ, ମନୁଷ୍ୟ ମଧ୍ୟରେ ମଧ୍ୟ ବୀଜାକାରରେ ତାହାହିଁ ଥାଏ; ଯାହା କୁହାଯାଏ ''ଯାହା ବ୍ରହ୍ମାଣ୍ଡେ, ତାହା ପିଣ୍ଡେ'' । ଏହାର ପ୍ରମାଣ ସ୍ୱରୂପ ଶ୍ରୀକୃଷ୍ଣ ଯଶୋଦାଙ୍କୁ ନିଜ ମଧ୍ୟରେ ସମସ୍ତ ବ୍ରହ୍ମାଣ୍ଡ ଦେଖେଇ ଦେଇଥିଲେ । ଯଥାର୍ଥରେ ମନୁଷ୍ୟ ମଧ୍ୟରେ ଥିବା ସୁପ୍ତ ଶକ୍ତିରାଜି ଜାହାଜର ଜଳମଗ୍ନ ଭାଗ ସଦୃଶ ବହୁତ ବେଶୀ । ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ତୁଳନାରେ ବାହ୍ୟ ମନର ବିକାଶ ଜାହାଜର ଉପରି ଭାଗ ସଦୃଶ ବହୁତ କମ୍ । ଅଧ୍ୟାତ୍ମ ସାଧନା ଦ୍ୱାରା ମନୁଷ୍ୟର ସମସ୍ତ ସୁପ୍ତ ଶକ୍ତି ଜାଗ୍ରତ୍ ହୋଇପାରେ । ଅଧ୍ୟାତ୍ମ ସାଧକମାନେ ନିଜେ ସାଧନା କରନ୍ତି ବ୍ୟକ୍ତିଗତ ଭାବେ । ନିଜକୁ ଯେତେଦୂର ସେମାନେ ବୁଝିପାରନ୍ତି ସେହି ଅନୁପାତରେ ସଂସାରକୁ ମଧ୍ୟ ବୁଝିପାରନ୍ତି; କାରଣ ବ୍ୟକ୍ତି, ଯଥାର୍ଥରେ ବିଶ୍ୱର ଏକ ଅଂଶବିଶେଷ । ମନୁଷ୍ୟ ଶରୀର ନିର୍ମିତ ହୋଇଛି ମନ-ପ୍ରାଣ-ଶରୀର ଏବଂ ଆତ୍ମାର ସଂଯୋଗରେ । ଏହାସବୁ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ-ସ୍ଥୂଳତତ୍ତ୍ୱ ଏବଂ ବିଶ୍ୱାତ୍ମାର ବ୍ୟଷ୍ଟିରୂପ । ଏହି ସକାଶେ ମନୁଷ୍ୟ ସଂସାର ସହିତ ଅଚ୍ଛେଦ୍ୟ, ଅଭେଦ୍ୟ, ଏକ । ପୁରାତନ ଯୋଗୀମାନେ ସଂସାରର ସମ୍ବନ୍ଧ କାଟିଦେବାରୁ ତାଙ୍କର ମୁକ୍ତି ହୁଏ ବ୍ୟକ୍ତିଗତ । ପୂର୍ଣ୍ଣଯୋଗୀ ସଂସାରର ସମ୍ବନ୍ଧ ନ କାଟିବାରୁ ଏକ ବ୍ୟକ୍ତି ମଧ୍ୟରେ ଯେଉଁ ରୂପାନ୍ତର ହୁଏ ତାହା ସମସ୍ତ ବ୍ରହ୍ମାଣ୍ଡରେ ଘଟେ । ଏଠାରେ ଶରୀର, ସଂସାର ଏକ ଏବଂ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରରେ ସଂସାରର ରୂପାନ୍ତର; ଏହା ଆମ୍ଭର ଏଠାରେ ଆଲୋଚ୍ୟ ବିଷୟ ନ ହୋଇଥିବାରୁ ଏହାକୁ ଏହିଠାରେ ଛାଡ଼ିବା ।

ଆମ୍ଭର ଆଲୋଚ୍ୟ ବିଷୟ ହେଲା : ସଂସାର ଯେପରି ଭାଗବତୀ ଶକ୍ତି ଏବଂ ଆସୁରୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ, ମନୁଷ୍ୟ ମଧ୍ୟ ସେହିପରି ଏହି ଦୁଇ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ସଂସାର ତଥା ବ୍ୟକ୍ତି ଭଗବାନଙ୍କ ସ୍ୱରୂପ । ଭଗବାନଙ୍କ ମଧ୍ୟରେ ଯେଉଁସବୁ ଶକ୍ତି ଥାଏ, ତାହା ସମସ୍ତ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । କିନ୍ତୁ ସେହି ଭଗବତ୍ ଶକ୍ତି ସଂସାରରେ ଆସି ବିକୃତ ହୋଇଯାଏ । ସେହି କାରଣରୁ ସଂସାରରେ ଏବଂ ମନୁଷ୍ୟ ମଧ୍ୟରେ ଭଲମନ୍ଦ ଦୁଇଟି ଶକ୍ତି କାର୍ଯ୍ୟ କରେ । ଭଗବାନଙ୍କ ସ୍ୱରୂପରେ ସମସ୍ତ ଶକ୍ତି ଶୁଦ୍ଧ ରୂପେ ଥାଏ । ଅର୍ଥାତ୍, କେବଳ ଭାଗବତୀ ଶକ୍ତି ଥାଏ, ଆସୁରୀ ଶକ୍ତି ନ ଥାଏ । ଭଗବାନଙ୍କ ମଧ୍ୟରେ ଜ୍ଞାନ, ଆନନ୍ଦାଦି ସମସ୍ତ ଶକ୍ତି ବିକଶିତ ଥାଏ । ସଂସାରରେ ତାହା ଥାଏ ସୁପ୍ତ । ଏହି ହେଉଛି ଭଗବାନ୍ ଏବଂ ସଂସାର ମଧ୍ୟରେ ପ୍ରଭେଦ ।

ସଂସାରରେ ଦୁର୍ନୀତି, ମନୁଷ୍ୟ ମଧ୍ୟରେ ଯେଉଁ ଦୁର୍ଗୁଣ ଦେଖାଯାଏ, ତାହା ଯଥାର୍ଥରେ ସଂସାର ତଥା ମନୁଷ୍ୟର ଶୁଦ୍ଧ ସ୍ୱରୂପ ନୁହେଁ । ତାହା ସଙ୍ଗ ପ୍ରଭାବରୁ ଦୂଷିତ ଏବଂ ବିକୃତ ହୋଇ ପ୍ରକାଶିତ ହୋଇଥାଏ । ସଂସାରରେ ଯେତେବେଳେ ଆସୁରୀ ଦୁର୍ଗୁଣ ବିଶିଷ୍ଟ ବ୍ୟକ୍ତିର ସଂଖ୍ୟା ଅଧିକ ହୁଏ ସେତେବେଳେ ସଂସାରରେ ଅଧିକ ଅତ୍ୟାଚାର ବୃଦ୍ଧି ପାଏ; ଯେତେବେଳେ ଭଗବାନଙ୍କ ଅବତାର କିଂବା ଶଙ୍କର, ରାମାନୁଜ ପ୍ରଭୃତି ମହାପୁରୁଷଙ୍କର ଆବିର୍ଭାବ ହୁଏ, ସେତେବେଳେ ସଂସାର ସ୍ୱର୍ଗତୁଲ୍ୟ ସୁଖ-ଶାନ୍ତିରେ ପ୍ରଫୁଲ୍ଲିତ ହୁଏ । ଠିକ୍ ସେହିପରି ମନୁଷ୍ୟ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଏପରିକି ସମାଜ ଯାହାକୁ ସବୁଠାରୁ ନିକୃଷ୍ଟ ବ୍ୟକ୍ତି ବୋଲି କୁହେ, ତାହା ମଧ୍ୟରେ ବି ସମସ୍ତ ଶକ୍ତି ସୁପ୍ତ ଥାଏ । ତାହା କେବଳ ବିକଶିତ ହୁଏ ସତ୍‌ସଙ୍ଗ ଦ୍ୱାରା । ମନୁଷ୍ୟ ଜୀବନର ବିକାଶ ଓ ପତନ ନିର୍ଭର କରେ ଏକମାତ୍ର ସଙ୍ଗ ଉପରେ । ଅଜାମିଳ ପରି ମନୁଷ୍ୟ କୁସଂସର୍ଗରେ ମହାପାପୀ ହୋଇପାରେ, ସେହି ଅଜାମିଳ ପରି ମନୁଷ୍ୟ ସତ୍‌ସଙ୍ଗରେ ମହାନ୍ ପୁଣ୍ୟାତ୍ମା ହୋଇପାରେ ।

''ଗ୍ରହ ଭେଷଜ ଜଲ ପବନ ପଟ ପାଇ କୁଯୋଗ ସୁଯୋଗ
ହୋହି କୁବସ୍ତୁ ସୁବସ୍ତୁ ଜଗ ଲଖଇ ସୁଲକ୍ଷଣ ଲୋକ ।''
(ରାମ-ଚରିତ ମାନସ)

''ଗ୍ରହ, ଔଷଧ, ଜଳ, ପବନ, ବସ୍ତ୍ର କୁଯୋଗ ସୁଯୋଗ ପାଇ କୁବସ୍ତୁ, ସୁବସ୍ତୁ ହୁଅନ୍ତି – ଏ ବିଷୟ ବିଚାରଶୀଳ ପୁରୁଷ ଜାଣନ୍ତି ।''

ଅର୍ଥାତ୍, ନବଗ୍ରହ ମଧ୍ୟରୁ କୌଣସି ଗ୍ରହ କୌଣସି

ସ୍ଥାନରେ ଉତ୍ତମ ଫଳ ଦିଅନ୍ତି । କିନ୍ତୁ ସେହି ଗ୍ରହ ଅନ୍ୟ ସ୍ଥାନରେ କିଂବା ଅନ୍ୟ ଗ୍ରହ ସଙ୍ଗରେ ରହିଲେ ଖରାପ ଫଳ ଦିଅନ୍ତି । ଔଷଧ ରୋଗର ଅନୁକୂଳ ଏବଂ ତା'ର ଅନୁପାନ ଠିକ୍ ହେଲେ ରୋଗୀ ରୋଗମୁକ୍ତ ହୁଏ, ମାତ୍ର ଅନୁପାନ ବିପରୀତ ହେଲେ ଏବଂ ଔଷଧ ରୋଗର ପ୍ରତିକୂଳ ହେଲେ ସେହି ଔଷଧ ଦ୍ୱାରା ବ୍ୟକ୍ତିର ମୃତ୍ୟୁ ହୁଏ । ଜଳ ତୃଷାର୍ତ୍ତ ବ୍ୟକ୍ତିର ପ୍ରାଣ ରକ୍ଷା କରେ, ସେହି ଜଳ ବିଷର ସଂସର୍ଗରେ ମନୁଷ୍ୟର ପ୍ରାଣ ନାଶ କରେ । ଜଳ ଔଷଧ ସହ ମିଶ୍ରିତ ହେଲେ ମୃତ୍ୟୁମୁଖୀ ରୋଗୀକୁ ଆରୋଗ୍ୟ କରେ, ଭଗବାନଙ୍କ ସଂସ୍ପର୍ଶରେ ଚରଣାମୃତ ହୁଏ, ବ୍ୟକ୍ତି ପବିତ୍ର ହେବା ଉଦ୍ଦେଶ୍ୟରେ ତାହା ସେବନ କରନ୍ତି । ସେହି ଜଳ କ୍ଷତ ସ୍ଥାନ-ସ୍ପର୍ଶ ଅଥବା ଅପବିତ୍ର ବସ୍ତୁ ସଙ୍ଗ ହେଲେ ଲୋକେ ତାକୁ ଘୃଣା କରନ୍ତି । ପ୍ରସ୍ଫୁଟିତ ସୁଗନ୍ଧଯୁକ୍ତ ପୁଷ୍ପ ଅଥବା ସୁବାସଯୁକ୍ତ ଦ୍ରବ୍ୟ ସଂସର୍ଗରେ ବାୟୁ ଆସିଲେ ବ୍ୟକ୍ତି ହର୍ଷ ସହିତ ସେବନ କରେ । ଦୁର୍ଗନ୍ଧ ବସ୍ତୁ ସଂସ୍ପର୍ଶରେ ବାୟୁ ଆସିବା ମାତ୍ରେ ବ୍ୟକ୍ତି ନାକ ବନ୍ଦ କରି ପଳାୟନ କରେ । ଦେବତା ତଥା ଶ୍ରେଷ୍ଠ ମହାପୁରୁଷଙ୍କ ବସ୍ତ୍ରକୁ ବ୍ୟକ୍ତି ପ୍ରସାଦରୂପେ ଗ୍ରହଣ କରନ୍ତି । ସେହି ବସ୍ତ୍ର ଶବ ଦେହ ସଂସ୍ପର୍ଶରେ ଏପରି ଅପବିତ୍ର ହୁଏ ଯେ ବ୍ୟକ୍ତି ତାକୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ । ଏହିସବୁ ବସ୍ତୁ ଭଲ ସଙ୍ଗରେ ଯେପରି ମହାନ୍ ହୁଅନ୍ତି, ମନ୍ଦ ସଙ୍ଗରେ ସେହିପରି ଅତ୍ୟନ୍ତ ନିକୃଷ୍ଟ ଓ ତ୍ୟାଜ୍ୟ ହୁଅନ୍ତି । ଏହା କେବଳ ସଙ୍ଗର ପ୍ରଭାବ ।

ମନୁଷ୍ୟ ସଙ୍ଗ ପ୍ରଭାବରେ ଦେବତା ହୋଇପାରେ; ଅସୁର ବି ହୋଇପାରେ । ଏହା ପ୍ରତ୍ୟକ୍ଷ ରୂପେ ଆଜି ମଧ୍ୟ ଆମ୍ଭମାନଙ୍କ ସମ୍ମୁଖରେ ଘଟୁଅଛି । ମନୁଷ୍ୟ ମଧ୍ୟରେ ଯେଉଁସବୁ ଅସାଧାରଣ ଶକ୍ତି ଥାଏ, ତାହା କେବଳ ସତ୍‌ସଙ୍ଗ ଦ୍ୱାରା ବିକାଶ ଲାଭ କରେ । ସଂସାରରେ ସବୁଠାରୁ ଯେ ଯଥାର୍ଥରେ ଶ୍ରେଷ୍ଠ ବ୍ୟକ୍ତି, ତାହା ମଧ୍ୟରେ ଯେଉଁ ଶକ୍ତି ବିକଶିତ ହୋଇଛି, ଜଣେ ନିକମା, ଅପଦାର୍ଥ ବ୍ୟକ୍ତି ମଧ୍ୟରେ ବି ସେହି ଶକ୍ତି ନିହିତ ଅଛି । କିନ୍ତୁ ତା'ର ସତ୍‌ସଙ୍ଗର ଅଭାବ, ପ୍ରଯତ୍ନ ବିମୁଖତା କାରଣରୁ ତା' ମଧ୍ୟସ୍ଥ ସୁପ୍ତ ଶକ୍ତି ବିକାଶ ଲାଭ କରିପାରି ନାହିଁ ।

## ସତ୍‌ସଙ୍ଗର ସ୍ୱରୂପ

ସତ୍‌ସଙ୍ଗ ତିନି ପ୍ରକାର । ପ୍ରଥମ ସତ୍‌ସଙ୍ଗ : ସତ୍ୟସ୍ୱରୂପ ଭଗବତ୍‌ପ୍ରାପ୍ତି । ଏହା ହେଲା ଦ୍ୱିତୀୟ ଓ ତୃତୀୟ ସତ୍‌ସଙ୍ଗର ଫଳ । ଦ୍ୱିତୀୟ ସତ୍‌ସଙ୍ଗର ଅର୍ଥ : ଯେଉଁମାନେ ଭଗବତ୍‌ପ୍ରାପ୍ତି କରି ଥାଆନ୍ତି, ଭଗବତ୍ ଚେତନା ସଙ୍ଗେ ଏକ ହୋଇ ଥାଆନ୍ତି, ସେମାନଙ୍କ ସଙ୍ଗଲାଭ । ତଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଏ ଏବଂ ସେ ଭଗବତ୍‌ପ୍ରାପ୍ତିର ଉପାୟ ସାଧନା କରିବାରେ ତତ୍ପର ହୁଏ । ତୃତୀୟ ସତ୍‌ସଙ୍ଗ – ଗୋଟିଏ ଗୋଷ୍ଠୀରେ କେତେ ଜଣ ଏକତ୍ର ହୋଇ ଭଗବତ୍ ଚରିତ, ନାମ, ଯଶ ବର୍ଣ୍ଣନା କରନ୍ତି ଅଥବା ସାମୂହିକ ରୂପେ ସାଧନା କରନ୍ତି କିଂବା କୌଣସି ବ୍ୟକ୍ତି ଦ୍ୱାରା ଭଗବତ୍ ଗୁଣଚରିତ, ଭଗବତ୍ ପ୍ରାପ୍ତିର ସାଧନା ବିଷୟ ଶୁଣନ୍ତି ।

ପ୍ରଥମ ସତ୍‌ସଙ୍ଗ ହେଲା ଦ୍ୱିତୀୟ ଓ ତୃତୀୟ ସତ୍‌ସଙ୍ଗର ଫଳ ଅଥବା ସିଦ୍ଧି । ଦ୍ୱିତୀୟ ସତ୍‌ସଙ୍ଗ : ଉତ୍ତମ ସନ୍ଥପ୍ରାପ୍ତି – ଯାହା ସୁଲଭ ନୁହେଁ । ଭଗବତ୍ କୃପାରୁ ସତ୍‌ସଙ୍ଗ କେବେ କେବେ ଅକସ୍ମାତ୍ ପ୍ରାପ୍ତ ହୁଏ ଅଥବା ପ୍ରୟାସ କରି ଅନ୍ୟ ସ୍ଥାନକୁ ଗଲେ ମିଳେ । କିନ୍ତୁ ସବୁଠାରୁ ସହଜ ହେଉଛି ତୃତୀୟ ସତ୍‌ସଙ୍ଗ । ମନୁଷ୍ୟ ଯେଉଁଠାରେ ବାସ କରିଥାଏ, ସେହିଠାରେ ସେ ଗୋଟିଏ ସତ୍‌ସଙ୍ଗ ଗୋଷ୍ଠୀ, ମଣ୍ଡଳୀ ଅଥବା କେନ୍ଦ୍ର ସ୍ଥାପନ କରିପାରେ । ଏହା ଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧପୂତ ହୁଏ; ନିକଟବର୍ତ୍ତୀ ସମ୍ପର୍କିତ ବ୍ୟକ୍ତିଙ୍କ ଉପରେ ବହୁତ ପ୍ରଭାବ ପଡ଼େ । ଏହା ଦ୍ୱାରା ବହୁ ସଂଖ୍ୟକ ବ୍ୟକ୍ତିଙ୍କର କଲ୍ୟାଣ ହୁଏ । ଏହି ପ୍ରକାର ସତ୍‌ସଙ୍ଗ ସବୁ ସମୟରେ କରାଯାଇପାରେ । କିନ୍ତୁ ସବୁ ସମୟରେ ସଫଳ ହୁଏ ନାହିଁ,– ନିର୍ଜୀବ, ଶକ୍ତିହୀନ ତଥା ନିଷ୍କ୍ରିୟ ହୋଇ ପଡ଼ିଥାଏ । କୌଣସି ସତ୍ୟ ଏହି ପୃଥିବୀରେ ସ୍ଥାପନ କରିବା ସକାଶେ ସ୍ୱୟଂ ଭଗବାନ୍ ଅଥବା ଭଗବାନଙ୍କ ନିର୍ଦ୍ଦେଶରେ କୌଣସି ମହାପୁରୁଷ ମନୁଷ୍ୟ ଶରୀର ଧାରଣ କରି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେଲେ ସତ୍‌ସଙ୍ଗ ଗୋଟିଏ ନୂତନ ରୂପ ନିଏ ଏବଂ ନିର୍ଜୀବ ହୋଇ ପଡ଼ିଥିବା ସତ୍‌ସଙ୍ଗରେ ଶକ୍ତି ସଂଚାର ହୁଏ । ଯେତେବେଳେ ପୃଥିବୀରେ ଏକ ମହାନ୍ ପରିବର୍ତ୍ତନ ଆସେ, ଅର୍ଥାତ୍, ସଂସାରର ଚେତନା ପୂର୍ଣ୍ଣ ରୂପେ ରୂପାନ୍ତରିତ ହୁଏ, ସେତେବେଳେ ସତ୍‌ସଙ୍ଗ ମଧ୍ୟ ଦେଇ ଏକ ମହାନ୍ ଶକ୍ତି କ୍ରିୟା କରେ । ସଂସାର-ଚେତନାର ପୂର୍ଣ୍ଣ ରୂପାନ୍ତର ସମୟହିଁ ଦେବ-ମୁହୂର୍ତ୍ତ । ସେହି ଦେବ-ମୁହୂର୍ତ୍ତରେ ମନୁଷ୍ୟ ଜାଗ୍ରତ ନ ହେଲେ ମହାନ୍ ସୁଯୋଗ ହରାଏ ।

ବର୍ତ୍ତମାନ ସଂସାରରେ ଚେତନାର ପୂର୍ଣ୍ଣ ରୂପାନ୍ତରର ସମୟ । ସଂସାରରୁ ପୂର୍ଣ୍ଣ ରୂପେ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଅନୀତି, ଅତ୍ୟାଚାର ଦୂର ହେବାକୁ ଆରମ୍ଭ କରିବ । ସଂସାର ହେବ ସ୍ୱର୍ଗ, ମନୁଷ୍ୟ ହେବ ଅତିମାନବ । କେତେକ ବ୍ୟକ୍ତି

ଦେବମାନବତ୍ୱ ବା ଅତିମାନବତ୍ୱ ଆଡ଼କୁ ଗତି କରିବା ଅନୁପାତରେ ସଂସାରରୁ ଦ୍ୱନ୍ଦ୍ୱ କ୍ରମଶଃ ନିବୃତ୍ତ ହେବାକୁ ଆରମ୍ଭ କରିବ । ଏହାହିଁ ହେବ ଦେବ-ମୁହୂର୍ତ୍ତର ଉଷାକାଳ । ଜାଗ୍ରତ ହେବାର ଅର୍ଥ – ଏହି ଯେଉଁ ଦେବ-ମୁହୂର୍ତ୍ତରେ ସତ୍ୟ ଆଗମନ କରିଛି ତାହାକୁ ଗ୍ରହଣ କରିବାକୁ ପ୍ରଯତ୍ନ କରିବା । ଦେବ-ମୁହୂର୍ତ୍ତର ସତ୍ୟ ହେଉଛି 'ଅତିମାନସ' ଯାହାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରାହିଁ ରୂପାନ୍ତର ସାଧନ ହେବ ।

ଯେଉଁ ସମୟରେ ଯେଉଁ ଅବତାର ବା ମହାପୁରୁଷ ଏହି ସଂସାରକୁ ଆସି କୌଣସି ସତ୍ୟ ସ୍ଥାପନ କରନ୍ତି, ସେହି ଅନୁସାରେ ସତ୍‌ସଙ୍ଗ ରୂପ ନିଏ । ପୁରାତନ ସତ୍‌ସଙ୍ଗ ଦ୍ୱାରା ସେ ସମୟରେ ସାମୂହିକ ରୂପେ ବ୍ୟକ୍ତିଙ୍କୁ ଲାଭ ହୁଏ ନାହିଁ । କାରଣ ସତ୍‌ସଙ୍ଗ ହୁଏ ସମୟାନୁରୂପ । ଶହେ ବର୍ଷ ପୂର୍ବେ, ପାଞ୍ଚ ଶହ ବର୍ଷ ପୂର୍ବେ, ହଜାରେ ବର୍ଷ ପୂର୍ବେ ମନୁଷ୍ୟର ଯେଉଁ ମନୋଭାବ, ପରିସ୍ଥିତି, ପାରିପାର୍ଶ୍ୱିକ ଅବସ୍ଥା, ଦେଶ ଦେଶ ପ୍ରତି ସମ୍ବନ୍ଧ ଥିଲା, ତାହା ଆଜି ନାହିଁ । ବହୁତ ପରିବର୍ତ୍ତନ ହୋଇ ସାରିଛି । ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା ତାହା ଥିଲା ସେହି ସମୟରେ ଅନୁକୂଳ । ସେହି ସମୟର ପରିବର୍ତ୍ତନ ହୋଇ ସାରିଥିବାରୁ ସେ ସମୟର ପ୍ରଣାଳୀ ବର୍ତ୍ତମାନ ସମୟରେ ଅନୁପଯୋଗୀ ହେବା ସ୍ୱାଭାବିକ । ସେହି ସକାଶେ ମହାପୁରୁଷମାନେ ସମୟୋପଯୋଗୀ ସତ୍ୟ ପ୍ରତିଷ୍ଠାର ବ୍ୟବସ୍ଥା କରନ୍ତି ।

### ସମୟୋପଯୋଗୀ ସତ୍‌ସଙ୍ଗର ରୂପ

ପ୍ରତ୍ୟେକ ଯୁଗରେ ଧର୍ମାଚରଣର ପଦ୍ଧତି ପରିବର୍ତ୍ତିତ ହୁଏ । ଏପରିକି ପ୍ରତ୍ୟେକ ଯୁଗ ଅନ୍ତର୍ଗତ କେତେ ଶହ ବର୍ଷ ପରେ ଧର୍ମର ପ୍ରଣାଳୀ ପରିବର୍ତ୍ତିତ ହେଉଥାଏ । କାରଣ ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ମନ ବିକଶିତ ହେଉଥାଏ ତଥା ପାରିପାର୍ଶ୍ୱିକ ଅବସ୍ଥାର ମଧ୍ୟ ପରିବର୍ତ୍ତନ ହେଉଥାଏ । ସେହି ସକାଶେ ଯେଉଁ ସମୟରେ ଯେପରି ଧର୍ମାଚରଣର ଆବଶ୍ୟକ, ମହାପୁରୁଷମାନେ ଅବତୀର୍ଣ୍ଣ ହୋଇ ସେହି ଅନୁସାରେ ଆଦର୍ଶ ସ୍ଥାପନ କରନ୍ତି । କିନ୍ତୁ ବ୍ୟକ୍ତି ଭ୍ରମବଶତଃ ଏହି ରହସ୍ୟକୁ ହୃଦୟଙ୍ଗମ ନ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରତିବାଦ ବା ବିରୋଧ ସୃଷ୍ଟି କରନ୍ତି । ଯଥାର୍ଥରେ ଏଥିରେ ବିରୋଧର ପ୍ରଶ୍ନ ନାହିଁ; ଏହା କେବଳ ମନୁଷ୍ୟର ସୀମିତତାର ଅଦୂରଦର୍ଶିତା ମାତ୍ର । ସୁଦୂର ଅତୀତକୁ ଛାଡ଼ି ନିକଟ ଅତୀତକୁ ଦୃଷ୍ଟିପାତ କଲେ ଏହାର ଗୋଟିଏ ସ୍ୱଷ୍ଟ ଧାରଣା ମିଳିପାରେ ।

ବୁଦ୍ଧଦେବ ଯେତେବେଳେ ଆସିଥିଲେ, ସେତେବେଳେ ଧର୍ମ-ସଂଘର ଆବଶ୍ୟକତା ଥିଲା । ସେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କର ଆଦର୍ଶ ପ୍ରଚାର ସକାଶେ ସଂଘ ସ୍ଥାପନ କଲେ । ସେତେବେଳେ ବୁଦ୍ଧଦେବଙ୍କ ପ୍ରଭାବରେ ବା ବୌଦ୍ଧଧର୍ମର ପ୍ରଭାବ ଯୋଗୁଁ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିଲା । ତାଙ୍କ ପରେ ତାଙ୍କ ପ୍ରଚାରିତ ସତ୍ୟ କାଳ ପ୍ରଭାବରୁ ନିଜକୁ ସଙ୍କୁଚିତ କରିନେଲା । ସତ୍ୟ ହ୍ରାସ ହେବାରୁ ତାଙ୍କ ସଂଘରୁ ପଶ୍ଚାତ୍-ପ୍ରଭାବ ଲୋପ ହୋଇ ଯାଇଥିଲା ।

ସେହି ଧର୍ମକୁ ନୂତନ କରି ଭିନ୍ନ ପ୍ରଣାଳୀରେ ସଂସାରରେ ପ୍ରତିଷ୍ଠା କରିବାକୁ ଆସିଲେ ଆଚାର୍ଯ୍ୟ ଶଙ୍କର । ବୁଦ୍ଧଦେବଙ୍କ ସମୟ ଅତୀତ ହୋଇ ଯାଇଥିଲା, ମନୁଷ୍ୟ ତାକୁ ପଛରେ ଛାଡ଼ି ବହୁତ ଦୂରକୁ ଆଗେଇ ଆସିଥିଲା । ସେଥିପାଇଁ ଶଙ୍କର ବୁଦ୍ଧଦେବଙ୍କ ପ୍ରଚାରିତ ଆଦର୍ଶର ପୃଷ୍ଠପୋଷକତା ନ କରି ନୂତନ ରୀତିରେ ଧର୍ମ ସ୍ଥାପନ କଲେ । ସେହି ଆଦର୍ଶ ସ୍ଥାପନ ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କଲେ । ସନ୍ନ୍ୟାସୀଙ୍କର ଥିଲା ଗେରୁଆ ବସ୍ତ୍ର । ସେମାନେ ଦଣ୍ଡ ଓ କମଣ୍ଡଳୁରେ ସୁଶୋଭିତ ହୋଇଥିଲେ । ଶଙ୍କରଙ୍କ ଆଦର୍ଶର ପ୍ରଭାବ ଏତେ ପଡ଼ିଲା ଯେ ଭାରତବର୍ଷରୁ ବୌଦ୍ଧଧର୍ମ ପ୍ରାୟ ଲୋପ ହୋଇଗଲା । କାଳ ଗତିଶୀଳ । ସେ ଅହରହ ଚାଲିଥାଏ । ଯାହା ପଛରେ ଛାଡ଼େ ଫେରିଯାଇ ସେସବୁକୁ ଧରି ରଖେ ନାହିଁ । ବିକାଶଶୀଳ ଅବସ୍ଥା ବରାବର ଚାହେଁ ନୂତନ ବସ୍ତୁ । ମନୁଷ୍ୟର ଚେତନାର ବିକାଶ ସଙ୍ଗେ ସଙ୍ଗେ ସେ ପୁରାତନ ଆଦର୍ଶରେ ସନ୍ତୁଷ୍ଟ ରହିପାରେ ନାହିଁ । ବିକାଶଶୀଳ ପ୍ରକୃତିର ଧର୍ମ ଅନୁସାରେ ସେ ସମୟରେ ଧର୍ମଶକ୍ତି କ୍ଷୀଣ ହେବାକୁ ଲାଗେ । ମଠ ତଥା ସିଦ୍ଧାନ୍ତର ରୂପରେଖ ପୂର୍ବବତ୍ ଥାଏ, କିନ୍ତୁ ଧର୍ମଶକ୍ତି ଅତି କମ୍ ସଂଖ୍ୟକ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କ ବ୍ୟତୀତ ସଂସାରରୁ ଲୋପପ୍ରାୟ ହୋଇଯାଏ । ଅସତ୍ୟ, ଅତ୍ୟାଚାର ଓ ଅନ୍ୟାୟ ବୃଦ୍ଧି ପାଏ । ଏହି ସମୟରେ ମହାପୁରୁଷମାନଙ୍କର ଆଗମନ ହୁଏ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଥିବା ସତ୍ତ୍ୱେ ମନୁଷ୍ୟର ବିକାଶ ଉପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା । ଭଗବାନଙ୍କ ବିଧାନ ଅନୁସାରେ ପୃଥିବୀକୁ ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ,

ରାମାନନ୍ଦ ପ୍ରଭୃତି ମହାପୁରୁଷ ଆସିଲେ । ଏମାନେ ମଧ୍ୟ ଶଙ୍କରଙ୍କ ପରି ମଠ ସ୍ଥାପନ କଲେ । କିନ୍ତୁ 'ସୋଽହଂ', 'ସୋଽହଂ' ଛାଡ଼ି ମଠରେ ଭଗବାନଙ୍କ ପ୍ରତିମା ସ୍ଥାପନ କଲେ, ପିନ୍ଧିଲେ ବ୍ରହ୍ମଗ୍ରନ୍ଥୀ ସହ ଶୁଦ୍ଧ ବସ୍ତ୍ର, ଧାରଣ କଲେ ତୁଳସୀମାଳ ଓ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ । ଏମାନଙ୍କର ଇଷ୍ଟଦେବ, ଶଙ୍କରଙ୍କର ଲକ୍ଷ୍ୟ ସଦୃଶ ନିରାକାର, ନିରଞ୍ଜନ, ନିର୍ବିଶେଷ ସତ୍ତା ହେଲେ ନାହିଁ । ଏମାନଙ୍କର ଇଷ୍ଟଦେବ ହେଲେ ସୌନ୍ଦର୍ଯ୍ୟ-ଲାବଣ୍ୟାଦି ଷଡ଼ୈଶ୍ୱର୍ଯ୍ୟ ଓ ଦିବ୍ୟଗୁଣସମ୍ପନ୍ନ ସଗୁଣ ରୂପଧାରୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ ଇତ୍ୟାଦି । ଏହି ଆଚାର୍ଯ୍ୟମାନଙ୍କ ଆଦର୍ଶ ପ୍ରଚାରର ଯୁଗକୁ ବୈଷ୍ଣବ ଯୁଗ ବୋଲି କୁହାଯାଏ । ଏହି ସମୟରେ ବୈଷ୍ଣବ ଧର୍ମ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସ୍ଥାନେ ସ୍ଥାନେ ମଠ-ମନ୍ଦିର ତଥା ଗ୍ରାମମାନଙ୍କରେ ଭଗବତ୍ କଥା, କୀର୍ତ୍ତନ, ଭାଗବତ ଗାଦି ସ୍ଥାପନ ହୋଇଥିଲା । ପୁରାତନ ଯୁଗର ଅନ୍ୟାନ୍ୟ ଆଦର୍ଶ ସଦୃଶ ଏହାର ମଧ୍ୟ ପ୍ରଭାବ ସ୍ଥାୟୀ ହୋଇ ପାରିଲା ନାହିଁ । ମଠ-ମନ୍ଦିର ରହିଲା, କିନ୍ତୁ ତା' ମଧ୍ୟରୁ ସତ୍ୟ କ୍ରମଶଃ ହ୍ରାସ ହେଲା । ଏଥିରେ କାହାରି ଦୋଷ ନାହିଁ । ନଦୀ-ସ୍ରୋତ ପୁରାତନ ସ୍ଥାନକୁ ଛାଡ଼ି ତା'ର ଗନ୍ତବ୍ୟ ସ୍ଥାନ ସମୁଦ୍ର ଆଡ଼କୁ ଯେପରି ଅବିଶ୍ରାନ୍ତ ଅହରହ ଗତି କରୁଥାଏ, ସେହିପରି କ୍ରମ-ବିବର୍ତ୍ତନର ଗତିଧାରା ସେ ପୁରାତନ ଆଦର୍ଶକୁ ଅତିକ୍ରମ କରି ବରାବର ଲକ୍ଷ୍ୟ ଦିଗରେ ଧାବିତ ହେଉଥାଏ ।

## ଶ୍ରୀଅରବିନ୍ଦ

କ୍ରମ-ବିବର୍ତ୍ତନ ପଦ୍ଧତି ଅନୁସାରେ ପୁରାତନ ଧର୍ମସବୁ ଭାଙ୍ଗି ଚୂରମାର ହୋଇଗଲା । ହେଲା ଅନ୍ୟାୟ, ଅସତ୍ୟର ରାଜ୍ୟ – ଚାରିଦିଗର ଦୁର୍ନୀତି, ବିଦେଶୀ ଶାସନର ଲୌହ ଶୃଙ୍ଖଳା ଦ୍ୱାରା ଦେଶ ହେଲା ପୀଡ଼ିତ । ଅନ୍ୟାୟର ଆଧିକ୍ୟରେ ପରିବର୍ତ୍ତନ ସୁନିଶ୍ଚିତ । ସେତିକିବେଳେ ଭାରତ ତଥା ଅନ୍ୟ ଦେଶରେ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କର ଆବିର୍ଭାବ ହେଲା । ଯଥାର୍ଥରେ ୧୯୦୦ ଶତାବ୍ଦୀରୁ ଗୋଟିଏ ମହାନ୍ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା । ଏହି ପରିବର୍ତ୍ତନ ଇତିହାସରେ ନୂତନ, ଏକେବାରେ ନୂତନ ଅଧ୍ୟାୟ । ଏଥିରେ ଅଂଶ ଗ୍ରହଣ କରିବାକୁ ଏହି ପୃଥିବୀକୁ ଆସିଲେ ଶ୍ରୀଅରବିନ୍ଦ ଏବଂ ତାଙ୍କର କର୍ମ-ସଂପାଦିକା ଶକ୍ତି ରୂପେ ଶ୍ରୀମା । ଭାରତର ସ୍ୱାଧୀନତା ଏହି ମହାନ୍ ପରିବର୍ତ୍ତନର ଏକ ଅଂଶ ଥିଲା । କିନ୍ତୁ ସେତେବେଳେ ଭାରତବାସୀ ଜଡ଼ତା, ତାମସିକତାରେ ଥିଲେ ଏକେବାରେ ସୁପ୍ତ, ସ୍ୱତନ୍ତ୍ରତା ସମ୍ବନ୍ଧେ ଉଦାସୀନ । ସେହି ସମୟରେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ସ୍ୱତନ୍ତ୍ରତାର ଆଦର୍ଶ ଶିକ୍ଷା ଦେବା ସକାଶେ ସ୍ୱୟଂ କର୍ମ କରିଥିଲେ, ଆଉ ବହୁ ଦୁଃଖ-ବିପଦର ସମ୍ମୁଖୀନ ହୋଇଥିଲେ । ତା' ଫଳରେ ଭାରତରେ ଆସିଥିଲା ସ୍ୱାତନ୍ତ୍ର୍ୟର ଏକ ଅଭିନବ ଜାଗରଣ ।

କିନ୍ତୁ ତାଙ୍କର କାର୍ଯ୍ୟ କେବଳ ଭାରତର ସ୍ୱତନ୍ତ୍ରତା ମାତ୍ର ନ ଥିଲା; ସେ ଯେଉଁ ମହାନ୍ କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ତାହାର ଗୋଟିଏ ଅଙ୍ଗ ହେଲା ଭାରତର ସ୍ୱତନ୍ତ୍ରତା । ଭାରତବାସୀ ନିଜ ସ୍ୱାତନ୍ତ୍ର୍ୟ ସମ୍ବନ୍ଧେ ସଚେତ ହେବାରୁ ଶ୍ରୀଅରବିନ୍ଦ ସ୍ଥୂଳ ରୂପେ ଭାରତ-ସ୍ୱତନ୍ତ୍ରତାର କର୍ମକ୍ଷେତ୍ରରୁ ବିଦାୟ ନେଇ ନିଜର ପ୍ରଧାନ କାର୍ଯ୍ୟରେ ଲିପ୍ତ ରହିଲେ । ଭାରତ ସ୍ୱାଧୀନତା ପାଇଁ କ୍ରିୟାତ୍ମକ ରୂପେ ସ୍ଥୂଳ ଭାବେ କାର୍ଯ୍ୟ କଲେ ଅନ୍ୟ ନେତୃବୃନ୍ଦ; ସେହି କାର୍ଯ୍ୟରେ ଶ୍ରୀଅରବିନ୍ଦ ସାହାଯ୍ୟ କଲେ ତାଙ୍କ ଅଧ୍ୟାତ୍ମ ଶକ୍ତି ଦ୍ୱାରା ସୂକ୍ଷ୍ମ ରୂପେ । ସଂସାରରେ ଯେଉଁ ମହାନ୍ କାର୍ଯ୍ୟ ସ୍ଥୂଳ ରୂପେ ହୁଏ ତାହାର ପଶ୍ଚାତରେ ସାହାଯ୍ୟ କରେ ଗୋଟିଏ ସୂକ୍ଷ୍ମ ଶକ୍ତି । ସ୍ଥୂଳ ତଥା ସୂକ୍ଷ୍ମ ଶକ୍ତିର କ୍ରିୟା ଦ୍ୱାରା କାର୍ଯ୍ୟ ସମ୍ପାଦିତ ହୁଏ । ଶ୍ରୀଅରବିନ୍ଦ ତାଙ୍କ ମହାନ୍ କର୍ମର ସିଦ୍ଧି ଦିଗରେ ଅଗ୍ରସର ହେବା କାଳରେ ଭାରତ ସ୍ୱାଧୀନ ହେଲା । ବୈଜ୍ଞାନିକ, ରାଜନୈତିକ, ସାମାଜିକ କ୍ଷେତ୍ରରେ ଯେଉଁ ମହାନ୍ ପରିବର୍ତ୍ତନ ଆମ୍ଭେମାନେ ଦେଖୁଥାଇଁ, ଭବିଷ୍ୟତର ମହାପରିବର୍ତ୍ତନର ଏହାହିଁ ସୂଚନା ମାତ୍ର । ଆଜି ଆମ୍ଭେମାନେ ଯଦି ୬୦ ବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିପାତ କରୁ, ତେବେ ବୁଝି ପାରିବୁ ଯେ ପରିବର୍ତ୍ତନ କେତେ ଦ୍ରୁତ ଗତିରେ ଚାଲୁଅଛି । ଏହି ପରିବର୍ତ୍ତନ କ୍ରମଶଃ ଦ୍ରୁତରୁ ଦ୍ରୁତତର ଗତିରେ ଚାଲିବ ଏବଂ ନିକଟ ଭବିଷ୍ୟତରେ ଏହି ପରିବର୍ତ୍ତନ ଗୋଟାଏ ଏପରି ଅବସ୍ଥାରେ ପହଞ୍ଚିବ ଯାହାକୁ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖି ପାରିବ । ସେ ପରିବର୍ତ୍ତନ ହେବ ଜଡ଼ତତ୍ତ୍ୱର । ଜଡ଼ ଶରୀରରେ ପରିବର୍ତ୍ତନ ଦେଖାଦେଲେ ମନୁଷ୍ୟ ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହୋଇପାରିବ ଏବଂ ଦିବ୍ୟମାନବତ୍ୱ ଲାଭ କରିବ । ସଂସାରରୁ କ୍ରମଶଃ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ; ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ମହାନ୍ କାର୍ଯ୍ୟ ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି କର୍ମ କରୁଛନ୍ତି । ଏହି କାର୍ଯ୍ୟର ପ୍ରଧାନ କେନ୍ଦ୍ର ହେଲା ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଏହାର ଶାଖା-ପ୍ରଶାଖା

*(ଅବଶିଷ୍ଟାଂଶ ପୃଷ୍ଠା ୩୦ରେ ଦେଖନ୍ତୁ)*

# ଭଗବତ୍ ରାଜ୍ୟ ସ୍ଥାପନ

## ପ୍ରପତ୍ତି

ପୃଥିବୀପୃଷ୍ଠରେ ଭଗବତ୍ ରାଜ୍ୟ ସ୍ଥାପନ ନିମିତ୍ତ ସତ୍ୟ ଓ ପ୍ରେମର ପ୍ରତିଷ୍ଠାହିଁ ପ୍ରାଥମିକ କାର୍ଯ୍ୟ । କିନ୍ତୁ ଏହି ସତ୍ୟ ଓ ପ୍ରେମର ବିଜୟ ଓ ପ୍ରତିଷ୍ଠା କିଛି ସହଜ ବ୍ୟାପାର ନୁହେଁ । ଏହା ସୁସ୍ପଷ୍ଟ ଯେ ବର୍ତ୍ତମାନ ପରିସ୍ଥିତିରେ ସତ୍ୟ ଓ ପ୍ରେମ ପ୍ରତି ମନୁଷ୍ୟ-ସମାଜର ଗଭୀର ଦୃଷ୍ଟି ଓ ଆନ୍ତରିକ ଶ୍ରଦ୍ଧା ନାହିଁ । ଅବଶ୍ୟ ନାନା ଦୁଃଖ ଓ ଯନ୍ତ୍ରଣାମୂଳକ ପରିସ୍ଥିତି ମଧ୍ୟଦେଇ ମନୁଷ୍ୟର ଚେତନା ଜାଗ୍ରତ ହୁଏ, ବାହ୍ୟିକ ଦୁଃଖ ଓ ବିପଦ ଯେପରି ଆନ୍ତର ଅଗ୍ନି ଓ ସାମର୍ଥ୍ୟକୁ ତୋଳି ଧରେ ।

କେହି କେହି ମନେ କରନ୍ତି ଯେ ଯଦି ସତ୍ୟ ଓ ପ୍ରେମ ଦ୍ୱାରାହିଁ ଦିବ୍ୟ ଭଗବତ୍ ରାଜ୍ୟ ପ୍ରତିଷ୍ଠା ହେବ ତେବେ ଭଗବାନ୍ ସ୍ୱୟଂ ଏହି ସତ୍ୟ ଓ ପ୍ରେମକୁ ମନୁଷ୍ୟ-ସମାଜ ଉପରେ ଜବରଦସ୍ତି ଚାପି ଦେଉ ନାହାନ୍ତି କାହିଁକି ? ଏହା ଦ୍ୱାରା ଭଗବତ୍ ରାଜ୍ୟ ଶୀଘ୍ର ଶୀଘ୍ର ପ୍ରତିଷ୍ଠିତ ହୋଇଯିବ । କିନ୍ତୁ ସତ୍ୟ ଓ ପ୍ରେମକୁ କାହାରି ଉପରେ ଲଦି ଦିଆଯାଏ ନାହିଁ, ତଦ୍ଦ୍ୱାରା ଏହା କୃତ୍ରିମତାରେ ପରିଣତ ହୁଏ । ସତ୍ୟ ବା ପ୍ରେମର ସ୍ୱରୂପ ସ୍ୱତଃସ୍ଫୂର୍ତ୍ତତା – ଏ ସମ୍ବନ୍ଧରେ ମା'ଙ୍କ ବାଣୀ ପାଠ କଲେ ବିଷୟଟି ଖୁବ୍ ସ୍ପଷ୍ଟ ହୋଇ ଉଠିବ :

" ... But it is evident the Truth and Love are not quite welcome just now upon the earth, because the human heart is not yet ready for them – and if they were enforced upon the human consciousness by an act of Power, they would no more be the Truth and the Love but something artificial.

''That is why the collaboration of the human consciousness is indispensable, and the way is long and arduous. ..."

(White Roses, p. 118) – The Mother

ଅର୍ଥାତ୍ ''... କିନ୍ତୁ ଏହା ସ୍ପଷ୍ଟ ଯେ ଠିକ୍ ବର୍ତ୍ତମାନ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ କେହି ସତ୍ୟ ଓ ପ୍ରେମକୁ ଚାହୁଁ ନାହାନ୍ତି, କାରଣ ମନୁଷ୍ୟ ହୃଦୟ ଏପର୍ଯ୍ୟନ୍ତ ସେସବୁ ପାଇଁ ପ୍ରସ୍ତୁତ ହୋଇ ନାହିଁ । ଆଉ ଯଦି ସେସବୁକୁ ଗୋଟିଏ ଦିବ୍ୟ କ୍ଷମତା ବଳରେ ମନୁଷ୍ୟ-ଚେତନା ଉପରେ ଜବରଦସ୍ତି ଚାପି ଦିଆଯାଏ, ତେବେ ତାହା ଆଉ ସତ୍ୟ ଓ ପ୍ରେମ ହୋଇ ରହିବ ନାହିଁ ବରଂ କୃତ୍ରିମ ବସ୍ତୁରେ ପରିଣତ ହେବ ।

''ସେଥିପାଇଁ ଏହି କାର୍ଯ୍ୟରେ ମନୁଷ୍ୟ ଚେତନାର ସହଯୋଗ ଏକାନ୍ତ ଆବଶ୍ୟକ, ଏବଂ ମାର୍ଗ ଦୀର୍ଘ ଓ ଆୟାସସାଧ୍ୟ । ...''

ସୁତରାଂ କେବଳ ଭଗବାନ୍ ପୃଥିବୀରେ ଅବତାର ଗ୍ରହଣ କଲେ ତାଙ୍କ କାର୍ଯ୍ୟ ବିନା ବାଧା ଓ ପ୍ରତିରୋଧରେ ସମ୍ପୂର୍ଣ୍ଣ ହୁଏ, ଏହା କେବେ ବି ନୁହେଁ । ସତ୍ୟ-ଚେତନାର ପ୍ରତିଷ୍ଠା ଓ ଗ୍ରହଣ ନିମିତ୍ତ ମାନବିକ ସହଯୋଗ ଓ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ । ଏହି ପ୍ରସ୍ତୁତି ଓ ସହଯୋଗର ଅର୍ଥ – ପ୍ରଥମତଃ, ମନୁଷ୍ୟର ସତ୍ୟ ଓ ପ୍ରେମକୁ ଗ୍ରହଣ ନିମିତ୍ତ ଦୃଢ଼ ସଂକଳ୍ପ; ଦ୍ୱିତୀୟତଃ, ଏହି ସତ୍ୟ ଓ ପ୍ରେମର ପ୍ରତିଷ୍ଠା ନିମିତ୍ତ ଅନ୍ୟାନ୍ୟ ସକଳ ନିମ୍ନ ଗତିବୃତ୍ତିର ପ୍ରତ୍ୟାଖ୍ୟାନ ଓ ସକଳ ପ୍ରକାର କାମନାବାସନାର ଦୁର୍ଦାନ୍ତ ଅଭିସନ୍ଧି ଓ ଅତ୍ୟଧିକ ଦାଉରୁ ନିଜକୁ ମୁକ୍ତ ରଖିବା । ଭଗବତ୍ ସଙ୍କଳ୍ପ, ଇଚ୍ଛା, ବୃତ୍ତିକୁ ଜୀବନରେ ପରିପୂର୍ଣ୍ଣ କରି ତୋଳିବା ନିମିତ୍ତ ମନୁଷ୍ୟ ଯଦି ସଚେତନ ଭାବରେ ଚାହେଁ, ତେବେ ତାହା ନିଶ୍ଚୟ ପୂର୍ଣ୍ଣ ହେବ ।

ମନୁଷ୍ୟର ପ୍ରସ୍ତୁତି ଅଭାବରୁ, ସହଯୋଗ ଅଭାବରୁ, ସତ୍ୟ ଗ୍ରହଣର ମନୋଭାବ ଅଭାବରୁ ତାହା ସମ୍ମୁଖରେ ସତ୍ୟର ଆବିର୍ଭାବ ଘଟିଲେ ମଧ୍ୟ ସେ ତାହା ବୁଝିପାରେ ନାହିଁ । ବହୁଦିନ ପର୍ଯ୍ୟନ୍ତ ସତ୍ୟ, ଜ୍ଞାନ, ଆଲୋକ ଓ ପ୍ରେମକୁ ଅପେକ୍ଷା କରିବାକୁ ପଡ଼େ ଏବଂ ମନୁଷ୍ୟର ଚେତନା ଜାଗ୍ରତ ହେଲେ ସେ ଏସବୁକୁ ବୁଝିପାରେ ଓ ନିଜ ହୃଦୟରେ ସ୍ଥାନ ଦିଏ ।

ବର୍ତ୍ତମାନ ପୃଥିବୀ ଉପରେ ଏକ ମହାନ୍ ସତ୍ୟ, ପରମ ଦିବ୍ୟ ଅତିମାନସ ସତ୍ୟର ଆବିର୍ଭାବ ଘଟିଛି । ୧୯୬୬ ସାଲରେ ଶ୍ରୀମା'ଙ୍କର ନବବର୍ଷର ବାଣୀ ହେଲା : "Let us serve the Truth." ଅର୍ଥାତ୍, ''ଚାଲ, ଆମ୍ଭେମାନେ ସତ୍ୟର ସେବା କରିବା ।'' ଏ ବିଷୟରେ ଶ୍ରୀମା'ଙ୍କୁ ଯେଉଁ କେତୋଟି ପ୍ରଶ୍ନ କରା ହୋଇଥିଲା ତହିଁରୁ ସ୍ପଷ୍ଟ ହେବ ଯେ ପୃଥିବୀପୃଷ୍ଠରେ ସତ୍ୟର ଆବିର୍ଭାବ ହୋଇଛି ।

*Question : Your wonderful message, "Let us serve the Truth." Has the Truth come upon the Earth ? – if so, where does it dwell – where is It at the moment ?*

Answer : The Truth is present upon the earth and dwells wherever there is a receptivity or a consciousness ready to manifest it.

*Question : In what way should people serve the Truth ? Is it to be served outwardly as well as inwardly ?*

Answer : whoever is sincere in his resolution to serve the Truth will know, or be rather made to know at each moment, what he or she must do to serve the Truth, for there are many ways of serving it.

(White Roses, p. 133) – The Mother

ଅର୍ଥାତ୍,

ପ୍ରଶ୍ନ : ଆପଣଙ୍କର ଅପରୂପ ବାଣୀ : ''ଚାଲ, ଆମ୍ଭେମାନେ ସତ୍ୟର ସେବା କରିବା ।'' ସତ୍ୟ କ'ଣ ପୃଥିବୀପୃଷ୍ଠକୁ ଆସିଛି ? – ଯଦି ଆସିଛି, ବର୍ତ୍ତମାନ ଏହା କେଉଁଠି ବାସ କରୁଛି – ଅର୍ଥାତ୍, ଏହି ମୁହୂର୍ତ୍ତରେ ଏହା କେଉଁଠି ?

ଉତ୍ତର : ସତ୍ୟ ପୃଥିବୀ ଉପରେ ବିଦ୍ୟମାନ ଏବଂ ଯେଉଁଠାରେ ଗ୍ରହଣଶୀଳତା ଅଛି ବା ଯେଉଁ ଚେତନା ଏହାକୁ ପ୍ରକାଶ କରିବା ନିମିତ୍ତ ପ୍ରସ୍ତୁତ, ସେହିଠାରେ ଏହା ବାସ କରୁଛି ।

ପ୍ରଶ୍ନ : ମନୁଷ୍ୟ ସତ୍ୟର ସେବା କିପରି ଭାବରେ କରିବ ? କ'ଣ ଉଭୟ ବାହାରେ ଓ ଅନ୍ତରରେ ଏହାର ସେବା କରିବାକୁ ହେବ ?

ଉତ୍ତର : ଯଦି କୌଣସି ବ୍ୟକ୍ତି ସତ୍ୟର ସେବା କରିବା ନିମିତ୍ତ ଏକନିଷ୍ଠ ଓ ଆନ୍ତରିକ ଭାବେ ସଙ୍କଳ୍ପ କରେ ତେବେ ସତ୍ୟର ସେବା କରିବା ନିମିତ୍ତ ପ୍ରତି ମୁହୂର୍ତ୍ତରେ କ'ଣ କରିବାକୁ ହେବ ସେ ଜାଣିପାରିବ, ଅଥବା ତାକୁ ନିଶ୍ଚୟ ଜଣାଇ ଦିଆଯିବ, କାରଣ ସତ୍ୟର ସେବା କରିବାର ବହୁବିଧ ଉପାୟ ରହିଛି ।

ଏହାଠାରୁ ଆଉ ସ୍ପଷ୍ଟ ଘୋଷଣା କ'ଣ ହୋଇପାରେ ? ଯୁଗ ଯୁଗ ଧରି ମନୁଷ୍ୟ ଯେଉଁ ଦିବ୍ୟ ସତ୍ୟର ଅପେକ୍ଷାରେ ଥିଲା, ବର୍ତ୍ତମାନ ତାହା ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଛି, ମନୁଷ୍ୟ ମଧ୍ୟରେ ଏହା ପ୍ରତିଷ୍ଠା ନିମିତ୍ତ ଉପାୟ ଖୋଜୁଛି । ଯେକୌଣସି ବ୍ୟକ୍ତି ଯଦି ଆନ୍ତରିକତା ସହ ସତ୍ୟ-ଜୀବନ ଯାପନ କରିବାକୁ ଚାହେଁ, ନାନା ପ୍ରକାର ବାଧାବିଘ୍ନ ସତ୍ତ୍ୱେ ସେ ତାହା କରିପାରିବ । କିନ୍ତୁ ଏହି ସତ୍ୟ-ସେବାର ଚାବିକାଠି ହେଲା ଐକାନ୍ତିକତା, ନିଷ୍ଠା ବା ଆନ୍ତରିକତା, ଏକ ଅକୃତ୍ରିମ ସରଳତା, ଓ ଶିଶୁ-ମନୋଭାବ । ନିଜର ସକଳ ଦୋଷ, ଦୁର୍ବଳତା ଓ ତ୍ରୁଟି ସତ୍ତ୍ୱେ ଯେଉଁମାନେ ଯଥାର୍ଥରେ ନିଷ୍ଠାପର, ଅକୃତ୍ରିମ ଓ ଶିଶୁତୁଲ୍ୟ ସେମାନେ ବରାବର ଭଗବାନଙ୍କ ସାହାଯ୍ୟ ଲାଭ କରି ସତ୍ୟ ଓ ଆଲୋକ ଦିଗରେ ଅଗ୍ରସର ହୁଅନ୍ତି ବା କେହି ଜଣେ ତାଙ୍କୁ ସେ ଦିଗରେ ସହାୟତା କରି ଚଲେଇ ନିଅନ୍ତି । କିନ୍ତୁ ଏହି ନିଷ୍ଠା ବା ଐକାନ୍ତିକତା ବା ଆନ୍ତରିକତା ହେବା ଉଚିତ ଖୁବ୍ ପ୍ରାଣବନ୍ତ, ସର୍ବାଙ୍ଗୀଣ ଓ ଯଥାର୍ଥ । ସକଳ ସାଧନାର ଚାବିକାଠିହିଁ ଏହି ଆନ୍ତରିକତା । ମା' ବାରଂବାର ଏ ବିଷୟ କହିଛନ୍ତି, ''ଯଦି ତୋ' ଭିତରେ ଆନ୍ତର ନିଷ୍ଠା ନାହିଁ, ତେବେ ତୁ ଯୋଗମାର୍ଗକୁ ସ୍ପର୍ଶ କର ନାହିଁ ।'' ଭଗବତ୍ ରାଜ୍ୟ ପ୍ରତିଷ୍ଠା କରିବାରେ ଯାହା ଯଥାର୍ଥରେ ସାହାଯ୍ୟ କରିବ ତାହାହିଁ ହେଲା ଆନ୍ତର ନିଷ୍ଠା, ପରିପୂର୍ଣ୍ଣ ଐକାନ୍ତିକତା ଓ ସର୍ବାଙ୍ଗୀଣ ସ୍ୱଚ୍ଛତା । ଭଗବତ୍ ରାଜ୍ୟ ପୃଥିବୀପୃଷ୍ଠରେ ଅବଶ୍ୟ ପ୍ରତିଷ୍ଠିତ ହେବ, ଏହା ଅବଶ୍ୟମ୍ଭାବୀ – ଏହାହିଁ ଭଗବତ୍ ଅଭିପ୍ରେତ ମହାବାଣୀ । ବିଳମ୍ବରେ ହେଉ ବା ଶୀଘ୍ର ହେଉ, ଏହା ନିର୍ଭର କରିବ ମନୁଷ୍ୟର ଆନ୍ତର ନିଷ୍ଠା ଓ ସାରଲ୍ୟ ଉପରେ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',
ପ୍ରଥମ ଖଣ୍ଡ, ପୃ. ୩୧୫-୩୧୭)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୬)

ମହେନ୍ଦ୍ରନାଥ ସ୍ୱାଇଁ

**ଅପୂର୍ବ ଦୃଶ୍ୟ :**

ମାର୍ଚ୍ଚ ୩, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି :

"AS the day of departure draws near, I enter into a kind of self-communion; I turn with a fond solemnity towards all those thousand little nothings around us which have silently, for so many years, played their role of faithful friends; I thank them gratefully for all the charm they were able to give to the outer side of our life; I wish that if they are destined to pass into other hands than ours for any length of time, these hands may be gentle to them and know all the respect that is due to what Thy divine Love, O Lord, has brought out from the dark inconscience of chaos.

"Then I turn towards the future and my gaze becomes more solemn still. What it holds in store for us I do not know nor care to know; outer circumstances have no importance at all; my only wish is that this may be for us the beginning of a new inner period in which, more detached from material things, we could be more conscious of Thy law and more one-pointedly consecrated to its manifestation; that it may be a period of greater light, greater love, of a more perfect dedication to Thy cause.

"In a silent adoration I contemplate Thee. ..."

(Prayers and Meditations, p. 87)

ଅର୍ଥାତ୍, ''ବିଦାୟ ଦିବସଟି ଯେତେ ପାଖେଇ ଆସୁଛି, ମୁଁ ଏକ ପ୍ରକାର 'self-communion' ଅର୍ଥାତ୍, ଆତ୍ମ-ନିବିଡ଼ତା, ଏକାତ୍ମବୋଧ ଭିତରକୁ ପ୍ରବେଶ କରିଯାଉଛି; ମୁଁ କୌତୁକବୋଧ ସହିତ ଏକାତ୍ମତା ଅନୁଭବ କରୁଛି । ସେହି ସହସ୍ର ସହସ୍ର କ୍ଷୁଦ୍ର ବସ୍ତୁ ଯାହା ନଗଣ୍ୟ ଏବଂ ଆମ ଚତୁଃପାର୍ଶ୍ୱରେ ଅବସ୍ଥାନ କରୁଛନ୍ତି; ଅନେକ ବର୍ଷ ଧରି ନୀରବରେ ଆମର ବିଶ୍ୱସ୍ତ ବନ୍ଧୁ ଭାବରେ ସେମାନଙ୍କର ଭୂମିକା ନିର୍ବାହ କରି ଆସିଛନ୍ତି; ମୁଁ ସେମାନଙ୍କୁ କୃତଜ୍ଞତାର ସହିତ ଧନ୍ୟବାଦ ଦେଉଛି ସେମାନେ ଆମ ଜୀବନର ବାହ୍ୟ ପରିବେଶକୁ ଯେତେସବୁ ଆନନ୍ଦ ଓ ଆରାମ ପ୍ରଦାନ କରିବାରେ ସମ୍ଭବପର ହୋଇ ପାରିଛନ୍ତି ସେଥି ନିମନ୍ତେ; ମୁଁ ଆଶା କରୁଛି ଯଦି ଆମଛଡ଼ା ଅନ୍ୟମାନଙ୍କର ହାତକୁ କିଛିଦିନ ପାଇଁ ଚାଲି ଯିବାକୁ ସେମାନଙ୍କ ଭାଗ୍ୟରେ ଲେଖା ହୋଇଛି ସେହି ହାତମାନେ ସେମାନଙ୍କ ପ୍ରତି କୋମଳ, ନମ୍ର ହୁଅନ୍ତୁ ଏବଂ ତୁମର ଦିବ୍ୟ-ପ୍ରେମ କ'ଣ ଯାହା ସେମାନଙ୍କର ପ୍ରାପ୍ୟ ତାହା ସର୍ବାନ୍ତଃ-କରଣରେ ଜାଣନ୍ତୁ, ହେ ପ୍ରଭୁ, ଯାହାକୁ ଆନୟନ କରାଯାଇଛି ଘନ ଅନ୍ଧକାରରେ ପୂର୍ଣ୍ଣ ନିଶ୍ଚେତନା ଗର୍ଭସ୍ଥ ବିମୋହିତ ପରିସ୍ଥିତି ଭିତରୁ ।

''ତତ୍ପରେ ମୁଁ ଭବିଷ୍ୟତ୍ ଆଡ଼କୁ ଚକ୍ଷୁ ଫେରାଇଲି ଏବଂ ମୋର ଦୃଷ୍ଟି ଅଧିକ ଗମ୍ଭୀର ଏବଂ ସ୍ଥିର ହୋଇଗଲା । ଭବଷ୍ୟତ୍ ଆମ ପାଇଁ ତା'ର ଗନ୍ତାଘର ଭିତରେ କ'ଣ ସବୁ ସାଇତି ରଖିଛି ତାହା ମୁଁ ଜାଣି ନାହିଁ; ଜାଣିବା ପାଇଁ ଔତ୍ସୁକ୍ୟ ମଧ ନାହିଁ, ବାହ୍ୟ ପରିବେଶସକଳର ଆଦୌ କୌଣସି ଗୁରୁତ୍ୱ ନାହିଁ; ମୋର ଏକମାତ୍ର ଇଚ୍ଛା ଯେ ଏହା ଆମ ପାଇଁ ଏକ ନୂତନ ଆନ୍ତର ସମୟର ପ୍ରାରମ୍ଭ ହେଉ ଯାହା ଭିତରେ ଅଧିକ ପରିମାଣରେ ସ୍ଥୂଳବସ୍ତୁ ପ୍ରତି ଆମେ ଅଧିକ ଅନାସକ୍ତ ହୋଇ ରହିବୁ, ଆମେ ତୁମର ବିଧାନ ସମ୍ପର୍କରେ ଅଧିକ ପରିମାଣରେ ସଚେତନ ହୋଇପାରିବୁ ଏବଂ ଅଧିକରୁ ଅଧିକ ଏକାଗ୍ର ଭାବରେ

ଏହାର ପରିପ୍ରକାଶ ନିମନ୍ତେ ନିଜକୁ ଉତ୍ସର୍ଗ କରିଦେବୁ; ଫଳତଃ ଏହା ଏକ ବୃହତ୍ତର ଆଲୋକର ମୁହୂର୍ତ୍ତ ହୋଇପାରିବ, ଅଧିକ ପରିମାଣରେ ଏକ ବୃହତ୍ତର ପ୍ରେମ, ତୁମର କାର୍ଯ୍ୟ ନିମନ୍ତେ ଅଧିକ ସମ୍ପୂର୍ଣ୍ଣ ଆତ୍ମ-ନିବେଦନ ମଧ୍ୟ ହୋଇପାରିବ ।

''ଏକ ନୀରବ ଭକ୍ତିର ସହିତ ମୁଁ ଧ୍ୟାନମଗ୍ନ ହୋଇ ତୁମକୁ ପ୍ରାର୍ଥନା କରୁଛି ... ।''

ଆଲୋଚ୍ୟ ପ୍ରାର୍ଥନାଟି ଆମ୍ଭମାନଙ୍କର ବିଶୃଙ୍ଖଳିତ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଉଦ୍ଦିଷ୍ଟ । ଆମେ ଯେଉଁ ଜିନିଷମାନଙ୍କୁ ନେଇ ଚଳପ୍ରଚଳ ହେଉଛେ ସେମାନଙ୍କର କିପରି ଯତ୍ନ ନେବାକୁ ହେବ, ବ୍ୟବହାର କରିବାକୁ ହେବ, କୋମଳ ଓ ନମ୍ର ହସ୍ତରେ ଧାରଣ କରି ଉପଯୁକ୍ତ ସ୍ଥାନରେ ରଖିବାକୁ ହେବ ସେସବୁକୁ ଶିକ୍ଷା କରିବାକୁ ହେବ । କେବଳ ଏତିକି ନୁହେଁ, ପ୍ରଭୁ ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ' ଗ୍ରନ୍ଥର ସତେଇଶତମ ଅଧ୍ୟାୟରେ ''ବସ୍ତୁ ଉପାଦାନର କ୍ରମ ଉତ୍ତରଣ'' ''The Ascending Series of Substance'' ଶୀର୍ଷକ ପ୍ରବନ୍ଧରେ ଜଡ଼ବସ୍ତୁମାନଙ୍କର ଗୁଣଧର୍ମ, ସ୍ୱଭାବ ଏବଂ କ୍ରମଶଃ ଉପରକୁ ଉଠୁଥିବାର ପ୍ରକ୍ରିୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଜଡ଼ର ବିଭିନ୍ନ ଶ୍ରେଣୀ ବିଭାଗ ରହିଛି, ଯାହାକୁ ସାଧାରଣତଃ ଆମେ ବସ୍ତୁ ବା ପଦାର୍ଥ ବୋଲି କହୁ । ମୁନିଋଷିମାନେ ଏହାକୁ ପାର୍ଥିବ ସତ୍ତା ବୋଲି ମଧ୍ୟ କହିଛନ୍ତି । ଆମ ସ୍ଥୂଳ ଇନ୍ଦ୍ରିୟମାନଙ୍କ ସମ୍ମୁଖରେ ଏହି ପଦାର୍ଥମାନେ ବିଶେଷ ଭାବରେ ସଂବେଦନଶୀଳ ଅଟନ୍ତି । ଏମାନେ ସ୍ଥିର, ଅଚଳ – ଏକ ନିର୍ଦ୍ଦିଷ୍ଟ ପରିମାଣର ଚାପ ନପାଇଲା ପର୍ଯ୍ୟନ୍ତ ଭାଙ୍ଗନ୍ତି ନାହିଁ, ଖଣ୍ଡ-ବିଖଣ୍ଡିତ ହୁଅନ୍ତି ନାହିଁ ଅଥବା ଖଣ୍ଡ ଖଣ୍ଡ ହେବା ନିମନ୍ତେ ରାଜି ହୁଅନ୍ତି ନାହିଁ, ଏହାହିଁ ସ୍ଥୂଳ-ପଦାର୍ଥମାନଙ୍କର ସ୍ୱଭାବ ବା ଗୁଣଧର୍ମ ।

ଲକ୍ଷ୍ୟ କଲେ ଦେଖାଯିବ ଯେ ସକଳ ଜଡ଼ ବା ପଦାର୍ଥମାନଙ୍କର ଏକ କ୍ରମ ଉତ୍ତରଣ ଅବସ୍ଥା ରହିଛି । ସେମାନେ ନିଜ ନିଜ ସ୍ୱଭାବ ଅନୁସାରେ ଉପରକୁ ଧାଡ଼ିବାନ୍ଧି ଉଠୁଛନ୍ତି ଏବଂ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କ ସହିତ ଏହି ଉର୍ଦ୍ଧ୍ୱାରୋହଣ କରୁଥିବା ବସ୍ତୁମାନଙ୍କର ସମ୍ପର୍କ ରହିଛି । ଏହି ସମ୍ପର୍କ ସେମାନଙ୍କର ଅବସ୍ଥିତି ଅନୁସାରେ ପୃଥକ୍ ପୃଥକ୍ ହୋଇଥାଏ । ସ୍ଥୂଳ ବା ଜଡ଼ ସ୍ତରରେ ଆମ ଇନ୍ଦ୍ରିୟମାନଙ୍କର ପଦାର୍ଥମାନଙ୍କ ସହିତ ଥିବା ସମ୍ପର୍କଗୁଡ଼ିକ ହେଲା – ଦୃଢ଼ଭାବରେ ବାନ୍ଧିହୋଇ ରହିବାର କ୍ଷମତା । ସ୍ପର୍ଶେନ୍ଦ୍ରିୟ, ଶ୍ରବଣେନ୍ଦ୍ରିୟ, ଘ୍ରାଣେନ୍ଦ୍ରିୟ, ସ୍ୱାଦେନ୍ଦ୍ରିୟ ଓ ଦର୍ଶନେନ୍ଦ୍ରିୟ ଆଦି ସାହାଯ୍ୟରେ ଆମେ ବିଭିନ୍ନ ପଦାର୍ଥମାନଙ୍କୁ ଚିହ୍ନି ଥାଉ ଏବଂ ସେମାନଙ୍କର ନାମକରଣ ମଧ୍ୟ କରି ଥାଉ । ଏହା ହେଲା ଜଡ଼ମାନଙ୍କ ସହିତ ଶରୀରର ସମ୍ପର୍କ; କିନ୍ତୁ ପ୍ରାଣ ଏବଂ ମନ ସ୍ତରରେ ସେହି ପଦାର୍ଥମାନେ ସେତେ କଠିନ ନୁହଁନ୍ତି, ସେଠାରେ ସେମାନେ ଅଧିକ ପରିମାଣରେ ନମନୀୟ । ସେ ଯାହାହେଉ ସକଳ ପଦାର୍ଥ କିନ୍ତୁ ଆତ୍ମା ଦ୍ୱାରା ସୃଷ୍ଟ । ଅନ୍ୟ ଅର୍ଥରେ କହିବାକୁ ଗଲେ ଆତ୍ମା ନିଜକୁ ଜଡ଼-ପଦାର୍ଥ ହେବା ପାଇଁ ସମର୍ପିତ କରି ଦେଇଛି । ପ୍ରଭୁ ଶ୍ରୀଅରବିନ୍ଦ ପୁନଶ୍ଚ 'ଦିବ୍ୟଜୀବନ' ଗ୍ରନ୍ଥରେ ''The Ascending Series of Substance'' ଅଧ୍ୟାୟରେ କହୁଛନ୍ତି ଯେ ଜଡ଼ବସ୍ତୁ ମଧ୍ୟରେ ଆତ୍ମାଙ୍କର ସମସ୍ତ ସାତଟିଯାକ ନିୟମ 'seven principles' ପ୍ରଚ୍ଛନ୍ନ ଭାବରେ ରହିଛନ୍ତି । ସକଳ ପଦାର୍ଥ ଏହି ସୃଷ୍ଟିର ପରିପ୍ରକାଶରେ ଏତାଦୃଶ ସାତଟି ଗୁଣମାନଙ୍କୁ ଧାରଣ କରି ବିକଶିତ ହୋଇଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ହେଉଛନ୍ତି । ପଦାର୍ଥ ଜଡ଼ ନୁହେଁ; ଜଡ଼ ହେଉଛି ପଦାର୍ଥର ଗୋଟିଏ ସ୍ୱରୂପ ମାତ୍ର, ବସ୍ତୁ ବା ପଦାର୍ଥ ହେଉଛି ଜୀବସତ୍ତାର ଭିତ୍ତିଭୂମି, ଯେଉଁ ସତ୍ତା ଏହି ସାତଟିଯାକ ସ୍ତରରେ ନିଜକୁ ବିଭିନ୍ନ ରୂପରେ ଗଢ଼ି ତୋଳିଛି । ଏହି ସପ୍ତ-ବିଧି ବା ''seven principles'' ହେଉଛନ୍ତି : ଜଡ଼, ପ୍ରାଣ, ମନ, ଅତିମାନସ ଏବଂ ସତ୍-ଚିତ୍-ଆନନ୍ଦ । ବର୍ତ୍ତମାନ ଆମ ଚତୁଃପାର୍ଶ୍ୱରେ ଥିବା ପ୍ରତ୍ୟେକ ବସ୍ତୁ ବା ପଦାର୍ଥମାନଙ୍କର ବସ୍ତୁଗତ ସ୍ୱରୂପ ବା ଚେହେରା ଏହି ସାତଟି ଭୂମି ମଧ୍ୟରୁ ଯେକୌଣସି ଗୋଟିଏକୁ ଆଧାର କରି ଗଠିତ । ଏହି ଗଠନର ଏକ ନିଜସ୍ୱ ସୂତ୍ର ବା 'ଫର୍ମୁଲା' ରହିଛି । ଏହାକୁ ପ୍ରଭୁ ଶ୍ରୀଅରବିନ୍ଦ କହୁଛନ୍ତି – 'concreteness, resistance and inertia'; 'କଠିନତ୍ୱ, ପ୍ରତିରୋଧଶକ୍ତି ଏବଂ ଜଡ଼ତ୍ୱ' ।

ଜୀବନର ସୂତ୍ର ହେଉଛି, କାମନା-ବାସନାର ସୂତ୍ର; କାମନା-ବାସନା ଜୀବନର ସକଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରି ଚାଲିଛି । ପ୍ରାଣ ଭୂମିରେ ଯେଉଁ କାମନା ରହିଛି ତାକୁ ଅନ୍ୟ ଏକ କାମନା-ଶକ୍ତି ପରିଚାଳିତ କରୁଛି । ସେହିପରି ମନ, ଅତିମନ ଏବଂ ଆନନ୍ଦ ଭୂମିରେ ପରିଚାଳନା ନିମନ୍ତେ ପୃଥକ୍ ପୃଥକ୍ ଶକ୍ତିମାନେ ରହିଛନ୍ତି, ସେମାନଙ୍କର ପୃଥକ୍ ସୂତ୍ର ମଧ୍ୟ ରହିଛି । ଏହି ସୃଷ୍ଟିରେ ଜୀବ-ସତ୍ତା, ଚେତନା-ଶକ୍ତି, ପଦାର୍ଥ ସ୍ୱରୂପରେ ଅବତରଣ କରୁଛନ୍ତି ଏବଂ ଉର୍ଦ୍ଧ୍ୱକୁ ଉତ୍ତରିତ ମଧ୍ୟ ହେଉଛନ୍ତି । ଏହି କାର୍ଯ୍ୟ ଅନବରତ ଚାଲିଛି । ଅବତରଣ

ସମୟରେ ପଦାର୍ଥମାନେ ଅଧିକରୁ ଅଧିକ କଠିନ ହେଉଛନ୍ତି ଏବଂ ଉତ୍ତରଣ ସମୟରେ ଅଧିକରୁ ଅଧିକ କୋମଳ ବା 'subtle' ହେଉଛନ୍ତି । ପରସ୍ପର ଭିତରେ ଛନ୍ଦାଛନ୍ଦି ହୋଇ ସେମାନେ ଅନବରତ ଚାଲିଛନ୍ତି । ସେଥିପାଇଁ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାରେ ତାଙ୍କ ଘରେ ଥିବା ସମସ୍ତ ବସ୍ତୁ, ଆସବାବପତ୍ର ଏବଂ ନିତ୍ୟ ବ୍ୟବହୃତ ପଦାର୍ଥମାନଙ୍କୁ ସେ କିପରି କୋମଳ ସ୍ପର୍ଶ ଦେଇ ବ୍ୟବହାର କରୁଥିଲେ ତାହା ବର୍ଣ୍ଣନା କରିଛନ୍ତି । କାରଣ ଶ୍ରୀମା ଜାଣିଥିଲେ ତାଙ୍କ ପାଖରେ ଥିବା ପଦାର୍ଥମାନେ ସଂବେଦନଶୀଳ ଏବଂ ଉତ୍ତରଣ-ପଥର ଯାତ୍ରୀ । ପ୍ୟାରିସ ଛାଡ଼ି ଚାଲି ଆସିଲା ପରେ ସେମାନେ ଯାହା ପାଖକୁ ଯିବେ ସେମାନେ ଯେପରି ତାଙ୍କୁ କୋମଳ ସ୍ପର୍ଶ ପ୍ରଦାନପୂର୍ବକ ଯତ୍ନ ସହକାରେ ବ୍ୟବହାର କରିବେ ତାହା ପ୍ରଭୁଙ୍କୁ ପ୍ରାର୍ଥନାରେ ନିବେଦନ କରୁଛନ୍ତି । ମା'ଙ୍କର କୃପା ଓ କରୁଣା ଅପାର, ଏହି ପରିପ୍ରେକ୍ଷୀରେ 'ଟି' ନାମକ ଜନୈକ ଭକ୍ତଙ୍କର ସହଧର୍ମିଣୀ କିପରି ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିଥିଲେ ତାହା ବର୍ଣ୍ଣନା କଲେ ଅତ୍ୟୁକ୍ତି ହେବ ନାହିଁ –

''ଘଟଣାଟି ୧୯୩୭ ମସିହାର । 'ଟି' ଏବଂ ତାଙ୍କର ପରିବାର ସେତେବେଳେ ଉତ୍ତର ଭାରତର କୌଣସି ଏକ ସହରରେ ବାସ କରୁଥିଲେ । ଦିନେ ଅପରାହ୍ନରେ 'ଟି'ଙ୍କର ସହଧର୍ମିଣୀ ତାଙ୍କ ଡ୍ରଇଂରୁମ୍‌ର ଚଟାଣରେ ପଡ଼ିଥିବା ଗାଲିଚା ଉପରେ ସପଟିଏ ବିଛାଇ ଦେଇ ତାଙ୍କ ଛୋଟ ଝିଅଟିକୁ ସେଠାରେ ଶୁଆଇ ପକାଇଲେ ଏବଂ ନିଜେ ତା' କଡ଼ରେ ଟିକେ ବିଶ୍ରାମ ନେଲେ । ତାଙ୍କ ଆଖି ଟିକେ ଲାଗିଗଲା ଏବଂ ତା' ପରକ୍ଷଣରେ ହଠାତ୍ ନିଦ ଭାଙ୍ଗିଗଲା ଏବଂ ଦେଖିଲେ ଯେ ସେ ଶୋଇଥିବା ସ୍ଥାନପାର୍ଶ୍ୱରେ ଏକ ସୋଫା ଉପରେ ଜଣେ ବୃଦ୍ଧଲୋକ ଉପବେଶନ କରିଛନ୍ତି । ମୁଖମଣ୍ଡଳରେ ସୁନ୍ଦର ଶ୍ମଶ୍ରୁ ଏବଂ ମସ୍ତକରେ ଦୀର୍ଘ କେଶଗୁଚ୍ଛ । ସିଏ ଏକ ଲୟରେ ତାଙ୍କୁ ଏବଂ ତାଙ୍କ ଝିଅକୁ ଚାହିଁଛନ୍ତି । ସେ ଏହି ଦୃଶ୍ୟ ଦେଖି ହଠାତ୍ ଉଠି ପଡ଼ିଲେ ଏବଂ ଅସ୍ତବ୍ୟସ୍ତ ହୋଇ ଯାଇଥିବା ତାଙ୍କର ପରିହିତ ବସ୍ତ୍ରକୁ ସଜାଡ଼ି ନେଲେ ଏବଂ ଚିତ୍କାର କରି ଅନ୍ୟମାନଙ୍କୁ ସାହାଯ୍ୟ ପାଇଁ ଡାକିବାକୁ ଉଦ୍ୟତ ହୁଅନ୍ତେ ଦେଖିଲେ ସେହି ବ୍ୟକ୍ତି ଜଣଙ୍କ କୁଆଡ଼େ ଉଭାନ ହୋଇ ଯାଇଛନ୍ତି । ତାଙ୍କ ସ୍ୱାମୀ ସବୁକଥା ଶୁଣିଲା ପରେ କହିଲେ, ''ତୁମେ ନିଶ୍ଚିତ ଭାବରେ ଟାଗୋରଙ୍କୁ ସ୍ୱପ୍ନରେ ଦେଖିଛ ଅଥବା ତୁମ ନିଜ ବାପାଙ୍କୁ ଦେଖିଛ (ଯାହାଙ୍କର ଏହି ବର୍ଣ୍ଣନା ସହ ସାମଞ୍ଜସ୍ୟ ରହିଛି) ।'' କିନ୍ତୁ ତାଙ୍କ ସହଧର୍ମଣୀ ଦୃଢ଼ ଭାବରେ କହିଲେ, ''ସେ ଏହି ଦୁଇଜଣଙ୍କ ଭିତରୁ କେହି ବି ନୁହଁନ୍ତି ।''

କିଛି ବର୍ଷ ବିତିଗଲା । ସେମାନେ ୧୯୫୦ରେ ଆଶ୍ରମକୁ ଆସି ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିସାରିଲା ପରେ ଭଦ୍ରମହିଳା ତାଙ୍କ ସ୍ୱାମୀଙ୍କୁ କହିଲେ, ''୧୯୩୭ ମସିହାରେ ଏହି ମହାପୁରୁଷ ଆମ ଘରେ ସୋଫା ଉପରେ ବିରାଜମାନ ହୋଇ ମୋତେ ଦର୍ଶନ ପ୍ରଦାନ କରିଥିଲେ ।'' ତାଙ୍କ ସ୍ୱାମୀ, 'ଟି' କହିଲେ, ''ତୁମେ ଏତେ ନିଶ୍ଚିତ ଭାବରେ କିପରି କହୁଛ ?'' ଭଦ୍ରମହିଳା କହିଲେ, ''ତାଙ୍କ ବାମ କାନ୍ଧ ଉପରେ ପଡ଼ିଥିବା ଚଦରଟିକୁ ଦେଖି ମୁଁ ତାଙ୍କୁ ଚିହ୍ନି ପାରିଲି ।''

ଆଶ୍ରମରେ ରହଣିକାଳ ମଧ୍ୟରେ ଦିନେ ସନ୍ଧ୍ୟାରେ 'ପ୍ଲେ-ଗ୍ରାଉଣ୍ଡ'ରେ 'ଟି'ଙ୍କର ସହଧର୍ମିଣୀ ଏକ ଚିତ୍ତାକର୍ଷକ ଦୃଶ୍ୟ ଦର୍ଶନ କରି ଅଭିଭୂତ ହୋଇ ପଡ଼ିଲେ । ସେହି ସମୟରେ 'ପ୍ଲେ-ଗ୍ରାଉଣ୍ଡ'ରେ ଜିମ୍ନାଷ୍ଟିକ୍ ମାର୍ଚ୍ଚିଙ୍ଗ୍ ଶେଷ ହେଲା ପରେ ମା ଆଶ୍ରମ ଅନ୍ତେବାସୀ, ସାଧକ ଏବଂ ଦର୍ଶନାଭିଳାଷୀମାନଙ୍କୁ ଭଜା ଚିନାବାଦାମ ବଣ୍ଟନ କରୁଥିଲେ । ଲୋକମାନେ ଦୁଇଟି ଧାଡ଼ିରେ ଠିଆ ହେଉଥିଲେ, ମା ଏହି ଦୁଇ ଧାଡ଼ିର ମଝିରେ ଚାଲି ଚାଲି ଯାଉଥିଲେ ଏବଂ ପ୍ରତ୍ୟେକଙ୍କୁ ଗୋଟିଏ ବଡ଼ ଚାମଚରେ ଭର୍ତ୍ତି କରି ବାଦାମ ଦେଉଥିଲେ । ଏହି ଚାମଚକୁ 'ladle' ବା ବଡ଼ ଡଙ୍କି କୁହାଯାଏ । ଏହି କାର୍ଯ୍ୟ ଚାଲିଥିବାବେଳେ 'ଟି' ଏବଂ ତାଙ୍କ ପରିବାର ଧାଡ଼ି ଭିତରେ ଅଳ୍ପ ଦୂରରେ ଠିଆ ହୋଇଥା'ନ୍ତି ତାଙ୍କ ପାଳି ଆସିବା ପର୍ଯ୍ୟନ୍ତ । ହଠାତ୍ 'ଟି'ଙ୍କର ସହଧର୍ମିଣୀ ଦେଖିଲେ ଅପୂର୍ବ ଚମତ୍କାର ଦୃଶ୍ୟ, ''ଧାଡ଼ି ମଝିରେ ମା ନାହାଁନ୍ତି, କିନ୍ତୁ ତାଙ୍କ ସ୍ଥାନରେ ଶ୍ରୀକୃଷ୍ଣ ପୀତବସ୍ତ୍ର ପରିଧାନ କରି ଚାହୁଁଛନ୍ତି, ମସ୍ତକରେ ଏକ ମୁକୁଟ ଏବଂ ଶ୍ରୀହସ୍ତରେ ଧରିଛନ୍ତି ବଡ଼ ଚାମଚ ବା ଡଙ୍କି (ladle), ଯାହା ବଂଶୀ ପରି ଦେଖା ଯାଉଛି (ଅବଶ୍ୟ ସେହିଦିନ ସନ୍ଧ୍ୟାରେ ମା' ହଳଦିଆ ବସ୍ତ୍ର ପରିଧାନ କରିଥିଲେ) । ଏହି ଅପୂର୍ବ ଦୃଶ୍ୟ ଦର୍ଶନ କରି ଭଦ୍ରମହିଳା ଆଶ୍ଚର୍ଯ୍ୟ-ଅଭିଭୂତ ହୋଇ ପଡ଼ିଲେ ଏବଂ ଧାଡ଼ିରୁ ବାହାରି ମା'ଙ୍କ ପାଖକୁ ଚାଲିଗଲେ ସେହି ଦୃଶ୍ୟକୁ ନିକଟରୁ ଦେଖିବା ପାଇଁ । ଚକ୍ଷୁଦ୍ୱୟକୁ ବିସ୍ଫାରିତ କରି ଦିବ୍ୟଜନନୀ ମା'ଙ୍କ ଭିତରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅପୂର୍ବ ଦୃଶ୍ୟକୁ ଦେଖିବାକୁ ଲାଗିଲେ । ଶ୍ରୀକୃଷ୍ଣ ମଧ୍ୟ ଅପୂର୍ବ ନେତ୍ର- ଦ୍ୱୟକୁ ଖୋଲି ଦେଇ ତାଙ୍କ ଆଡ଼କୁ ନିର୍ନିମେଷ ନୟନରେ ଚାହିଁଥା'ନ୍ତି । ଏହିସବୁ ଘଟଣା ଘଟିଗଲା

ପ୍ରାୟ ଅଧମିନିଟ ଭିତରେ । କ୍ରମଶଃ ଶ୍ରୀକୃଷ୍ଣ ମା'ଙ୍କ ଦିବ୍ୟ-ଶରୀରରେ ମିଶି ଗଲେ ଏବଂ ଦିବ୍ୟଜନନୀ ପୂର୍ବବତ୍ ସ୍ମିତହାସ୍ୟର ସହିତ ଚିନାବାଦାମ ବିତରଣ କରୁଥିବାର ଦେଖି ଯୋଡ଼ହସ୍ତରେ ପ୍ରଣାମ ନିବେଦନପୂର୍ବକ ସ୍ୱସ୍ଥାନକୁ ଫେରି ଆସିଲେ । ତାଙ୍କର ମନ, ପ୍ରାଣ ଓ ଦେହ ଏତାଦୃଶ ଦିବ୍ୟଲୀଳା ଦର୍ଶନ କରି ଦିବ୍ୟାନନ୍ଦସାଗରରେ ଅବଗାହନପୂର୍ବକ ପୁଲକିତ ହେବାକୁ ଲାଗିଲା ।

(How they came to Sri Aurobindo and The Mother, Vol. 2 ପୁସ୍ତକର ପୃଷ୍ଠା : ୧୨୯ - ୧୩୦)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

---

*(ପୃଷ୍ଠା ୨୪ର ଅବଶିଷ୍ଟାଂଶ)*

ରୂପେ ଶ୍ରୀଅରବିନ୍ଦ ପାଠଚକ୍ର ସମଗ୍ର ସଂସାରରେ ତୀବ୍ର ବେଗରେ ପ୍ରସାର ଲାଭ କରୁଅଛି । ଏହି କେନ୍ଦ୍ର ଓ ଶାଖା କେନ୍ଦ୍ରମାନଙ୍କର ସାଧକମାନେ ଯେତେ ପରିମାଣରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହେଉଥିବ ଏବଂ ସଂସାର ତା'ର ଲକ୍ଷ୍ୟ ସ୍ୱର୍ଗରାଜ୍ୟ ସ୍ଥାପନା ଦିଗରେ ଅଗ୍ରସର ହେଉଥିବ । ଏହା ଆନୁଷଙ୍ଗିକ ରୂପେ ଏଠାରେ ଆଲୋଚିତ ହେଲା । ଆମ୍ଭର ପ୍ରଧାନ ଆଲୋଚ୍ୟ ବିଷୟ ହେଉଛି ସତ୍‌ସଙ୍ଗ ଦ୍ୱାରା ଜୀବନର ଉନ୍ନତି କିପରି ହୁଏ । ପୁରାତନକାଳର ସତ୍‌ସଙ୍ଗ ପ୍ରାପ୍ତିର ବ୍ୟବସ୍ଥା କିପରି ଥିଲା ଓ ବର୍ତ୍ତମାନ ଅବସ୍ଥାରେ ସତ୍‌ସଙ୍ଗର ସ୍ୱରୂପ କ'ଣ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୭୦୯ - ୭୧୩)

❑❑❑


## ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ

ସଂପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର ଜଣାଇଛନ୍ତି ଯେ ସଂପୃକ୍ତ ଅନୁଷ୍ଠାନର ୯ମ ଓ ୧୦ମ ଶ୍ରେଣୀରେ ଇଂରାଜୀ ପଢ଼ାଇବା ପାଇଁ ସ୍ନାତକ ବା ସ୍ନାତକୋତ୍ତର ସ୍ତରରେ ଇଂରାଜୀ ବିଷୟ ଥାଇ B.Ed. କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ସେହିପରି B.P.Ed. କରିଥିବା ଜଣେ କ୍ରୀଡ଼ା ଶିକ୍ଷକଙ୍କର ମଧ୍ୟ ଆବଶ୍ୟକତା ରହିଛି ।

ଉପଯୁକ୍ତ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଆବେଦନ କରିବାକୁ ଅନୁରୋଧ । ପ୍ରାର୍ଥୀ ଚୟନରେ ମାତୃଭକ୍ତ ଭାଇଭଉଣୀଙ୍କୁ ଅଗ୍ରାଧିକାର ଦିଆଯିବ ।

ଦୂରଭାଷ ଯୋଗାଯୋଗ : ଶ୍ରୀ ବିନୋଦ କୁମାର ସାହୁ, ସମ୍ପାଦକ,
ମୋବାଇଲ୍ : ୯୪୩୭୨ ୧୩୧୫୫
(ଠିକଣା : ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ : ୭୫୧ ୦୩୦)

# କାରା-ଜୀବନୀ

## (୧)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଠିକ୍ ସେଇ ସମୟରେହିଁ ବରିଶାଲ ପ୍ରାଦେଶିକ ସମିତିର ଅଧିବେଶନ, ଏତତ୍ ଉପଲକ୍ଷ୍ୟେ ମୁଁ ବି ସେଠାରେ ହାଜିର ହୋଇଗଲି । ସେଠାରେ ପୁଲିସମାନଙ୍କର କାଣ୍ଡ କାରଖାନା ବିଷୟରେ ଅନେକେ ଅବଗତ ଥିଲେ । କହିବାବାହୁଲ୍ୟ ଅଧମ ପ୍ରତି ବି ପୁଲିସ ରେଗୁଲେସନ ଲାଠିର ଏକ ଏକ ପ୍ରହାରର କୃପା କରିବାକୁ ବିସ୍ମୃତ ହୋଇ ନାହାନ୍ତି । ଚିତ୍ତରଂଜନ ପ୍ରଭୃତିଙ୍କ ପ୍ରତି ଯେଉଁ ଅମାନୁଷିକ ଅତ୍ୟାଚାର ହେଲା ତାହା ତ ସ୍ୱଚକ୍ଷୁରେ ଦେଖିଲି । ଏଇସବୁ କାରଣରୁ ମନର ଅବସ୍ଥା କ୍ରମଶଃହିଁ ଏକ ଦୃଢ଼ ନିଶ୍ଚୟ ଦିଗରେ ଅଗ୍ରସର ହେବାକୁ ଲାଗିଲା । ଆମର ଅପରିଣତ ମସ୍ତିଷ୍କର ଚିନ୍ତାସ୍ରୋତକୁ ପରିଣତ ଓ ବିଶିଷ୍ଟ ଆକାର ଦାନ କରିବା ପକ୍ଷରେ ପ୍ରଧାନ ସହାୟକ ହେଲା ତତ୍‌କାଳୀନ ସଦ୍ୟ ପ୍ରକାଶିତ 'ଯୁଗାନ୍ତର' ପତ୍ରିକା । ସ୍ୱଦେଶୀ ଆନ୍ଦୋଳନ ପ୍ରବର୍ତ୍ତିତ ହେବାର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ ବି କାବ୍ୟ, ସାହିତ୍ୟ ଅଥବା ଚିନ୍ତାଶୀଳ-ଗବେଷଣାପୂର୍ଣ୍ଣ ରଚନା କିଛିରହିଁ ଆସ୍ୱାଦନ ପାଇ ନାହିଁ । ଏଇ ଆନ୍ଦୋଳନରେହିଁ ଯେପରି ପ୍ରାଣର ସବୁ ରୁଦ୍ଧ ଦ୍ୱାର ଉନ୍ମୁକ୍ତ ହୋଇଗଲା ଏବଂ ଥମାସ୍ କାର୍ଲାଇଲ୍‌ଙ୍କର 'Heroes and Hero Worship', ମ୍ୟାଜିନିଙ୍କର 'Faith and Future', ବଙ୍କିମଚନ୍ଦ୍ରଙ୍କର ଅନୁଶୀଳନ ଓ ଧର୍ମତତ୍ତ୍ୱ ଇତ୍ୟାଦି କେତେ ଖଣ୍ଡି ବହି ପଢ଼ି ପାଠପଢ଼ା ଭିତରେ ବି ଯେ ଗୋଟିଏ ପ୍ରାଣ-ମତାଣିଆ ଜିନିଷ କିଛି ଅଛି ତାହା ଏଇ ପ୍ରଥମ ଅନୁଭବ କଲି । ଏହା ବ୍ୟତୀତ ବିପିନ ବାବୁଙ୍କର ସେତେବେଳକାର ବକ୍ତୃତା ଓ ରବିବାବୁଙ୍କର ସ୍ୱଦେଶୀ ଆନ୍ଦୋଳନ ସଂକ୍ରାନ୍ତ ସଙ୍ଗୀତସବୁ ଆମମାନଙ୍କର ଯୁବକ-ହୃଦୟକୁ ଏକ ନୂତନ ଉନ୍ମାଦନା ଆଣିଦେଲା ଯାହା ଫଳରେ ସ୍ୱଦେଶକୁ ଏକ ନୂତନ-ଚକ୍ଷୁରେ ଦେଖିବାକୁ ଶିଖିଲୁ ।

ଛୁଟି ପରେ ବମ୍ବେ ଫେରିଯାଇ ଆଉ ଯେପରି କଳର ଘର୍ଘର ଶବ୍ଦ ଶରୀରରେ ସହ୍ୟ ହେଲା ନାହିଁ । ଅବଶେଷରେ କାମଳ ରୋଗକୁ ନେଇ ଘରକୁ ଆସିବାକୁ ବାଧ୍ୟ ହେଲି ଓ ଔଷଧ ଆଦି ପଥ୍ୟ କରିବାକୁ ଲାଗିଲି । କିନ୍ତୁ ସୁସ୍ଥ ହେବା ପରେ ଦେଖିଲି ଯେ, ଶିବପୁରରେ ରହି ବିସ୍ଫୋରକ ଦ୍ରବ୍ୟ ପ୍ରସ୍ତୁତି ବିଷୟରେ ନାନା ପ୍ରକାର ପରୀକ୍ଷା ଇତ୍ୟାଦିର ଗୋଟିଏ ଚମତ୍କାର ସୁଯୋଗ ରହିଛି । କଲେଜ ଲାଇବ୍ରେରିରେ ଯଥେଷ୍ଟ ବହି ଇତ୍ୟାଦି ମିଳି ପାରିବ ଏବଂ ବୈଜ୍ଞାନିକ ପରୀକ୍ଷାଗାରରେ ରାସାୟନିକ ଦ୍ରବ୍ୟ ଇତ୍ୟାଦିର ବି ଅଭାବ ହେବ ନାହିଁ । ସୁତରାଂ ପୁନର୍ବାର ବମ୍ବେ ଯାଇ କଳର ଘର୍ଘର ଶବ୍ଦରେ ମଥା ଖରାପ କରିବା ଅପେକ୍ଷା ଯଦି ଗୋଟାଏ ଦୁଇଟା ବୈଜ୍ଞାନିକ ପରୀକ୍ଷାରେ ସଫଳ କାମ ହୋଇପାରେ ତା'ହେଲେ ଅନାୟାସରେ ଦେଶରେ ଯେଉଁ ଗୁପ୍ତ ଦଳ ପ୍ରସ୍ତୁତ ହୋଇଛି ବୋଲି ଶୁଣାଯାଉଛି, ତାହାର ସଭ୍ୟ ଶ୍ରେଣୀଭୁକ୍ତ ହୋଇ କାର୍ଯ୍ୟ କରି ପାରିବି, ଏଇ ପ୍ରକାର ଆଲୋଚନା କରି କାର୍ଯ୍ୟକୁ ଓହ୍ଲାଇ ପଡ଼ିଲି । ଏହାପରେ ଯାହା ଯାହା ଘଟିଲା ତାହା ବାରୀନ୍ ବାବୁଙ୍କର 'ଦ୍ୱୀପାନ୍ତରର କଥା' ଓ ଉପେନ୍ ବାବୁଙ୍କର ''ନିର୍ବାସିତେର ଆତ୍ମକଥା'' ଇତ୍ୟାଦି ପୁସ୍ତକରେ ବର୍ଣ୍ଣିତ ହୋଇଛି । ଯା'ହେଉ ଉକ୍ତ ନିର୍ବାସନ ଓ କାରାବାସ ବିଷୟରେ ମୋର ବ୍ୟକ୍ତିଗତ ଅଭିଜ୍ଞତା ବି ଅପରାପର (ଅନ୍ୟାନ୍ୟ) ସମସ୍ତଙ୍କ ସହ ଏକ ପ୍ରକାର ନୁହେଁ; ଏକ ପ୍ରକାର ନୁହେଁ କାହିଁକିନା ଏହା ଏତେ ଭିନ୍ନ ଯେ ତା'ର ଗୋଟିଏ ବିସ୍ତାରିତ ବର୍ଣ୍ଣନା ବୋଧହୁଏ ଅନେକଙ୍କ ନିକଟରେ ବାଞ୍ଛନୀୟ ବୋଧ ହେବ ।

ଯେଉଁ ପାର୍ଥକ୍ୟର କଥା କହିଲି ତାହା ଠିକ୍ ସାଧାରଣ ଲୌକିକ ହିସାବରେ ନୁହେଁ ଏବଂ କାରାଗାରର ସାଧାରଣ ବିଧି-ନିଷେଧର ଭିତରେ ତାହା ହେବାର ବି କଥା ନୁହେଁ । ମୋର କାରା-ଜୀବନର ସାଧାରଣ ଲୌକିକ ଘଟଣାବଳୀ ଭିତର ଦେଇ ଅତିଲୌକିକ ଏପରି କେତେଗୁଡ଼ିଏ ଘଟଣାର ସମାବେଶ ହୋଇଛି ଯେ, ଯଦି ସମ୍ପୂର୍ଣ୍ଣ ବାର ବର୍ଷ ବ୍ୟାପୀ ଘଟଣାବଳୀର ଗୋଟିଏ ଚିତ୍ର ମାନସ ପଟରେ ଅଙ୍କିତ କରେ, ଦେଖାଯିବ ଯେ ସେହି ଅତିଲୌକିକ ବ୍ୟାପାରଗୁଡ଼ିକ ପ୍ରାୟ ସବୁ ସ୍ଥାନ ଅଧିକାର କରି ବସିଛି । ତେଣୁ ଯେଉଁଥିପାଇଁ ଏଇ ସବୁ ବ୍ୟାପାର ସର୍ବଧାରଣରେ ଆଲୋଚିତ ଓ ନିର୍ଦ୍ଧାରିତ ହୋଇ କୌଣସି

ପ୍ରକାର ସୁଯୁକ୍ତିପୂର୍ଣ୍ଣ ବୈଜ୍ଞାନିକ ତତ୍ତ୍ୱର ଆକାରରେ ସମସ୍ତଙ୍କର ଅଧିଗମ୍ୟ ହେବ, ଏହା ସମସ୍ତେହିଁ ଇଚ୍ଛା କରିବେ । ଏଇ କଥା ଜିଜ୍ଞାସା କରାଯାଇପାରେ ଯେ ଆମମାନଙ୍କର ଲୌକିକ ଓ ଅତିଲୌକିକ ଅଥବା ଅଲୌକିକ ବିଭେଦ କେଉଁଠାରେ ? ଆଜି ଯାହା ଅଲୌକିକ, କାଲି କ'ଣ ତାହା ଲୌକିକର ରାଜ୍ୟରେ ଆସି ପଡ଼ିବ ନାହିଁ ? ଆଜି ଆମର ଚର୍ମଚକ୍ଷୁରେ ଯାହା ଶୂନ୍ୟାକାର ଦେଖୁଛି ଏବଂ କିଛି ନୁହେଁ ବୋଲି କହୁଛି, କାଲି କ'ଣ ତାହା ବୈଜ୍ଞାନିକ ଯନ୍ତ୍ରପାତିର ସାହାଯ୍ୟରେ ପ୍ରତ୍ୟକ୍ଷ ଗୋଚର ହୋଇ ପଡ଼ିବ ନାହିଁ କି ? ଆମମାନଙ୍କର ପୁରାତନ ଇତିହାସ, ପୁରାଣ ଇତ୍ୟାଦିରେ ନାନା ପ୍ରକାର ଅତିଲୌକିକ ଘଟଣାର ବର୍ଣ୍ଣନା ଅଛି, କିନ୍ତୁ ତାହା କେବଳ ବର୍ଣ୍ଣନା ରୂପରେହିଁ ସନ୍ନିବେଷ୍ଟିତ, ଅଥବା ରୂପକ ଛଳରେ ବର୍ଣ୍ଣିତ । ତା'ର କାର୍ଯ୍ୟକାରଣ ଶୃଙ୍ଖଳା ବିଶଦ ରୂପେ ଆଲୋଚିତ ଓ ନିର୍ଦ୍ଧାରିତ ହୋଇ କୌଣସି ସାଧାରଣ ବୈଜ୍ଞାନିକ ତତ୍ତ୍ୱ ମଧ୍ୟରେ ସନ୍ନିବିଷ୍ଟ ହୋଇ ନାହିଁ । ଆମର ଆଜିକାଲିର ବୈଜ୍ଞାନିକ ସଭ୍ୟତା ଯୁଗରେ, ଚିନ୍ତାଶୀଳ ଜଗତରେ କ'ଣ ଏଇସବୁ ପୁରୁଣା କାହାଣୀ ଅଥବା ବୁଢ଼ୀମା'ର ଗଳ୍ପ ଆମମାନଙ୍କର ଜ୍ଞାନବୁଦ୍ଧିର ଚରିତାର୍ଥତା ପକ୍ଷରେ ଯଥେଷ୍ଟ ହେବ ? ତେଣୁ କହୁଥିଲି, ଯେଉଁଥିରେ ଏଇ ସମସ୍ତ ଘଟଣାବଳୀ ବିଧିବଦ୍ଧ ହୋଇ ଗୋଟିଏ ସାଧାରଣ ତତ୍ତ୍ୱର ଅଭିବ୍ୟକ୍ତି ରୂପେ ଆମମାନଙ୍କର ଜ୍ଞାନ, ବୁଦ୍ଧିର ପୁଷ୍ଟି ସାଧନ କରେ, ତାହାହିଁ ଆମମାନଙ୍କର ସର୍ବଥା ବାଞ୍ଛନୀୟ ।

ଆଲିପୁର କୋର୍ଟରେ ମୋର ଏବଂ ବାରୀନ୍-ଦା'ଙ୍କର ଫାଶୀର ହୁକୁମ ହେବା ପରେ ଆମ ଦୁଇଜଣଙ୍କୁ ଫାଶୀର ଆସାମୀର ଘରେ ଅଥବା ପାଖାପାଖି ଦୁଇଟି condemned-cell ରେ ରଖାଯାଇଥିଲା । ଫାଶୀର ହୁକୁମ ପରେ ଆମକୁ ଯେତେବେଳେ ପଚରାଗଲା, ''ଅପିଲ କରିବ କି ନାହିଁ'' – ମୁଁ କହିଲି, ''ଅପିଲ ପୁଣି କ'ଣ କରିବି, ଯାହାର କୋର୍ଟକୁ ମୁଁ ମାନେ ନାହିଁ, ତା'ର ପୁଣି ଅପିଲ କ'ଣ ଆଉ ବିଚାର କ'ଣ ?'' ଏହାର କିଛିଦିନ ପରେ ବାରୀନ୍-ଦା' କାନ୍ଥ ପିଟି ପିଟି ମୋତେ ଅପିଲ ପାଇଁ ଅନୁରୋଧ କରିବାକୁ ଲାଗିଲେ, ଏବଂ କହିଲେ, ଆମମାନଙ୍କର ଯାହାକିଛି ଘଟିଛି ତା' ପାଇଁ ବାରୀନ୍-ଦା'ହିଁ ଦାୟୀ; ଏବଂ ସେସ୍ଥଳରେ ଗୋଟିଏ ଅପିଲ ଫର୍ମରେ ଦସ୍ତଖତ କଲେ ତ ଜଣକର ପ୍ରାଣହାନି କମ୍ ହେବ । ସେସ୍ଥଳରେ ଯୁକ୍ତି କରି ପୈତୃକ ପ୍ରାଣଟି ହରାଇ ତାଙ୍କୁ ଅଧିକ ଦାୟଭାରଗ୍ରସ୍ତ କରିବା ମୋର ଉଚିତ ହେବ ନାହିଁ, ଇତ୍ୟାଦି । ଏ ପଟେ ଘରଆଡୁ ମା, ବାବା ସମସ୍ତେ ବୁଝାଇବାକୁ ଲାଗିଲେ । ଅବଶେଷରେ ମୋର ବି ଯେପରି ମନେ ହେବାକୁ ଲାଗିଲା ହୁଏତ ଆତ୍ମୀୟସ୍ୱଜନଙ୍କର ଅନୁରୋଧ ଅମାନ୍ୟ କରି କେବଳ ଗୋଟିଏ ଅପିଲ ଫର୍ମରେ ଦସ୍ତଖତ କରିବାର ଯେଉଁ ନୈତିକ ବାଧା, ତା' ପାଇଁ ମୋର ଫାଶୀ କାଠକୁ ଯିବା ଠିକ୍ ଉଚିତ ହେବ କି ନାହିଁ, ପୁଣି ଗଲେ ବି ଜନସାଧାରଣ କଥାଟାକୁ ଠିକ୍ ମୋ ପରି ଦେଖିବେ କି ନାହିଁ, ଇତ୍ୟାଦି ଆଲୋଚନା ପରେ ଠିକ୍ କଲି ଅପିଲ କରିବି, ଏବଂ ତଦନୁଯାୟୀ ସାହେବମାନଙ୍କ ୱାର୍ଡ଼ରକୁ ଡାକି କହିଲି । ତା'ପରେ ଦିନେ ସକାଳୁ ଦେଖିଲି ହାଇକୋର୍ଟ୍ର ଓକିଲ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସେନ୍ ଓ ମୋର ପୂଜନୀୟ ମାମୁଁ ଡାକ୍ତର ଶ୍ରୀଯୁକ୍ତ ମହେନ୍ଦ୍ର ଚନ୍ଦ୍ର ନନ୍ଦୀ ମହାଶୟ ମୋ ସେଲ୍ର ସମ୍ମୁଖରେ ଆସି ହାଜିର । ମୁଁ ନମସ୍କାର କରିବା ପରେ ସେମାନେ ଖଣ୍ଡିଏ ଅପିଲ ଫର୍ମ ବାହାର କରି ମୋତେ ଦସ୍ତଖତ କରିବାକୁ କହିଲେ । ମୁଁ ବି ତାଙ୍କ ପାଖରୁ କାଳି କଲମ ନେଇ ତାହାହିଁ କଲି । ତା'ପରେ ଗୋଟେ ଦୁଇଟା କଥାବାର୍ତ୍ତା ପରେ ସେମାନେ ଚାଲିଗଲେ । ଠିକ୍ ପରଦିନ, ଅଥବା ତା' ପରଦିନ, ମୋର ଠିକ୍ ମନେ ନାହିଁ, ପୁଣି ଦେଖିଲି ମୋର ମାମୁଁ ଓ ଶରତ ବାବୁ ଓକିଲ ସେହିପରି ଆଉ ଖଣ୍ଡିଏ ଅପିଲ ଫର୍ମ ନେଇ ଉପସ୍ଥିତ । ମୋତେ ଦସ୍ତଖତ କରିବାକୁ କହିଲେ, ମୁଁ କହିଲି, ''ପୁଣି କାହିଁକି ? ସେଦିନ ଦସ୍ତଖତ କରିଥିଲି !'' ସେମାନେ ଶୁଣି ଅବାକ୍ ! ସେମାନେ ତ ଏହାର ବିନ୍ଦୁମାତ୍ର ବି ଜାଣନ୍ତି ନାହିଁ । ପଚାରିଲେ, ''କାହା ପାଖରେ ଦସ୍ତଖତ କରି ଦେଇଛ ?'' ମୁଁ କହିଲି, ''ଆପଣମାନଙ୍କ ପାଖରେ, ପୁଣି ଆଉ କିଏ ?'' ସେମାନେ କହିଲେ, ''ଆମେ ଆଗରୁ ତ କୌଣସି ଦିନ ଅପିଲ ଫର୍ମ ନେଇ ତୁମ ପାଖକୁ ଆସି ନାହୁଁ ! କି ଆଶ୍ଚର୍ଯ୍ୟ ! ଛାଡ଼, ତୁମେ ଏଇ ଫର୍ମଟିରେ ଦସ୍ତଖତ କରି ଦିଅ ତ, ଯାହା ହୋଇ ଯାଇଛି ତା' ପାଇଁ ଭାବିଲେ କ'ଣ ହେବ ।'' ଏଠାରେ କହି ରଖିବା ଆବଶ୍ୟକ, ଯେଉଁ ସମୟରେ ଏହିପରି ଘଟଣା ଘଟିଥିଲା, ସେଇ ସମୟରେ ମୋର ମନେହେଲା ଯେ ଏହା କୌଣସି ଅଲୌକିକ କିଂବା ଅତିଲୌକିକ ବ୍ୟାପାର – କିଛି ଧାରଣା କରି ହେଲା ନାହିଁ । ମୋର ମନେ ହେଲା ଶରତବାବୁ ଏକଥା ଜାଣି ବୋଧେ ମୋତେ ନେଇ ଟିକିଏ ପରିହାସ କଲେ, ସୁତରାଂ ଯେକୌଣସି କାରଣରୁ ହେଉ ଦୁଇ ଖଣ୍ଡ ଫର୍ମ ଯେ ସେମାନେ ମୋ ପାଖରୁ ଦସ୍ତଖତ କରି ନେଇଛନ୍ତି ସେ ବିଷୟରେ ମୋର ମନରେ ସେତେବେଳେ

କୌଣସି ସନ୍ଦେହ ଉପସ୍ଥିତ ହୋଇ ନାହିଁ । ଏଇ ଘଟଣା ଏଇ ପର୍ଯ୍ୟନ୍ତହିଁ ରହିଗଲା ଏବଂ ବିଶେଷ କୌଣସି କୌତୂହଳ ଉପସ୍ଥାପନ ନକରି ଏହାର କାର୍ଯ୍ୟ-କାରଣ ସମ୍ବନ୍ଧରେ ଆଲୋଚନା କରିବାର ସେତେବେଳେ କୌଣସି ଚେଷ୍ଟା ମନରେ ସ୍ଥାନ ପାଇଲା ନାହିଁ । ପରେ ଏଇ ପ୍ରକାର କ୍ରମାନ୍ୱୟରେ କେତେଗୁଡ଼ିଏ ଘଟଣା ଲକ୍ଷ୍ୟ କରିବା ପରେ ଏ ବିଷୟରେ ଯେପରି ଏକ ବିଶେଷ ସ୍ମୃତି ମନ ମଧ୍ୟରେ ଜାଗରୂକ ହେବାକୁ ଲାଗିଲା । ପ୍ରଥମାବସ୍ଥାରେ ଯେତେବେଳେ ଏହି ପ୍ରକାରର ଘଟଣାଟି ପରିଲକ୍ଷିତ ହୋଇଛି କେବଳ ମାତ୍ର ସେତେବେଳେହିଁ ଘଟଣାଟି ପରିଦୃଷ୍ଟ ହୋଇଛି, ଠିକ୍ ସେତିକିବେଳ ପର୍ଯ୍ୟନ୍ତ ମନ ମଧ୍ୟରେ ତାହା ସ୍ଥାନ ପାଇଛି ଏବଂ ତାହା ବି ଅତି ଅଳ୍ପ ସମୟ ପାଇଁ ବୁଝିବାକୁ ହେବ, ଏପରି କି ଏକ ବା ଦୁଇ ମିନିଟରୁ ବେଶୀ ହେବ ନାହିଁ; ପରକ୍ଷଣରେ ତାହା ସମ୍ପୂର୍ଣ୍ଣ ବିସ୍ମୃତ ହୋଇ ଯାଇଛି ଏବଂ ତା'ର କୌଣସି ଚିହ୍ନ ଯେପରି ମନରେ ସ୍ଥାନ ପାଇ ନାହିଁ । ଏଠାରେ ମୋର ଏଇ କଥାଗୁଡ଼ିକ କହିବାର ଉଦ୍ଦେଶ୍ୟ ଆଉ କିଛି ନୁହେଁ, କେବଳ ଏଇ ସମସ୍ତ ଘଟଣା ଆମ ମନରେ କି ଭାବେ କାର୍ଯ୍ୟ କରେ, ତା'ର ଯଥାସମ୍ଭବ ବିଶେଷତ୍ୱ ରକ୍ଷା କରି ଗୋଟିଏ ଶୃଙ୍ଖଳାବଦ୍ଧ ବର୍ଣ୍ଣନା ଓ ଯଦି ସମ୍ଭବ ହୁଏ ମୋର କ୍ଷୁଦ୍ର ବୁଦ୍ଧିରେ ଏହାର କୌଣସି ଯୁକ୍ତିଯୁକ୍ତ କାରଣ ପ୍ରଦର୍ଶନର ଚେଷ୍ଟା । ଅବଶ୍ୟ ଏହା ସମସ୍ତେହିଁ ସ୍ୱୀକାର କରିବେ ଯେ ଏକ ପ୍ରକାର ଅତିଲୌକିକ ଅଥବା ଅଲୌକିକ ଘଟଣା ସଚରାଚର ଲୋକ ସମ୍ମୁଖରେ ପ୍ରକଟିତ ହୁଏ ନାହିଁ; ଏବଂ ଏହା ବି କୌଣସି ନିତ୍ୟନୈମିତ୍ତିକ ବ୍ୟାପାର ନୁହେଁ । ସୁତରାଂ ଏ ବିଷୟରେ କୌଣସି ସାଧାରଣ ନିୟମରେ ଉପନୀତ ହେବା ନିଶ୍ଚୟହିଁ ଅତୀବ ଦୁରୂହ ବ୍ୟାପାର ହେବ, ଏଥିରେ ସନ୍ଦେହ ନାହିଁ । ତେବେ ବି ଯେଉଁ ନ୍ୟାୟ ପରାୟଣ ଅସଫଳ ଲୋକ ଏ ବିଷୟରେ ହସ୍ତକ୍ଷେପ କରିଛନ୍ତି, ଏହା କେବଳ ନିଜର କୌତୂହଳ ଚରିତାର୍ଥତା ପାଇଁ ନୁହେଁ ତ ଆଉ କ'ଣ ବା କହିବି । କିନ୍ତୁ ଯଦି ଏଇ ଆଲୋଚନା ଫଳରେ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯେଉଁମାନେ ଏହିପରି ଘଟଣା ପ୍ରତ୍ୟକ୍ଷ କରିଛନ୍ତି ସେମାନଙ୍କ ମଧ୍ୟରେ ଅଥବା ସାଧାରଣ ବିଦ୍ୱାନ୍‌ମଣ୍ଡଳୀ ମଧ୍ୟରେ ଏଇ ତତ୍ତ୍ୱର ବିଶଦ ଆଲୋଚନା ଓ ଗବେଷଣା ହୁଏ, ତାହା ହେଲେ ମୁଁ ବିଶ୍ୱାସ କରିବି ଯେ ଜାଗତିକ ତତ୍ତ୍ୱବିଦ୍ୟା ବିଷୟରେ ଆମମାନଙ୍କର ଦୃଷ୍ଟିର ପରିସର ବୃଦ୍ଧି ପାଇବ ଓ ଆମେ କୌଣସି ନୂତନ ତତ୍ତ୍ୱ ଲାଭ କରି ନିଜକୁ ଭାଗ୍ୟବାନ୍ ମନେ କରିପାରିବୁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

କେତେକ ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ ଏବଂ ସେମାନଙ୍କର ବୌଦ୍ଧିକ ବୁଝାମଣା ଅପେକ୍ଷା ଭାବାବେଗଜନିତ ବୁଝାମଣା ଅଧିକ ହୋଇଥାଏ । ଏମାନେ ଈଶ୍ୱରଙ୍କୁ ଜାଣି ନଥା'ନ୍ତି, ଈଶ୍ୱରଙ୍କ ସମ୍ବନ୍ଧେ ସେମାନଙ୍କର ସାମାନ୍ୟତମ ଧାରଣା ମଧ୍ୟ ନଥାଏ – ଈଶ୍ୱର କ'ଣ ହୋଇପାରନ୍ତି, ଈଶ୍ୱର କହିଲେ କ'ଣ ସବୁ ବୁଝାଏ – ଏସବୁ ସେମାନଙ୍କୁ କିଛି ମାଲୁମ ନଥାଏ – ଏସବୁ ସମ୍ବନ୍ଧେ ବି ସେମାନଙ୍କର କୌଣସି ବୌଦ୍ଧିକ ଧାରଣା ନଥାଏ – କିନ୍ତୁ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥାଏ ଏକ ଗଭୀର ଆକର୍ଷଣ, ଥାଏ ଏକ ଆକୁଳ ପ୍ରବେଗ, ଏକ ବ୍ୟାକୁଳ ଅନୁରକ୍ତି, ସେମାନେ ଈଶ୍ୱରଙ୍କର ଆବଶ୍ୟକତା ଅନୁଭବ କରନ୍ତି – ଅନୁଭବ କରନ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।

ଏବଂ ଏହି ଧରଣର ଲୋକମାନେ ଯେଉଁମାନଙ୍କର ଏହିପରି ଭାବାବେଗପୂର୍ଣ୍ଣ ଈଶ୍ୱର-ଆକର୍ଷଣ ରହିଛି, ଏବଂ ମୁଁ କହିପାରେ, ଈଶ୍ୱରଙ୍କ କୃପାରୁ ସେମାନଙ୍କର ମନ ଏସବୁ ବ୍ୟାପାରରେ କିଛି ବ୍ୟାଘାତ ଘଟାଏ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ, କିଛି ବିଚାର ବିମର୍ଶ କରେ ନାହିଁ – ଏବଂ ଏହି ଲୋକମାନେ ଏହି ପଥରେ ଶୀଘ୍ର ଆଗେଇ ଯାଆନ୍ତି । ...

– ଶ୍ରୀମା

# ନୂତନ ଶିକ୍ଷାର ଆହ୍ୱାନ

## (୧୯)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଜାତୀୟ ଶିକ୍ଷାନୀତି – ୨୦୨୦
### (National Education Policy - 2020)

ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ୨୦୨୦ ମସିହାରେ ଏକ ନୂତନ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରିଛି । ଏହାର ମୁଖ୍ୟ ନୀତି ବା ଆଦର୍ଶ ହେଲା ଶିକ୍ଷାଦେବା (Educate), ଉତ୍ସାହିତ କରିବା (Encourage) ଏବଂ ପ୍ରଦୀପ୍ତ କରିବା (Enlighten) । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାକୁ ୨୦୩୦ ମସିହା ସୁଦ୍ଧା ସାର୍ବଜନୀନ କରିବା । ଏହା ଦ୍ୱାରା ଶିକ୍ଷାର୍ଥୀ ଓ ସମାଜ ଭିତରେ ଏକ ସୁଦୃଢ଼ ସମ୍ପର୍କ ପ୍ରତିଷ୍ଠା ହୋଇ ପାରିବ । ଏହି ଜାତୀୟ ଶିକ୍ଷାନୀତିଟି ୫ଟି ମୌଳିକ ନିୟାମକ ନୀତି ଉପରେ ପ୍ରତିଷ୍ଠିତ ।

(୧) ପ୍ରବେଶ ଅଧିକାର (Access) – ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ସଂପ୍ରଦାୟ, ସ୍ଥାନ ଭେଦରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଏବଂ ପ୍ରାଥମିକ ଶିକ୍ଷା ସ୍ତରରେ ସମାନ ପ୍ରବେଶ ଅଧିକାର ।

(୨) ସର୍ବସମତା (Equity) – ସମସ୍ତ ଶିକ୍ଷାଗତ ନିଷ୍ପତ୍ତିରେ ନିରପେକ୍ଷତା, ନ୍ୟାୟପରତା ତଥା ସର୍ବସମତା ଓ ଅନ୍ତର୍ଭୁକ୍ତିକୁ ପ୍ରାଧାନ୍ୟ ଦେବା ଯଦ୍ଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଶିକ୍ଷା ବ୍ୟବସ୍ଥାରେ ଅଗ୍ରଗତି କରିବାକୁ ସମର୍ଥ ହେବେ ।

(୩) ଗୁଣାତ୍ମକ ଶିକ୍ଷା (Quality) – ଶିକ୍ଷାର ମାନ ବା ଗୁଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ । ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଛି – ଏହି ତିନୋଟି କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧି ଘଟାଇବା ହେଉଛି ଏହାର ଉଦ୍ଦେଶ୍ୟ ।

(୪) ଅର୍ଥ ବ୍ୟୟ କରିବା ସାମର୍ଥ୍ୟ (Affordability) – ଶିକ୍ଷାର୍ଥୀକୁ ଉଚ୍ଚଶିକ୍ଷା ପାଇଁ ସମର୍ଥ କରିବା । ପ୍ରାଥମିକଠାରୁ ଉଚ୍ଚତର ଶିକ୍ଷା ପର୍ଯ୍ୟନ୍ତ ଛାତ୍ରଟି ଯେପରି ଅର୍ଥ ଯୋଗୁଁ ଶିକ୍ଷାରୁ ବଞ୍ଚିତ ନହୁଏ ସେଥିପ୍ରତି ଦୃଷ୍ଟି ଦେବା ଏବଂ ଛାତ୍ରଟି ଯେପରି ନିଜର ସାମର୍ଥ୍ୟ ଅନୁସାରେ ଉପଯୁକ୍ତ ଶିକ୍ଷା ପାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ତଥା ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା । ବିଶେଷତଃ ଶିକ୍ଷାକୁ ସୁଲଭ୍ୟ କରିବା ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ଅଟେ ।

(୫) ଉତ୍ତରଦାୟିତ୍ୱ (Accountability) – ଶିକ୍ଷାକ୍ଷେତ୍ରରେ ଶିକ୍ଷାର୍ଥୀ, ଶିକ୍ଷକ, ଅଭିଭାବକ, ସମାଜ, ସରକାର ଆଦି ସମସ୍ତଙ୍କର ନିଜ କାର୍ଯ୍ୟ ପ୍ରତି ଉତ୍ତର ଦାୟିତ୍ୱ ରହିଛି । ଗୁଣାତ୍ମକ ଶିକ୍ଷା ପାଇଁ ପ୍ରତ୍ୟେକେ ନିଜର କାର୍ଯ୍ୟକୁ ନିଷ୍ଠାର ସହିତ ସମ୍ପାଦନ କରିବା ଆବଶ୍ୟକ । ଜଣେ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ କ୍ଷେତ୍ରରେ ମାତାପିତାଙ୍କଠାରୁ ଆରମ୍ଭ କରି ଦେଶର ଶାସନ କର୍ତ୍ତା ପର୍ଯ୍ୟନ୍ତ ତଥା ସାମାଜିକ ଅନୁଷ୍ଠାନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଜର ଭୂମିକା ପ୍ରତି ସଚେତନ ରହି ଦାୟିତ୍ୱକୁ ନିଷ୍ଠାର ସହିତ ନିର୍ବାହ କରିବା ଫଳରେ ଉଭୟ ବ୍ୟକ୍ତି ଓ ସମାଜର ଅଗ୍ରଗତି ହୋଇଥାଏ ।

ଏହି ଜାତୀୟ ଶିକ୍ଷାନୀତିର ଅଧ୍ୟକ୍ଷ କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନ୍ କହନ୍ତି – "No language is being imposed. Multilingual flexibility is still the basis for the new National Education Policy – 2020." ଜାତୀୟ ଶିକ୍ଷା ନୀତିରେ କୌଣସି ଭାଷାକୁ ଶିକ୍ଷାର୍ଥୀ ଉପରେ ଲଦି ଦିଆଯାଇ ନାହିଁ । ଶିକ୍ଷା ବା ଶିକ୍ଷଣ କାର୍ଯ୍ୟକ୍ରମରେ ମାତୃଭାଷା, ଆଞ୍ଚଳିକ ଭାଷା, ଯେକୌଣସି ଦେଶୀୟ ଭାଷା ବା ଆନ୍ତର୍ଜାତୀୟ ଭାଷା ବ୍ୟବହାର କରିବାର ସୁଯୋଗ ଦିଆଯାଇଛି । ଏହି ଶିକ୍ଷାନୀତିଟି ଭାରତ ସରକାରଙ୍କ ଦ୍ୱାରା ୨୦୨୦ ମସିହା ଜୁଲାଇ ୩୦ ତରିଖରେ ପ୍ରକାଶ କରାଯାଇଥିଲା । ଏହି ଜାତୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଶିକ୍ଷାନୀତିଟି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ ଶିକ୍ଷା କେବଳ

ଜ୍ଞାନଗତ କ୍ଷମତାର ବିକାଶ ନୁହେଁ; କିନ୍ତୁ ଉଭୟ ସାକ୍ଷରତା ଓ ସଂଖ୍ୟାଗତ ଦକ୍ଷତାର ମୌଳିକ ସାମର୍ଥ୍ୟ ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ ଓ ସମସ୍ୟା ସମାଧାନ ଭଳି ଉଚ୍ଚସ୍ତରର ଏକ ବୌଦ୍ଧିକ ସାମର୍ଥ୍ୟ ଅଟେ । ଏହା ମଧ୍ୟ ସାଂସ୍କୃତିକ ସଚେତନତା ଓ ସହାନୁଭୂତି, ଅଧ୍ୟବସାୟ ଓ ସାହସ, ଦଳଗତ କାର୍ଯ୍ୟ ଓ ନେତୃତ୍ୱ, ସେବା ଓ ତ୍ୟାଗ, ସୌଜନ୍ୟ ଓ ସମ୍ବେଦନଶୀଳତା, କଥିତ ଓ ଲିଖିତ ଯୋଗାଯୋଗ, ସାଧୁତା ଓ ଶିଷ୍ଟାଚାର ଆଦି ସାମାଜିକ, ନୈତିକ ଓ ଆବେଗଗତ ଦକ୍ଷତା ଓ ସ୍ୱଭାବର ବିକାଶ ନିମିତ୍ତ ଉଦ୍ଦିଷ୍ଟ ।

ଏହି ଜାତୀୟ ଶିକ୍ଷାନୀତିର ଉପକ୍ରମରେ ଏହା କୁହାଯାଇଛି ଯେ ପ୍ରାଚୀନ ଓ ଶାଶ୍ୱତ ଭାରତୀୟ ଜ୍ଞାନ ଏବଂ ଚିନ୍ତାଧାରାର ସମୃଦ୍ଧ ଐତିହ୍ୟ ଏହି ନୀତି ପାଇଁ ମାର୍ଗ ଦର୍ଶକ ଅଟେ । ଭାରତୀୟ ସଂସ୍କୃତି ଏବଂ ଦର୍ଶନ ବିଶ୍ୱ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇଛି । ଏହି ସମୃଦ୍ଧ ଐତିହ୍ୟକୁ କେବଳ ପରବର୍ତ୍ତୀ ପିଢ଼ି ଉତ୍ତରାଧିକାରୀମାନଙ୍କ ପାଇଁ ପୋଷଣ ଓ ସଂରକ୍ଷିତ କରାଯିବା ଉଚିତ ନୁହେଁ, ବରଂ ଆମର ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଗବେଷଣା, ବିକାଶ ଏବଂ ନୂତନଭାବେ ଏହାକୁ ବ୍ୟବହାର କରାଯିବା ଆବଶ୍ୟକ ବୋଲି ମଧ୍ୟ ଏହି ଶିକ୍ଷାନୀତିରେ କୁହାଯାଇଛି । ଏହା ମଧ୍ୟ କୁହାଯାଇଛି ଯେ ଶିକ୍ଷା ହେଉଛି ଏକ ସାମାଜିକ ସମତାର ଅସ୍ତ୍ର ଯାହା ଅର୍ଥନୈତିକ ଏବଂ ସାମାଜିକ ଗତିଶୀଳତା, ଅନ୍ତର୍ଭୁକ୍ତି ଏବଂ ସମାନତା ହାସଲ କରିବା ପାଇଁ ସର୍ବୋତ୍ତମ ସାଧନ । ଅନ୍ତର୍ନିହିତ ପ୍ରତିବନ୍ଧକ ସତ୍ତ୍ୱେ ଏ ଭଳି ଗୋଷ୍ଠୀର ସମସ୍ତ ଶିକ୍ଷାର୍ଥୀଙ୍କୁ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ ଏବଂ ଉତ୍କର୍ଷତା ପାଇଁ ବିଭିନ୍ନ ସୁଯୋଗ ପ୍ରଦାନକୁ ନିଶ୍ଚିତ କରିବାକୁ ପଦକ୍ଷେପ ନେବା ଆବଶ୍ୟକ । ଭାରତର ପ୍ରାଚୀନ ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା, ଚିରନ୍ତନ ଐତିହ୍ୟ ତଥା ମହାନ୍ ଶିକ୍ଷା ନୀତିକୁ ଅକ୍ଷୁଣ୍ଣ ରଖିବାରେ ଏହି ଶିକ୍ଷାନୀତି କେତେଦୂର ସଫଳତା ଲାଭ କରିବ ତାହା ଭବିଷ୍ୟତହିଁ କହିବ । ମନୁଷ୍ୟ ବଦଳିବାକୁ ଚାହିଁଲେ ସବୁକିଛି ବଦଳିଯିବ । ଯେତେଦିନ ପର୍ଯ୍ୟନ୍ତ ମାନବ ଚେତନାର ପରିବର୍ତ୍ତନ ନ ହୋଇଛି, ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବାକୁ ସେ ସମ୍ମତି ନ ଦେଇଛି, ନିଜକୁ, ଜଗତକୁ ତଥା ଭଗବାନଙ୍କୁ ଜାଣିବା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ନ ରଖିଛି, କିଛି ନୂଆ ହେବା ପାଇଁ ଆଗ୍ରହ ପ୍ରକାଶ ନ କରିଛି, ନିଜକୁ ଏ ମାଟିର ତଥା ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ଯୋଗ୍ୟ କରିବାକୁ ସଂକଳ୍ପ ନ କରିଛି, ପୂର୍ଣ୍ଣତା ପଥରେ ଦୁଃସାହସିକ ଯାତ୍ରା ନିମନ୍ତେ ନିଜକୁ ପ୍ରସ୍ତୁତ ନ କରିଛି, ସେତେଦିନ ପର୍ଯ୍ୟନ୍ତ ସକଳ ଜାତୀୟ ଶିକ୍ଷା କେବଳ ପୋଥି ସର୍ବସ୍ୱ ହୋଇ ରହିବ, ବାସ୍ତବତାଠାରୁ ଅନେକ ଦୂରରେହିଁ ରହିଯିବ ।

ଜାତୀୟ ଶିକ୍ଷାନୀତିରେ ଚାରୋଟି ଭାଗ ରହିଛି । ପ୍ରଥମ ଭାଗଟି ବିଦ୍ୟାଳୟ ଶିକ୍ଷା, ଦ୍ୱିତୀୟ ଭାଗ ଉଚ୍ଚତର ଶିକ୍ଷା, ତୃତୀୟ ଭାଗ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ର ଏବଂ ଚତୁର୍ଥ ଭାଗଟି ହେଉଛି ଏହାକୁ ସମ୍ଭବ କରିବା ।

## ବିଦ୍ୟାଳୟ ଶିକ୍ଷାର ରୂପରେଖ

ଜାତୀୟ ଶିକ୍ଷାନୀତି – ୧୯୮୬ର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ୧୦+୨କୁ ପରିବର୍ତ୍ତନ କରାଯାଇ ନୂତନ ଜାତୀୟ ଶିକ୍ଷାନୀତି - ୨୦୨୦ରେ ୫+୩+୩+୪ ଶିକ୍ଷା ବ୍ୟବସ୍ଥା ଲାଗୁ କରାଯାଇଛି । ଏହା ଏକ ଶୈକ୍ଷିକ ପାଠ୍ୟକ୍ରମ ଢାଞ୍ଚା ଅଟେ । ପୂର୍ବ ଶିକ୍ଷାନୀତିରେ ୩ ରୁ ୬ ବର୍ଷର ଶିଶୁମାନେ ୧୦+୨ ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ନଥିଲେ; କିନ୍ତୁ ୫+୩+୩+୪ ଶିକ୍ଷା ବ୍ୟବସ୍ଥାରେ ୩ ବର୍ଷ ବୟସରୁ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (Early Childhood care and Education)ର ଏକ ସୁଦୃଢ଼ ମୂଳଦୁଆକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଉନ୍ନତ ସାମଗ୍ରିକ ଶିକ୍ଷା, ବିକାଶ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବା । ବିଦ୍ୟାଳୟ ଶିକ୍ଷା ୩ ରୁ ୧୮ ବର୍ଷ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଏହି ଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରାକ୍-ପ୍ରାଥମିକ ଶିକ୍ଷା କୁହାଯାଏ । ସାଧାରଣତଃ ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି ଏବଂ ସହରାଞ୍ଚଳରେ ନର୍ସରୀ, କେ.ଜି. (୧) ଓ କେ.ଜି. (୨)ରେ ୩ ରୁ ୬ ବର୍ଷର ଶିଶୁମାନଙ୍କୁ ଶିକ୍ଷା ଦିଆଯାଉଛି । ଏହାକୁ 'ବାଳବାଟିକା' ବୋଲି କୁହାଯାଇପାରେ । ଏହି ବାଳବାଟିକାରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ (Foundational Literacy and Numeracy-FLN) ଉପରେ ପ୍ରାଧାନ୍ୟ ଦିଆଯାଇଛି ।

ବିଦ୍ୟାଳୟ ପାଠ୍ୟକ୍ରମ ଓ ଶିକ୍ଷାଦାନକୁ ୫+୩+୩+୪ ଢାଞ୍ଚାରେ ପୁନର୍ଗଠନ କରାଯାଇଛି । ଏଥିରେ ଚାରୋଟି ସ୍ତର ରହିଛି । ପ୍ରଥମ ୫ ବର୍ଷକୁ ମୌଳିକ ସ୍ତର (Foundational stage) କୁହାଯାଉଛି । ଏଥିରେ ବାଳ ବାଟିକା ବା ଅଙ୍ଗନୱାଡ଼ି

୩ ବର୍ଷ ସହ ବର୍ତ୍ତମାନ ପ୍ରଚଳିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀକୁ ଅନ୍ତର୍ଭୁକ୍ତ କରାଯାଇଛି । ତୃତୀୟ ଶ୍ରେଣୀରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୩ ବର୍ଷର ପାଠ୍ୟକ୍ରମକୁ ନେଇ ପ୍ରସ୍ତୁତି ସ୍ତର (Preparatory Stage) ଗଠନ କରାଯାଇଛି । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ ବର୍ଷର ପାଠ୍ୟକ୍ରମକୁ ନେଇ ମଧ୍ୟମ ସ୍ତର (Middle Stage) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମକୁ ନେଇ ମାଧ୍ୟମିକ ସ୍ତର (Secondary Stage) ଗଠନ କରାଯାଇଛି । ମୌଳିକ ସ୍ତରରେ ନମନୀୟତା ସହ ବହୁ ସ୍ତର ବା ବିଭିନ୍ନ କ୍ରୀଡ଼ା ବା ଶିକ୍ଷଣ କାର୍ଯ୍ୟକ୍ରମ ରଖା ଯାଇଛି । ପ୍ରସ୍ତୁତି ସ୍ତରର ପ୍ରଥମ ସ୍ତରରେ ସମ୍ପାଦିତ ହେଉଥିବା ଖେଳ, ଆବିଷ୍କାର ଏବଂ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶ୍ରେଣୀଗୃହ ଶିକ୍ଷାର ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ସ୍ତରରେ ପଠନ, ଲିଖନ, କଥନ, ଶାରୀରିକ ଶିକ୍ଷା, କଳା, ଭାଷା, ବିଜ୍ଞାନ ଏବଂ ଗଣିତ ଆଦି ବିଷୟରେ ହାଲୁକା ପାଠ୍ୟକ୍ରମ ରଖାଯାଇଛି । ମଧ୍ୟମ ସ୍ତରରେ ପ୍ରସ୍ତୁତି ସ୍ତରର ଶିକ୍ଷାଦାନ, ଶିକ୍ଷଣଶୈଳୀ ଓ ପାଠ୍ୟକ୍ରମ ଉପରେ ପ୍ରାଧାନ୍ୟ ଦେବା ସହ ବିଜ୍ଞାନ, ଗଣିତ, କଳା, ସାମାଜିକ ବିଜ୍ଞାନ ଆଦି ବିଷୟମାନ ରଖାଯାଇଛି । ଏପରିକି ଅମୂର୍ତ୍ତ ଧାରଣା ବିଷୟରେ ମଧ୍ୟ ଆଲୋଚନା କରାଯାଇପାରିବ । ମାଧ୍ୟମିକ ସ୍ତରଟି ୪ ବର୍ଷର ବହୁ-ବିଷୟକ ଅଧ୍ୟୟନକୁ ନେଇ ଗଠିତ । ଏହି ସ୍ତରରେ ବିଷୟ ଆଧାରିତ ପାଠ୍ୟକ୍ରମ ରଖାଯାଇଛି; କିନ୍ତୁ ଅଧିକ ଗଭୀରତା, ଚିନ୍ତନମୂଳକ, ଜୀବନ ଆକାଂକ୍ଷା ପ୍ରତି ଧ୍ୟାନ ଦିଆଯାଇଛି ଏବଂ ବିଷୟଗୁଡ଼ିକର ନମନୀୟତା ଓ ଶିକ୍ଷାର୍ଥୀମାନଙ୍କର ପସନ୍ଦକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ବିଶେଷତଃ ଶିକ୍ଷାର୍ଥୀମାନେ ଦଶମଶ୍ରେଣୀ ପରେ ବିଦାୟ ନେଇ ପାରିବେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ଇଚ୍ଛାନୁସାରେ ଅନ୍ୟ ୨ ବର୍ଷର ପାଠ ପଢ଼ି ପାରିବେ ।

(କ୍ରମଶଃ)

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଦଶକର୍ମଧାରା

## (୪)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ନାହାନ୍ତି ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି ।]

**ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ସଂସ୍ଥାଟି** ଦଶକର୍ମଧାରା ସୃଷ୍ଟି ହେବା ପୂର୍ବରୁ ଆରମ୍ଭ ହୋଇଛି । ଡା. ସୁଧାକର ଆଚାର୍ଯ୍ୟ, ଡା. ସୁରେନ୍ଦ୍ର ମୋହନ ଦାସ, ଡା. ଅଶୋକ ଦାସ, ଡା. ବ୍ରଜ ଖଣ୍ଡାଇ, ଡା. ଶ୍ୟାମା କାନୁନ୍‌ଗୋ, ଡା. ସଲୀଳା ପଟ୍ଟନାୟକ, ଡା. ବାଣୀ ସାମନ୍ତ ପ୍ରଭୃତି ଅନେକ ଆଗରୁ ଏଇ ସଂସ୍ଥା ଆରମ୍ଭ କରିଥିଲେ ।

ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ କଥା କହିବା ମାତ୍ରେ ସାଙ୍ଗେ ସାଙ୍ଗେ ମନକୁ ଆସିବ ରୋଗ, ଡାକ୍ତର, ଚିକିତ୍ସା, ଔଷଧ ଇତ୍ୟାଦି ଏବଂ ତା' ସଙ୍ଗେ ସଙ୍ଗେ ମନ ଭିତରେ କିପରି ଏକ ଭୟ, ବିଷାଦ ଇତ୍ୟାଦି ମଧ୍ୟ ପଶି ଆସିପାରେ । କାରଣ ମେଡ଼ିକାଲ ଶବ୍ଦରେହିଁ ସେହିଭଳି ଏକ ତରଙ୍ଗ ଅନୁଭୂତ ହୁଏ – ଯେପରି ମେଡ଼ିକାଲ ଏକ ବିଷାଦ ଗୃହ । ସେଠାରେ ସମସ୍ତେ କେବଳ ବିପଦରେ ପଡ଼ିଲେ ଯାଆନ୍ତି – ଅର୍ଥାତ୍, ସ୍ୱାସ୍ଥ୍ୟ ଖରାପ ହେଲେ ଯାଆନ୍ତି । ପୁଣି ମନରେ ଆସିବ ଶଯ୍ୟାରେ ରୋଗୀ ସବୁ ମୁହଁ ଶୁଖାଇ ଶୋଇଥିବେ । ପାଖରେ ପ୍ଲାଷ୍ଟିକ୍ ବୋତଲ ଟଙ୍ଗା ହୋଇଥିବ । ତାଙ୍କ ପାଖରେ କେହି ଜଣେ ମୁହଁକୁ ଶୁଖାଇ ବସି ଥିବେ । ମାତ୍ର ଏସବୁ କିଛି ନଥାଇ ମଧ୍ୟ ମେଡ଼ିକାଲ ଭାବି ହେବ । ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ର ଭୂମିକା ସେହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଶରୀର ଅସୁସ୍ଥ ହେଲେ ଚିକିତ୍ସା ଆବଶ୍ୟକ । ତା' ବୋଲି ତାହା ପାଇଁ ନିହାତି ବିଷାଦଗ୍ରସ୍ତ ହେବାକୁ ପଡ଼ିବ ସେପରି ନୁହେଁ ।

ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଆମକୁ ସୁସ୍ଥ ରଖିବା ନିମନ୍ତେ ଉଦ୍ଦିଷ୍ଟ ।

ମା କହିଛନ୍ତି, "An illness of the body is always the outer expression and translation of a disorder, a disharmony in the inner being; unless this inner disorder is healed, the outer cure cannot be total and permanent."

(MCW, Vol. 15, p. 138)

ଅର୍ଥାତ୍, ''ଶରୀରର ଯାବତୀୟ ଅସୁସ୍ଥତା ସର୍ବଦା ଆନ୍ତର ସତ୍ତାର ଏକ ଅସାମଞ୍ଜସ୍ୟ ତଥା ଅସଙ୍ଗତିରହିଁ ବାହ୍ୟ ପ୍ରକାଶ; ଯଦି ଅନ୍ତରର ଏହି ଅସାମଞ୍ଜସ୍ୟତାକୁ ଦୂର କରା ନଯାଏ ତେବେ ବାହ୍ୟ ସୁସ୍ଥତା କେବେହେଲେ ସମ୍ପୂର୍ଣ୍ଣ ଏବଂ ସ୍ଥାୟୀ ହୋଇ ରହିବ ନାହିଁ।''

ତେଣୁ ଆନ୍ତର ସତ୍ତାରେ ସାମଞ୍ଜସ୍ୟ ଏବଂ ସଙ୍ଗତି ଆମର ସୁସ୍ଥ ଶରୀର ପାଇଁ ଏକାନ୍ତ ଆବଶ୍ୟକ। ମାତ୍ର ଏହା କୌଣସି ଡାକ୍ତରଙ୍କ ପାଖରୁ ମିଳିବ ନାହିଁ। ଏହା ମିଳିବ ଏକ ନିର୍ଭରତା, ବିଶ୍ୱାସ, ନିର୍ଭୟତା, ଆଶା, ଉତ୍ସାହ ଇତ୍ୟାଦିରୁ ଏବଂ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ର ମୁଖ୍ୟ ଭୂମିକାହିଁ ତାହା।

ଆମେ ସୁସ୍ଥ ରହିବାକୁ ବାଧ୍ୟ। ସେଥିପାଇଁ ସଚେତନତା ଆବଶ୍ୟକ। ଆମ ଶରୀର ସମ୍ପର୍କରେ ଆମର ସମସ୍ତ ଆବଶ୍ୟକୀୟ ଜ୍ଞାନ ରହିବା ଆବଶ୍ୟକ। ଏକ ସୁସ୍ଥ ପରିବେଶ ଆମ ପାଇଁ ଏକାନ୍ତ ଆବଶ୍ୟକ ଏବଂ ସର୍ବୋପରି ମା'ଙ୍କ କୃପା ଉପରେ ଏକ ଅଖଣ୍ଡ ବିଶ୍ୱାସ। ଏଭଳି ଏକ ସାମର୍ଥ୍ୟ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମ୍ଭବ ଏବଂ ଏହାର ପ୍ରତିଷ୍ଠା ପାଇଁ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ କାର୍ଯ୍ୟ କରିବ।

ଆମ ପାଇଁ ଏକ ରୋଗମୁକ୍ତ ତଥା ସୁସ୍ଥ ସମାଜ ଅପରିହାର୍ଯ୍ୟ। ତେଣୁ ଯାବତୀୟ ଚିକିତ୍ସା-ଶାସ୍ତ୍ର ସେଥିପାଇଁ କାର୍ଯ୍ୟ କରିବେ। ରୋଗୀକୁ ଚିକିତ୍ସା କରିବା ତ ଅତି ସାଧାରଣ କଥା, ମାତ୍ର ରୋଗୀକୁ ରୋଗର ଭୟରୁ ଦୂରରେ ରଖିବା ତଥା ସେ ଯେ ନିଶ୍ଚୟ ସୁସ୍ଥ ହୋଇ ପାରିବ — ଏଭଳି ଏକ ଆଶା ତା' ମଧ୍ୟରେ ସ୍ଥାପନ କରିବାକୁ ପଡ଼ିବ।

ତେଣୁ ବର୍ତ୍ତମାନ ପାଇଁ ଚିକିତ୍ସା ପ୍ରଣାଳୀଗୁଡ଼ିକର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଯେତେ ଦିନ ପର୍ଯ୍ୟନ୍ତ ଆମ ଶରୀରରେ ରୋଗ ନିମନ୍ତେ ଦ୍ୱାର ଉନ୍ମୁକ୍ତ ରହିଛି ସେତେଦିନ ପର୍ଯ୍ୟନ୍ତ ଆମକୁ ଚିକିତ୍ସା ବିଜ୍ଞାନର ଆବଶ୍ୟକତାକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ। ଅବଶ୍ୟ ମା'ଙ୍କ କୃପାରେ ଅଖଣ୍ଡ ବିଶ୍ୱାସ ଥିବା ବ୍ୟକ୍ତି ଆଦୌ ଚିକିତ୍ସିତ ନହୋଇ ମଧ୍ୟ ଅସାଧ୍ୟ ରୋଗରୁ ମୁକ୍ତ ହେବାର ଦୃଷ୍ଟାନ୍ତ ଖୁବ୍ ବିରଳ ହେଲେ ମଧ୍ୟ ଅସମ୍ଭବ ନୁହେଁ। ମାତ୍ର ତାହା ଅତ୍ୟନ୍ତ ତୀବ୍ର ସାଧନା ଉପରେ ନିର୍ଭର କରେ। ବର୍ତ୍ତମାନ ପାଇଁ ସାଧାରଣ ଲୋକମାନେ ଯେଉଁ ଅବସ୍ଥାରେ ଅଛନ୍ତି, ସେଥିରେ ସେମାନେ ବିଭିନ୍ନ ଚିକିତ୍ସା-ପ୍ରଣାଳୀ ଯେ ନିଶ୍ଚୟ ବ୍ୟବହାର କରିବେ ସେଥିରେ ସନ୍ଦେହ ନାହିଁ।

ବର୍ତ୍ତମାନ ସମାଜରେ ଆଦୃତ, ବ୍ୟବହୃତ ବିଭିନ୍ନ ଚିକିତ୍ସା ପ୍ରଣାଳୀଗୁଡ଼ିକ ହେଲା : ଏଲୋପାଥି, ହୋମିଓପାଥି, ଆୟୁର୍ବେଦ, ନେଚେରୋପାଥି, ଆକ୍ୟୁପ୍ରେସର, ଆକ୍ୟୁପଂଚର, ରୀକି, ଚୁମ୍ବକୀୟ ଚିକିତ୍ସା, ଜଳ ଚିକିତ୍ସା, ମୂତ୍ର ଚିକିତ୍ସା, ରଙ୍ଗ ଚିକିତ୍ସା, ଯୌଗିକ ଚିକିତ୍ସା ଇତ୍ୟାଦି।

ପ୍ରଥମତଃ ଏହି ଚିକିତ୍ସା ପ୍ରଣାଳୀଗୁଡ଼ିକରେ କିଛି ସତ୍ୟ ନିଶ୍ଚୟ ରହିଛି ଏବଂ ଦ୍ୱିତୀୟତଃ କୌଣସି ଗୋଟିଏ ସତ୍ୟରେ ସମସ୍ତେ ସମାନ ମତ ବ୍ୟକ୍ତ କରନ୍ତି, ତାହାହେଲା — ପ୍ରତ୍ୟେକଟି ସତ୍ୟ ବିଶ୍ୱାସ କରେ ଯେ ମନୁଷ୍ୟ ସୁସ୍ଥ ରହିବା ଆବଶ୍ୟକ। ଦ୍ୱିତୀୟ ହେଲା, ପ୍ରତ୍ୟେକଟି ପ୍ରଣାଳୀରେ ପ୍ରତ୍ୟେକ ରୋଗକୁ ଚିକିତ୍ସା କରିବାର କିଛି ବିଧି ନିଶ୍ଚୟ ରହିଛି। ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଏ ସମସ୍ତଙ୍କ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବ। ଯେଉଁ ଯେଉଁ ସ୍ଥାନରେ କିଛି କିଛି ବିରୋଧ ଅନୁଭବ ହେବ, ସେସବୁକୁ ଅଣଦେଖା କରି ଯିବାକୁ ହେବ।

ଏହି ତତ୍ତ୍ୱକୁ ଆଖି ଆଗରେ ରଖି ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ କାର୍ଯ୍ୟ କରୁଛି। ସମାଜରେ ବ୍ୟାପୀ ଯାଇଥିବା ଅଧିକାଂଶ ମାରାତ୍ମକ ରୋଗକୁ ଆଧାର କରି ପ୍ରତି ବର୍ଷ ଏକ ଆଲୋଚନା ଚକ୍ର ହେଉଛି। ଉଦାହରଣସ୍ୱରୂପ କର୍କଟ, ଉଚ୍ଚ ରକ୍ତଚାପ, ମଧୁମେହ, ଶ୍ୱାସ, ବାର୍ଦ୍ଧକ୍ୟ ଇତ୍ୟାଦି। ଏହି ରୋଗସବୁକୁ କେଉଁ ଚିକିତ୍ସା ପ୍ରଣାଳୀ, କେଉଁ ଭାବରେ ଚିକିତ୍ସା କରିପାରିବ, ସେସବୁର ବିଶଦ ଆଲୋଚନା କରାଯାଉଛି।

ଏହା ବ୍ୟତୀତ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଅତି ଗୁରୁତ୍ୱର ସହିତ କାର୍ଯ୍ୟ କରୁଛି। ଓଡ଼ିଶାର ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଦୁଇଜଣ ଅପାଭାଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସର୍ବନିମ୍ନ ଜ୍ଞାନ ନିଶ୍ଚୟ ପାଇବା ଦରକାର। ସେଥିପାଇଁ ମଧ୍ୟ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଯଥେଷ୍ଟ ଯତ୍ନବାନ୍। ଏହା ବ୍ୟତୀତ ଶ୍ରୀଅରବିନ୍ଦ ମେଡ଼ିକାଲ

ଆସୋସିଏସନ୍‌ର ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା **ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ ବାହିନୀ (Sri Aurobindo Health Squad)** ଗଠନ । ପ୍ରତ୍ୟେକ ବର୍ଷ ଗ୍ରୀଷ୍ମାବକାଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏକାଠି କରି ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା, ପ୍ରାଥମିକ ଚିକିତ୍ସା ଇତ୍ୟାଦି ଅନେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଦିଆଯାଉଛି ଏବଂ ସେମାନେ ପ୍ରଶିକ୍ଷଣରୁ ଫେରି ନିଜ ନିଜ ସ୍ଥାନରେ **ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟକେନ୍ଦ୍ର** ଗଠନ କରି ସେଠାରେ ସେହି କାର୍ଯ୍ୟ ଆରମ୍ଭ କରୁଛନ୍ତି ।

ଏହା ବ୍ୟତୀତ ଶାରୀରିକ ଚର୍ଚ୍ଚା ଏକ ସୁସ୍ଥ ଶରୀର ପାଇଁ ଅପରିହାର୍ଯ୍ୟ । ଏହାର କୌଣସି ବିକଳ୍ପ ନାହିଁ । ଏହାକୁ ମଧ୍ୟ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଜରିଆରେ ସମସ୍ତଙ୍କ ମଧ୍ୟରେ ଅବଗତ କରାଇ ଦେବାର ପ୍ରୟାସ କରାଯାଉଛି । ସେଥିପାଇଁ ବିଭିନ୍ନ ସ୍ଥାନରେ ଯୋଗ, ପ୍ରାଣାୟାମ, ଆସନ ତଥା ବିଭିନ୍ନ ପ୍ରକାର ଶରୀର ଚର୍ଚ୍ଚା କାର୍ଯ୍ୟକ୍ରମ କରାଯାଉଛି ।

ସର୍ବୋପରି ସାମଗ୍ରିକ ଭାବରେ ସୁସ୍ଥ ପରିବେଶ ସୃଷ୍ଟି କରିବା – ଏକ ସମ୍ପୂର୍ଣ୍ଣ ସୁସ୍ଥ ମାନବ ସମାଜ ଗଠନର ଦାୟିତ୍ୱ ବହନ କରି ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ କାର୍ଯ୍ୟ କରୁଛି । ଏଥିପାଇଁ ମା'ଙ୍କ କୃପା ଉପରେ ଯଥେଷ୍ଟ ବିଶ୍ୱାସ ସ୍ଥାପନ କରିବା ପାଇଁ ପ୍ରତି ପଦକ୍ଷେପରେ ସମସ୍ତଙ୍କୁ ସଚେତନ କରାଇ ଦିଆଯାଉଛି, କାରଣ ମା କହିଛନ୍ତି, "Finally it is Faith that cures."

(MCW, Vol. 15, p. 159)

ଆଗରୁ ଯେପରି କୁହାଯାଇଛି ଯେ ଓଡ଼ିଶାରେ ଦଶକର୍ମଧାରା କାର୍ଯ୍ୟକ୍ରମ ଆରମ୍ଭ ହେବାର ଅନେକ ଆଗରୁ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ଟି ଡାକ୍ତରୀ ଛାତ୍ରଛାତ୍ରୀ ତଥା କିଛି ଡାକ୍ତରଙ୍କ ଦାୟିତ୍ୱରେ ଏକ ପାଠଚକ୍ର ହିସାବରେ ଖୁବ୍ ସକ୍ରିୟ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା । ତେଣୁ ସ୍ୱାଭାବିକ ଭାବରେ ଦଶକର୍ମଧାରାର ଅଙ୍ଗୀଭୂତ ହେବା ପରେ ସେମାନେ ନିଜକୁ ଖୁବ୍ ସହଜରେ ସଙ୍ଗଠିତ କରାଇ ନେଲେ । ସମସ୍ତ ଦଶକର୍ମଧାରା ମଧ୍ୟରୁ କେବଳ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ସବୁଠାରୁ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରୁଅଛି । ଏହା ମାଧ୍ୟମରେ ଗତ ୩୪ ବର୍ଷ ଧରି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏଥିରେ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ଦ୍ୱିତୀୟ ଶନିବାର ଏବଂ ରବିବାର ଦିନ ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ସ୍ୱାସ୍ଥ୍ୟ ବିଷୟକୁ ନେଇ କାର୍ଯ୍ୟଶାଳା ଅନୁଷ୍ଠିତ ହେଉଅଛି । ପ୍ରଥମେ ପ୍ରଥମେ ଏହା ମାତୃଭବନରେ ହେଉଥିଲା । ପରବର୍ତ୍ତୀ ସମୟରେ S.C.B. ମେଡ଼ିକାଲ କଲେଜର ଅଡ଼ିଟୋରିଅମ୍‌ରେ ଏହା କରାଗଲା । ପୁଣି ଏହା ବ୍ୟାପକ ଆକାର ଧାରଣ କରିବାରୁ ବର୍ତ୍ତମାନ କଟକ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ଶାରଳା ଭବନରେ ଗତ ଦୁଇବର୍ଷ ଧରି ଅନୁଷ୍ଠିତ ହେଉଅଛି । ଏଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ସ୍ତରର ଚିକିତ୍ସକମାନେ ମଧ୍ୟ ଯୋଗ ଦେଉଛନ୍ତି । ଏଥିରେ ଡାକ୍ତରମାନଙ୍କ ବ୍ୟତୀତ ଅନେକ ପାଠଚକ୍ରର କର୍ମୀମାନେ ମଧ୍ୟ ଯୋଗ ଦେଉଛନ୍ତି ।

ଏହା ମଧ୍ୟରେ ଓଡ଼ିଶାର ପାଠଚକ୍ର ସଙ୍ଗଠନ ତଥା ନବଜୀବନ ଶିକ୍ଷାସଂସଦ ତତ୍କାଳୀନ ସ୍ୱାସ୍ଥ୍ୟ ବିଭାଗର ମାନନୀୟ ସଚିବଙ୍କୁ ସାକ୍ଷାତ୍ କରି ଓଡ଼ିଶାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ସରକାରୀ ଶିକ୍ଷାକେନ୍ଦ୍ରମାନଙ୍କରେ ମିଳୁଥିବା ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ସହାୟତା ମିଳିବା ପାଇଁ ଅନୁରୋଧ କରିଥିଲେ ଏବଂ ସମ୍ମାନନୀୟ ସଚିବ ଏହାକୁ ଖୁବ୍ ଆନନ୍ଦରେ ସ୍ୱୀକୃତି ଦେଇଥିଲେ । ଏହା ବ୍ୟତୀତ ସରକାରଙ୍କର ସୁମନ ସ୍ୱେଚ୍ଛାସେବୀ ସଂଗଠନରେ ମଧ୍ୟ ପାଠଚକ୍ରର କର୍ମୀମାନେ ଯୋଗ ଦେଇ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମ୍ପର୍କୀୟ ପ୍ରଶିକ୍ଷଣ ଗ୍ରହଣ କରି ନିଜ ନିଜ ଅଞ୍ଚଳରେ ସାଧାରଣ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି ଅନୁପ୍ରାଣିତ କରିବା ପାଇଁ ମଧ୍ୟ ଚେଷ୍ଟା କରାଯାଇ ଅଛି ।

ପୁନଶ୍ଚ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ର ଉଦ୍ୟମ ଓ ସହାୟତାରେ ଓଡ଼ିଶାର ନଅଟିଯାକ ଜୋନ୍‌ରେ ଆଞ୍ଚଳିକ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ର ଦୁଇଦିନିଆ ସମ୍ମିଳନୀ କରିବା ପାଇଁ ଉଦ୍ୟମ କରାଯାଇଛି । ଏଥିରେ ମାତ୍ର ଗୋଟିଏ କିଂବା ଦୁଇଟି ବ୍ୟତୀତ ଅନ୍ୟ ସମସ୍ତ ଜୋନ୍‌ରେ ଆଶାତୀତ ଆଗ୍ରହ ପରିଲକ୍ଷିତ ହୋଇଛି । ବିଶେଷ କରି 'ସମତା' ଜୋନ୍ ଆନୁକୂଲ୍ୟରେ ରାଉରକେଲାଠାରେ ଗତ ସାତ ବର୍ଷ ଧରି ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍‌ର ଦୁଇଦିନିଆ ବାର୍ଷିକ ଉତ୍ସବ ପ୍ରତ୍ୟେକ ବର୍ଷ ଫେବ୍ରୁଆରୀ ଦ୍ୱିତୀୟ ଶନିବାର ଏବଂ ରବିବାର ଦିନ ଖୁବ୍ ଚମତ୍କାର ଭାବରେ ଅନୁଷ୍ଠିତ ହେଉଅଛି ।

ଏସବୁ ବ୍ୟତୀତ ପ୍ରତ୍ୟେକ ଶିକ୍ଷାକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

ଅନୁଷ୍ଠିତ କରି ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱାସ୍ଥ୍ୟ କାର୍ଡ଼ ପୂରଣ ଏବଂ ଅଭିଭାବକମାନଙ୍କର ସଭା ମାଧ୍ୟମରେ ସେମାନଙ୍କର ପିଲାମାନଙ୍କ ପ୍ରତି ଦାୟିତ୍ୱ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଭିଭାବକମାନଙ୍କର ଦାୟିତ୍ୱ କ'ଣ ହେବା ଆବଶ୍ୟକ ବୁଝାଇ ଦିଆଯାଉଛି । ପ୍ରତ୍ୟେକ ବର୍ଷ ସମ୍ମିଳନୀମାନଙ୍କରେ ଏକ ପ୍ରଦର୍ଶନୀ ତଥା ସ୍ମରଣିକା ପ୍ରକାଶ କରାଯିବା ବ୍ୟତୀତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଦ୍ୱାରା ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମଧ୍ୟ ଅନେକ ପ୍ରଶିକ୍ଷଣ ଦିଆଯାଉଛି । ପୁଣି ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଛୁଟିରେ ୨୧ ଦିନ ପାଇଁ ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟବାହିନୀର ପ୍ରଶିକ୍ଷଣ ଶିବିର ରାଣୀହାଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହେଉଅଛି ।

ଏହା ବ୍ୟତୀତ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ଅନ୍ୟ ଦଶକର୍ମଧାରା ସହିତ ଏକତ୍ର ଭାବରେ ଅନେକ ସାଙ୍ଗଠନିକ କାର୍ଯ୍ୟର ମଧ ଦାୟିତ୍ୱ ବହନ କରୁଅଛି ।

ଏହିପରି ଭାବରେ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍ ନିଜକୁ ଅନେକ ଭାବରେ ସକ୍ରିୟ କାର୍ଯ୍ୟରତ ରଖିଅଛି ।

(କ୍ରମଶଃ) ❑

## ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର – ୨୦୨୫

୮୧ତମ ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷ ମଇ ମାସ ୨୨.୦୫.୨୦୨୫ ତାରିଖଠାରୁ ୩୧.୦୫.୨୦୨୫ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପାଠ ମନ୍ଦିର, ସିଦ୍ଧେଶ୍ୱରପୁର, କନ୍ଦରପୁର, ଜିଲ୍ଲା : କଟକ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୦୫.୨୦୨୫ ସନ୍ଧ୍ୟା ସୁଦ୍ଧା ଶିବିରରେ ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'ଦିବ୍ୟ ଜୀବନ' ଗ୍ରନ୍ଥ (Life Divine)ର Book - II. Ch. VI, Reality and the Cosmic Illusion ବିଷୟଟି ପଠନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକଶତ)ଟଙ୍କା ରଖାଯାଇଛି ।

### ଶିବିରକୁ ଆସିବା ପାଇଁ ଗମନାଗମନ ସୂଚନା :

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭାଇଅପାମାନେ କଟକ-ପାରାଦ୍ୱୀପ ଟ୍ରେନ୍ ଯୋଗେ ଆସି କନ୍ଦରପୁର ଷ୍ଟେସନରେ ଓହ୍ଲାଇ ସ୍କୁଲକୁ ଆସିପାରିବେ; କିଂବା କଟକ-ପାରାଦ୍ୱୀପ ବସରେ ଆସି ସିଦ୍ଧେଶ୍ୱର-ପୁର ଗଡ଼ାଠାରେ ଓହ୍ଲାଇ କେନାଲ ବନ୍ଧରେ ଆସି ସ୍କୁଲରେ ପହଞ୍ଚି ପାରିବେ । କିମ୍ବା କଟକ-ଜଗତସିଂହପୁର ବସ୍‌ରେ ଆସି ରେଲୱେ କ୍ରସିଂ ପୂର୍ବରୁ ସିଦ୍ଧେଶ୍ୱରପୁର ଗଡ଼ାଠାରେ ଓହ୍ଲାଇ ଗାଁ ଭିତର ଦେଇ ସ୍କୁଲକୁ ଆସି ପାରିବେ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।

ଶୋଭା ଅପା – ୯୪୩୭୯୨୦୬୬୭; ଦୀପା ଅପା – ୮୫୯୬୦୫୫୩୪୮;
ଭକ୍ତି ଅପା - ୯୮୬୮୬୧୯୩୦୧; ବିପିନ୍ ବିହାରୀ ବାରିକ – ୯୪୩୮୭୩୪୯୭୫

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# କିଣ୍ଡିରାର ସମାଧି ମନ୍ଦିର ଏବଂ ପ୍ରପତ୍ତି

## କୁମରମଣି ଚୌଧୁରୀ

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ପାଖରେ କିଣ୍ଡିରା ଏକ ଛୋଟ ଗାଁ । ଶ୍ରୀଅରବିନ୍ଦ ଆଲୋକଧାମ ତରଫରୁ ଏଠି ଆମେ ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର ଘର ତିଆରି କରିବା ଆରମ୍ଭ କଲୁ । ଘରକାମ ଯେତେବେଳେ ଖୁବ୍ ଆଗେଇଗଲା ଆମ ମନ ଭିତରେ ଏକ ନୂଆ ପ୍ରେରଣା ଓ କୌତୂହଳ ସୃଷ୍ଟି ହେଲା – ଏ ଘରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କଲେ କେମିତି ହୁଅନ୍ତା ? ଏ ସମ୍ପର୍କରେ ମୋର କୌଣସି ଧାରଣା ବି ନଥିଲା । ସେତେବେଳେ ମଧୁଭାଇନା ଓଡ଼ିଶାର ପାଠଚକ୍ର ସଙ୍ଗଠକ । ତାଙ୍କୁ ପଚାରି ବୁଝିଲି, ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ସର୍ବନିମ୍ନ ସର୍ତ୍ତ ହେଲା – ଅଧ ଏକର ଜମି ଆବଶ୍ୟକ, ପବିତ୍ର ଦେହାଂଶର ଆଧାର ନିମିତ୍ତ ଗୋଟିଏ ବାକ୍ସ ପ୍ରସ୍ତୁତି ପାଇଁ ପାଞ୍ଚହଜାର ଟଙ୍କା ପ୍ରଣାମି ପଠାଇବାକୁ ହେବ ଏବଂ ପ୍ରତିଷ୍ଠା ଦିବସରେ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ହୁଏ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ତଥା ସର୍ବୋପରି ଏଥିପାଇଁ ପ୍ରପତ୍ତିଜୀ ଏବଂ ବାବାଜି ମହାରାଜଙ୍କ ସମ୍ମତି ଆବଶ୍ୟକ ।

ତା'ପରେ ପ୍ରପତ୍ତିଙ୍କ ସହିତ ପତ୍ର ଯୋଗେ ଯୋଗାଯୋଗ ଆରମ୍ଭ କରିଦେଲି ଏବଂ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କଲି ମଧ୍ୟ । ଏ ସମ୍ପର୍କରେ ବାବାଜି ମହାରାଜଙ୍କୁ ମଧ୍ୟ ପଣ୍ଡିଚେରୀରେ ଦେଖା କରି ଆଲୋଚନା କରିଥିଲି । କିନ୍ତୁ ପ୍ରପତ୍ତିଜୀଙ୍କୁ ସମ୍ବଲପୁର ମାତୃନିବାସରେ ଦୁଇଥର ଏବଂ ଆଶ୍ରମରେ ଥରେ ସାକ୍ଷାତ୍ କରିଥିଲି । ପ୍ରଥମେ ପ୍ରଥମେ ଆଲୋଚନାରୁ 'ହଁ' କିଂବା 'ନାହିଁ' କିଛି ବୁଝାପଡୁ ନଥିଲା । ତଥାପି ପ୍ରତ୍ୟେକ ଥର ତାଙ୍କ ସହ ଆଲୋଚନା ପରେ ମୁଁ ଧରି ନେଉଥିଲି ଯେ ତାଙ୍କର ବିଶେଷ କିଛି ଆପତ୍ତି ନାହିଁ । ଆଶ୍ରମରେ ତାଙ୍କୁ ମୁଁ ପଚାରିଥିଲି ଆମେ ପାଠଚକ୍ର ପାଇଁ ଯେଉଁ ଘର ତିଆରି କରୁଛୁ ତା'ର ତଳ ମହଲାରେ ପାଠଚକ୍ର କରି ଉପରେ ସମାଧି ମନ୍ଦିର କରାଯାଇ ପାରିବ କି ନାହିଁ । ପ୍ରପତ୍ତିଜୀ ମନା କଲେ । ମୁଁ ସମ୍ବଲପୁର ମାତୃନିବାସର ଉଦାହରଣ ଦେଲି । ତଥାପି ସେ ନାହିଁ କଲେ ଏବଂ କହିଲେ ମାତୃନିବାସରେ ଯାହା ହୋଇଛି, ଭୁଲ୍ ହୋଇଯାଇଛି । ଭୁଲ୍‌ଟା କ'ଣ ବୋଲି ମୁଁ ପଚାରିଲି । ସେ କହିଲେ, ''ଧରନ୍ତୁ, ଭବିଷ୍ୟତରେ ଛାତଟି ଖସିଗଲା ।'' ମୁଁ ବୁଝିପାରିଲି ଅସୁବିଧାଟା କ'ଣ ଏବଂ ଆମେ ଯେଉଁ ପାଠଚକ୍ର ଘର ତିଆରି କରିଥିଲୁ ତାକୁ କେବଳ ସମାଧି ମନ୍ଦିର ହିସାବରେ ରଖିବାକୁ ଠିକ୍ କଲୁ । ପ୍ରପତ୍ତିଜୀଙ୍କୁ ସେଇ ମର୍ମରେ ମଧ୍ୟ କହିଲି । ତା'ପରେ ସେ ଠିକ୍ ଅଛି ବୋଲି କହିଲେ ସତ; କିନ୍ତୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ସମ୍ପର୍କରେ ତଥାପି କୌଣସି ସମ୍ମତି ଦେଇ ନଥିଲେ ।

ଦିନେ ଏକ ଅମୃତ ଲଗ୍ନରେ ପ୍ରପତ୍ତିଜୀଙ୍କଠାରୁ ଗୋଟିଏ ପତ୍ର ଆସି ପହଞ୍ଚିଲା – ''ଆପଣମାନଙ୍କ ବିଶେଷ ଆଗ୍ରହ ଦେଖି ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ପାଇଁ ବାବାଜି ମହାରାଜ ସମ୍ମତି ପ୍ରଦାନ କରିଛନ୍ତି ।'' ଏବେ ମୁଁ ଜାଣିଲି ପ୍ରପତ୍ତିଜୀଙ୍କ କର୍ମର ଧାରା ସମ୍ପର୍କରେ । ସେ ମୋ ଠାରୁ ସବୁକଥା ବୁଝିଲେ ଏବଂ ବାବାଜି ମହାରାଜଙ୍କୁ ଅବଗତ କରାଇଲେ । ତା'ପରେ ବାବାଜି ମହାରାଜ ସମ୍ମତି ପ୍ରଦାନ କଲେ । ବାବାଜି ମହାରାଜଙ୍କ କାର୍ଯ୍ୟ ପଦ୍ଧତି ମଧ୍ୟ ଏଥିରୁ ଅନୁମାନ କରାଯାଇପାରେ । ମୁଁ ତାଙ୍କ ସହିତ କଥାବାର୍ତ୍ତା କଲାବେଳେ ସେ ରୋକଠୋକ କିଛି କହି ନଥିଲେ । କେବଳ ଉତ୍ସାହପ୍ରଦ କେତେକ କଥା କହିଥିଲେ । କିନ୍ତୁ ପ୍ରପତ୍ତିଜୀଙ୍କ ପରାମର୍ଶରେ ସେ ପୂର୍ଣ୍ଣ ସମ୍ମତି ପ୍ରଦାନ କରିଥିଲେ ।

ଏହାପରେ କ୍ରମାଗତ ଭାବରେ ପ୍ରପତ୍ତିଜୀଙ୍କଠାରୁ ପତ୍ରର ସୁଅ ଛୁଟିଲା । ସତେ ଯେମିତି କିଣ୍ଡିରାର ସମାଧି ମନ୍ଦିରର ଦାୟିତ୍ୱ ଏବେ ତାଙ୍କର । ଘରର ଟିକିନିଖି ବିବରଣୀ ସେ ଜାଣିବାକୁ ଚାହିଁଲେ । ଘରର ନକ୍ସା ତାଙ୍କ ପାଖକୁ ପଠାଗଲା । ପୁଣି ଘର କାମ କେମିତି ଆଗେଇ ଚାଲିଛି ଜାଣିବା ପାଇଁ ଅନେକ ପତ୍ର ଦେଲେ । ଆମର ଉତ୍ତର ସବୁ ହୁଏତ ଯଥେଷ୍ଟ ବୋଲି ସେ ମନେ କଲେ ନାହିଁ । ତେଣୁ ସମ୍ବଲପୁରର ''ମାତୃନିବାସ'' ସମ୍ପାଦକ ଶିଶିର ଭାଇଙ୍କୁ କିଣ୍ଡିରା ପରିଦର୍ଶନରେ ପଠାଇଲେ । ଶିଶିର ଭାଇଙ୍କ ରିପୋର୍ଟରୁ ସେ ହୁଏତ ଜାଣିଲେ ପ୍ରସ୍ତୁତି ସନ୍ତୋଷଜନକ ଭାବରେ ଆଗେଇ ଚାଲିଛି । ତା'ପରେ ଶେଷ ପର୍ଯ୍ୟାୟର ପତ୍ରମାନଙ୍କରେ ସେ

ଜଣାଇଲେ ୧୯୮୭ ଜାନୁଆରୀରେ ଚମ୍ପକଲାଲ ଓଡ଼ିଶା ଆସୁଛନ୍ତି ଏବଂ ଜାନୁଆରୀରେହିଁ କିଣ୍ଡିରାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କରାଯିବ । ତଦନୁଯାୟୀ ପ୍ରସ୍ତୁତି ହେବା ଆବଶ୍ୟକ । ପୁଣି ଲେଖିଲେ ଏପର୍ଯ୍ୟନ୍ତ ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶକୁ ଓଡ଼ିଶା ସରକାର ସମ୍ବର୍ଦ୍ଧନା ସହ ସ୍ୱାଗତ କରିଛନ୍ତି, ତେଣୁ ଏଥର ମଧ୍ୟ ପୂର୍ବ ପରମ୍ପରା ବଜାୟ ରଖିବା ଆବଶ୍ୟକ ଏବଂ ଭୁବନେଶ୍ୱର ଯାଇ ରେଭିନ୍ୟୁ ମିନିଷ୍ଟର୍ ମାନ୍ୟବର ନିରଞ୍ଜନ ପଟ୍ଟନାୟକଙ୍କୁ ଦେଖା କରି ''Same as before'' ଲେଖାଇ ଆଣିବା ଆବଶ୍ୟକ । ତା'ପରେ ଜିଲ୍ଲା କଲେକ୍ଟରଙ୍କୁ ସାକ୍ଷାତ୍ କରି ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସର କାର୍ଯ୍ୟକ୍ରମରେ ସରକାରୀ ବିଧିବିଧାନ ସମ୍ପର୍କରେ ଆଲୋଚନା କରିବା ଉଚିତ । ଏତେବେଳେ ଆମେ ଘର କାମ ଏବଂ ପବିତ୍ର ଦେହାଂଶ ପ୍ରତିଷ୍ଠାର ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ପ୍ରାୟ ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ଯାଇଥିଲୁ । କିନ୍ତୁ ଏ ଶେଷ କଥାଟିରେ ଆମେ ସମ୍ପୂର୍ଣ୍ଣ ନୀରବ ରହିଗଲୁ । କାରଣ ଭୁବନେଶ୍ୱର ଏଠାରୁ ଅନେକ ଦୂର, ସମୟର ମଧ୍ୟ ଅଭାବ । ତେଣୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପିତ ହେବାକୁ ଥିବା ଅନ୍ୟାନ୍ୟ ସ୍ଥାନ (ଖଲିକୋଟ, ବାରଦା, କଳପଡ଼ା)ର ଉଦ୍ୟୋକ୍ତାମାନଙ୍କ ଉପରେ ନିର୍ଭର କରି ନୀରବ ରହିଗଲୁ । ପ୍ରପତ୍ତିଜୀ ମଧ୍ୟ ଏ ସମ୍ପର୍କରେ ଆଉ ଅଧିକ କିଛି ଆମ ପାଖକୁ ଲେଖିଲେ ନାହିଁ । ଯଦି ଲେଖିଥା'ନ୍ତେ ଆମେ କି ଉତ୍ତର ଦେଇଥା'ନ୍ତୁ, ମୁଁ ଭାବିପାରୁ ନାହିଁ । ଶେଷରେ ଓଡ଼ିଶାରେ ଚମ୍ପକଲାଲଙ୍କର ଗୋଟିଏ ଗସ୍ତ କାର୍ଯ୍ୟକ୍ରମର ତାଲିକା ପଠାଇ ଦେଲେ । ଆମର ଲଗ୍ନ ନିର୍ଦ୍ଧାରିତ ହୋଇଥିଲା ତା ୨୪-୦୧-୮୭ ଦିନ । ଆମେ ଆଶ୍ୱସ୍ତ ହେଲୁ । ମାହେନ୍ଦ୍ର ଲଗ୍ନ ଆସିଲା । ପ୍ରଭୁ ଶ୍ରୀଅରବିନ୍ଦ ବିଜେ କଲେ – ପୂଜ୍ୟ ଚମ୍ପକଲାଲ, ଆଶ୍ରମର ଅନ୍ୟତମ ସାଧକ ଶର୍ମାଜୀ ଏବଂ ସାଧିକା କମଳାବେନ୍‌ଙ୍କ ଗହଣରେ; ଓଡ଼ିଶାର ଆହୁରି ଅନେକ ସାଧକ ସାଧିକାଙ୍କ ଗହଣରେ, ସରକାରୀ-ବେସରକାରୀ ଲୋକଙ୍କ ଗହଣରେ । କିଣ୍ଡିରାରେ କେବେ ଦେଖା ଯାଉ ନଥିବା ଲୋକଙ୍କର ଭିଡ଼ । ସଶସ୍ତ୍ର ପୁଲିସ ବାହିନୀ ଶ୍ରୀଅରବିନ୍ଦଙ୍କୁ ପୂର୍ବାହ୍ଣରେ ସମ୍ମାନ ପ୍ରଦର୍ଶନ କଲେ । ଚମ୍ପକଲାଲଜୀ ଅପରାହ୍ଣରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କଲେ । ଚମ୍ପକଲାଲଜୀ ପୁଣି ସନ୍ଧ୍ୟାରେ ହଜାର ହଜାର ଲୋକଙ୍କୁ କ୍ୟାଲେଣ୍ଡର ବିତରଣ କଲେ । କାର୍ଯ୍ୟକ୍ରମ ସରିଲା । ଏ କାର୍ଯ୍ୟକ୍ରମ ଥିଲା ଆମ କଳ୍ପନାର ବାହାରେ । ଏ କାର୍ଯ୍ୟକ୍ରମ ସତେ ଯେମିତି ଏକ ନୂତନ ସୂର୍ଯ୍ୟୋଦୟ ସହିତ ଆକାଶରୁ ଖସି ଆସିଲା ଏବଂ କ୍ରମେ ଅନ୍ତର୍ହିତ ହୋଇଗଲା ! କେହି ଭେଳିକି ଲଗେଇ ଦେଇଥିଲା ପରି ଆମେ ସେଦିନର ଉତ୍ସବକୁ କେବଳ ତଟସ୍ଥ ଦର୍ଶକ ଭାବରେ ଚାହିଁ ରହିଥିଲୁ ।

ଏ ଉତ୍ସବର ମହାର୍ଘତା କିନ୍ତୁ ପ୍ରପତ୍ତିଙ୍କ ନଖ-ଦର୍ପଣରେ ଥିଲା । ତେଣୁ ଏହାର ଆମୂଳଚୂଳ ସଫଳତା ପାଇଁ ସେ ଉତ୍ସୁକ ଥିଲେ । ପରବର୍ତ୍ତୀ ଫେବ୍ରୁଆରୀ ଦର୍ଶନ ବେଳେ ପ୍ରପତ୍ତିଜୀଙ୍କୁ ଯେତେବେଳେ ଆଶ୍ରମରେ ଭେଟିଲି, କିଣ୍ଡିରାର ଉତ୍ସବ ବେଶ୍ ଉତ୍ସାହପ୍ରଦ ହୋଇଥିବାର ସମ୍ବାଦ ସେ ପାଇଛନ୍ତି ବୋଲି ସହାସ୍ୟ ବଦନରେ କହିଥିଲେ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ ।)

❑❑❑

ସ୍ମିତହାସ୍ୟ, ଚାହାଣି ତାଙ୍କର ଏପରିକି ପାର୍ଥିବ ପଦାର୍ଥେ
ଆଣିଥାଏ ଅପାର୍ଥିବ ବୋଧ; ସେ ଚାହାଣି, ସେ ହସର ସୁତୀବ୍ର ପୁଲକ
ମଣିଷ ଜୀବନ ପରେ ଢାଳିଥାଏ ସରଗ-ସୁଷମା ।
(ସାବିତ୍ରୀ) - ଶ୍ରୀଅରବିନ୍ଦ

# ଆଲୋକ ଓ ଆଲୋକର ଛାଇ

## ମଧୁସୂଦନ ମହାପାତ୍ର

ଆଲୋକ ପାଖେ ପାଖେ ଛାଇ, ଏହି ନ୍ୟାୟଟି ସମସ୍ତଙ୍କୁ ଜଣା । ବ୍ରହ୍ମଲୋକରୁ ଦେଖିଲେ ଏହି ଜଗତ୍ ଛାୟା ଓ ଆତପ ପରି । କଥାଟି କଠୋପନିଷଦ୍‌ରେ ଏହି ଭାବେ ବ୍ୟକ୍ତ ହୋଇଛି – ''ଦର୍ପଣରେ ଦେଖୁଥିବା ଭଳି ମନୁଷ୍ୟ ଭଗବାନଙ୍କୁ ନିଜ ଆତ୍ମାରେ ଦେଖେ, ଜଣେ ସ୍ୱପ୍ନରେ ଦେଖିବା ପରି ତାଙ୍କୁ ପିତୃଲୋକରେ ଦେଖେ, ଜଣେ ଜଳରେ ବ୍ୟାପ୍ତ ଥିବା ପରି ତାଙ୍କୁ ସର୍ବତ୍ର ବ୍ୟାପ୍ତ ଥିବାର ଦେଖେ, କିନ୍ତୁ ବ୍ରହ୍ମଲୋକରେ ଜଣେ ତାଙ୍କୁ ଛାୟା ଓ ଆତପ ପରି ଦେଖେ ।'' (କଠ. ୨/୩/୫) ଏହା କ'ଣ ଏଠାରେ ରହିଥିବା ସକଳ ଦ୍ୱୈତତା ପରି – ଆଲୋକ ସହିତ ଛାୟା, ସତ୍ୟ ସହ ମିଥ୍ୟା, ପୁଣ୍ୟ ସହ ପାପ, ସୁଖ ସହ ଦୁଃଖ, ପ୍ରେମ ସହ ଘୃଣା, ଜନ୍ମ ସହ ମୃତ୍ୟୁ, ଏକ ସହ ବହୁ ପ୍ରଭୃତି ଦ୍ୱିବିଧତା ? ନା, ବ୍ରହ୍ମୋପଲବ୍ଧି ପ୍ରାପ୍ତ ବ୍ୟକ୍ତି ଏହି ଦ୍ୱୈତତାର ଅତୀତ, ସେ ଏପରି ଏକ ଆଲୋକମୟ ସ୍ଥିତିରେ ଥାଏ ଯେଉଁଠି ଆଲୋକ ଅଛି କିନ୍ତୁ ଛାୟା ନାହିଁ, ଏକ ଅଛି କିନ୍ତୁ ବହୁ ନାହିଁ । ଏହା ଏପରି ମହତ୍ତମ ସତ୍ୟ ଯେ ଏହାକୁ ବୁଝିବା ସହଜ ନୁହେଁ, ଏପରିକି କଳ୍ପନାରେ ଦେଖିବା ବି ।

ଛାୟାରହିତ ଆଲୋକ, ମିଥ୍ୟାରହିତ ସତ୍ୟ, ପାପରହିତ ପୁଣ୍ୟ, ଦୁଃଖରହିତ ସୁଖ, ଘୃଣାରହିତ ପ୍ରେମ, ମୃତ୍ୟୁରହିତ ଜନ୍ମ (ବା ଅମୃତତ୍ୱ) ସମ୍ଭବ ବୋଲି ଋଷିଗଣ ସେହି ଆଦିକାଳରେ ଦର୍ଶନ ଲାଭ କରିଥିଲେ ଏବଂ ଏହି ସୃଷ୍ଟି ସେହି ଦିଗରେ ଗତି କରୁଛି ବୋଲି ଘୋଷଣା କରିଥିଲେ ।

''ଉଦ୍‌ବୟଂ ତମସସ୍ପରି ସ୍ୱଃ ପଶ୍ୟନ୍ତ ଉତ୍ତରମ୍ ।
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ॥''
(ଅଥର୍ବ ବେଦ : ୭, ୫୩.୭)

ଅର୍ଥାତ୍, ''ଜ୍ୟୋତିର୍ମୟ ଉଚ୍ଚତର ସ୍ୱର୍‌ଲୋକକୁ ଦୃଷ୍ଟିରେ ରଖି ଆମେ ତମଃର ଊର୍ଦ୍ଧ୍ୱକୁ ଉଠୁଛୁ । ଦେବଙ୍କ ମଧ୍ୟରେ ଯେ ଉତ୍ତମ ଜ୍ୟୋତିଃ, ସତ୍ୟସ୍ୱରୂପ ସୂର୍ଯ୍ୟଦେବଙ୍କ ପ୍ରତି ଆମେ ଯାତ୍ରା କରୁଛୁ ।''

ଏହା କିପରି ସମ୍ଭବ ହେବ ? ପ୍ରଥମ ପ୍ରଶ୍ନ : ଜ୍ୟୋତିଃ ଓ ଛାୟାର ମୂଳ କେଉଁଠି ? ଜ୍ୟୋତିଃର ଅଭିବ୍ୟକ୍ତିରୁ ସୃଷ୍ଟିର ଆରମ୍ଭ, କିନ୍ତୁ ଛାୟା ? ଜ୍ୟୋତିଃର ପ୍ରତିରୋଧରୁ ଏହା ଦେଖାଦିଏ । ଆଲୋକର ଆଗରେ ଥିବା ଏକ ସ୍ତମ୍ଭ ପଛରେ ଛାୟା ରହିଛି; ସୂର୍ଯ୍ୟାଲୋକ ସମ୍ମୁଖରେ ରହିଥିବା ବା ଚାଲୁଥିବା କେହି ପ୍ରାଣୀ ବା କିଛି ବସ୍ତୁ ପଛରେ ଛାୟା ରହିଛି – ଏହିପରି ସମସ୍ତ କ୍ଷେତ୍ରରେ ଦୃଶ୍ୟମାନ ଛାୟାଲୋକର ଏହା ହେଉଛି ନ୍ୟାୟ । ଆଲୋକ ଆଗରେ ଯଦି ପ୍ରତିରୋଧ ନଥା'ନ୍ତା ତେବେ ଛାୟା ନଥା'ନ୍ତା ଅଥବା ଆଲୋକ ଆଗରେ ଯଦି ସ୍ୱଚ୍ଛ ବସ୍ତୁ ଥାଆନ୍ତା ତେବେ ଛାୟା ନଥା'ନ୍ତା, ଆଲୋକ ସର୍ବତ୍ର ପ୍ରସାରିତ ହୁଅନ୍ତା । ସେହିପରି ଚେତନାର ଏହି ସୃଷ୍ଟି ମଧ୍ୟରେ ଦ୍ୱୈତତା ଥିବା ସତ୍ତ୍ୱେ ଯଦି ନିର୍ମଳତା ଥାଆନ୍ତା; ମିଥ୍ୟା, ମୃତ୍ୟୁ, ଘୃଣା, ହିଂସା, ପାପ ଇତ୍ୟାଦି ନଥା'ନ୍ତା ତେବେ ଏହି ଲୋକରେ ଛାୟାବିହୀନ ଚିର ଆଲୋକ ବିରାଜିତ ହେଉଥା'ନ୍ତା ।

ଏହି ସୃଷ୍ଟି ତଥା ବିଶ୍ୱଜୀବନ ସେହି ନିତ୍ୟସ୍ୱଚ୍ଛତା ଦିଗରେ, ଈଶ୍ୱରପ୍ରାପ୍ତି ଦିଗରେ, ସତ୍ୟରେ ରୂପାନ୍ତର ଦିଗରେ ଗତି କରୁଛି । କିନ୍ତୁ ବାରଂବାର ସେହି ପଥରେ ବାଧା ବା ପ୍ରତିରୋଧ ଦେଖା ଦେଉଛି । ସତ୍ୟପଥରେ ନାନା ଘାତ-ପ୍ରତିଘାତ, ସଂଘର୍ଷ, ଭ୍ରାନ୍ତି, ପୀଡ଼ା, ପରାଭବ ଦେଖା ଦେଉଛି । ଅସହ୍ୟ ଅନ୍ଧକାର ଭଳି ପରିସ୍ଥିତି ଦେଖା ଦେଉଛି । କିନ୍ତୁ ଯୁଗେ ଯୁଗେ ମହାତ୍ମା ତଥା ଅବତାର ପୁରୁଷମାନଙ୍କର ଜନ୍ମଗ୍ରହଣ ଫଳରେ ପୁଣି ସତ୍ୟର ପଥ ଖୋଲି ଯାଉଛି । ଗୀତାରେ ଏହାକୁ କୁହାଯାଇଛି ''ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ'' । ଏହି ପ୍ରତିରୋଧୀ ସତ୍ତାକୁ ବେଦରେ 'ଏନଃ' ବା 'ଆଗଃ' ବା 'ଦୁରିତମ୍' ପ୍ରଭୃତି ନାମରେ କୁହାଯାଇଛି, ଯେଉଁମାନେ କି ଦାନବ ଶକ୍ତିର ପରିଚାୟକ । ଦେବଗଣ ହେଉଛନ୍ତି ଜ୍ୟୋତିଃର ବାହକ । ଏହି ନ୍ୟାୟରେ ଅସୁର ଓ ଦେବ, ଛାୟା ଓ ଆତପ । ଉପନିଷଦ୍‌ରେ କୁହାଯାଇଛି – ଯିଏ ଏହି ଛାୟାତପକୁ ଠିକ୍ ଭାବେ ଜାଣେ ସେ ସାଂସାରିକ ଶୋକଦୁଃଖରେ ପଡ଼େ ନାହିଁ ।

କିନ୍ତୁ ଦେଖାଯାଏ, ପରମ ସତ୍ୟକୁ ଜାଣିବା ପରେ ବି ଲୋକ ପ୍ରମାଦ କରୁଛି । ଅମୃତକୁ ଉପଲବ୍ଧି କରିଥିବା ବ୍ୟକ୍ତି ବି ମୃତ୍ୟୁପାଶରେ ପଡ଼ି ଯାଉଛି । ସତ୍ୟକୁ ବ୍ରତ ରୂପେ ଗ୍ରହଣ କରିଥିବା ବ୍ୟକ୍ତି ବି ପ୍ରବଞ୍ଚନା କରୁଛି । ଏସବୁର କାରଣ ହେଉଛି ସେହି ପଥଭ୍ରଷ୍ଟକାରୀ ମାୟାବୀ ଅନ୍ଧକାରର କ୍ରିୟା, ଆବୃତ କରି

ଦେବାର କ୍ରିୟା, ମୋହିତ କରି ଦେବାର ଆକର୍ଷଣ । ଏହାର ପ୍ରତିକାର ଗୀତାରେ ରହିଛି : ''ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ।'' (ଯେଉଁମାନେ ମୋର ଶରଣକୁ ଆସି ଯାଇଥା'ନ୍ତି ସେମାନେ ଏହି ମାୟାକୁ ତରି ଯାଇଥା'ନ୍ତି ।)

ଏଠାରେ ଆଉ ଏକ ପ୍ରଶ୍ନ : ଆମେ ଜାଣୁ ଭଗବାନ୍ ଆଲୋକର ସୃଷ୍ଟି କରିଛନ୍ତି, ଅନ୍ଧକାରକୁ ନୁହେଁ, ତେବେ ତମଃର ସ୍ରଷ୍ଟା କିଏ ? ଏହାର ସ୍ପଷ୍ଟ ଉତ୍ତର ଏପର୍ଯ୍ୟନ୍ତ କୌଣସି ଶାସ୍ତ୍ରରେ କୁହାଯାଇ ନାହିଁ । ଏତିକି ଆମେ ଜାଣିବା ଯେ ଅନ୍ଧକାର ଏକ ସୃଷ୍ଟି ନୁହେଁ । ଆଲୋକର ଜନ୍ମ ମାତ୍ରେ ତାହା ଅନ୍ଧକାର ଦ୍ୱାରା ଆବୃତ ହୋଇଗଲା । ଅନ୍ଧକାରକୁ ଭେଦ କରି ଆଲୋକ ବିକଶିତ ହୋଇ ହୋଇ ଚାଲିଛି । ଅନ୍ଧକାରର ପ୍ରତିରୋଧ ଆଲୋକକୁ ଚିର ପ୍ରତିହତ କରିପାରିବ ନାହିଁ; ଆଲୋକ ଦ୍ୱାରା ଅନ୍ଧକାରର ବିଲୟ ଘଟିବ, ଏହାହିଁ ଭଗବାନଙ୍କ ସଂକଳ୍ପ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ, ଆଲୋକର ଯେପରି ଏକ ସ୍ଥିର ସ୍ଥିତି ରହିଛି, ଅନ୍ଧକାରର ସେପରି ନାହିଁ । ଆଲୋକର ଅନୁପସ୍ଥିତି ବା ଅଳ୍ପତା ହେଉଛି ଅନ୍ଧକାର । ଆଲୋକ ଅନ୍ଧକାରକୁ ନାଶ କରିପାରେ, କିନ୍ତୁ ଅନ୍ଧକାର କଦାପି ଆଲୋକକୁ ଲିଭାଇ ପାରେ ନାହିଁ । ଏଣୁ ଅନ୍ଧକାରର ମୌଳିକ ସ୍ଥିତି ବା ଶକ୍ତି ନାହିଁ । ସାବିତ୍ରୀ ମହାକାବ୍ୟରେ ଆମେ ଦେଖୁ, ସାବିତ୍ରୀ ଅନ୍ଧକାର ସ୍ୱରୂପ ମୃତ୍ୟୁକୁ ଆତ୍ମସାତ୍ କରି ଅମୃତରେ ବା ଆଲୋକରେ ରୂପାନ୍ତର କରି ଦେଇଛନ୍ତି । ଏହି କାରଣରୁ ଜଗତରେ ନିତ୍ୟସୂର୍ଯ୍ୟର ଦିବସ ଦେଖା ଦେଇଛି ।

ସୂର୍ଯ୍ୟାଲୋକ ଓ ଛାୟା ପରି ଭୌତିକ ବିଷୟକୁ ଆଧ୍ୟାତ୍ମିକ କ୍ଷେତ୍ରରେ ଆମେ ପୂର୍ଣ୍ଣ ରୂପେ ମିଶାଇ ପାରିବା ନାହିଁ । ସୂକ୍ଷ୍ମଲୋକରେ ଅନ୍ଧକାରର ଅବସ୍ଥିତି ରହିଛି, ସତ୍ୟକୁ ବିକୃତ କରିଦେଇ ପାରିବାର ଶକ୍ତି ରହିଛି, ଆଲୋକର ଅବରୋଧ କରି ପାରୁଛି । କିନ୍ତୁ ଏହା ସେତେବେଳେ ଅଧିକ ଶକ୍ତିଲାଭ କରେ ଯେତେବେଳେ ସେ ଏକ ଆଧାର ପାଏ; ଶରୀର, ପ୍ରାଣ ଓ ମନକୁ ଏହା ଆଶ୍ରୟ କରେ ବା ଅଧିକାର କରେ । ଏହି ଶକ୍ତିମାନେ ହୃଦୟକୁ ମଧ୍ୟ ଆଚ୍ଛନ୍ନ କରିଥା'ନ୍ତି । ହୃଦୟର ଯେଉଁ ପ୍ରାକୃତିକ ଅଂଶ ଏହି ଜଗତର ସୁଖ ଓ ଅନିତ୍ୟ ସମ୍ବନ୍ଧ ପ୍ରତି ଉନ୍ମୀଳିତ ଥାଏ ସେହି ଅଂଶଟି ଏହାର ଅନୁପ୍ରବେଶ ପ୍ରତି ମାର୍ଗ ଖୋଲି ଦେଇଥାଏ । ନାନା ମୋହମାୟାରେ ସେ ବିଗଳିତ ହୋଇଥାଏ । ଦ୍ୱୈତତାକୁ ସତ୍ୟ ବୋଲି ଗ୍ରହଣ କରି ନେଇଥିବାରୁ ସେ ଏହାର ଊର୍ଦ୍ଧ୍ୱ ଅଦ୍ୱୈତତାକୁ ବୁଝିପାରେ ନାହିଁ । ଏହିପରି ମନୁଷ୍ୟର ଅନେକ ଜନ୍ମ ଚାଲିଯାଏ । ଯେତେବେଳେ ତା'ର ଚୈତ୍ୟପୁରୁଷ ସତ୍ୟସୂର୍ଯ୍ୟଙ୍କ ଆଲୋକକୁ ସାକ୍ଷାତ୍ କରେ ସେତେବେଳେ ତା'ର ହୃଦୟ ଭ୍ରାନ୍ତିରୁ ମୁକ୍ତ ହୁଏ ।

ବିଶ୍ୱସ୍ତରରେ ମଧ୍ୟ ଏହି ସମାନ ନ୍ୟାୟରେ ସେ ସକ୍ରିୟ । କାରଣ ସୃଷ୍ଟିର ଜଡ଼ତାକୁ ବା ଅଚେତନତାକୁ ଏହା ସହଜରେ ଚେତନା ମଧ୍ୟରେ ପ୍ରବେଶ କରାଇପାରେ । ବିଶ୍ୱରେ ଐଶ୍ୱର ଯୋଜନାକୁ ଏହା ଅନ୍ୟଥା କରିଦେଇ ପାରେ । ନାନା କଳହ ଓ ଯୁଦ୍ଧ, ଧ୍ୱଂସ ଓ ଖଣ୍ଡପ୍ରଳୟ ତଥା ରୋଗସଂକ୍ରମଣ, ଅଶାନ୍ତି ପ୍ରଭୃତିର ପ୍ରସାର କରି ମାନବଜାତିକୁ ପ୍ରତାଡ଼ିତ କରିଥାଏ । ଏହି ଅପଶକ୍ତିର ଉପଚାର ନିମନ୍ତେ ମହାତ୍ମାମାନେ ଯାହା କରିଛନ୍ତି ତାହା ମାନବଜାତିର ଇତିହାସ ରୂପେ ଲିପିବଦ୍ଧ – **ସତ୍ୟମେବ ଜୟତେ ।**

ମନୁଷ୍ୟ ମଧ୍ୟରେ ତମିସ୍ରାର ତ୍ରିଧା ଜଗତ୍ (ଦେହ, ପ୍ରାଣ ଓ ମନ)କୁ ସତ୍ୟର ଉପାଦାନରେ ଶୁଦ୍ଧ କରିବା ହେଉଛି ସମଗ୍ର ତପସ୍ୟାର ସତ୍ୟ । ଯୋଗ-ପ୍ରକ୍ରିୟା ସଭ୍ୟତାର ଆଦି କାଳରୁ ଏଥି ନିମନ୍ତେ ଅଧ୍ୟବସାୟ ଜାରି ରଖିଛି ଏବଂ ରୂପାନ୍ତରର ଏହି ଦୁରୂହ କାର୍ଯ୍ୟ ସମ୍ଭବ ବୋଲି ଘୋଷଣା କରି ଆସିଛି । ଏଥିରେ ମାନବ ଚେତନା ଶୁଦ୍ଧ ହୋଇ ଉତ୍ତମ ଜ୍ୟୋତିଃ ଦିଗରେ ଅପ୍ରତିହତ ଗତିରେ ଆଗେଇ ଚାଲିଛି । ଛାୟାରହିତ ଆଲୋକକୁ ପ୍ରତିଷ୍ଠା କରିବାର ଏହା ହେଉଛି ଅମୋଘ ପ୍ରକ୍ରିୟା ।

❑❑❑

ଏପରି ଧରିନେବା ଠିକ୍ ନୁହେଁ ଯେ ଅବତାର ମଣିଷର ଜୀବନ-ଧାରାଠାରୁ ଭିନ୍ନ ଭାବରେ କାର୍ଯ୍ୟ କରନ୍ତି – ସେ ମାନୁଷୀ କ୍ରିୟାକଳାପକୁ ନେଇ, ମାନୁଷୀ ରୀତିରେ ଏବଂ ମାନୁଷୀ ଚେତନା ସହିତ ବାହ୍ୟ ଭାବରେ କାର୍ଯ୍ୟ କରନ୍ତି । କିନ୍ତୁ ତାହା ସହିତ ପଶ୍ଚାତରେ ଥାଏ ତାଙ୍କର ଭଗବତ୍ ଚେତନା ।

– ଶ୍ରୀଅରବିନ୍ଦ

କାହାଣୀ :

# ସୁଖର ସନ୍ଧାନୀ


## ମନୋଜ ଦାସ


ଥିଲେ ଜଣେ ସମ୍ଭ୍ରାନ୍ତ, ବିତ୍ତବାନ୍ ସୌଦାଗର । ବାଣିଜ୍ୟରେ ସେ ଅଭାବନୀୟ ଭାବରେ ସଫଳ ହୋଇଥିଲେ । ଏଣିକି ତାଙ୍କ ସୁପୁତ୍ରମାନେ ବ୍ୟବସାୟର ଦାୟିତ୍ୱ ନେଇ ତାଙ୍କ ବୋଝ ହାଲୁକା କରି ଦେଇଥିଲେ ।

ଜୀବନରେ ଯାହା ପାଇଲେ ଜଣେ ସୁଖୀ ହେବା କଥା, ସେସବୁ ଐଶ୍ୱର୍ଯ୍ୟ ତାଙ୍କଠି ଥିଲା । ସ୍ତ୍ରୀ ଥିଲେ ସୁଗୃହିଣୀ, କର୍ମଚାରୀମାନେ ଥିଲେ ବିଶ୍ୱସ୍ତ, ନାଗରିକମାନେ ତାଙ୍କୁ ସମ୍ମାନ କରୁଥିଲେ । ତାଙ୍କ ଦାନ-ପ୍ରବଣତା ଏବଂ ବିଦ୍‌ବତ୍ତା ଯୋଗୁଁ ଉଭୟ ଦୀନଦରିଦ୍ର ଓ ପଣ୍ଡିତମାନେ ତାଙ୍କୁ ଶ୍ରଦ୍ଧା କରୁଥିଲେ ।

କିନ୍ତୁ ଥରେ ଥରେ ସେ ବଡ଼ ବିମର୍ଷ ବୋଧ କରୁଥିଲେ । ସେ ଜାଣୁଥିଲେ, ଅସନ୍ତୋଷ ପାଇଁ ତାଙ୍କର କିଛି କାରଣ ନଥିଲା । କିନ୍ତୁ ହଠାତ୍ ଯେମିତି ସବୁକିଛି ତାଙ୍କୁ ଅସାର ମନେ ହେଉଥିଲା ।

''ସୁଖର ସମସ୍ତ ହେତୁ ଥାଉଁ ଥାଉଁ ମୁଁ ଅସୁଖୀ ହେଉଛି କାହିଁକି ?'' ସେ ଗୋପନରେ ବାରଂବାର ନିଜକୁ ଏ ପ୍ରଶ୍ନ କରନ୍ତି । ଅବଶେଷରେ ସେ ସମ୍ଭାବ୍ୟ ଉତ୍ତର ନିରୂପଣ କଲେ : ''ମୁଁ ସର୍ବଦା ଜନମାନବ ପରିବୃତ୍ତ ହୋଇ ରହିଛି; ବୋଧହୁଏ ନିର୍ଜନତା ମୋର କାମ୍ୟ । ମୁଁ ସର୍ବଦା କୃତ୍ରିମ ପରିସ୍ଥିତିରେ, କୋଠାବାଡ଼ି ଓ ବିଳାସବ୍ୟସନ ଭିତରେ ଦିନ ଯାପନ କରୁଛି; ବୋଧହୁଏ ବିଜନ ପ୍ରକୃତିର ପରିବେଶ ହେବ ମୋର କାମ୍ୟ । ସର୍ବଦା ସୁପାକ ଖାଦ୍ୟ ଖାଉଛି; ଫଳମୂଳହିଁ ମୋତେ ରୁଚିକର ହେବ । ଅର୍ଥାତ୍, ସାମ୍ପ୍ରତିକ ପରିସ୍ଥିତିର ବିପରୀତଧର୍ମୀ ପରିସ୍ଥିତିହିଁ ମୋତେ ଦେବ ସୁଖ !''

ଦିନେ ସେ ନେଲେ ଏକ ସାହସିକ ପଦକ୍ଷେପ । ରାତିରେ ଛଦ୍ମବେଶ ପକାଇ ସେ କାହାକୁ କିଛି ନକହି କୋଠାରୁ ବାହାରି ଚାଲିଗଲେ । ସକାଳେ ଯେତେବେଳେ ତାଙ୍କୁ ଖୋଜାଗଲା, ତାଙ୍କ ଛଦ୍ମବେଶର ନିପୁଣତା ଯୋଗୁଁ ସନ୍ଧାନୀମାନେ ତାଙ୍କ ପାଖ ଦେଇ ଚାଲିଗଲେ ସୁଦ୍ଧା ତାଙ୍କୁ ଚିହ୍ନି ପାରିଲେ ନାହିଁ ।

କ୍ରମେ ଘରୁ ସେ ଚାଲିଗଲେ ଦୂରକୁ ଦୂରକୁ – ବହୁ ଦୂର । ଅବଶେଷରେ ସେ ଆବିଷ୍କାର କଲେ ଏକ ଆଦର୍ଶ ସ୍ଥାନ; ଗୋଟାଏ ଅନତି ବୃହତ୍ ପର୍ବତର ଶୀର୍ଷ ଦେଶ । ସେଠାରେ ଗଛ ଲତାର ପ୍ରାଚୁର୍ଯ୍ୟ । ପ୍ରଚୁର ସୁପକ୍ୱ ଫଳ । କୁଳୁକୁଳୁ ନାଦିନୀ ଝରଣାଟିଏ । ପକ୍ଷୀଙ୍କ କୂଜନ । ସେଠି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଏଡ଼େ ରମଣୀୟ ଯେ ସେଥିରେ ଜଣେ ଧ୍ୟାନସ୍ଥ ରହି ପାରିବ ।

ପର୍ବତ ତଳର ରମଣୀୟ ଉପତ୍ୟକାରେ ଏକ କ୍ଷୁଦ୍ର ପଲ୍ଲୀ । ମନେହୁଏ, ସେଠାକାର ବାସିନ୍ଦାମାନେ ଶାନ୍ତିପ୍ରିୟ ।

ତାଙ୍କର ବଳ ଥିଲା, ବୁଦ୍ଧି ଥିଲା, କାରିଗରି ଜ୍ଞାନ ଓ ଅଭିଜ୍ଞତା ଥିଲା । ନିଜ ହାତରେ ସେ ନିର୍ମାଣ କଲେ ଏକ କୁଡ଼ିଆ । ରହିଲେ ଶାନ୍ତିରେ । ଫଳମୂଳ ଆହାର । ପକ୍ଷୀଙ୍କ କୂଜନ ସଙ୍ଗୀତ; ଗଛଲତା ଓ ସମୀରଣ ମିତ୍ର ।

''ଏହାହିଁ ମୁଁ ଲୋଡ଼ୁ ଥିଲି । ମୁଁ ବର୍ତ୍ତମାନ ସୁଖୀ !'' ସେ କହିଲେ ନିଜକୁ ।

ଦିନ ବିତି ଯାଏ । ହଠାତ୍ ମଧ୍ୟେ ମଧ୍ୟେ ପୂର୍ବର ସେ ଉଦାସ ଭାବର ପ୍ରତ୍ୟାବର୍ତ୍ତନ ଘଟେ । କିନ୍ତୁ ସେ ଜବରଦସ୍ତ ସେ ଭାବକୁ ମନରୁ ତଡ଼ି ଦିଅନ୍ତି । ''ମୁଁ ସୁଖୀ'' – ସେ ନିଜକୁ ଏ ପ୍ରତିଶ୍ରୁତି ଦିଅନ୍ତି ।

ଆସିଲା ଆଷାଢ଼ । ଦିନେ ବର୍ଷା ସାଙ୍ଗକୁ ପର୍ବତ ଶୀର୍ଷକୁ ଯେମିତି ଆକ୍ରମଣ କଲା ଦୁରନ୍ତ ପବନ । ସୁଖ-ସନ୍ଧାନୀଙ୍କ କୁଡ଼ିଆ ଦୋହଲିବାକୁ ଲାଗିଲା । ପ୍ରଥମେ ନିଜ ଶକ୍ତି ଦେଇ ସେ ତାକୁ ଠିଆ କରାଇ ରଖିବାର ଚେଷ୍ଟା କଲେ । କିନ୍ତୁ ଗୋଟାଏ ପାଖ ଭୁଶୁଡ଼ି ପଡ଼ିଲା । ସେ ଜୀବନରେ ପ୍ରଥମଥର ପାଇଁ ପ୍ରାର୍ଥନା କଲେ, ''ହେ ଭଗବାନ୍ ! ତୁମେ ମୋ କୁଡ଼ିଆକୁ ରକ୍ଷା କର !''

କିନ୍ତୁ ଭଗବାନ୍ ଶୁଣିଲା ଭଳି ଲାଗିଲା ନାହିଁ । ପବନ ପ୍ରବଳତର ହେଲା । ସମୁଦାୟ କୁଡ଼ିଆ ଭୂତଳଶାୟୀ ହେବାର ଉପକ୍ରମ ଦେଖାଦେଲା । ସୁଖ-ସନ୍ଧାନୀ ନିଜ ପ୍ରାର୍ଥନାର ଭାଷା ପରିବର୍ତ୍ତନ କରି କହିଲେ, ''ହେ ଭଗବାନ୍ ! ମୁଁ ତୁମକୁ ମୋର ଏ କୁଡ଼ିଆଟି ହସ୍ତାନ୍ତର କରିଦେଲି । ବର୍ତ୍ତମାନ ଏହା ତୁମର ସମ୍ପଦ । ବର୍ଷା ଝଡ଼କୁ ତୁମେ ବଶ କର; ଏ କୁଡ଼ିଆ ସମ୍ଭାଳ ।''

କୁଡ଼ିଆ ଅବଶ୍ୟ ସମ୍ଭଳା ପଡ଼ିଲା ନାହିଁ । କିନ୍ତୁ ସେ ନିଜେ ବଡ଼ ହାଲୁକା ଅନୁଭବ କଲେ । ଯେତେବେଳେ ଝଡ଼

ଆହୁରି ଉଗ୍ରରୂପ ଧାରଣ କଲା ଏବଂ କୁଡ଼ିଆ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲା, ସେ ଅଟ୍ଟହାସ୍ୟ କରି କହିଲେ, ''ତୁମେ କେମିତିକା ଭଗବାନ୍ ! ହେ ଭଗବାନ୍ ? ନିଜ ସମ୍ପତ୍ତି ଯଦି ନିଜେ ନ ସମ୍ଭାଳିବ, ତେବେ ତୁମ ପାଇଁ ମୁଁ ବା କ'ଣ କରିପାରିବି ?''

ସେହି ହାସ୍ୟ ଏବଂ ଅଭିଯୋଗ ଭିତରେ ସେ କେତେବେଳେ ଚେତା ହରାଇଲେ ।

କେତେ ସମୟ ସେ ଅଜ୍ଞାନ ଅବସ୍ଥାରେ ରହିଥିଲେ, ତାଙ୍କୁ ଜଣା ନଥିଲା । ଯେତେବେଳେ ସେ ଆଖି ଖୋଲିଲେ, ସେତେବେଳେ ସେ ଏକ ନୂଆ ସ୍ଥାନରେ ଶୋଇଥିବାର ଦେଖିଲେ । ତାଙ୍କୁ ଘେରି ରହିଛନ୍ତି କେତେଜଣ ଅଚିହ୍ନା ମଣିଷ — କିନ୍ତୁ ସେମାନଙ୍କ ମୁହଁରେ ନିର୍ଭୁଲ ଶ୍ରଦ୍ଧା ଓ ସମୀହା ।

କଥା ହେଲା, ସୁଖ-ସନ୍ଧାନୀ ଏକାକୀ ପର୍ବତ ଶିଖରରେ ରହିବା ଭିତରେ ଦାଢ଼ି ନିଶ ଓ ସହଜ ବେଶ ଯୋଗୁଁ ଜଣେ ସାଧୁର ଭ୍ରମ ସୃଷ୍ଟି କରୁଥିଲେ । ପର୍ବତର ନିମ୍ନବର୍ତ୍ତୀ ଉପତ୍ୟକାର ସରଳ ଲୋକେ ଧରି ନେଇଥିଲେ ସେ ଜଣେ ମହାପୁରୁଷ ବା ଯୋଗୀ । ଝଡ଼ ବର୍ଷା ପରେ ପରେ ସେମାନେ ଉପରକୁ ଯାଇ ମୂର୍ଚ୍ଛିତ ଅବସ୍ଥାରେ ତାଙ୍କୁ ତଳକୁ ନେଇ ଆସିଥିଲେ ।

ସୁସ୍ଥ ହୋଇ ସେ କହିଲେ, ''ଏଥର ମୁଁ ପର୍ବତ ଶୀର୍ଷକୁ ଚାଲି ଯାଏଁ ।''

''ଆପଣ ଏବେ ବି ଦୁର୍ବଳ । ଏଇଠି କିଛିଦିନ ରୁହନ୍ତୁ । ଆପଣଙ୍କୁ ଆମେ ଯଥା ସମୟରେ ପର୍ବତ ଶୀର୍ଷକୁ ନେଇ ଯିବୁଁ ।'' — ଲୋକେ କହନ୍ତି ।

ଦୁଇମାସ ବିତିଗଲା । ଦିନେ ପଲ୍ଲୀବାସୀମାନେ ତାଙ୍କୁ ନେଇଗଲେ ପର୍ବତ ଉପରକୁ ।

ଇଏ କ'ଣ ? ତାଙ୍କ ପାଇଁ ସେମାନେ ନିର୍ମାଣ କରି ଦେଇଥିଲେ ଛୋଟ କିନ୍ତୁ ଶକ୍ତ ଏକ ପଥର ଘର । ତାକୁ ଲାଗି ଆଉ ଏକ ଘର ଭିତରେ ସୁନ୍ଦର ଠାକୁର ମୂର୍ତ୍ତିଟିଏ । ସେମାନଙ୍କ ମହାପୁରୁଷଟି ପାଇଁ ପଲ୍ଲୀବାସୀମାନେ ସେତିକି କରି ଦେଇଥିଲେ ।

ସେ ଦିଅଁଙ୍କ ଆଡ଼େ ଅନାଇ ହଠାତ୍ ସୁଖର ସନ୍ଧାନୀଙ୍କର ଯେପରି ଅନ୍ତର୍ଦୃଷ୍ଟି ଖୋଲିଗଲା । ସେ ଯାହା ଖୋଜୁଥିଲେ, ତାହା ଏମିତି — ନିଜ ଭିତରର ସତ୍ତା । ବାହାରର ପରିସ୍ଥିତିର ପରିବର୍ତ୍ତନ ନୁହେଁ ।

ସଙ୍ଗେ ସଙ୍ଗେ ସେ ଉପଲବ୍ଧି କଲେ ଅନ୍ୟ ଏକ ସତ୍ୟ ମଧ୍ୟ । ଯେତେବେଳେ ସେ ନିଜ କୁଡ଼ିଆଟିକୁ ବ୍ୟାକୁଳ ଭାବରେ, ଆନ୍ତରିକତା ସହକାରେ ଭଗବାନଙ୍କୁ ସମର୍ପଣ କରୁଥିଲେ, ବାହାରକୁ ମନେ ହେଉଥିଲା ଭଗବାନ୍ ଯେପରି ସେ ଭେଟିକୁ ଖାତର କରୁ ନଥିଲେ । କିନ୍ତୁ ସେ ତାକୁ ଗ୍ରହଣ କରିଥିଲେ — ତାକୁ ସ୍ଥାୟୀ ରୂପରେ ପରିବର୍ତ୍ତିତ କରିଥିଲା ତାଙ୍କରି କରୁଣା । ସ୍ଥାୟୀ ରୂପରେ ପରିଣତ କରି ସେ ପୁଣି ସେ ଗୋଟିକ ତାଙ୍କୁ ବ୍ୟବହାର କରିବାକୁ ଦେଉଥିଲେ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୨୫୨-୨୫୫)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ '**ସୁଖର ସନ୍ଧାନୀ**' କାହାଣୀ ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''କ'ଣ ମଣିଷକୁ ସୁଖୀ କରିପାରେ ? ପ୍ରଶ୍ନଟିର ଅନେକ ଉତ୍ତର ଥାଇପାରେ । ଆଧ୍ୟାତ୍ମିକ ଦୃଷ୍ଟିରୁ ଯଥାର୍ଥ ଉତ୍ତର ହେଲା — ଯାହାଦ୍ୱାରା ଆମର ଅନ୍ତରାତ୍ମା ସନ୍ତୁଷ୍ଟ ହେବ । ଭଗ୍ନ କୁଟୀର ସ୍ଥାନରେ ମନ୍ଦିର ଓ ତହିଁ ଭିତରେ ଦିଅଁ ପ୍ରତିଷ୍ଠା ମଣିଷର ସାଧାରଣ ଜୀବନ ଭଗବାନଙ୍କ ପାଇଁ ସମର୍ପିତ ହେବା ତଥା ଅନ୍ତରାତ୍ମାର ଜାଗରଣର ପ୍ରତୀକ ।''

(ତତ୍ରୈବ : ପୃଷ୍ଠା : ୩୩୯)

# ଅଗ୍ନିପକ୍ଷୀ

## ବନମାଳୀ ଆଚାର୍ଯ୍ୟ

ଅରଣ୍ୟର ଉପାନ୍ତରେ ଏକ ବୃହଦାକାର ସରୋବର । ଏହାର ଅସ୍ତିତ୍ୱର ଆରମ୍ଭ କେବେ ଓ କିପରି ହୋଇଥିଲା ସେ ବିଷୟରେ କେହି କିଛି କହିପାରନ୍ତି ନାହିଁ । ଏହା ପ୍ରାକୃତିକ ଧାରାରେ ଗଠିତ ବୋଲି କେବଳ ଯାହା ଅନୁମାନ କରାଯାଏ । ସରୋବରର ଗୋଟିଏ ପାର୍ଶ୍ୱକୁ ରହିଛି ବିସ୍ତୃତ ଶାଳବଣ ଓ ଅପରପଟରେ ଜନବସତି ଥିବା ବ୍ୟାପକ ଇଲାକା । ଚିକ୍କଣ କଳାପଥରର ଶକ୍ତିଶାଳୀ ଆଡ଼ିବନ୍ଧ ଓ ଶକ୍ତ ଶିଳାର ଚଟାଣ ଏହାର ଏକ ଆକର୍ଷଣ । ତାହାରି ମଧ୍ୟରେ ଆବଦ୍ଧ ଥିବା ସ୍ୱଚ୍ଛ ଜଳରାଶିରେ ଅସଂଖ୍ୟ ଛୋଟ ଆକାରର ତରଙ୍ଗମାଳା ଆହୁରି ବେଶୀ ଆକର୍ଷଣୀୟ । ବେଳେବେଳେ ତଟଦେଶରେ ଥିବା ଶାଳବୃକ୍ଷର ଛବି ପରିଷ୍କାର ଜଳ ଭିତରେ ଦେଖାଯାଏ । ମନେହୁଏ, ଆଉ ଏକ ଶାଳବଣ ପାଣିତଳେ ରହିଛି । କେତେକ ଲୋକ ମଧ୍ୟ ଏହାକୁ ପ୍ରାଚୀନ କାଳରୁ ପୋତି ହୋଇଥିବା କୌଣସି ଏକ ପୁରୁଣା ଗଡ଼ଖାଇର ଅଂଶ ବୋଲି ବିଚାର କରନ୍ତି । ଅବଶ୍ୟ ପ୍ରକୃତି କୋଳରେ ଏହାର ଗମ୍ଭୀର ଅସ୍ତିତ୍ୱ ଓ ସୁନ୍ଦରତା ପଛରେ ଅନ୍ୟ ଏକ କାରଣ ସୂକ୍ଷ୍ମ ଭାବରେ ଛପି ରହିଛି; ମନ ତାହାକୁ ଧରି ପାରେ ନାହିଁ । କିଛି ମାତ୍ରାରେ ହୃଦୟ ତାହାକୁ ଅନୁଭବ କରିଥାଏ ।

ସରୋବରର ଅନତିଦୂରରେ ଅବସ୍ଥିତ ଏକ ଗୁରୁକୁଳ ଆଶ୍ରମ । ଜଣେ ନିଷ୍ଠାପର ହିନ୍ଦୁ ସନ୍ନ୍ୟାସୀ ଓ ଯୋଗୀଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ । ଭାରତୀୟ ଯୋଗ ଓ ସଂସ୍କୃତିର ଆଧାର ଉପରେ ଏଠାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ବିଦ୍ୟାର୍ଥୀଗଣ ଯୋଗ, ସ୍ୱାସ୍ଥ୍ୟରକ୍ଷା, ବିଜ୍ଞାନ, ଭାଷା ଓ ବସ୍ତୁ ସମ୍ପର୍କିତ ଜ୍ଞାନ ଲାଭର ସୁଯୋଗ ଏଠାରେ ପାଇ ଥାଆନ୍ତି । ଆଶ୍ରମର ମୁଖ୍ୟ ହେଲେ ନିଜେ ସନ୍ନ୍ୟାସୀ, ସମସ୍ତଙ୍କର ପୂଜ୍ୟ ଗୁରୁଦେବ । ସେ ଯୋଗବିଦ୍ୟାରେ ନିପୁଣ ଜଣେ ଯୋଗୀ ଓ ଶିକ୍ଷକ । ବେଶ୍ ଦୂରସ୍ଥାନମାନଙ୍କରୁ ମଧ୍ୟ ବିଦ୍ୟାର୍ଥୀମାନେ ଶିକ୍ଷା ଲାଭ ଉଦ୍ଦେଶ୍ୟରେ ଏହି ସ୍ଥାନରେ ସମ୍ମିଳିତ ହୁଅନ୍ତି ଏବଂ ସମୟକ୍ରମେ ଆଶ୍ରମ ଜୀବନକୁ ଆଦରି ନିଅନ୍ତି । ଅରଣ୍ୟର ବୃକ୍ଷରାଜି ଆପେ ଆପେ ବୃଦ୍ଧିପ୍ରାପ୍ତ ହେଉଥିବା ଭଳି ଏଠାରେ ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣର ଇଚ୍ଛା ସ୍ୱତଃସ୍ଫୂର୍ତ୍ତ ଭାବେ ହୃଦୟ ଭିତରୁ ଅଙ୍କୁରିତ ହୁଏ । ଅନୁଭବ ହୁଏ, ଯେପରି ଏହା ଭଗବାନଙ୍କ ଇଚ୍ଛାରେ ଗଢ଼ି ଉଠୁଥିବା ଏକ ଉଚ୍ଚତର ସାଧନାର କ୍ଷେତ୍ର ଯାହାର ଏକ ସଚେତନ ଅଙ୍ଗ ହେଲା ଏହି ପ୍ରକାରର ମୁକ୍ତ ଶିକ୍ଷାଦାନର ବ୍ୟବସ୍ଥା ।

ପୂର୍ବାକାଶରେ ସିନ୍ଦୂରା ଫାଟିବା ପୂର୍ବରୁ ଆଶ୍ରମର ଅନ୍ତେବାସୀଗଣ ସରୋବର ତଟରେ ସମବେତ ହୁଅନ୍ତି । ନୀରବରେ ନିତ୍ୟକର୍ମ ଓ ସ୍ନାନକାର୍ଯ୍ୟ ଶେଷ କରନ୍ତି । ଏକତ୍ରିତ ହୋଇ ମନ୍ତ୍ରପାଠ ଓ ବେଦ ଉଚ୍ଚାରଣ କରନ୍ତି । ପବିତ୍ର ଧ୍ୱନିରେ ଅଞ୍ଚଳଟି ପୂରି ଉଠେ । ସରୋବରର ଚାରି ପାଖରେ ଶୁଦ୍ଧ ବାତାବରଣ ସୃଷ୍ଟି ହୁଏ । ଏହି କାରଣରୁ ହୁଏତ ସ୍ଥାନଟି ମନ୍ଦ-ଭାବନା ଓ ଭୟରୁ ମୁକ୍ତ ରହେ । ବନ୍ୟପଶୁ ଓ ସରୀସୃପମାନେ ସରୋବରକୁ ଅବାଧରେ ଯିବା ଆସିବା କରନ୍ତି । ସେମାନେ କାହାରି ଅନିଷ୍ଟ କରନ୍ତି ନାହିଁ । ସ୍ଥାନୀୟ ଲୋକେ ଏହାକୁ ତପଃଶକ୍ତିର ପ୍ରଭାବ ବୋଲି କହିଥା'ନ୍ତି । ପ୍ରତି ବର୍ଷ ପବିତ୍ର ଦୀପାବଳୀ ଦିନ ଆଶ୍ରମବାସୀଗଣ ଗୁରୁଦେବଙ୍କ ଉପସ୍ଥିତିରେ ସରୋବର ତଟରେ ଏକାଠି ହୁଅନ୍ତି । ଧ୍ୟାନ ଓ ବୈଦିକ ମନ୍ତ୍ରର ଉଚ୍ଚାରଣ ମାଧ୍ୟମରେ ମହାଶକ୍ତିଙ୍କୁ ଆବାହନ କରନ୍ତି । ଆଶ୍ରମ ବାହାରୁ ବହୁ ସଂଖ୍ୟାରେ ସାଧାରଣ ଲୋକେ ଏ ପ୍ରକାର ଉପାସନା କାର୍ଯ୍ୟରେ ଭାଗ ନିଅନ୍ତି । ସେମାନଙ୍କର ବିଶ୍ୱାସ ଥାଏ ଯେ ପୂର୍ବପୁରୁଷଗଣ ଏହି ସ୍ଥାନରେ ଉପସ୍ଥିତ ରହି ମହାଶକ୍ତିଙ୍କର ଦିବ୍ୟ ଉପସ୍ଥିତିକୁ ଅନୁଭବ କରନ୍ତି ଏବଂ ମୁକ୍ତିଲାଭ କରନ୍ତି ।

ଅତୀତରେ ଏହି ଦିବସରେ ଥରେ ଘଟି ଯାଇଥିବା ଏକ ସ୍ମରଣୀୟ ଘଟଣା । ସ୍ୱାଭାବିକ ଭାବରେ ସ୍ଥାନଟି ଉତ୍ସବମୁଖର ହୋଇ ଉଠୁଥାଏ । ପୁଷ୍ପ ଓ ପତ୍ରରେ ସଜ୍ଜା ହୋଇଥିବା ସଭାମଣ୍ଡପର ଗୋଟିଏ ପାର୍ଶ୍ୱକୁ ଲାଗି ବେଦୀଟିଏ ନିର୍ମିତ ହୋଇଥାଏ । ବେଦୀ ଉପରେ ଗୁରୁଦେବ ଉପବେଶନ କରିଥା'ନ୍ତି । ସଭାମଣ୍ଡପରେ ଶ୍ରୋତାବର୍ଗ ଗୁରୁଦେବଙ୍କ ଅମୃତବାଣୀ ଶ୍ରବଣ କରିବାକୁ ନୀରବରେ ଅପେକ୍ଷା କରିଥା'ନ୍ତି । ଜଣେ ବିଦ୍ୟାର୍ଥୀ ବେଦୀ ନିକଟକୁ ଆଗେଇ ଆସିଲେ ଏବଂ ହାତଯୋଡ଼ି ବିନମ୍ର ଭାବରେ ଗୁରୁଦେବଙ୍କୁ କହିଲେ,

''ଗୁରୁଦେବ ! ଆମ୍ଭେମାନେ କେଉଁ ଦିଗରେ ଅଧିକ ଏକାଗ୍ର ଓ ସଂକଳ୍ପବଦ୍ଧ ହେବା ଆବଶ୍ୟକ ସେକଥା କେବଳ ଆପଣଙ୍କୁ ଜଣା ଅଛି । କୃପା କରି ସେ ଦିଗରେ ମାର୍ଗଦର୍ଶନ କରାଇଲେ ଆମେ କୃତଜ୍ଞ ରହିବୁ । ସେଥିରେ ଆମର ଯଥାର୍ଥ ଅଗ୍ରଗତି ନିହିତ ଅଛି । ତାହା ଦ୍ୱାରା ଆମର ପର୍ଯ୍ୟବେକ୍ଷଣ ଓ ଆନ୍ତର ଉପଲବ୍ଧିର କ୍ଷେତ୍ର ଅଧିକ ପ୍ରଶସ୍ତ ହେବ । ସେଥିରେ ଆପଣଙ୍କର ସମ୍ମତି ଓ ଆର୍ଶୀବାଦ ଆମ ସହ ରହିବ ।'' କିଛିକ୍ଷଣ ମୌନ ରହି ଗୁରୁଦେବ କହିଲେ, ''ଏକ ନୀରବ ଅନ୍ୱେଷଣ'' ।

''ଅନ୍ୱେଷଣ ?''

''ଅନ୍ୱେଷଣ ... ଅଗ୍ନିପକ୍ଷୀର !''

ଗୁରୁଦେବଙ୍କ ଉତ୍ତରରେ ସମସ୍ତେ ଚକିତ ହୋଇଗଲେ । ଶବ୍ଦଟି ସମସ୍ତଙ୍କ ପାଇଁ ଦୁର୍ବୋଧ ଥିଲା । କେହି ତାଙ୍କର କଥାର ଅର୍ଥ ବୁଝିପାରୁ ନଥିଲେ । ପରିବେଶର ଗାମ୍ଭୀର୍ଯ୍ୟକୁ ହୃଦୟଙ୍ଗମ କରି ଜଣେ ବିଦ୍ୟାର୍ଥୀ କହିଲେ, ''ପାରିଜାତ ପୁଷ୍ପ ଭଳି ଅଗ୍ନିପକ୍ଷୀ କାହାରିକୁ ମିଳି ନଥାଏ । ବିଜ୍ଞାନ ଏହି ପକ୍ଷୀ ବିଷୟରେ କେବେହେଲେ କିଛି କହି ନାହିଁ । ସମ୍ଭବତଃ ଏହା ଏକ ସ୍ୱର୍ଗୀୟ ପକ୍ଷୀ ଯାହାକୁ ଗୁରୁଦେବ ଆନ୍ତର ଚକ୍ଷୁରେ ଦେଖି ପାରିଛନ୍ତି । ସରଳ ଭାବରେ କହିଲେ ସାଧାରଣ ଚକ୍ଷୁ ଏହାକୁ ଦେଖିପାରେ ନାହିଁ । ସେହି ରହସ୍ୟମୟ ପକ୍ଷୀଟି ବିଷୟରେ ସେହିଁ କେବଳ ଆମକୁ ଧାରଣା ଦେଇ ପାରିବେ । ଯଥାସମ୍ଭବ ଶାନ୍ତ ରହି ଆମେ ତାଙ୍କ ମୁଖରୁ ଶୁଣିବା ।'' ପୁଣି କିଛିକ୍ଷଣ ନୀରବତାର ରାଜୁତି । ଏଥର ଅନ୍ୟ ଜଣେ ବିଦ୍ୟାର୍ଥୀ ମୁଖ ଖୋଲିଲେ । ଯଥାସମ୍ଭବ ଶାନ୍ତ ଗଳାରେ ସେ କହି ଚାଲିଲେ, ''ପ୍ରାଚୀନ ଗ୍ରୀକ୍ ପୁରାଣରେ ଏହି ପକ୍ଷୀ ବିଷୟରେ ଉଲ୍ଲେଖ ରହିଛି । ନୂତନତ୍ୱ ଓ ନବୀକରଣକୁ ସୂଚିତ କରୁଥିବା ଏହା ଏକ କିଂବଦନ୍ତୀ ପକ୍ଷୀ । କୁହାଯାଇଛି, ପଞ୍ଚଶତ ବର୍ଷ ବା ତା'ଠାରୁ ଅଧିକ କାଳ ବଞ୍ଚିବା ପରେ ପକ୍ଷୀଟି ନିଜକୁ ନିଜର ଅଗ୍ନିରେ ଦଗ୍ଧ କରି ପାଉଁଶ କରିଦିଏ । ଏହି ପାଉଁଶ ଭିତରୁ ଆଉ ଏକ ନୂତନ ଅଗ୍ନିପକ୍ଷୀ ଜନ୍ମନିଏ । ଏହାକୁ ଫିନିକ୍ସ ପକ୍ଷୀ (Phoenix Bird) କୁହାଯାଏ । ଯଦିଓ ପକ୍ଷୀଟି କାଳ୍ପନିକ, ଏହାକୁ ଆଲୋକ ଓ ଅମରତ୍ୱର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ । ଯାହାକିଛି କାଳ୍ପନିକ, ତାହାର ଅନୁସନ୍ଧାନ ଅସମ୍ଭବ । ଏହି ଅଜ୍ଞାତ ପକ୍ଷୀଟି ବିଷୟରେ ଆମ୍ଭମାନଙ୍କୁ ବୁଝାଇ କହିବା ସକାଶେ ମୁଁ ଗୁରୁଦେବଙ୍କୁ ପ୍ରାର୍ଥନା କରୁଛି । ତାଙ୍କର ଜ୍ଞାନଦୀପ୍ତ ଶବ୍ଦ ଆମ୍ଭମାନଙ୍କର ଜଡ଼ତାକୁ ଭାଙ୍ଗି ଦେବା ସକାଶେ ଯଥେଷ୍ଟ ହେବ ।''

ଗୁରୁଦେବ ପ୍ରାୟତଃ ଧ୍ୟାନମଗ୍ନ ଅବସ୍ଥାରେ ରହୁଥିଲେ । ଏଥର ସେ ସ୍ଥିର ଓ ଗଭୀର ଦୃଷ୍ଟିରେ ସଭାସ୍ଥଳ ଆଡ଼କୁ ଚାହିଁଲେ । ଏପରି ଅନୁଭବ ହେଉଥିଲା ଯେପରି ତାଙ୍କର ଉଜ୍ଜ୍ୱଳ ମୁଖମଣ୍ଡଳ, ଅନ୍ତର୍ଭେଦୀ ଦୃଷ୍ଟି ଓ ଶାନ୍ତ ବଳିଷ୍ଠ ଚେହେରା ମଧ୍ୟ ଦେଇ ସ୍ୱର୍ଗୀୟ ଶାନ୍ତି ଓ ପୁଲକ ବିଚ୍ଛୁରିତ ହେଉଥିଲା । ତାଙ୍କର ଉପସ୍ଥିତି ଭରସା ଓ ନିରାପତ୍ତାକୁ ସୁନିଶ୍ଚିତ କରୁଥିଲା । ସୁଲଳିତ କଣ୍ଠସ୍ୱରରେ ସେ ଆରମ୍ଭ କଲେ – ''ଆମେ ସମସ୍ତେ ଭଗବାନଙ୍କର ସନ୍ତାନ । ଏହା ଆମ୍ଭମାନଙ୍କର ଏକମାତ୍ର ବାସ୍ତବ ପରିଚୟ । ଭଗବାନଙ୍କର ଅଂଶ ପ୍ରତ୍ୟେକଟି ସଜୀବ ବା ନିର୍ଜୀବ ସତ୍ତା ମଧ୍ୟରେ ବିଦ୍ୟମାନ । ଆମେ ତାକୁ ଆତ୍ମା ବୋଲି କହୁ । କିଛି ତିଷ୍ଠି ରହିଛି କାରଣ ସେ ତା' ଭିତରେ ରହିଛନ୍ତି । ସେ ନଥିଲେ କୌଣସି ଅସ୍ତିତ୍ୱ ସମ୍ଭବ ହେବ କିପରି ? ଏ ସାରା ଜଗତ୍ ବିବର୍ତ୍ତନ ଓ ପରିବର୍ତ୍ତନର କ୍ଷେତ୍ର । ତାଙ୍କର ଲୀଳାଭୂମି । ଆମ ସମସ୍ତଙ୍କ ମଧ୍ୟରେ ଥିବା ସମ୍ପର୍କ ଆତ୍ମାଗତ ଓ ଯୁଗ ଯୁଗର । ସେହି କାରଣରୁ ଏପରି ଦିବ୍ୟ କାର୍ଯ୍ୟରେ ଆଜି ଆମେ ମିଳିତ ହୋଇଛନ୍ତି । ଜୀବନ ମିଳିଥାଏ କେବଳ ଭଗବତ୍ ପ୍ରାପ୍ତି ସକାଶେ । ଏହାର ଅର୍ଥ ନୁହେଁ ସବୁକିଛି ଛାଡ଼ି ଭଗବାନଙ୍କଠାରେ ଲୀନ ହେବା । ବରଂ ଯାହା ଆମକୁ ଦିଆଯାଇଛି – ଦେହ, ପ୍ରାଣ, ମନ, ପ୍ରକୃତି ଓ ଜୀବନ ତଥା କର୍ମ – ସବୁଥିରେ ସେହି ଲୀଳାମୟଙ୍କର ଦିବ୍ୟ ପ୍ରକାଶରେ ସହଯୋଗ କରିବା ଓ ସାଧନା କରିବା ସକାଶେ ଆମେ ଏଠାରେ ରହିଛୁ । ସେ ଆମ ସତ୍ତାର କେନ୍ଦ୍ରରେ ଅଛନ୍ତି, ଆମର ଚୈତ୍ୟସତ୍ତା । ଏହା ପରମାତ୍ମାଙ୍କର ପ୍ରତିଭୂ, ଆମ ଭିତରର ଦିବ୍ୟ ସ୍ଫୁଲିଙ୍ଗ । ଏହା ଅବିନାଶୀ ଯାହା ଦେହ, ପ୍ରାଣ, ମନ, ପ୍ରକୃତି ସହ ନିଜକୁ ବିବର୍ତ୍ତିତ କରାଇଥାଏ । ଜନ୍ମ-ମରଣ ଚକ୍ରରେ ଜୀବନର ଯଥାର୍ଥ ଅଭିଜ୍ଞତାଗୁଡ଼ିକୁ ଧରି ରଖେ । ପରମ ଦିବ୍ୟ ସତ୍ୟର ପ୍ରତ୍ୟକ୍ଷ ସଂସ୍ପର୍ଶରେ ସର୍ବଦା ରହିଥାଏ, ମାତ୍ର ମନ, ପ୍ରାଣସତ୍ତା ଓ ଭୌତିକ ଜଡ଼ ପ୍ରକୃତି ଦ୍ୱାରା ଢାଙ୍କି ହୋଇ ରହିଥାଏ । ଯୋଗ ଦ୍ୱାରା ଏହି ଢାଙ୍କୁଣି ଖୋଲିଯାଏ । ଚୈତ୍ୟସତ୍ତା ସମ୍ମୁଖ ଭାଗକୁ ଆସେ । ଅନ୍ଧକାରରେ ପଡ଼ି ରହିଥିବା ଦେହ, ପ୍ରାଣ, ମନକୁ ନିଜର ଆଲୋକରେ ପରିଚାଳିତ କରେ । ଏହା ଚୈତ୍ୟସତ୍ତାର ଜାଗ୍ରତ ହେବାର ଅବସ୍ଥା । ଯେତେବେଳେ ଚୈତ୍ୟସତ୍ତା ଜାଗ୍ରତ ହୁଏ, ସତ୍ତାର ସକଳ ଅଂଶ ସତ୍ୟ ଧାରାରେ ପ୍ରଭାବିତ, ପରିବର୍ତ୍ତିତ ଓ ଗଠିତ ହୁଏ । ସବୁକିଛି ଅନ୍ତରାତ୍ମାର ଆଲୋକ ଓ ଶକ୍ତିରେ ଚେତନାଦୀପ୍ତ ହୋଇଉଠେ । ଏହି ଆନ୍ତର ପରିବର୍ତ୍ତନ ଫଳରେ ଉର୍ଦ୍ଧ୍ୱରୁ

ଭାଗବତ ଚେତନା, ଆଲୋକ ଓ ଶକ୍ତି ବ୍ୟକ୍ତିର ଆଧାର ମଧ୍ୟକୁ ଅବତରଣ କରେ । ଧୀରେ ଧୀରେ ତାହା କ୍ରିୟାଶୀଳ ହୁଏ ଓ ପ୍ରତିଷ୍ଠିତ ହୁଏ । ଉଚ୍ଚତର ଚେତନାର ବୃକ୍ଷଟିଏ ସୁସ୍ପଷ୍ଟ ହୁଏ । ସେଥିରେ ପାରିଜାତ ପୁଷ୍ପ ଫୁଟି ପାରେ । ଅଗ୍ନିପକ୍ଷୀ ବି ଦୃଶ୍ୟମାନ ହୋଇପାରେ । ମୁଁ ତୁମକୁ ଅଗ୍ନିପକ୍ଷୀର ଅନ୍ୱେଷଣ କରିବା କଥା କହିଛି । ଅଗ୍ନିପକ୍ଷୀ ଅନ୍ୟକିଛି ନୁହେଁ, ଆମ ଅନ୍ତରର ଚୈତ୍ୟସତ୍ତା । ଆମେ ସମସ୍ତେ ଏଠାରେ ଅଛନ୍ତି ତା'ର ଆବିଷ୍କାର ସକାଶେ । ଏହାହିଁ ସାଧନାର ଅସଲ କଥା । ଆଶା କରୁଛି ତୁମେ ସମସ୍ତେ ସେ ଦିଗରେ ଧ୍ୟାନ ଦେବ । ମହାଶକ୍ତି ତୁମକୁ ସହାୟ ହେବେ, ଏହି ପ୍ରାର୍ଥନା କରୁଛି ।''

ଗୁରୁଦେବ ଧୀରେ ଧୀରେ ଧ୍ୟାନସ୍ଥ ହେଉଥିଲେ । କୃତଜ୍ଞତାରେ ସମସ୍ତଙ୍କ ଚକ୍ଷୁ ଆର୍ଦ୍ର ହୋଇ ଆସୁଥିଲା । ନିଷ୍ଚଳ ବନଭୂମି ଓ ସରୋବର ସତେ ଯେପରି ସେହି ଅନୁପମ ଦିବ୍ୟ ଜ୍ଞାନକୁ ଏକାଗ୍ର ଚିତ୍ତରେ ଶ୍ରବଣ କରି ଆସୁଥିଲେ । ସେହି ଅପାର୍ଥିବ ଶବ୍ଦରାଜିର କମ୍ପନ ଭିତରେ ମହାଶକ୍ତିଙ୍କ କୃପା ଝରି ଆସୁଥିଲା । କାହାଣୀରେ 'ଅଗ୍ନିପକ୍ଷୀ'ର ଏକ ପ୍ରତୀକାତ୍ମକ ଅର୍ଥ ରହିଛି । ଏହା ସ୍ଥାୟିତ୍ୱ ବା ଚିରନ୍ତନତାକୁ ବୁଝାଉଛି । ଏଥିରେ ବିଦ୍ୟାର୍ଥୀମାନଙ୍କୁ ଚୈତ୍ୟସତ୍ତାର ଆବିଷ୍କାର ଦିଗରେ ସଜ୍ଞାନ ହୋଇ ଉଠିବାର କଥା କୁହାଯାଇଛି । ବ୍ୟକ୍ତିର ହୃଦୟକେନ୍ଦ୍ରର ଗଭୀରରେ, ପଶ୍ଚାତଭାଗକୁ ଚୈତ୍ୟସତ୍ତା ବିଦ୍ୟମାନ । ଏହା ପରମାତ୍ମାଙ୍କର ଅଂଶ ଏବଂ ତାଙ୍କରି ସଂସ୍ପର୍ଶରେ ଥାଏ । ପ୍ରଥମତଃ ଏହା ମନ, ପ୍ରାଣ ଓ ଦେହ ଦ୍ୱାରା ଘୋଡ଼େଇ ହୋଇଥାଏ । ଯେତେବେଳେ ଏହାର ଅଭିବୃଦ୍ଧି ଘଟେ, ଏହା ସମ୍ମୁଖ ଭାଗକୁ ଆସିବାରେ ସକ୍ଷମ ହୁଏ । ସମ୍ମୁଖକୁ ଆସି ଏହା ମନ, ପ୍ରାଣ, ଦେହ ଓ ପ୍ରକୃତିକୁ ନିଜ ନିୟନ୍ତ୍ରଣରେ ରଖିପାରେ ଏବଂ ସତ୍ୟ ଧାରାରେ ସେମାନଙ୍କୁ ପରିବର୍ତ୍ତିତ କରିପାରେ । ଏହାକୁ ଚୈତ୍ୟସତ୍ତା ଜାଗ୍ରତ ହେବା କୁହାଯାଏ । ଚୈତ୍ୟସତ୍ତା ଜାଗ୍ରତ ହୋଇ ଭାଗବତ ପୂର୍ଣ୍ଣତା ସକାଶେ ଆସ୍ପୃହା କରେ । ଚୈତ୍ୟ ଉପଲବ୍ଧି, ଚୈତ୍ୟ ଉନ୍ମୀଳନ, ଚୈତ୍ୟସତ୍ତା ସମ୍ମୁଖକୁ ଆସିବା ବା ଜାଗ୍ରତ ହେବା ସାଧନା ପଥରେ ନିହିତ ଥାଏ । ଜୀବନ ଓ ପ୍ରକୃତିର ଚୈତ୍ୟିକରଣ ଓ ରୂପାନ୍ତର ସକାଶେ ଏ ସମସ୍ତ ଅପରିହାର୍ଯ୍ୟ ।

ଦିବ୍ୟଜନନୀ ଶ୍ରୀମା କହିଛନ୍ତି – ''ଜୀବନର ବାହ୍ୟ ପରିସ୍ଥିତି ଉପରେ ଯଥାର୍ଥ ସୁଖ ନିର୍ଭର କରେ ନାହିଁ । ଜଣେ କେବଳ ନିଜର ଚୈତ୍ୟସତ୍ତାକୁ ଆବିଷ୍କାର କରିବା ଓ ତା' ସହିତ ଯୁକ୍ତ ହୋଇ ରହିବା ଦ୍ୱାରା ଯଥାର୍ଥ ସୁଖ ପ୍ରାପ୍ତ ହୋଇପାରେ ଏବଂ ତାହାକୁ ସ୍ଥିର ଭାବରେ ଧରି ରଖିପାରେ ।''

❑❑❑

## 'ସ୍ମରଣ ରଖ ଓ ସମର୍ପଣ କର''

ପ୍ରଶ୍ନ : *ଆମେ ଯେତେବେଳେ ମାନସିକ କିଂବା ବୌଦ୍ଧିକ କୌଣସି କ୍ରିୟାରେ ମଜ୍ଜି ଯାଉଛୁ ସେତେବେଳେ କାହିଁକି ଆମେ ସମୟେ ସମୟେ ଭଗବାନଙ୍କୁ ଭୁଲି ଯାଉଛୁ କିଂବା ତାଙ୍କ ସହ ସଂଯୋଗ ହରାଇ ବସୁଛୁ ?*

**ଶ୍ରୀମା** : ତୁମେ ସଂଯୋଗ ହରାଇ ବସିବାର କାରଣ ତୁମର ଚେତନା ଏବେ ବି ବିଭକ୍ତ ହୋଇ ରହିଛି । ତୁମ ମନରେ ଭଗବାନ୍ ସ୍ଥାୟୀଭାବେ ପ୍ରତିଷ୍ଠିତ ହୋଇ ନାହାନ୍ତି ଓ ତୁମେ ଦିବ୍ୟଜୀବନ ନିମନ୍ତେ ନିଜକୁ ପରିପୂର୍ଣ୍ଣ ରୂପେ ଉତ୍ସର୍ଗ କରି ନାହଁ । ନଚେତ୍ ତୁମେ ଯେତେ ପରିମାଣରେ ଏହିସବୁ କଥାରେ ମଜ୍ଜି ରୁହନା କାହିଁକି ତଥାପି ତୁମେ ଭଗବାନଙ୍କ ସାହାଯ୍ୟ, ସମର୍ଥନ ଲାଭ କରୁଛ ବୋଲି ଏ ବୋଧ ତୁମର ରହନ୍ତା ।

ବୌଦ୍ଧିକ ହେଉ କିଂବା ଶାରୀରିକ ହେଉ ଯେ କୌଣସି କର୍ମରେ ଆମର ଏକମାତ୍ର ନୀତିବାକ୍ୟ ଯାହା ରହିବା ଉଚିତ ତାହା ହେଉଛି, ''ସ୍ମରଣ ରଖ ଓ ସମର୍ପଣ କର ।'' ଯାହା ତୁମେ କରୁଛ ତାହା ଭଗବାନଙ୍କ ପ୍ରତି ଏକ ସମର୍ପଣର ଭାବ ନେଇ ହେଉ । ଏଇଟି ବି ତୁମ ପାଇଁ ଏକ ଚମତ୍କାର ସାଧନାରେ ପରିଣତ ହେବ, ଏହା ତୁମକୁ ଅନେକ ନିର୍ବୋଧ ଓ ନିରର୍ଥକ କାର୍ଯ୍ୟ କରିବାରୁ ନିବୃତ୍ତ କରିବ ।

(CWM, Vol. 3, p. 26) — ଶ୍ରୀମା

# ‘ଚେତନା’ (Consciousness) କ’ଣ ନୂତନ ବିଜ୍ଞାନ ?

## ଆର୍ତ୍ତତ୍ରାଣ ମିଶ୍ର

ଏପରି ଶୀର୍ଷକରେ ଏକ ରଚନା ଲେଖିବା ପାଇଁ ମୋତେ ପ୍ରେରିତ କରିଥିଲା ଗୋଟିଏ ପୁସ୍ତକ – “Being you – A New Science of Consciousness” । ଏହାର ଲେଖକ ଇଂଲଣ୍ଡ ନିବାସୀ, ଭାରତୀୟ ବଂଶୋଦ୍ଭବ Anil Seth । ସେ ଜଣେ Neuroscience ର ଅଧ୍ୟାପକ । ସେ ବହି ସେଠାରେ ବହୁ ପ୍ରଶଂସିତ ।

ଚେତନା ବା Consciousness ଏକଦା ପାଶ୍ଚାତ୍ୟ ବିଜ୍ଞାନ ଜଗତରେ କୌଣସି ଏକ ସ୍ୱତନ୍ତ୍ର ବିଷୟ ନଥିଲା । କାରଣ ସେମାନେ ଭାବୁଥିଲେ ଚେତନା ଏକ ନିର୍ଦ୍ଦିଷ୍ଟ କଥା ବୋଲି ବୁଝିବା କଷ୍ଟକର । ଏହା କ’ଣ, କିପରି କାର୍ଯ୍ୟ କରେ, କିପରି ଉତ୍ପତ୍ତି ହେଲା ଜାଣିବା ସମ୍ଭବ ନୁହେଁ । ତେଣୁ ସେ ତାଙ୍କର ଗବେଷଣା ଆରମ୍ଭ କରିଥା’ନ୍ତି – କିପରି ଆନ୍ତର ଅନୁଭୂତିକୁ ମସ୍ତିଷ୍କର କ୍ରିୟାବଳି ସହ ଯୋଡ଼ି ହେବ । ଚେତନା-ବିଜ୍ଞାନ ବୁଝାଇବ କିପରି ଏହାର କ୍ରିୟା ମସ୍ତିଷ୍କ (Brain) ମଧ୍ୟରେ ଥିବା Neuron ଉପରେ ନିର୍ଭର କରେ । Brain ଗୋଟିଏ Chemical Machine ଯାହା electrical network ଦ୍ୱାରା ଚାଳିତ ହୁଏ, ସେଥିରୁ କିପରି ଉଦ୍ଭବ ହୁଏ ଗୋଟିଏ ଆତ୍ମବୋଧ (being you) । ଏହା କିପରି ଶରୀର ମଧ୍ୟସ୍ଥ ଅବସ୍ଥାକୁ ନିୟନ୍ତ୍ରଣ କରେ । ପରିଣାମସ୍ୱରୂପ ଜଣେ ଅନୁଭବ କରେ ଯେ ସେ ଜୀବିତ ଅଛି । ତାଙ୍କ ମତରେ ଯେକୌଣସି ଜୀବର ସଚେତ ରହିବା ଅର୍ଥ ତା’ର ଦୃଶ୍ୟ ଜଗତ୍ ପଦାର୍ଥ ବୋଧ ଥିବ । ସଚେତ ହେବାର ମୂଳ ଲକ୍ଷ୍ୟ ଦୃଶ୍ୟମାନ ଜଗତକୁ ବୁଝାଇ ପାରୁଥିବ, ପୂର୍ବାନୁମାନ କରି ପାରୁଥିବ ଏବଂ ନିୟନ୍ତ୍ରଣ କରି ପାରୁଥିବ । ଚେତନା ମଧ୍ୟରେ ଅନ୍ତର୍ଭୁକ୍ତ ଚିନ୍ତା କରିବା ଶକ୍ତି, ପ୍ରବେଗ, ଭାବପ୍ରବଣତା ଇତ୍ୟାଦି ଯାହା ତା’ର ଆତ୍ମବୋଧର ଆଉ ଗୋଟିଏ ଦିଗ । ଚେତନାକୁ କିପରି ପରିମାପ କରାଯାଇପାରିବ, ସେ ଗୋଟିଏ ଅନୁମାନର ଦିଗ । ମସ୍ତିଷ୍କର ଖୋଳ ଭିତରେ ବନ୍ଧା ହୋଇ ରହିଥିବା brain ମଧ୍ୟକୁ ବାହ୍ୟ ଇନ୍ଦ୍ରିୟଲବ୍ଧ ସୂଚନା ସକଳର ସ୍ରୋତ ପଶି ଆସୁଛି ଏବଂ ତା’ ସହିତ ତାକୁ ନିୟନ୍ତ୍ରଣ କରିବାର କ୍ରିୟା ମଧ୍ୟ ଚାଲିଛି । ଏହା ଦ୍ୱାରା ସେ ପ୍ରତି ମୁହୂର୍ତ୍ତରେ ବଦଳି ଯାଉଛି । କିନ୍ତୁ ଏହି ବଦଳିଯିବା ଭିତରେ ଗୋଟିଏ କିଛି ସ୍ଥିର ହୋଇ ରହିଛି, ଯାହାକୁ ବ୍ୟକ୍ତିସତ୍ତା (self) ବୋଲି ନାମିତ କରାଯାଇପାରେ । ଲେଖକ ଚେତନାର ଏହିସବୁ ଗତିବୃତ୍ତିକୁ ମାନବ ଓ ଇତର ଜୀବ, ଯଥା : ମାଙ୍କଡ଼, ବାଦୁଡ଼ି, ଅକ୍ଟୋପସ୍ ଇତ୍ୟାଦି ଜୀବମାନଙ୍କର ଗତିବୃତ୍ତି ସହିତ ତୁଳନା କରିଛନ୍ତି । ଏସବୁ ଅନୁଧ୍ୟାନ କରି ପରିଶେଷରେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ – ‘Being – a Beast Machine’ – ଜୀବସତ୍ତା ଗୋଟିଏ ପଶୁ ଯନ୍ତ୍ର ।

ଆମକୁ ଏହି ଅନୁଶୀଳନ ନିଶ୍ଚୟ ଅସ୍ୱସ୍ତିକର ବୋଧ ହେବ । ଏହା ଚେତନାର ଏକ ସଂକୀର୍ଣ୍ଣ ଅଂଶକୁ ବୁଝାଉଛି । ଶ୍ରୀଅରବିନ୍ଦ ଗୋଟିଏ ଚିଠିରେ ଲେଖିଛନ୍ତି : “It is only a very small part of the possible phenomenon of consciousness.” ତେବେ ମଧ୍ୟ ଏହା ଗୋଟିଏ ସତ୍ୟକୁ ଅଙ୍ଗୁଳି ନିର୍ଦ୍ଦିଷ୍ଟ କରୁଛି – ମାନବ ଚେତନା ଯାହା ପଶୁ ଚେତନାରୁ ଉଦ୍ଭୂତ ତାହା ଏବେ ମଧ୍ୟ ପଶୁ ଚେତନାରେ ଆବଦ୍ଧ । ଏହାକୁ ଶ୍ରୀଅରବିନ୍ଦ ସାବିତ୍ରୀରେ ଲେଖିଛନ୍ତି :

“Man harbours dangerous forces in his house.
The Titan and the Fury and the Djinn
Lie bound in the subconscient’s cavern pit
And the Beast grovels in his antre den:”

(Savitri, P. 480)

ଏବେ ଜଗତ୍ ମଧ୍ୟକୁ ସଚେତନ ଦୃଷ୍ଟି ନିକ୍ଷେପ କଲେ ଦେଖୁଛୁ ପଶୁଠାରୁ ଆହୁରି ହୀନ ନାରକୀୟ ପଶୁମାନଙ୍କୁ ମାନବ ମଧ୍ୟରେ ।

ଲେଖକ ଯେଉଁ ଚେତନା-ବିଜ୍ଞାନକୁ ଏକ ନୂତନ ବିଜ୍ଞାନ ବୋଲି ନାମିତ କରିଛନ୍ତି, ତାହା ଆମର ମୁନି ଋଷିମାନଙ୍କର ସୁପ୍ରାଚୀନ ବେଦ, ଉପନିଷଦ୍‌ରେ ବର୍ଣ୍ଣିତ ସତ୍-ଚିତ୍-ଆନନ୍ଦ । ଯାହାକୁ ସେମାନେ ବିପୁଳ ଭାବରେ ଓ ଗଭୀର ଭାବରେ ବର୍ଣ୍ଣନା କରିଛନ୍ତି । ଶ୍ରୀଅରବିନ୍ଦ ‘‘ଦିବ୍ୟ ଜୀବନ’’ ଗ୍ରନ୍ଥରେ ସଚ୍ଚିଦାନନ୍ଦ ଚେତନାର ହିମାଳୟ ଶିଖରକୁ ଆରୋହଣ କରି ଅତିମାନସ ସତ୍ୟଚେତନା ଲାଭ କରିଛନ୍ତି ଏବଂ ଏହାକୁ ଶ୍ରୀମା ପୃଥିବୀପୃଷ୍ଠରେ ବିଚ୍ଛୁରିତ କରିଛନ୍ତି, ଯାହା ଏବେ ପୃଥିବୀର

ପ୍ରକୃତିକୁ ଆନ୍ଦୋଳିତ କରୁଛି –

"A giant dance of Shiva tore the past;"

(Savitri, p. 343)

ତେବେ ଆମେ ସାଧାରଣ ମନୁଷ୍ୟମାନେ ଚେତନା କ'ଣ ସ୍ପଷ୍ଟ ଭାବରେ ଜାଣିଛୁ ? ଆଶ୍ରମର ସାଧକମାନେ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଏଥିପାଇଁ ଅନେକ ପତ୍ର ଲେଖିଛନ୍ତି । ସେ ତାଙ୍କର ଚିଠିପତ୍ରରେ ଏହାକୁ ବିଶଦ ଭାବରେ ବୁଝାଇଛନ୍ତି । ଏଠାରେ କେବଳ ସଂକ୍ଷିପ୍ତ ସାରାଂଶ ଦିଆଯାଉଛି –

''ମନୁଷ୍ୟ ତ ନିଜକୁ ଜାଣେ ନାହିଁ, ନିଜର ବିଭିନ୍ନ ଅଂଶକୁ ଚିହ୍ନିବା ପାଇଁ ଶିକ୍ଷା କରି ନାହିଁ । ସେ ସବୁକୁ ମନ ଚେତନା ବୋଲି ମନେ କରେ । ଯାହା ଜାଣେ ତା' କେବଳ ଉପରି ଭାଗର ଚେତନା । ଚେତନା ଆମର ଅସ୍ତିତ୍ୱରେ ବାସ୍ତବ ରୂପେ ନିହିତ ଅଛି । ଏହା ଉପରି ଭାଗରେ କ୍ରିୟାଶୀଳ ନହେଲେ ମଧ୍ୟ ଏହା ରହିଥାଏ ନିସ୍ତବ୍ଧ (silent) ଏବଂ ସ୍ଥିର ।

ଏହା ହେଉଛି ଚିତ୍‌ଶକ୍ତି । ଆମେ ଚେତନାକୁ କେବଳ ମାନବୀୟ ମନ ଚେତନା ରୂପେ ବୁଝିଛୁ, କିନ୍ତୁ ଏହି ଚେତନା ମନ ଚେତନାର ଊର୍ଦ୍ଧ୍ୱରେ ଏବଂ ମନ ଚେତନାର ନିମ୍ନରେ ଅନେକ ସ୍ତରରେ ଅଛି, ଯାହାକୁ ଆମେ ଜାଣିପାରୁ ନାହିଁ, ଯେପରିକି ଶବ୍ଦର, ଆଲୋକର ଅନେକ ସ୍ତର ଆମର ଗୋଚର ନୁହେଁ । ସକଳ ବ୍ରହ୍ମାଣ୍ଡ ଏହି ଚିତ୍ ଶକ୍ତି । ଜଡ଼ ମଧ୍ୟରେ ଏହି ଚିତ୍ ଶକ୍ତି ସୁପ୍ତ ଥାଏ – ଚେତନାକୁ ଭୁଲି ଯାଇ ଏହା ପରମାଣୁ ମଧ୍ୟରେ electron ଭାବରେ ଘୂରି ବୁଲୁଥାଏ ।''

ଶ୍ରୀଅରବିନ୍ଦଙ୍କର ଏହି ଲେଖାକୁ ପାଠ କରି ଗୋଟିଏ ଭାବ ମନକୁ ଆସୁଛି – ରାମାୟଣ ବର୍ଣ୍ଣିତ ଅହଲ୍ୟା ପାଷାଣ ହୋଇଯିବା ଏବଂ ଶ୍ରୀରାମଚନ୍ଦ୍ରଙ୍କର ପାଦ ସ୍ପର୍ଶରେ ପୁନର୍ବାର ଜୀବନ ଲାଭ କରିବା । ସେ ପାଷାଣ ହୋଇ ପଡ଼ି ରହିଥିଲେ ସୁଦ୍ଧା ସେଥି ମଧ୍ୟରେ ତାଙ୍କର ଅହଲ୍ୟା ଚେତନା ସୁପ୍ତ ରହିଥିଲା ।

Consciousness – ଚେତନା କିପରି ସର୍ବବ୍ୟାପୀ ତା'ର ବର୍ଣ୍ଣନା ଗୀତାର ଏହି ଶ୍ଳୋକରେ –

''ସର୍ବତଃପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥''

(ଗୀତା : ୧୩/୧୪)

ଅତିମାନସ ସତ୍ୟ-ଚେତନାର ପୃଥିବୀପୃଷ୍ଠରେ ବିବର୍ତ୍ତନର ଅନିବାର୍ଯ୍ୟ ପରିଣାମ ସ୍ୱରୂପ ଅନୀଲ୍ ସେଠ୍‌ଙ୍କ ବର୍ଣ୍ଣିତ 'Beast Machine' (ପଶୁ ଯନ୍ତ୍ର) – 'Divine Machine' (ଦିବ୍ୟ ଯନ୍ତ୍ର)ରେ କାହିଁକି ପରିଣତ ନହେବ ! ❑

# ସ୍ଥିତି

## ନିମାଇଁ ପଟ୍ଟନାୟକ

ଏବେକାର ଅନୁଭବ ମୋର ବିଚିତ୍ର, ସୁନ୍ଦର,
ଉଲ୍ଲସିତ ପ୍ରାଣ ବିସ୍ମୟରେ
ବିମୁଗ୍ଧ, ଗମ୍ଭୀର, ବିଭୋର ॥

ପ୍ରାପ୍ତିର ସିଂହାସନେ ସମ୍ରାଟ ମୁଁ,
ସ୍ୱର୍ଗ ଯାଏ ପରିବ୍ୟାପ୍ତ ଅହଂକାର ମୋର
କୂଳ ଲଘୁ ଥିଲା ବେଳେ
ସୁନେଲି ହୃଦ-ଅଗଣାରେ କିନ୍ତୁ
ଶିଶୁଟିଏ ସଦା ହସୁ ଥାଏ ହସ
ଅବିଚଳ, ପବିତ୍ର, ବିମଳ ॥



ନା ତାକୁ ଛୁଇଁପାରେ ସମୁଦ୍ରର ଅମାପ ଐଶ୍ୱର୍ଯ୍ୟ
ଅପରୂପ ପ୍ରାଣ ସୁଢଳ ସୌନ୍ଦର୍ଯ୍ୟ,
ନିର୍ବିକାର ଅଚଞ୍ଚଳ ନୟନରେ ତା'ର
ପ୍ରତିଭାତ ସଦା ଦୂର ଦିଗ୍‌ବଳୟ ॥

ଏବେ ଟଳମଳ ସ୍ଥିତି ମୋର !
କେବେ ସିଂହାସନେ ଅବା ପୁଣି କେବେ
ଶୂନ୍ୟ କରି ମୋତେ ହସୁ ଥାଏ ବିଚିତ୍ର ହସ
ସେ ଶିଶୁ ଈଶ୍ୱର,
ଏବେକାର ଅନୁଭବ ମୋର ଆଶ୍ଚର୍ଯ୍ୟ ସୁନ୍ଦର ॥ ❑

# ନିଃସ୍ୱାର୍ଥ କର୍ମ

ସ୍କଟ୍‌ଲ୍ୟାଣ୍ଡର ଗୋଟିଏ ସହରତଳି ଅଞ୍ଚଳ । ସେ ଥିଲା ଏକ ନିଛାଟିଆ ଦ୍ୱିପ୍ରହର । କୌତୂହଳୀ ବାଳକଟିଏ ଏକାକୀ ସନ୍ତସନ୍ତିଆ ପଙ୍କିଳ ଜଳାଶୟ ପାଖରେ ଖେଳୁ ଖେଳୁ ତା'ର ପାଦ ଖସିଗଲା ଓ ସେ ପଙ୍କ ଭିତରେ ଧୀରେ ଧୀରେ ବୁଡି ଯିବାକୁ ଲାଗିଲା । ଥଳକୂଳ ନ ପାଇ ଅସହାୟ ବାଳକଟି ସାହାଯ୍ୟ ପାଇଁ ଚିତ୍କାର କରି କାନ୍ଦିବାକୁ ଲାଗିଲା । ଅଦୂରରେ ଫ୍ଲେମିଂ ନାମକ ଜଣେ କୃଷକ ନିଜ ଖେତରେ କାମ କରୁଥିଲେ । ଭୟଭୀତ ବାଳକଟିର କରୁଣ ଚିତ୍କାର ଶୁଣି ସବୁ କାମ ଛାଡ଼ି ସେ ଚିତ୍କାର ଶୁଭୁଥିବା ଦିଗରେ ଧାଇଁବାକୁ ଲାଗିଲେ । ସେତେବେଳକୁ ପିଲାଟିର ସମଗ୍ର ଶରୀର ପଙ୍କରେ ବୁଡ଼ିଯିବା ଉପରେ । କୃଷକ ଜଣକ କାଳବିଳମ୍ବ ନକରି କୌଣସି ପ୍ରକାରେ ନିକଟରେ ଥିବା ବେଶ୍ ଏକ ଶକ୍ତ ଗଛର ଡାଳଟି ଭାଙ୍ଗି ପିଲାଟିକୁ ଧରିବାକୁ କହି ନିଜେ କାଦୁଅ ଭିତରେ ପଶି ନିଜର ସମସ୍ତ ଶକ୍ତି ସାମର୍ଥ୍ୟ ଖଟାଇ ବାଳକଟିକୁ ପଙ୍କରୁ ଉଦ୍ଧାର କରିବାରେ ସଫଳ ହେଲେ ଏବଂ ତାକୁ ପରିଷ୍କାର ପରିଚ୍ଛନ୍ନ କରି ଘରକୁ ପଠାଇ ଦେଇ ପୁଣି କାମରେ ଲାଗିଗଲେ ।

ପରଦିନ ସକାଳେ କୃଷକ ଜଣକ ନିଜର ଛୋଟ ବାସଗୃହ ସମ୍ମୁଖରେ ଗୋଟିଏ ନାମୀଦାମୀ ଗାଡ଼ି ରହିଥିବାର ଦେଖିଲେ । ଗାଡ଼ିର ଆରୋହୀ ଥିଲେ ଜଣେ ସଂଭ୍ରାନ୍ତ ଭଦ୍ରଲୋକ । କୃଷକ ଫ୍ଲେମିଂଙ୍କୁ ବୁଝିବାକୁ ବେଶୀ ବିଳମ୍ବ ହେଲାନି ଯେ ସେ ହେଉଛନ୍ତି ପୂର୍ବଦିନ ସେ ଉଦ୍ଧାର କରିଥିବା ବାଳକଟିର ପିତା । ତାଙ୍କ ପ୍ରତି ଗଭୀର କୃତଜ୍ଞତାରେ ଆନତ ଭଦ୍ରବ୍ୟକ୍ତି ଜଣକ । ଯଥେଷ୍ଟ ବିନମ୍ରତା ସହ କହିଲେ, ସେ ତାଙ୍କର ଯେଉଁ ଉପକାର କରିଛନ୍ତି ସେଥି ନିମନ୍ତେ ଯେତେ କୃତଜ୍ଞତା ଜଣାଇଲେ ବି ତାହା ଯଥେଷ୍ଟ ହେବ ନାହିଁ । ତେବେ ତାଙ୍କୁ ସେ କୌଣସି ଭାବରେ କିଛି ସାହାଯ୍ୟ କରିପାରିଲେ ତୃପ୍ତି ଲାଭ କରନ୍ତେ । ଫ୍ଲେମିଂ କିନ୍ତୁ ସିଧା ମନା କରିଦେଲେ । ସେ ଯାହା କରିଛନ୍ତି, ତାହା କେବଳ ମାନବିକତା ଦୃଷ୍ଟିରୁ । ପ୍ରତିବଦଳରେ ସେ ଯେଉଁ ସନ୍ତୋଷ ଲାଭ କରିଛନ୍ତି ତାହାହିଁ ଯଥେଷ୍ଟ । ଅନ୍ୟକିଛି ସେ ଚାହାଁନ୍ତି ନାହିଁ ।

ଏହିପରି ପରସ୍ପରର ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଳାପ ମଝିରେ ଫ୍ଲେମିଂଙ୍କ ଦ୍ୱାରଦେଶରେ ଦେଖାଦେଲା ଛୋଟିଆ ବାଳକଟିଏ । ତା' ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଭଦ୍ରଲୋକ ଜଣକ ପ୍ରଶ୍ନ କଲେ, ''ଇଏ କ'ଣ ଆପଣଙ୍କର ପୁତ୍ର ?'' ଫ୍ଲେମିଂ ସମ୍ମତି ଜଣାଇଲେ ।

''ଏଇ ବାଳକଟିର ଶିକ୍ଷାର ସମସ୍ତ ଦାୟିତ୍ୱ ମୁଁ ନେବାକୁ ଚାହେଁ । ଏଥିରେ ଆପଣଙ୍କର କୌଣସି ଆପତ୍ତି ଅଛି ?'' – ଭଦ୍ରଲୋକ ଜଣକ ନିଜର ପ୍ରସ୍ତାବ ବ୍ୟକ୍ତ କଲେ । ପ୍ରଥମେ ଫ୍ଲେମି କୁଣ୍ଠିତ ହେଉଥିଲେ । କିନ୍ତୁ ପରେ ପରେ ନିଜର ପୁତ୍ର ପାଇଁ ଏହା ଯେ ଏକ ଅକଳ୍ପନୀୟ ସୁଯୋଗ ଏହା ଅନୁଭବ କରି ସେ ନିଜର ସ୍ୱୀକୃତି ପ୍ରଦାନ କଲେ ।

ବାସ୍ତବିକ ଏହି ମୁହୂର୍ତ୍ତରେ ହିଁ ପୃଥିବୀର ଚିକିତ୍ସା ବିଜ୍ଞାନରେ ଆଶାର ଏକ ନୂତନ ଦିଗନ୍ତ ଉନ୍ମୋଚିତ ହେଲା ।

କୃଷକ ପୁତ୍ର ବାଳକ ଆଲେକ୍‌ଜାଣ୍ଡାର ଫ୍ଲେମି ନିଜର ଅସାଧାରଣ ଧୀଶକ୍ତି ଓ ପ୍ରତିଭା ବଳରେ ଶିକ୍ଷାରେ ଅଶ୍ରୁତପୂର୍ବ ପରାକାଷ୍ଠା ପ୍ରଦର୍ଶନ କରି ଉଚ୍ଚଶିକ୍ଷା ପାଇଁ St. Mary's Hospital Medical College, London ରେ ଯୋଗ ଦେଲେ ଏବଂ ସମୟକ୍ରମେ ୧୯୨୮ ମସିହାରେ ପୃଥିବୀର ପ୍ରଥମ ଆଣ୍ଟିବାୟୋଟିକ୍ ପେନିସିଲିନ୍(penicillin)ର ଉଦ୍ଭାବକ ରୂପେ ପ୍ରସିଦ୍ଧି ଲାଭ କଲେ । ଏଇ ପେନିସିଲିନ୍ ମାନବ ସମାଜ ପାଇଁ ଏକ ଆଶୀର୍ବାଦ; ଯାହା ଅଗଣିତ ଲୋକଙ୍କୁ ନିରାମୟ କରିବାରେ ବ୍ୟବହୃତ ହୋଇଥିଲା ।

କାହାଣୀଟିର ପରିସମାପ୍ତି ଏହିଠାରେ ଘଟିନି । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଯେତେବେଳେ ସେହି ଧନୀ ବ୍ୟକ୍ତିଙ୍କ ପୁତ୍ର ସାଂଘାତିକ ଭାବରେ ନିମୋନିଆରେ ଆକ୍ରାନ୍ତ ହୋଇଥିଲେ ଓ ତାଙ୍କର ନିରାମୟ ହେବାର ଆଶା କ୍ଷୀଣରୁ କ୍ଷୀଣତର ହୋଇ ଆସୁଥିଲା, ସେତେବେଳେ ସେ ପେନିସିଲିନ୍ ଦ୍ୱାରା ଚିକିତ୍ସିତ ହେବା ଫଳରେ ସମ୍ପୂର୍ଣ୍ଣ ନୀରୋଗ ହୋଇ ପାରିଥିଲେ । ସେ ବ୍ୟକ୍ତି ଜଣକ ହେଉଛନ୍ତି ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ – ଯିଏକି ଦୁଇ ଦୁଇ ଥର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହୋଇଥିଲେ ।

ପରିଶେଷରେ କାହାଣୀଟିକୁ ଗଭୀର ଭାବେ ଅନୁଧ୍ୟାନ କଲେ ମନେ ହେବ ଏହା ସମ୍ପୂର୍ଣ୍ଣ ସ୍ୱାର୍ଥରହିତ, ଆନ୍ତରିକ କର୍ମର ଏକ ସଫଳ ଇତିବୃତ୍ତି – ଯାହାର ପରିଣାମ ସୁଖପ୍ରଦ ଓ ସୁଦୂର ପ୍ରସାରୀ ।

(ସୌଜନ୍ୟ : Internet) ❑

# ଅତୁଲ୍ୟ ଭାରତ

## ଧର୍ମ କୁମାର ଶତପଥୀ

ସମଗ୍ର ଇଉରୋପ ଓ ଏସିଆ ମହାଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ତୀର୍ଥକ୍ଷେତ୍ର ଭ୍ରମଣ କରି କରି ଜଣେ ବିଦେଶୀ ପର୍ଯ୍ୟଟକ ଆସି ପହଞ୍ଚିଲେ କାଶୀ ବାରଣାସୀ ସହରରେ । କିଛି ଦିନ ଅବସ୍ଥାନ କରି ସେ ଗାଇଡ୍‌ଠାରୁ ଜାଣିଲେ ଭାରତର ସବୁ ପବିତ୍ରତମ ସ୍ଥାନ ମଧ୍ୟରୁ ଏହା ଅନ୍ୟତମ । ବିଶ୍ୱନାଥଙ୍କୁ ଦର୍ଶନ କରିବା କିଂବା ଏଇଠି ଜୀବନ ହାରିବା ମୋକ୍ଷର ମାର୍ଗ ଅଟେ । ଏଇ ସହରର ବିଭିନ୍ନ ପୀଠସ୍ଥଳୀ ବୁଲି ତାଙ୍କ ରହଣି ଡେରାରେ ରାତ୍ରୀଯାପନ କରୁଥା'ନ୍ତି । ଗାଇଡ୍‌ର ପରାମର୍ଶ ଅନୁସାରେ ସେ ଦିନେ ସନ୍ଧ୍ୟାରେ ଠିକ୍ କଲେ – ପରଦିନ ସକାଳୁ ସକାଳୁ ନିତ୍ୟକର୍ମ ସାରି ବାବା ବିଶ୍ୱନାଥଙ୍କ ଦର୍ଶନରେ ବାହାରିବେ ।

ତାହାହିଁ ହେଲା ।

ସକାଳୁ ଯାଇ ଅନ୍ୟ ଦର୍ଶନାର୍ଥୀମାନଙ୍କ ସହ ସିଏ ସାମିଲ ହେଲେ । ଜନଗହଳି ସହିତ ଦର୍ଶନାର୍ଥୀମାନଙ୍କ ଲମ୍ୱାଧାଡ଼ିଟିଏ ସଂକୀର୍ଣ୍ଣ ପଥରେ ଲମ୍ୱି ଯାଇଛି ଆଗକୁ । ସିଏ ବି ଧାଡ଼ିରେ ଯାଇ ଠିଆ ହେଲେ । ଆଗକୁ ଦୃଷ୍ଟି ଦେଲେ – ଠାକୁର ତ ଦୂରର କଥା, ମନ୍ଦିର ସୁଦ୍ଧା ଦିଶୁ ନାହିଁ । କେତେ ଦୂର ପଥ ତାଙ୍କୁ ଏମିତି ଅତିକ୍ରମ କରିବାକୁ ହେବ ? କେତେ ସମୟ ଲାଗିବ ? ଏମିତି ବିଭିନ୍ନ ବିଷୟ ତାଙ୍କ ମୁଣ୍ଡକୁ ଗୋଳମାଳ କରି ଦେଉଥିଲା, ଧାଡ଼ିଟି ଆଗକୁ ଆଗକୁ ଗତି କରୁଥାଏ । ସିଏ ପଛକୁ ଅନାଇଲେ । ତାଙ୍କ ପଛରେ ମଧ୍ୟ ଅନେକ ଆଶାୟୀ ଭକ୍ତ ଠିଆ ହୋଇଛନ୍ତି । ଓଃ ... ଠାକୁର ଦର୍ଶନ ପାଇଁ ଏତେ ଭିଡ଼ ! କି ପୁରୁଷ, କି ମହିଳା, ଭିନ୍ନ ଭିନ୍ନ ବେଶଭୂଷା, ଭିନ୍ନ ଭିନ୍ନ ଭାଷାଭାଷୀ, ବୃଦ୍ଧବୃଦ୍ଧା, ବନିତା ସମସ୍ତେ ଏକ ପ୍ରାଚୀର ଭଳି ଲମ୍ୱା ଧାଡ଼ିରେ ଅଗ୍ରସର ! କିଏ ମୃଦୁମନ୍ଦ ତାଳରେ ହାତରେ ହାତ ଥାପୁଡ଼ାଇ କ'ଣ ଗୋଟିଏ ଭଜନ ଗୁଣୁ ଗୁଣୁ ହେଉଛି ତ କିଏ କେଉଁ ପ୍ରକାର ଶିବମନ୍ତ୍ରକୁ ଶୁଚିସ୍ନାତ ମାର୍ଗରେ ଆବୃତ୍ତି କରୁଛି । ବେଶବାସରେ ସଂଯତ ନାହିଁ । କିଏ କେଉଁ ଅଞ୍ଚଳର, କେଉଁ ଜାତି, ଧର୍ମ ବା ସମ୍ପ୍ରଦାୟର ତାହା ମଧ୍ୟ ଜାଣିବାର ଉପାୟ ବା ଅବକାଶ ନାହିଁ । ଅଥଚ ଦର୍ଶନ ପାଇଁ କେତେ ବ୍ୟାକୁଳତା ! ନର ଦେହରୁ ନାରାୟଣଙ୍କ ଆବାସରେ ରହିବା ପାଇଁ ପ୍ରାଣୀମାନଙ୍କର କେତେ ଆର୍ତ୍ତନାଦ ! କେତେ ଆତୁରତା !

କାଶୀ ବିଶ୍ୱନାଥଙ୍କ ଦର୍ଶନ ଯେମିତି ଇତର ମନୁଷ୍ୟର ଚେତନାକୁ ମନୁଷ୍ୟୋତ୍ତର ଚେତନାରେ ରୂପାନ୍ତର କରିବାକୁ ବେଶ୍ ସକ୍ଷମ ! କି ଦୃଢ଼ ବିଶ୍ୱାସ ! କେତେ ବ୍ୟାକୁଳତା ! କେତେ ଆଶା ଓ ଆଶ୍ୱାସନା !

ସିଏ ଆଗକୁ ଆଗକୁ ବଢ଼ିଲେ । ଏମିତି କେତେ ଘଣ୍ଟାର ଯାତ୍ରା ପରେ ଜ୍ୟୋତିର୍ଲିଙ୍ଗଙ୍କୁ ଦର୍ଶନ କଲେ; ମାତ୍ର କେଇ ମିନିଟ ପାଇଁ । ପୋଲିସ ସିକ୍ୟୁରିଟିର ତାଗିଦ ଓ ପୂଜକ ମହାଶୟଙ୍କ ନାଲି ଆଖି ସାଙ୍ଗକୁ ରୁଷ୍ଟ ଭାଷା ଶୁଣି ସେ ସଂଭ୍ରମରେ ହାତଯୋଡ଼ି ମୁଣ୍ଡ ନୁଆଇଁ କେତେ ମିନିଟ ମଧ୍ୟରେ ନିଷ୍କ୍ରାନ୍ତ ହେଲେ । ସେତେବେଳକୁ ତାଙ୍କର ଗଳଦ୍‌ଘର୍ମ ଅବସ୍ଥା !

ଯା'ହେଉ ଦର୍ଶନ ସାରି ସେ ବାହାରକୁ ଆସିଲେ । ଅନେକ ବେଳୁ ଗଚ୍ଛିତ ଥିବା କ୍ଲାନ୍ତି ଓ ଛାତି ତଳର ଜମାଟ ପବନ ଏକ ଲମ୍ୱା ଶ୍ୱାସ ହୋଇ ବାହାରି ଗଲା । କିଛି ଦୂର ଯାଇ ସେ ଏକ ବନ୍ଦ ଦୋକାନର ପିଣ୍ଡିରେ ବସି ଭାବି ହେଉଥିଲେ ଏକା ଏକା । ଭାରତୀୟମାନଙ୍କ ଈଶ୍ୱର ବିଶ୍ୱାସର ମାର୍ଗ କେତେ ଅଜବ ! କେତେ ଦୃଢ଼, ପୁଣି କେତେ ଗଭୀର ! କେତେ ଅଭାବିତ ଓ ବିଚିତ୍ରତାଭରା !

ପୂର୍ବରୁ ଗଙ୍ଗା କୂଳର ମଣିକର୍ଣ୍ଣିକା ଘାଟ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସତ୍କାର କରିବାର କାଇଦା ଏବଂ ତତ୍ ପଶ୍ଚାତରେ ଥିବା ଗାଢ଼, ଅନାବିଳ ମୋକ୍ଷର ମାର୍ଗ ସମ୍ପର୍କରେ ସେ କିଛି କିଛି ଅବଗତ ଥିଲେ । ମନ ତାଙ୍କର ବିଚିତ୍ରତାର କୁହେଳିରେ ଭରି ଯାଇଥିଲା । ସେ ପୁଣି ଥରେ ଦୀର୍ଘଶ୍ୱାସ ଛାଡ଼ିଲେ । ତାଙ୍କୁ ଲାଗିଲା ତାଙ୍କ ଦେହଟା ଯେମିତି ତୂଳା ପରି ହାଲୁକା ହୋଇ ଯାଇଛି ।

ଏତିକି ବେଳେ ତାଙ୍କ ସମ୍ମୁଖ ପଟ ଗଳି ରାସ୍ତାରୁ ଗୋଟିଏ ବାର, ଚଉଦ ବର୍ଷର ବାଳକ ବାହାରି ଆସିଲା । ହାତରେ ଥିଲା ତା'ର କିଛି ପଲିଥିନ୍ ପୁଡ଼ିଆ ଆଉ କାନ୍ଧରେ ଝୁଲୁଥିଲା ଏକ ମୁଣି । ପଲିଥିନ୍ ପୁଡ଼ିଆରେ କିଛି ଚିତା ଭସ୍ମ (ଧଳା ଧଳା ଗୁଣ୍ଡ) ରହିଥିଲା, ଯାହାକୁ ବିକ୍ରୀ କରିବା ପାଇଁ ସେ ତା'ର ଚିରାଚରିତ ଢଙ୍ଗରେ ପ୍ରଚାର କରି କରି ଚାଲିଥିଲା । ପିଲାଟି ଉପରେ ପର୍ଯ୍ୟଟକଙ୍କ ଦୃଷ୍ଟି ପଡ଼ନ୍ତେ ସିଏ ବାଳକକୁ ପାଖକୁ

ଡାକିଲେ ଓ କ'ଣ ବିକ୍ରୀ କରୁଛି ପଚାରିଲେ । ପୁଡ଼ିଆଗୁଡ଼ିକରେ ମୃତ ସାଧୁସନ୍ଥଙ୍କର ଚିତାଭସ୍ମ ବା ବିଭୂତି ରହିଥିବାର ପିଲାଟି ଜଣାଇଲା । ପର୍ଯ୍ୟଟକ କୌତୂହଳୀ ହୋଇ ଗୋଟିଏ ପୁଡ଼ିଆ ଧରିଲେ । ପଚାରିଲେ – ''ଏହାର କି କାମ ?'' ପିଲାଟି କହିଲା – ''ସକାଳ ସ୍ନାନ ପରେ ଏହାକୁ କପାଳରେ ଲଗାଇଲେ ପରମ ଶାନ୍ତି ମିଳେ; ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପରି ଲାଗେ । ମନରେ ଖରାପ ଚିନ୍ତା, ଭାବାବେଗ ଆସେ ନାହିଁ ।'' ସେ ପୁଣି ପ୍ରଶ୍ନ କଲେ – ''ଏହାର ଅନ୍ତିମ ଅବଧି (expiry date) କେବେ ?'' ପିଲାଟି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲା ଓ ପର୍ଯ୍ୟଟକଙ୍କ ଆଡ଼କୁ ଅନାଇଁ କହିଲା – ''ଏହା ଅନ୍ତିମ ଯାତ୍ରାରେ କୋକେଇରେ ଭର୍ତ୍ତି ହୋଇ ମଶାଣିକୁ ଯାଉଥିବା ବ୍ୟକ୍ତି (expired people)ଙ୍କ ଚିତାଭସ୍ମ ଅଟେ । ଏହାକୁ ଆପଣ ନିୟମିତ କପାଳରେ ଲଗାଇଲେ, ଏହା ଆପଣଙ୍କ ଅନ୍ତିମ ଯାତ୍ରା ତାରିଖ (Expiry Date)କୁ ବଢ଼ାଇ ଦେଇଥାଏ !'' ।

– ''ସତରେ ! ଏ ପୁଡ଼ିଆର ଏତେ ମହତ୍ତ୍ୱ !'' ସେ ହତଭମ୍ୱ ଦେଖାଗଲେ ।

– ''ଯଥାର୍ଥ ଅର୍ଥରେ ଏ ହେଉଛି ଅତୁଲ୍ୟ ଭାରତ !'' ସେ ସ୍ୱଗତୋକ୍ତି କଲେ ।

❑❑❑

# ଦିବ୍ୟ ପ୍ରେମ

## ଦୀପ୍ତି ମିଶ୍ର

ମୁଁ ଯଦି ଖୋଜୁଛି ତୁମକୁ ନିଇତି
ତୁମେ ବି ତ ଖୋଜୁଥିବ,
ମୁଁ ଯଦି ଆଙ୍କୁଛି ହୃଦେ ତୁମ ଛବି
ମୋ ହୃଦୟେ ତୁମେ ଥିବ,
କେବେ କି ଅନ୍ୟଥା ହେବ,
ପ୍ରତିଟି କ୍ରିୟାର ସମ ପ୍ରତିକ୍ରିୟା
ଏହା ସତ୍ୟର ପ୍ରଭାବ । (୧)

ଭୁଲି ମୁଁ ପାରୁନି ତୁମରି ମମତା
ସ୍ନେହ ପ୍ରୀତି ମଧୁ ଭରା,
ଏ ଜୀବନେ ମୋର ତୁମେହିଁ ଅଭୁଲା
ଦୂର ଦିଗନ୍ତର ତାରା,
ବେଳେ ବେଳେ ଅନୁଭବେ,
ଆସି କହି ଦିଅ ... ପାଶେ ମୋର ଅଛ
ନିରାଶ ହୁଅନା କେବେ । (୨)

ନିଃସଙ୍ଗତା କେବେ ଛୁଇଁପାରେ ନାହିଁ
ତୁମେ ଅଛ ପରା ପାଶେ,
ମହାସିନ୍ଧୁ ତୁମେ ତୁମରି ବେଳାରେ
ହଜେ ତୁମ ମଧୁ ସ୍ୱର୍ଶେ,



ହେ ମୋର ଜୀବନ ତାରା,
ବରଷି ଯାଅ ହେ ପ୍ରୀତିର ସୁରଭି
ହସୁ ଏ ମାଟି ପସରା । (୩)

ଆଖି ଦେଖୁଥାଉ ତୁମରି ରୂପକୁ
କାନ ଶୁଣୁ ତୁମ କଥା,
ମନେ ଖଞ୍ଜି ଦିଅ ଅମୃତ କଳସ
ହୃଦୟରେ ନିରବତା,
ଝରୁ ଅମୃତର ଧାରା,
ସେଇ ସୁଧା ରସ ପାନ କରି ସଦା
ହୋଇଯାଏ ସୁଧା ଝରା । (୪)

ତୁମରି ଜଗତ କର୍ମକ୍ଷେତ୍ର ହେଉ
ଭେଦ ଭାବ ଦୂର ହେଉ,
ଏକଇ ସଂସାର ଏକ ପରିବାର
ମଣି ଦିନ ବିତି ଯାଉ,
ମରୁ ହେଉ ମରୁଦ୍ୟାନ,
ଶୁଖିଲା ମାଟିରେ ସରସତା ଭରୁ
ପରିବ୍ୟାପ୍ତ ହେଉ ପ୍ରେମ । (୫)

❑❑❑

ଚେତନାର ଦିଗ୍‌ବଳୟ :

# ''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର !''

ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣାର ଫଳ ପ୍ରକାଶ ପାଇଛି ଜୁନ୍, ୨୦୧୭ର ପ୍ରଥମ ସପ୍ତାହରେ । ଦୁଇ ଲକ୍ଷ ସତୁରି ହଜାର ବୃଦ୍ଧ ବ୍ୟକ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା ତଥା ସେମାନଙ୍କ ଆଚରଣର ସମୀକ୍ଷା ଭିତ୍ତିରେ ଗବେଷକ ଗୋଷ୍ଠୀର ମୁଖପାତ୍ର ଅଧ୍ୟାପକ ଉଇଲିୟମ୍ ଚୋପିକ୍ ଦର୍ଶାଇଛନ୍ତି ଯେ ବୃଦ୍ଧ ବୟସରେ ଖାଲି ମାନସିକ ନୁହେଁ, ଶାରୀରିକ କୁଶଳତା ବଜାୟ ରଖିବା ନିମନ୍ତେ ସାମାଜିକ ସୁରକ୍ଷା ଓ ସେବା ବ୍ୟବସ୍ଥା, ଉପଯୁକ୍ତ ଚିକିତ୍ସା ଓ ଏପରିକି ଆପଣାର ପରିବାରର ଯତ୍ନ ତୁଳନାରେ ମଧ୍ୟ ଯାହା ଅଧିକ ହିତକର ତାହା ହେଲା କେତେଜଣ ସହୃଦୟ ବନ୍ଧୁଙ୍କ ସାହଚର୍ଯ୍ୟ ।

ଏହା ସ୍ୱାଭାବିକ । ଆମ ପରିବାରର ସଦସ୍ୟମାନଙ୍କୁ ଆମେ ମନୋନୀତ କରି ନଥାଉଁ । ସେମାନଙ୍କ ଭିତରୁ କେହି କେହି ବାର୍ଦ୍ଧକ୍ୟରେ ଆମ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଓ ସହାନୁଭୂତିଶୀଳ ହୋଇପାରନ୍ତି ବା ହୋଇ ନପାରନ୍ତି, କିନ୍ତୁ ବନ୍ଧୁଟିଏ ଆମ ନିଜ ମନୋନୟନ ସାପେକ୍ଷ । କୈଶୋର ଓ ଯୁବା ବୟସରେ, ମଧ୍ୟବୟସ୍କ ସ୍ତରରେ ଅନେକଙ୍କ ସହ ତଥାକଥିତ ବନ୍ଧୁତା ଥାଏ, କିନ୍ତୁ ସେସବୁର ପଟଭୂମି ସର୍ବଦା ନିଃସ୍ୱାର୍ଥପର ହୋଇ ନଥାଇପାରେ । ଅଧ୍ୟୟନଗତ, ବୃତ୍ତିଗତ, ପାରିବାରିକ ବା ରାଜନୈତିକ କାରଣରୁ ଅନେକଙ୍କ ସହ ସୁସମ୍ପର୍କ ସ୍ଥାପନ ହୁଏ । ସେମାନଙ୍କ ଭିତରୁ ଅଧିକାଂଶ ସମୟକ୍ରମେ ବିସ୍ମୃତ ହୋଇଯାଆନ୍ତି ବା ସ୍ମୃତିରେହିଁ ସୀମିତ ରହନ୍ତି । କିନ୍ତୁ ବାର୍ଦ୍ଧକ୍ୟରେ ଉପନୀତ ହେବା ବେଳକୁ ବ୍ୟକ୍ତି ବ୍ୟକ୍ତି ଭିତରେ ଯେଉଁ ବନ୍ଧୁତା ଗଢ଼ି ଉଠିଥାଏ, ସେଥିରେ ପ୍ରାୟଶଃ ସ୍ୱାର୍ଥ ନଥାଏ; ଥାଏ ପରସ୍ପର ସହାନୁଭୂତି ।

ବାଲ୍ୟ ବା ତରୁଣ ଅବସ୍ଥାରୁ ଯେଉଁମାନଙ୍କ ଭିତରେ ବନ୍ଧୁତା ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଅତୁଟ ରହେ, ସେମାନେ ପରସ୍ପରର ସଚ୍ଚା ବନ୍ଧୁ ବୋଲି କୁହାଯାଇପାରେ । ତେବେ ବନ୍ଧୁତା ସ୍ଥାପନ ଦିଗରେ ଆଜିକାଲି ଯେଉଁ ପ୍ରଚଣ୍ଡ ପ୍ରତିବନ୍ଧକ ଦେଖା ଦେଇଛି, ତାହା ହେଲା ଫେସ୍‌ବୁକ, ମୋବାଇଲ ଇତ୍ୟାଦି ମାନବିକ ସମ୍ପର୍କର କୃତ୍ରିମ ଓ ଯାନ୍ତ୍ରିକ ମାଧ୍ୟମ ସମୂହର ପ୍ରଭାବ । ଏହାର ମାଦକତା ବ୍ୟାପକ ଭାବରେ ଉପଲବ୍ଧ । ସେ ସମ୍ପର୍କରେ କିଛି କହିବା ବାହୁଲ୍ୟମାତ୍ର । ଏସବୁ ମାଧ୍ୟମ ଯୋଗୁଁ ପ୍ରତାରଣାର ଶିକାର ହେଉଥିବା ତରୁଣ, ତରୁଣୀଙ୍କ ସଂଖ୍ୟା କମ୍ ନୁହେଁ । ନୂଆ ପିଢ଼ିର ଅଭିଭାବକମାନେ ସେମାନଙ୍କ ସନ୍ତାନସନ୍ତତିଙ୍କୁ ଏ ମାଦକତାଠୁଁ ଦୂରେଇ ରଖିବା ପରିବର୍ତ୍ତେ ନିଜର ମୂଲ୍ୟବାନ୍ ସମୟ ସେହି ଯାନ୍ତ୍ରିକ ବିଳାସରେ ବ୍ୟୟ କରିବା ନିମନ୍ତେ ବାଳକ ବାଳିକାମାନଙ୍କର ସେ ପ୍ରବଣତାକୁ ଅନ୍ତତଃ ପରୋକ୍ଷରେ ଉତ୍ସାହ ପ୍ରଦାନ କରୁଛନ୍ତି । ଫଳରେ ଆଜିର ତରୁଣମାନେ ବୃଦ୍ଧ ହେବା ବେଳକୁ ମାନବିକ ବନ୍ଧୁ ମିଳୁଥିବେ କି ନା ସନ୍ଦେହ !

ପ୍ରକୃତ ବନ୍ଧୁ ଯୁଗେ ଯୁଗେ ଦୁର୍ଲଭ । ତରୁଣମାନେ ଉଦ୍ଦାମ ଉଲ୍ଲାସରେ ଯେଉଁମାନଙ୍କୁ ବନ୍ଧୁ ବୋଲି ଧରି ନିଅନ୍ତି, ସେମାନଙ୍କ ସମ୍ପର୍କ ସେହି ଉଦ୍ଦାମ ଉଲ୍ଲାସ ସ୍ତରରେହିଁ ସୀମିତ । ଏକ ପ୍ରାଚୀନ ଇତାଲୀୟ ଗଳ୍ପ ସ୍ମରଣକୁ ଆସୁଛି । ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି କଥା ପ୍ରସଙ୍ଗରେ ତାଙ୍କ ତରୁଣ ପୁତ୍ରଙ୍କୁ ଦିନେ କହିଲେ, ''ବାବୁ, ସମାଜରେ ପ୍ରତିଷ୍ଠା ହାସଲ କରିବା ଉତ୍ତମ, ବିତ୍ତ ସଞ୍ଚୟ ମଧ୍ୟ ମନ୍ଦ ନୁହେଁ, କିନ୍ତୁ ଜୀବନରେ ଯଦି ଜଣେ, ଦୁଇ ଜଣ ଉତ୍ତମ ବନ୍ଧୁ ଲାଭ କରିପାରିବୁ, ତେବେ ତାହାହିଁ ହେବ ଜୀବନ ସାୟାହ୍ନରେ ସବୁଠାରୁ ବଡ଼ ଆଶ୍ୱସ୍ତି ।''

ତରୁଣ ପୁତ୍ର ହସି ଉତ୍ତର ଦେଲା, ''ଜଣେ ଦୁଇ ଜଣ ? ମୋର ଅଛନ୍ତି ଶହେ ବନ୍ଧୁ !''

ପିତା ଗମ୍ଭୀର ହୋଇ କହିଲେ, ''ମୋତେ ଆସି ଷାଠିଏ ହେଲା । ଜୀବନରେ ମାତ୍ର ଦେଢ଼ ଜଣ ବନ୍ଧୁ ଲାଭ କରିଛି । ତୋତେ ମିଳିଗଲେଣି ଶହେ ବନ୍ଧୁ ?''

ସଗର୍ବ ହାସ୍ୟ ସହକାରେ ଉତ୍ତର ଦେଲା ପୁତ୍ର, ''ହଁ, ବାପା, ଏମିତି କିଛି ତ୍ୟାଗ ନାହିଁ, ଯାହା ସେମାନେ ମୋ ପାଇଁ ସ୍ୱୀକାର ନ କରିବେ ।''

''ବେଶ୍ । ଟିକିଏ ପରୀକ୍ଷା କରି ଦେଖାଯାଉ'' – କହିଲେ ବାପା । ପରଦିନ ରାତିରେ ସେ ଗୋଟାଏ ବଡ଼ ଟୋକେଇରେ କିଛି ଲୁଗା ଭର୍ତ୍ତି କରି ତହିଁ ଉପରେ କିଞ୍ଚିତ୍ ଲାଲ ରଙ୍ଗ ଛିଟିକାଇ ଦେଇ ପୁଅକୁ କହିଲେ, ''ଯାହାକୁ ତୁ ଶହେ ଭିତରୁ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ମନେ କରୁ, ପ୍ରଥମେ ତା' ପାଖକୁ

ଯାଇ କହିବୁ କି ଘଟଣାକ୍ରମେ ତୁ ଗୋଟାଏ ମଣିଷ ମାରି ପକାଇଛୁ । ରାଜାଙ୍କ ସିପାହିମାନେ ତୋତେ ଅନୁସରଣ କରୁଥିବା ସମ୍ଭବ । ଟୋକେଇରେ ଥିବା ମୃତ ଦେହ ସହ ତୋତେ ବନ୍ଧୁଟି ଯେମିତି ନିଜ ଘରେ ଲୁଚାଇ ରଖିବେ ରାତିକ ପାଇଁ ।''

ତରୁଣ ଅନ୍ଧାର ରାତିରେ ତା'ର ସର୍ବଶ୍ରେଷ୍ଠ ବନ୍ଧୁଟିର ଘରେ ପହଞ୍ଚି ଦରଜା ପାଖରେ ଠିଆ ହୋଇ ସେହି ଆବେଦନ କଲା । ବନ୍ଧୁ ଚମକି ପଡ଼ି ଉତ୍ତର ଦେଲା, ''ଆରେ, ତୋ ପାଇଁ ମୁଁ କ'ଣ ଏତକ କରନ୍ତି ନାହିଁ ? ଅସୁବିଧା ହେଲା, ଆଜି ଆମ ଘରେ କୁଣିଆ ଅଛନ୍ତି । ଆଚ୍ଛା, ପରେ ଦେଖା ହେବ ।'' ବାସ୍, ବନ୍ଧୁ ଦରଜା ବନ୍ଦ କରି ଦେଲା ।

ଶ୍ରେଷ୍ଠ ବନ୍ଧୁ ତାଲିକାରେ ଥିବା ପରବର୍ତ୍ତୀ ଯୁବକ ପାଖକୁ ଯାଇ ସେ ଶରଣ ଭିକ୍ଷା କରନ୍ତେ ସେ କହିଲା, ''ବନ୍ଧୁ ବୋଲି କ'ଣ ତୋ ଅପରାଧ ଘୋଡ଼ାଇବି ? ଏଠାରୁ ଶୀଘ୍ର ଚାଲିଯା' ।''

ତରୁଣ ହେଲା ତୃତୀୟ ବନ୍ଧୁର ଦ୍ୱାରସ୍ଥ । ବନ୍ଧୁ ଖୁସ୍ ମିଜାଜରେ ଥିଲେ । କହିଲେ, ''ଆରେ ତୁ ଏମିତି ଛାନିଆ ହେଉଛୁ କାହିଁକି ? ସିପାହି ଧରିନେଇ କରିବ କ'ଣ ? ତୋ ପ୍ରଭାବଶାଳୀ ବାପା ଲଢ଼ିବେ ନାହିଁ ? ଖୁବ୍ ବେଶୀ ହେଲେ ତୋତେ ଫାଶୀ ହେବ । ଆମେ କ'ଣ ଜାକଜମକରେ, ତୋ ସମ୍ମାନ ଜଗି, ତୋ ଶ୍ରାଦ୍ଧୋତ୍ସବ କରିବା ନାହିଁ ? ହେଉ । ଶୁଭରାତ୍ରି !'' ଦରଜା ବନ୍ଦ ହେଲା ।

କ୍ଲାନ୍ତ ଶ୍ରାନ୍ତ ହତାଶ ତରୁଣ ଯାଇ ବାପାଙ୍କ ଆଗରେ କାନ୍ଦି ପକାଇ ସବୁ କହିଲା ।

''ବ୍ୟସ୍ତ ହୁଅନା, ପୁଅ । ତୋ ଆଗରେ ରହିଛି ଦୀର୍ଘ ଜୀବନ । ଆଶା, ଜଣେ ଦୁଇଜଣ ସଚ୍ଚା ବନ୍ଧୁ ତୋ କପାଳରେ ଜୁଟିବେ । ବେଶ୍ । ଆଗାମୀ କାଲି ମୋର ବନ୍ଧୁଙ୍କୁ ପରୀକ୍ଷା କରିବା ।''

ଯାହାକୁ ଭଦ୍ରଲୋକ ଅଧା ବନ୍ଧୁ ବୋଲି ମନେ କରୁଥିଲେ, ତରୁଣ ଆଦ୍ୟ ରାତ୍ରିରେ ରକ୍ତାକ୍ତ ଦିଶୁଥିବା ଟୋକେଇ ମୁଣ୍ଡେଇ ତାଙ୍କ ପାଖରେ ପହଞ୍ଚି ସମାନ ଅଭିନୟ କରନ୍ତେ ସେ ଜଣକ ସଙ୍ଗେ ସଙ୍ଗେ ତରୁଣକୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ହେଲେ । କିନ୍ତୁ ତରୁଣ କୌଣସି ଯୁକ୍ତିରେ ଚାଲି ଆସିଲା ।

ତହିଁ ପରଦିନ ପିତାଙ୍କ ନିର୍ଦ୍ଦେଶରେ ସେ ଯାଇ ତାଙ୍କର ପୂର୍ଣ୍ଣ ବନ୍ଧୁଙ୍କ ଦ୍ୱାର ଦେଶରେ ପହଞ୍ଚିଲା । ଯୋଗାଯୋଗ ଏମିତି, ସେଦିନ ସତକୁ ସତ ସେ ମୁଲକରେ ଗୋଟାଏ ହତ୍ୟାକାଣ୍ଡ ଘଟିଥାଏ ଏବଂ ମୃତଦେହ ସହ ପଳାତକ ଅପରାଧୀକୁ ସିପାହିମାନେ ଖୋଜୁଥା'ନ୍ତି । ଏକଥା ଗୃହସ୍ୱାମୀ ଜାଣିଥିଲେ । ତଥାପି ସେ ତତ୍‌କ୍ଷଣାତ୍ ତରୁଣକୁ ଘରେ ଲୁଚାଇ ଟୋକେଇକୁ ଉଦ୍ୟାନରେ ପୋତିବାର ବ୍ୟବସ୍ଥା କଲେ । ପରେ ପରେ ସଦଳବଳ ସିପାହି ସର୍ଦାର ତାଙ୍କ ଘରେ ପହଞ୍ଚି କହିଲେ କି ହତ୍ୟାକାରୀ ତରୁଣଟିଏ ତାଙ୍କରି ଘରେ ଆଶ୍ରା ନେଇଛି ବୋଲି ସେମାନେ ସୂଚନା ପାଇଛନ୍ତି । ତାକୁ ଗିରଫ ନକଲେ ସେମାନେ ଯିବେ ନାହିଁ; ଘର ତଲାସ କରିବେ ।

ଗୃହସ୍ୱାମୀ ତତ୍‌କ୍ଷଣାତ୍ ନିଜ ସୁପୁତ୍ରକୁ ସିପାହିଦଳ ହାତରେ ଅର୍ପଣ କରି କହିଲେ, ''ତୁମେମାନେ ଯାହାକୁ ଖୋଜୁଛ ଏହି ଜଣକ ସେହି ଯୁବକ । ସେ କିଛି ଅପରାଧ କରି ନାହିଁ । ତେବେ ସେକଥା ମୁଁ ଆଗାମୀ କାଲି ବୁଝିବି ।''

ସିପାହି ସର୍ଦାର ଭଦ୍ରଲୋକଙ୍କ ପୁଅକୁ ଆପାତତଃ ଗିରଫ କରିନେଇଗଲେ ।

ପ୍ରଭାତରେ ପିତାଙ୍କ ପାଖକୁ ଆସି ତରୁଣ କହିଲା, ''ବାପା, ମୋର ମୋହମୁକ୍ତି ହେଲା । ପ୍ରକୃତ ବନ୍ଧୁର ସ୍ୱରୂପ ଜାଣିଲି ।''

''ଉତ୍ତମ । ବିଧାତା ତୋତେ ଏହି ସଦ୍‌ବୁଦ୍ଧି ଦିଅନ୍ତୁ – ତୁ ଯେମିତି ମୋହରୁ ମୁକ୍ତିକୁ ସର୍ବଦା ସ୍ୱାଗତ କରୁଥିବୁ ।'' ବାପା ପୁଅକୁ ସାନ୍ତ୍ୱନା ଦେଲେ ।

ଅବଶ୍ୟ ଏ ଗଳ୍ପର ପଟଭୂମି ଦୁଇଶହ ବର୍ଷ ତଳର ସମାଜ ଓ ପରିବେଶ । ଏହାର ଆକ୍ଷରିକ ବାସ୍ତବତା ନୁହେଁ, ମର୍ମହିଁ ଆମର ଧ୍ୟେୟ ।

ସାମାଜିକ ଜୀବନରେ ବନ୍ଧୁ ଅପରିହାର୍ଯ୍ୟ । କିନ୍ତୁ କିଏ ଆମର ଶ୍ରେଷ୍ଠ ବନ୍ଧୁ ? ଶ୍ରୀମାଙ୍କ ଉତ୍ତର :

''Our best friend is he who loves us in our best part, and yet does not ask us to be different from what we are.''

ଅର୍ଥାତ୍, ''ଆମର ଯିଏ ଶ୍ରେଷ୍ଠ ବନ୍ଧୁ, ସିଏ ଆମର ସବୁଠୁଁ ଉତ୍ତମ ଗୁଣ ଯୋଗୁଁ ଆମକୁ ଭଲ ପାଏ । କିନ୍ତୁ ଭଲପାଏ ବୋଲି ତା' ରୁଚି ଅନୁସାରେ ଆମ ବ୍ୟକ୍ତିତ୍ୱ ବଦଳିବା ଚାହି, ସେଭଳି ଦାବି ତା'ର ନଥାଏ !''

ଏ ବାଣୀର ତାତ୍ପର୍ଯ୍ୟ ସ୍ପଷ୍ଟ : ପ୍ରକୃତି ସମସ୍ତଙ୍କୁ ଭିନ୍ନ ଭିନ୍ନ ଭାବରେ ଗଠନ କରିଛି । ଅଜସ୍ର ଭିନ୍ନତାର ସମନ୍ୱୟହିଁ ସୃଷ୍ଟିର ଆଭିମୁଖ୍ୟ । 'କ' ଯଦି ଅବିକଳ 'ଖ' ଭଳି ହେବ ତେବେ 'ଖ'ର ଆବଶ୍ୟକତା କ'ଣ ? 'କ'ହିଁ ଯଥେଷ୍ଟ ।

ସୃଷ୍ଟିର ଏହି ରହସ୍ୟ ଆମେ ହୃଦୟଙ୍ଗମ କରୁନା ବୋଲି ଆମେ ଆଶାକରୁଁ ବନ୍ଧୁଟିଏ ଆମରି ରୁଚି, ଆମରି ସଂସ୍କାର, ଆମରି ମତାମତର ଅକୁଣ୍ଠ ସମର୍ଥକ ହେବ । ଫଳରେ ଅନେକଙ୍କ ସହ ବନ୍ଧୁତାର ବିକାଶ ହୋଇ ପାରେନା ।

ଶ୍ରୀମା ତାଙ୍କର ଉପରୋକ୍ତ ବାଣୀ ଉପରେ ପରେ ମନ୍ତବ୍ୟ ଦେଇ ବୁଝାଇଛନ୍ତି, ପ୍ରକୃତ ବନ୍ଧୁ କଦାଚ ଆମକୁ ଆମ ଚେତନାରେ ନିମ୍ନଗାମୀ କରାଇବ ନାହିଁ । ସେ କଦାପି ନିଜେ ଲିପ୍ତ ଥିବା ମନ୍ଦ କର୍ମରେ ଆମକୁ ଭାଗୀଦାର ହେବାକୁ ପ୍ରବର୍ତ୍ତାଇବ ନାହିଁ । କିନ୍ତୁ ଶୋଚନାର କଥା ହେଲା ଆମେ ପ୍ରାୟଶଃ ତାକୁହିଁ ବନ୍ଧୁ ବୋଲି ଗ୍ରହଣ କରୁଁ ଯିଏ ଆମର ନିମ୍ନ ପ୍ରବୃତ୍ତିକୁ ଉତ୍ସାହ ଯୋଗାଏ ।

ଆମେ ଟିକିଏ ସଜାଗ ହେଲେ ନିଜେ ବୁଝିପାରିବୁଁ, ଆମର ସଚ୍ଚା ବନ୍ଧୁମାନଙ୍କୁ ମଧ୍ୟ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ : (କ) ଯେଉଁମାନେ ଆମ ଭୁଲ୍ ମୋଟେ ଦେଖନ୍ତି ନାହିଁ; (ଖ) ଯେଉଁମାନେ ଦେଖନ୍ତି କିନ୍ତୁ ବିନା ବିରୋଧରେ ସହିଯା'ନ୍ତି ବା ସେସବୁ କ୍ଷମାର ଉପଯୋଗୀ ବୋଲି ମନେ କରନ୍ତି; (ଗ) ଯେଉଁମାନେ ସୁବିଧା ସୁଯୋଗ ଦେଖି ଆମକୁ ସେ ସମ୍ପର୍କରେ ନିଷ୍କପଟରେ ସଚେତନ କରି ଦିଅନ୍ତି — ଯଦିଓ ବାହାରେ ସମାଲୋଚନା କରନ୍ତି ନାହିଁ ।

କହିବା ବାହୁଲ୍ୟ, ଶେଷ ଶ୍ରେଣୀର ବନ୍ଧୁହିଁ ସବୁଠାରୁ ମୂଲ୍ୟବାନ୍, କିନ୍ତୁ ସେଭଳି ବନ୍ଧୁ ଦୁର୍ଲଭ ।

ବାସ୍ତବତା ହେଲା, ସ୍ୱଳ୍ପସଂଖ୍ୟକ ବିକଶିତ ଚେତନାବନ୍ତ ବ୍ୟକ୍ତିଙ୍କୁ ଛାଡ଼ିଦେଲେ କୌଣସି ମଣିଷର (ସେ ଯେତେ଼ ଆଦର୍ଶବାଦୀ, ଯେତେ଼ ଭଲ ମଣିଷଟାଏ ହୋଇ ଥାଉନା କାହିଁକି) ଶକ୍ତି, ଧୈର୍ଯ୍ୟ ଓ ଶୁଭ ବୁଦ୍ଧି ଅସୀମ ନୁହେଁ । ତେଣୁ ଆପାତ ଦୃଷ୍ଟିରେ ବିଶ୍ୱସ୍ତ ବନ୍ଧୁଟିଏ ମଧ୍ୟ ଆମ ବିପର୍ଯ୍ୟୟ ବେଳେ ଆମକୁ ହତାଶ କରିପାରେ । ତା' ଶୁଭେଚ୍ଛାର ଅପ୍ରାଚୁର୍ଯ୍ୟ ତା'ର କାରଣ ହୋଇପାରେ; କାରଣ ହୋଇପାରେ ଆଉ କାହାରି ବା କିଛିର ପ୍ରଭାବ ।

କଦାଚ ହତାଶ ନକଲା ଭଳି ବନ୍ଧୁ ତେବେ କିଏ ? ଶ୍ରୀମାଙ୍କ ଉତ୍ତର, ଏକମାତ୍ର ଭଗବାନ୍, ''ଯାବତୀୟ କରୁଣାର ଉତ୍ସ'' ।

''... ସେହିଁ ଏକମାତ୍ର ସଚ୍ଚା ବନ୍ଧୁ, ଭଲ ସମୟରେ ଓ ଖରାପ ସମୟରେ ବନ୍ଧୁ । ସିଏ ଠିକ୍ ବୁଝନ୍ତି, ... ଏବଂ ସେ ତୁମ ପ୍ରୟୋଜନ ବେଳେ ସର୍ବଦା ଉପସ୍ଥିତ । ତୁମେ ଯଦି ଆନ୍ତରିକ ଭାବରେ ତାଙ୍କୁ ଡାକ, ସେ ସର୍ବଦା ଉପସ୍ଥିତ ତୁମକୁ ଦିଗ୍‌ଦର୍ଶନ ଦେବା ପାଇଁ, ତୁମକୁ ହିମ୍ମତ ଦେବା ପାଇଁ, — ଏବଂ ସଚ୍ଚା ମାର୍ଗରେ ତୁମକୁ ଭଲପାଇବା ପାଇଁ ।''

(C.W.M., Vol. 9, p. 58)

**— ମନୋଜ ଦାସ**

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain, spondylitis, muscle & tissue injury, muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 4** **R.N.I. No. 18163/70.**
Navaprakash (Monthly), April, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**